# ଧରିତ୍ରୀ DHARITRI

ଭୁବନେଶ୍ୱର,ସୋମବାର, ସେପ୍ଟେମ୍ବର ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, September 23/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 300 ମୂଲ୍ୟ ₹୭/-




## ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର

ଓଡ଼ିଶାର ଖ୍ୟାତିସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଏକଲବ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

୧୪

୦୨

## ୬ ବର୍ଷ ପରେ ପୁଣି ଜାହ୍ନବୀ, ଇଶାନଙ୍କ ଯୋଡ଼ି

ଅଭିନେତ୍ରୀ ଜାହ୍ନବୀ କପୁର ଓ ଅଭିନେତା ଇଶାନ ଖଟ୍ଟର ୬ ବର୍ଷ ପରେ ପୁଣିଥରେ ଫିଲ୍ମ ନିର୍ମାତା କରନ୍ ଜୋହରଙ୍କ ଏକ ଫିଲ୍ମରେ ଏକାଠି ନଜରକୁ ଆସିବେ।





ବୁଦାପେଷ୍ଟରେ ଅନୁଷ୍ଠିତ ୪୫ତମ ଚେସ୍ ଅଲିମ୍ପିଆଡର ମହିଳା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ (ବାମରୁ) ତାନିଆ ସଚଦେବ, ଭାନ୍ତିକା ଅଗ୍ରୱାଲ, ଆର. ବୈଶାଳୀ, ଦିବ୍ୟା ଦେଶମୁଖ ଓ ଦ୍ରୋଣାବଳୀ ହାରିକା। **(ସମ୍ପୂର୍ଣ୍ଣ ବିବରଣୀ ଖେଳ ପୃଷ୍ଠାରେ)**

# ୨ ନାବାଳିକାଙ୍କୁ ଗଣବଳାତ୍କାର

**ରାଉରକେଲା,୨୨।୯(ସଙ୍ଗୀତା ଜେନା)**

ଇସ୍ପାତ ସହର ରାଉରକେଲାରେ ଦୁଇଜଣ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଚପଲ କିଣିବା ପାଇଁ ଦୋକାନ ଠିକଣା ପଚାରିବାରୁ ଅଭିଯୁକ୍ତମାନେ ନାବାଳିକାଦ୍ୱୟଙ୍କୁ ଟ୍ରେନ ଲାଇନ୍ ପାଖ ଜଙ୍ଗଲିଆ ସ୍ଥାନକୁ ନେଇ ଗଣବଳାତ୍କାର କରିଛନ୍ତି। ଏନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ୨ ନାବାଳିକା (୧୪ ଓ ୧୫ ବର୍ଷ) ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର। ପ୍ରାୟ ଦେଢ଼ମାସ ହେଲା ଉଭୟେ ରାଉରକେଲା ସେକ୍ଟର ଅଞ୍ଚଳରେ ସେମାନଙ୍କ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ। ଶନିବାର ସନ୍ଧ୍ୟାରେ ଉଭୟ ନାବାଳିକା ଚପଲ କିଣିବାକୁ ବିଶ୍ରା ଛକରେ ପହଞ୍ଚିଥିଲେ। ସେଠାରେ ସେମାନେ କେତେକ ଯୁବକଙ୍କୁ ଚପଲ ଦୋକାନ ଠିକଣା ପଚାରିଥିଲେ। ଯୁବକମାନେ ନାବାଳିକାଦ୍ୱୟଙ୍କୁ ଦୋକାନ ଦେଖାଇ ଦେବା ଆଳରେ ବିର୍ଶା ମୁଣ୍ଡା ଷ୍ଟାଡିୟମ ପଛପାର୍ଶ୍ୱ ଟ୍ରେନ ଲାଇନ କଡ଼ରେ ଥିବା ଜଙ୍ଗଲିଆ ଜାଗାକୁ ନେଇ ଗଣବଳାତ୍କାର କରିଥିଲେ। ଏପରିକି ଯୁବକମାନେ ପୀଡ଼ିତାଦ୍ୱୟଙ୍କ ଫୋନ୍ ନମ୍ବର ରଖିଥିଲେ ଏବଂ ଘରକୁ ଫେରିବା ପରେ ଏ ବିଷୟରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲେ। ହେଲେ ପୀଡ଼ିତା ଘଟଣାସ୍ଥଳରୁ ଫୋନ୍ ଯୋଗେ ସମ୍ପର୍କୀୟାଙ୍କୁ ସମସ୍ତ କଥା ☞ପୃଷ୍ଠା-୪

### ଆଜିର ମନ୍ତବ୍ୟ

“ଭାରତୀୟ ଭୂଖଣ୍ଡରେ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ବନ୍ଦକଲେ ପାକିସ୍ତାନକୁ କୋଳାଇ ନେବାକୁ ପ୍ରସ୍ତୁତ।

-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ






## ଅନୁରା ଦିଶାନାୟକେ ଶ୍ରୀଲଙ୍କା ରାଷ୍ଟ୍ରପତି



**ଆଜି ଶପଥ ନେବେ**

**କଲମ୍ବୋ,୨୨।୯**

ମାର୍କ୍ସବାଦୀ ନେତା ଅନୁରା କୁମାରା ଦିଶାନାୟକେ ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତି ଶେଷ ହେବା ପରେ ଅନୁରାଙ୍କୁ ଦେଶର ନିର୍ବାଚନ କମିଶନ ବିଜୟୀ ଘୋଷଣା କରିଛନ୍ତି। ମାର୍କ୍ସିଷ୍ଟ ଜନତା ବିମୁକ୍ତି ପେରାମୁନା ପାର୍ଟିର ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ସାମ୍ମୁଖ୍ୟ ନେତା ୫୬ ବର୍ଷୀୟ ଅନୁରା ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ☞ପୃଷ୍ଠା-୪

# ଦଳିତଙ୍କୁ ନିର୍ଯାତନା: ୫ମରେ ଓଡ଼ିଶା

**ନୂଆଦିଲ୍ଲୀ,୨୨।୯**

**■ ୨୦୨୨ରେ ୧୩ ରାଜ୍ୟରେ ୯୭.୭% ମାମଲା**

ଦେଶରେ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ଙ୍କ ପ୍ରତି ବର୍ବରତା ବଢ଼ିବାରେ ଲାଗିଛି। ଏହି କ୍ଷେତ୍ରରେ ଉତ୍ତର ପ୍ରଦେଶ ସବୁଠୁ ଆଗରେ ଥିବାବେଳେ ଓଡ଼ିଶା ୫ମ ସ୍ଥାନରେ ରହିଛି। ୨୦୨୨ରେ ଭାରତରେ ଦଳିତ ଲୋକଙ୍କୁ ଦିଆଯାଇଥିବା ନିର୍ଯାତନାର ୯୭.୭% ଏବଂ ଏସ୍‌ଟିଙ୍କ ଉପରେ ବର୍ବରତା ସମ୍ପର୍କିତ ୯୮.୯୧% ଘଟଣା ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ସହ ୧୩ ରାଜ୍ୟରେ ଘଟିଥିଲା ବୋଲି ଏକ ନୂଆ ସରକାରୀ ରିପୋର୍ଟରେ ଦର୍ଶାଯାଇଛି।

କେନ୍ଦ୍ର ସରକାରଙ୍କ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୨ରେ ସାରା ଦେଶରେ ୫୧,୬୫୬ ଏସ୍‌ସି ନିର୍ଯାତନା ମାମଲା ରୁଜୁ ହୋଇଥିଲା। ସେଥିରୁ ୟୁପିରେ ସର୍ବାଧିକ ୨୩.୭୮ ପ୍ରତିଶତ ବା ୧୨,୨୮୭ ମାମଲା ୟୁପିରେ ପଞ୍ଜୀକୃତ ହୋଇଥିଲା। ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ଥିବା ରାଜସ୍ଥାନରେ ୧୬.୭୫ ପ୍ରତିଶତ ବା ୮,୬୫୧ ମାମଲା ରୁଜୁ ହୋଇଥିବାବେଳେ ମଧ୍ୟପ୍ରଦେଶରେ ୧୪.୯୭% ବା ୭,୭୩୨ ମାମଲା ପଞ୍ଜୀକୃତ ହୋଇଥିଲା। ଉକ୍ତ ତାଲିକାରେ ବିହାର ଚତୁର୍ଥ ସ୍ଥାନରେ ରହିଛି, ଯେଉଁଠି ୧୩.୧୬% ବା ୬,୭୯୯ ଏସ୍‌ସି ନିର୍ଯାତନା ମାମଲା ରୁଜୁ ହୋଇଥିଲା। ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି। ଓଡ଼ିଶାରେ ମୋଟ ନିର୍ଯାତନାର ୬.୯୩% ବା ୩,୫୭୬ଟି ମାମଲା ରୁଜୁ ହୋଇଥିଲା। ମହାରାଷ୍ଟ୍ରରେ ୫.୨୪% (୨,୭୦୬) ମାମଲା ରୁଜୁ ହୋଇଥିଲା। ଦେଶର ମୋଟ ମାମଲା ସଂଖ୍ୟାର ୮୧% ଏହି ୬ ରାଜ୍ୟରେ ପଞ୍ଜୀକୃତ ହୋଇଥିଲା।

୧୩ ରାଜ୍ୟର ମାମଲା ସଂଖ୍ୟାକୁ ମିଶାଇଲେ ୫୧,୬୫୬ ହେଉଛି, ଯାହାକି ସାରା ଦେଶରେ ଘଟିଥିବା ୫୨,୮୬୬ ଘଟଣାର ୯୭.୭%। ଏହି ମାମଲାଗୁଡ଼ିକ ସିଡ୍ୟୁଲ୍‌ଡ କାଷ୍ଟ ଆଣ୍ଡ୍ ସିଡ୍ୟୁଲ୍‌ଡ ଟ୍ରାଇବ୍ସ (ପ୍ରିଭେନ୍ସନ ଅଫ୍ ଆଟ୍ରୋସିଟି) ଆକ୍ଟ ଏବଂ ପୂର୍ବ ପ୍ରଚଳିତ ଭାରତୀୟ ପେନାଲ କୋଡ୍ (ଆଇପିସି) ବଳରେ ରୁଜୁ କରାଯାଇଥିଲା। ଅନୁରୂପ ଭାବେ ଏସ୍‌ଟି ବର୍ଗର ଲୋକଙ୍କ ପ୍ରତି ବର୍ବରତା ମାମଲା ସଂଖ୍ୟା ମଧ୍ୟ ଏହି ୧୩ ରାଜ୍ୟରେ ସର୍ବାଧିକ ଥିଲା। ଦେଶରେ ମୋଟ ୯,୭୩୫ ଏସ୍‌ଟି ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ୨,୯୭୯ (୩୦.୬୧%) ମାମଲା ସହ ମଧ୍ୟପ୍ରଦେଶର ସ୍ଥାନ ସର୍ବାଗ୍ରେ ରହିଥିଲା। ରାଜସ୍ଥାନ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା, ଯେଉଁଠି ୨,୪୯୮ (୨୫.୬୬%) ମାମଲା ରୁଜୁ ହୋଇଥିଲା। ଓଡ଼ିଶାରେ ମୋଟ ୭୭୩ (୭.୯୪%) ମାମଲା ପଞ୍ଜୀକୃତ ହୋଇଥିଲା। ଏସ୍‌ଟି ବର୍ଗର ଲୋକେ ଅଧିକ ନିର୍ଯାତିତ ହୋଇଥିବା ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରୁ ମହାରାଷ୍ଟ୍ରରେ ୬୯୧ (୭.୧୦%) ଏବଂ ଆନ୍ଧ୍ର ପ୍ରଦେଶରେ ୪୯୯(୫.୧୩%) ମାମଲା ରୁଜୁ ହୋଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ଆଇନ ବଳରେ ତଦନ୍ତ ଓ ଚାର୍ଜଶିଟ୍ କରାଯିବା ଉପରେ ମଧ୍ୟ ଏହି ରିପୋର୍ଟରେ ବିବରଣୀ ପ୍ରଦାନ କରାଯାଇଛି। ତଦନୁସାରେ ଏସ୍‌ସି ସମ୍ପର୍କିତ ୬୦.୩୮% ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଥିବାବେଳେ ୧୪.୭୮% ମାମଲାରେ ମିଥ୍ୟା ଦାବି କିମ୍ବା ପ୍ରମାଣ ଅଭାବରୁ ଫାଇନାଲ ରିପୋର୍ଟରେ ସେଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା। ୨୦୨୨ ଶେଷ ସୁଦ୍ଧା ୧୭,୧୬୬ ମାମଲାର ତଦନ୍ତ ଶେଷ ହୋଇପାରି ନ ଥିଲା। ଏସ୍‌ଟି ସମ୍ପର୍କିତ ୬୩.୩୨% ମାମଲାରେ ଚାର୍ଜଶିଟ୍ ଦାଖଲ କରାଯାଇଥିବାବେଳେ ୧୪.୭୧% ମାମଲା ଫାଇନାଲ ରିପୋର୍ଟରେ ଶେଷ ହୋଇଥିଲା। ସମୀକ୍ଷା କରାଯାଇଥିବା ଏହି ଅବଧି ମଧ୍ୟରେ ୨,୭୦୨ ଏସ୍‌ଟି ବିରୋଧୀ ନିର୍ଯାତନା ମାମଲା ବର୍ତ୍ତମାନ ମଧ୍ୟ ତଦନ୍ତାଧୀନ ରହିଛି।

| ରାଜ୍ୟ | ମୋଟ ମାମଲା ୫୧,୬୫୬ |
|---|---|
| ଉତ୍ତର ପ୍ରଦେଶ | ୧୨,୨୮୭ (୨୩.୭୮%) |
| ରାଜସ୍ଥାନ | ୮,୬୫୧ (୧୬.୭୫%) |
| ମଧ୍ୟପ୍ରଦେଶ | ୭,୭୩୨ (୧୪.୯୭%) |
| ବିହାର | ୬,୭୯୯ (୧୩.୧୬%) |
| ଓଡ଼ିଶା | ୩,୫୭୬ (୬.୯୩%) |
| ମହାରାଷ୍ଟ୍ର | ୨,୭୦୬ (୫.୨୪%) |

ଦୋଷୀ ସାବ୍ୟସ୍ତ ଓ ଦଣ୍ଡବିଧାନ ହାର ହ୍ରାସ ପାଇବା ହେଉଛି ସବୁଠୁ ଚିନ୍ତାଜନକ ବିଷୟ। ୨୦୨୦ରେ ଦଣ୍ଡବିଧାନ ହାର ୩୯.୨% ଥିବାବେଳେ ୨୦୨୨ ବେଳକୁ ଏହା ୩୨.୪%କୁ ଖସିଆସିଥିଲା। ଉକ୍ତ ଆଇନ ବଳରେ ରୁଜୁ ହେଉଥିବା ମାମଲାଗୁଡ଼ିକର ଶୁଣାଣି ପାଇଁ ଦେଶରେ ପର୍ଯ୍ୟାପ୍ତ ସ୍ୱତନ୍ତ୍ର ଅଦାଲତ ନ ଥିବା ବିଷୟ ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଏଗୁଡ଼ିକର ଦ୍ୱରିତ ବିଚାର ପାଇଁ ୧୪ ରାଜ୍ୟର ୪୯୮ ଜିଲାରେ ମାତ୍ର ୧୯୪ଟି ସ୍ପେଶାଲ କୋର୍ଟ ରହିଛି। ଏହି ଜିଲାଗୁଡ଼ିକରେ ଜାତିଭିତ୍ତିକ ହିଂସା ଘଟଣା ରୋକିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ☞ପୃଷ୍ଠା-୪

## ଶେଷ ହେଲା ରତ୍ନ ଭଣ୍ଡାରର ଜିପିଆର୍‌ଏସ ସର୍ଭେ

**ପୁରୀ,୨୨।୯(ଅଜିତ୍ କୁମାର ମହାନ୍ତି)**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ରତ୍ନଭଣ୍ଡାରର ନିରୀକ୍ଷଣ ତଥା ବୈଷୟିକ ସର୍ଭେ ରବିବାର ଶେଷ ହୋଇଯାଇଛି। ହାଇଦ୍ରାବାଦର ନ୍ୟାଶନାଲ ଜିଓ ଫିଜିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବୈଜ୍ଞାନିକ ଆନନ୍ଦ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାରର ଜିପିଆର୍‌ଏସ୍ ସର୍ଭେ ଶେଷ ହୋଇଛି। ଏହି ସର୍ଭେ କାର୍ଯ୍ୟ ପାଇଁ ୩ଦିନ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଏନ୍‌ଜିଆର୍‌ଆଇର ବୈଜ୍ଞାନିକମାନେ ୨ଦିନରେ ଶେଷ କରିଛନ୍ତି। ୩ଟି ଅତ୍ୟାଧୁନିକ ମେଶିନ ସାହାଯ୍ୟରେ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାରର ଭୂମି ତଳକୁ ୧୦ମିଟର ପର୍ଯ୍ୟନ୍ତ ଜିପିଆର୍‌ଏସ୍ ସର୍ଭେ କରାଯାଇଛି। ଜିପିଆର୍‌ଏସ୍ ସର୍ଭେରୁ ମିଳିଥିବା ଡାଟାକୁ ଏନ୍‌ଜିଆର୍‌ଆଇର ବୈଜ୍ଞାନିକ ଆନନ୍ଦ ପାଣ୍ଡେ ଅନୁଧ୍ୟାନ କରିବେ।

### ଆଜିର ସମ୍ପାଦକୀୟ

ପେଜର ବିସ୍ଫୋରଣରୁ ଶିକ୍ଷା

# କମିଶନର, ଡିସିପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)**

**ଭରତପୁର ଥାନା: ଏଠାରେ ନ୍ୟାୟ ନୁହେଁ, ମାତ୍ର ଅନ୍ୟାୟ**

- **ତଦନ୍ତ ବିଳମ୍ବ କରି ପୋଲିସକୁ ସମୟ ଦେଉଛି କ୍ରାଇମବ୍ରାଞ୍ଚ**
- **ସାମାଜିକ ଗଣମାଧ୍ୟମରେ ଭିଡିଓ କିଏ ପ୍ରସାରିତ କରୁଛି ତାହା ତଦନ୍ତ ହେଉନି**

ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଦିଆଯାଇଥିବା ନିର୍ଯାତନା ଘଟଣାରେ କ୍ରାଇମ୍‌ବ୍ରାଞ୍ଚ କରୁଥିବା ତଦନ୍ତ ଯେ ଠିକ୍ ଦିଗରେ ଯାଉଛି ତାକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ଉଠିବା ଆରମ୍ଭ ହୋଇଗଲାଣି। ଘଟଣାକୁ ଇତିମଧ୍ୟରେ ୯ ଦିନ ପୂରିସାରିଲାଣି। କ୍ରାଇମବ୍ରାଞ୍ଚ ଏହି ପ୍ରସଙ୍ଗକୁ ଗୁରୁତର ସହିତ ବିଚାର କରି ତଦନ୍ତ ଚଳାଇଛି ବୋଲି ଗୋଟେପଟେ ମତ ରଖୁଥିବାବେଳେ ଆଉ ଗୋଟିଏ ପଟେ ଗୁରୁଭନ୍ସ ଏବଂ ତାଙ୍କ ବାନ୍ଧବୀଙ୍କ ନାନା ପ୍ରକାର ଭିଡିଓକୁ ପ୍ରସାରିତ କରାଯାଉଛି। ଏଭଳି ଭିଡିଓ ସାମାଜିକ ଗଣମାଧ୍ୟମରେ ବିନା ପୋଲିସ ଉଦ୍ୟମରେ ବାହାରକୁ ଆସିବା ସମ୍ଭବ କଥା ନୁହେଁ। ହେଲେ କ୍ରାଇମବ୍ରାଞ୍ଚ ଏକଥାକୁ ନେଇ ପଦୁଟିଏ ମୁହଁ ନାହିଁ। ଯେପରି ଲାଗୁଛି କ୍ରାଇମ୍‌ବ୍ରାଞ୍ଚ ସମୟ ଗଡ଼ାଇବାର ଦାୟିତ୍ୱ ନେଇସାରିଥିବା ବେଳେ ଉଭୟ ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ସମାଜରେ ଭୁଲ୍ ବୋଲି ପ୍ରମାଣିତ କରିବାର ଦାୟିତ୍ୱ ପୋଲିସ ବିଭାଗ ହାତେଇଛି। ନଚେତ୍ ସାମାଜିକ ଗଣମାଧ୍ୟମରେ ଛଡ଼ାଯାଉଥିବା ଭିଡିଓଗୁଡ଼ିକ ଜଣେ ସାଧାରଣ ବ୍ୟକ୍ତିଙ୍କ ହାତକୁ ଏତେ ସହଜରେ ଆସିବ ଏ କଥାକୁ ଗ୍ରହଣ କରାଯାଇ ନ ପାରେ। ଯେବେଠାରୁ ପୋଲିସ ବିଭାଗର ଭୁଲ୍ ଲୋକଲୋଚନକୁ ଚାଲି ଆସିଲା ଏବଂ ଜାତୀୟସ୍ତରରେ ଏକଥା ଆଲୋଚିତ ହେବାକୁ ଲାଗିଲା ତା'ପରଠାରୁ ଏଭଳି ଭିଡିଓ ବିଭିନ୍ନସ୍ତରରୁ ଯୋଗାଡ଼ ହେବାରେ ଲାଗିଛି। ଏହି ଘଟଣାରେ ଓଡ଼ିଶାର ପୋଲିସ୍ ବିଭାଗକୁ ଦେଶବ୍ୟାପୀ ନିନ୍ଦା କରାଯିବା ସାଙ୍ଗକୁ ରାଜ୍ୟ ସରକାରଙ୍କ ଆଡକୁ ମଧ୍ୟ ଅଙ୍ଗୁଳି ଉଠୁଛି। ହେଲେ ଏହାର ତଦନ୍ତ କେଉଁ ଦିଗକୁ ଯାଉଛି ସେକଥା ଜଣାପଡୁନାହିଁ। କମିଶନରେଟ୍ ପୋଲିସ୍ ଅଧୀନରେ ଭରତପୁର ଥାନା ଆସୁଛି। ତେଣୁ ଏହି ଥାନା ପୋଲିସ୍ କମିଶନର ସଞ୍ଜୀବ ପଣ୍ଡାଙ୍କ ଦାୟିତ୍ୱରେ ରହିଛି। ସେହିପରି ଡିସିପି ପ୍ରତୀକ ସିଂ କମିଶନରେଟର ଦ୍ୱିତୀୟ ସର୍ବୋଚ୍ଚ ଅଧିକାରୀ। ଉଭୟ ତତ୍ତ୍ୱାବଧାନରେ କମିଶନରେଟ ପୋଲିସ୍ କାର୍ଯ୍ୟ କରୁଛି। ଯଦି ତାଙ୍କ ତତ୍ତ୍ୱାବଧାନରେ ଥିବା ଥାନାରେ ଏଭଳି ଏକ ଘଟଣା ଘଟିଗଲା ତେବେ ଏଥିପାଇଁ ସର୍ବପ୍ରଥମେ ଉଭୟ କମିଶନର ଏବଂ ଡିସିପି ଦାୟୀ। ସେମାନେ କମିଶନରେଟର ସର୍ବୋଚ୍ଚ ପଦରେ ରହିଥିବା ସମୟରେ ଏଭଳି ଏକ ଘଟଣା ଘଟିଗଲା ଯାହା ସାରା ଦେଶରେ ଓଡ଼ିଶାର ଶାସନ ବ୍ୟବସ୍ଥା ଆଡକୁ ଅଙ୍ଗୁଳି ଉଠିଲା। ତେଣୁ ଏହି ଦୁଇ ସର୍ବୋଚ୍ଚ ଅଧିକାରୀଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ତାକୁ ନେଇ ମଧ୍ୟ ସାମାଜିକ ଗଣମାଧ୍ୟମଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲ ପର୍ଯ୍ୟନ୍ତ ସବୁଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ☞ପୃଷ୍ଠା-୪



କମିଶନର ସଞ୍ଜୀବ ପଣ୍ଡା



ଡିସିପି ପ୍ରତୀକ ସିଂ

# ମୋଦିଙ୍କୁ ଭୁଲିଗଲେ ବାଇଡେନ୍

**ୱିଲ୍‌ମିଙ୍ଗଟନ୍,୨୨।୯**



କ୍ୱାଡ୍ ସମ୍ମିଳନୀ ମଞ୍ଚରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଭୁଲାପଣର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ଡେଲାୱାରେଠାରେ ରବିବାର ସକାଳେ ଏକ ଖବରଦାତା ସମ୍ମିଳନୀରେ ବାଇଡେନ୍ କ୍ୱାଡ୍ ନେତାମାନଙ୍କ ପରିଚୟ ଦେଉଥିବାବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭୁଲିଯାଇଥିଲେ। କାର୍ଯ୍ୟକ୍ରମରେ ବାଇଡେନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ମୋଦି, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିସ୍ ଏବଂ ଜାପାନ ପ୍ରତିପକ୍ଷ ଫୁମିଓ କିଶିଡା ଉପସ୍ଥିତ ଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କ୍ୟାନ୍‌ସର ସମସ୍ୟା ହ୍ରାସ ନିମନ୍ତେ କ୍ୟାନ୍‌ସର ମୁନ୍‌ଶୁଟ୍ ଇନିସିଏଟିଭ୍‌ର ଶୁଭାରମ୍ଭ ହୋଇଥିଲା। ଏହା ଉପରେ ଉଦ୍‌ବୋଧନ ଦେବା ପରେ ବାଇଡେନ୍ ମଞ୍ଚରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ପରିଚୟ କରାଇବାକୁ ଯାଉଥିଲେ। ତେବେ ସେ କ'ଣ କହିବେ ଜାଣି ନ ପାରି ହଡ଼ବଡ଼େଇ ଯାଇଥିଲେ ଏବଂ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା ଜଣାପଡୁଥିଲେ। ମୁଁ କାହାର ପରିଚୟ ଦେବି ବୋଲି ସେ ପ୍ରଶ୍ନ କରିଥିଲେ। ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଖବରଦାତା ସମ୍ମିଳନୀରେ ଅଛନ୍ତି ବୋଲି ସମ୍ପୂର୍ଣ୍ଣ ଭୁଲିଯାଇଥିଲେ। କାର୍ଯ୍ୟକ୍ରମର ଉପସ୍ଥାପକ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁ ଘୋଷଣା କରିବା ସହ ତାଙ୍କ ପରିଚୟ ରଖିବାକୁ ଆଗେଇ ଆସିଥିଲେ।

୮୧ ବର୍ଷୀୟ ବାଇଡେନ୍‌ଙ୍କ ମାନସିକ ସ୍ଥିତି ଚିନ୍ତାଜନକ ହୋଇଛି। ସେ ଭାଗ ନେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତାଙ୍କୁ ଭୁଲିଯାଉଛନ୍ତି। ଜୁଲାଇରେ ନାଟୋ ସମ୍ମିଳନୀରେ ଉଦ୍‌ବୋଧନ ଦେଲାବେଳେ ବାଇଡେନ୍ ସେଠାରେ ଉପସ୍ଥିତ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭୁଲ୍‌ବଶତଃ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଥିଲେ। ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ପ୍ରେସିଡେନ୍‌ସିଆଲ ବିତର୍କ ବେଳେ ବାଇଡେନ୍ ବାରମ୍ବାର ହଡ଼ବଡେଇ ଯିବା ସହ କ'ଣ କହିବେ ଜାଣିପାରି ନ ଥିଲେ। ଏଥିପାଇଁ ସେ ନିଜ ଦଳରୁ ସମାଲୋଚିତ ହେବା ପରେ ଡେମୋକ୍ରାଟ୍ ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ।

# କ୍ୱାଡ୍‌ରେ ଚାଇନାକୁ ଟାର୍ଗେଟ



କ୍ୱାଡ୍ ସମ୍ମିଳନୀ ଅବସରରେ ବାମରୁ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିସ୍, ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା।

### ସଂଗଠନର ରଣନୀତିକ ଏକତା ସୁଦୃଢ଼ ହୋଇଛି

ୱିଲମିଙ୍ଗଟନ୍,୨୨।୯

ବିଶ୍ୱର ମଙ୍ଗଳ ପାଇଁ କ୍ୱାଡ୍ ଏକ ଶକ୍ତି। ଏହି ମେଣ୍ଟର ବର୍ତ୍ତମାନ ଭଳି ରଣନୀତିକ ଏକତା ପୂର୍ବରୁ କେବେ ଦେଖାଯାଇ ନ ଥିଲା ବୋଲି ଆମେରିକା, ଭାରତ, ଅଷ୍ଟ୍ରେଲିଆ ଏବଂ ଜାପାନକୁ ନେଇ ଗଠିତ ସଂଗଠନ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି। ଡେଲାୱେରର ୱିଲମିଙ୍ଗଟନ୍‌ଠାରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ଆୟୋଜିତ କ୍ୱାଡ୍ ନେତାମାନଙ୍କ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଆଣ୍ଟୋନୀ ଆଲବାନିସ୍ ଏବଂ ଜାପାନର ଫୁମିଓ କିଶିଦା ଯୋଗ ଦେଇଥିଲେ। କ୍ୱାଡ୍ ଗଠନ ହେବାର ୪ ବର୍ଷ ମଧ୍ୟରେ ଏହା ରଣନୀତିକ ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ହୋଇଥିବାବେଳେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏକ ବାସ୍ତବ, ସକାରାତ୍ମକ ତଥା ସ୍ଥାୟୀ ପ୍ରଭାବ ବିସ୍ତାର ପାଇଁ ଏକ ଉତ୍ତମ ଶକ୍ତି ଭାବେ ଉଭା ହୋଇଥିବା ୱିଲମିଙ୍ଗଟନ୍ ଘୋଷଣାନାମାରେ କୁହାଯାଇଛି।

ଇଣ୍ଡୋ-ପାସିଫିକ୍‌ରେ ୪ ପ୍ରମୁଖ ଗଣତନ୍ତ୍ର ଭାବେ ଉକ୍ତ ଅଞ୍ଚଳରେ ଶାନ୍ତି, ସ୍ଥିରତା ବଜାୟ ରଖିବା ପାଇଁ ଆମେ ସ୍ପଷ୍ଟ ଭାବେ ଛିଡ଼ା ହୋଇଛୁ। ବଳପ୍ରୟୋଗ କରି ସ୍ଥିତାବସ୍ଥା ବଦଳାଇବାକୁ ଚାହୁଁଥିବା ଯେକୌଣସି ପ୍ରକାର ଅସ୍ଥିରତା କିମ୍ବା ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ କ୍ୱାଡ୍ ସଂଗଠନ ତୀବ୍ର ବିରୋଧ କରିଆସୁଛି ବୋଲି ପରୋକ୍ଷରେ ଚାଇନାକୁ ଲକ୍ଷ୍ୟ କରି କୁହାଯାଇଛି। ଦକ୍ଷିଣ ଚାଇନା ସାଗର ଏବଂ ପୂର୍ବ ଚାଇନା ସାଗରରେ ବେଜିଂ ଆଞ୍ଚଳିକ ବିବାଦରେ ନିଜକୁ ସାମିଲ କରିଛି। ଏହା ଦକ୍ଷିଣ ଚାଇନା ସାଗର ଉପରେ ନିଜର ସାର୍ବଭୌମତ୍ୱ ଜାହିର କରୁଥିବାବେଳେ ଭିଏତ୍‌ନାମ, ମାଲେସିଆ, ଫିଲିପାଇନ୍ସ, ବ୍ରୁନେଇ ଏବଂ ତାଇୱାନ୍ ଏହାକୁ ବିରୋଧ କରୁଛନ୍ତି। ନିକଟରେ ଉକ୍ତ ଅଞ୍ଚଳରେ ବେଆଇନ ମିଶାଇଲ ଆକ୍ରମଣକୁ କ୍ୱାଡ୍ ନେତାମାନେ ନିନ୍ଦା କରିଛନ୍ତି। ଏହା ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପର ଉଲ୍ଲଂଘନ କରୁଛି। ନିକଟରେ ସାମୁଦ୍ରିକ ଅଞ୍ଚଳରେ ହୋଇଥିବା ବିପଜ୍ଜନକ ଏବଂ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନକୁ ନେଇ ନେତାମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଆମର ପ୍ରାଥମିକତା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ସେ ଉଦାର ଅନ୍ତର୍ଜାତୀୟ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ।

କ୍ୱାଡ୍ ନେତାମାନଙ୍କ ସମ୍ମିଳନୀରେ ବାଂଲାଦେଶ ସ୍ଥିତି ଏବଂ ୟୁକ୍ରେନ୍ ଓ ଗାଜା ଯୁଦ୍ଧ ସମ୍ପର୍କରେ ଆଲୋଚନା ହୋଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଭାରତ ମଧ୍ୟସ୍ଥମାନଙ୍କ ସହ ଆଲୋଚନା ଚଳାଇଛି, ଯାହା ଉପରେ ସାରା ବିଶ୍ୱର ନଜର ରହିଥିବା ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରି ଗଣମାଧ୍ୟମକୁ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ସମ୍ପର୍କରେ ସୂଚନା ଦେଇ କହିଛନ୍ତି। ଭାରତର ପଡୋଶୀ ବାଂଲାଦେଶର ବର୍ତ୍ତମାନର ସ୍ଥିତି ସମ୍ପର୍କରେ କ୍ୱାଡ୍ ସମ୍ମିଳନୀରେ ଆଲୋଚନା ହୋଇଥିଲା। ବୈଶ୍ୱିକ ଅଭିବୃଦ୍ଧି, ବିକାଶ, ଶାନ୍ତି ଏବଂ ସୁରକ୍ଷା ସମ୍ପର୍କରେ ଭାରତ ନିଜର ମତାମତ ଏବଂ ପ୍ରତିବଦ୍ଧତା ଉପସ୍ଥାପନ କରିଥିଲା।

## କ୍ୟାନ୍‌ସର ପ୍ରତିକାର ପାଇଁ ୭.୫ ନିୟୁତ ଡଲାର ଯୋଗାଇବ ଭାରତ

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସର୍ଭିକାଲ କ୍ୟାନ୍‌ସର ମୁକାବିଲାକୁ ସୁଦୃଢ଼ କରିବା ପାଇଁ ଭାରତ ୭.୫ ନିୟୁତ ଡଲାର ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛି। ରୋଗର ପରୀକ୍ଷା, ଯାଞ୍ଚ ଏବଂ ନିଦାନରେ ଏହି ଅର୍ଥ ବ୍ୟୟ ହେବ। କ୍ୱାଡ୍ ସମ୍ମିଳନୀ ଅବସରରେ କ୍ୟାନ୍‌ସର ମୁନ୍‌ଶୁଟ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପରୋକ୍ତ ସହାୟତା ଘୋଷଣା କରିଛନ୍ତି। ଇଣ୍ଡୋ-ପାସିଫିକ ଅଞ୍ଚଳରେ ସର୍ଭିକାଲ କ୍ୟାନ୍‌ସରରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ କ୍ୱାଡ୍ କ୍ୟାନ୍‌ସର ମୁନ୍‌ଶୁଟ୍ ଏକ ଐତିହାସିକ ସହଭାଗିତା ବୋଲି ମୋଦି କହିଥିଲେ।

## ୫୦ କ୍ୱାଡ୍ ସ୍କଲାରଶିପ୍ ଘୋଷଣା

ୱିଲମିଙ୍ଗଟନ୍,୨୨।୯

କ୍ୱାଡ୍ ସମ୍ମିଳନୀ ଅବସରରେ ଭାରତ ୫ ଲକ୍ଷ ଡଲାର ମୂଲ୍ୟର ୫୦ଟି କ୍ୱାଡ୍ ସ୍କଲାରଶିପ୍ ଘୋଷଣା କରିଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବ। ଭାରତ ସରକାରଙ୍କ ସହାୟତାରେ ଚାଲିଥିବା ବୈଷୟିକ ଶିକ୍ଷାନୁଷ୍ଠାନରେ ୪ ବର୍ଷୀୟା ଅଣ୍ଡରଗ୍ରାଜୁଏଟ୍ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ସ୍କଲାରଶିପ୍ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ଅବସରରେ ଏହି ଘୋଷଣା କରିଛନ୍ତି।

## କୋଲକାତାରେ ସେମିକଣ୍ଡକ୍ଟର ପ୍ଲାଣ୍ଟ କରିବ ଆମେରିକା

ନୂଆଦିଲ୍ଲୀ,୨୨।୯

### ମୋଦି-ବାଇଡେନ୍ ଆଲୋଚନାରେ ଏମ୍‌କ୍ୟୁ-୯ବି ଡ୍ରୋନ୍ ଡିଲ୍‌କୁ ଅନୁମୋଦନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧ୍ୟରେ ଶନିବାର ରାତିରେ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନାରେ ଏମ୍‌କ୍ୟୁ-୯ବି ଡ୍ରୋନ୍, ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ ସମେତ ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା। ଆସନ୍ତା ଫେବୃଆରୀରେ ଆମେରିକା ୩୧ଟି ଏମ୍‌କ୍ୟୁ-୯ବି ପ୍ରିଡେଟର ଡ୍ରୋନ୍ ଭାରତକୁ ବିକ୍ରି କରିବ। ୩.୯୯ ବିଲିୟନ ଡଲାରର ଏହି ପ୍ରସ୍ତାବକୁ ୱାଶିଂଟନ ଅନୁମୋଦନ କରିଛି। ସେଥିରୁ ଭାରତୀୟ ନୌସେନାକୁ ୧୫ଟି ସି ଗାର୍ଡିଆନ୍ ଡ୍ରୋନ୍ ମିଳିବାକୁ ଥିବାବେଳେ ବାୟୁସେନା ଏବଂ ସ୍ଥଳସେନାକୁ ୮ଟି ଲେଖାଏଁ ସ୍କାଏ ଗାର୍ଡିଆନ୍ ଡ୍ରୋନ୍ ମିଳିବ। ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପାଇଁ ଆମେରିକା ସମର୍ଥନ ଜଣାଇବ ବୋଲି ବାଇଡେନ୍ କହିଛନ୍ତି। ଏଥିସହିତ ଆମେରିକା ସହାୟତାରେ କୋଲକାତାରେ ଏକ ସେମିକଣ୍ଡକ୍ଟର ପ୍ଲାଣ୍ଟ ସ୍ଥାପନ ପାଇଁ ଆଲୋଚନା ହୋଇଛି।

କ୍ୱାଡ୍ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ଭାରତ ଏବଂ ଆମେରିକା ମଧ୍ୟରେ ବିସ୍ତୃତ ବୈଶ୍ୱିକ ରଣନୀତିକ ସହଭାଗିତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଉଭୟ ନେତା ମତ ବିନିମୟ କରିଥିଲେ। ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ରୁପାର ଟ୍ରେନ୍ ମଡେଲ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ଏକ ପଶ୍ମିନା ଶାଲ୍ ଉପହାର ଦେଇଛନ୍ତି।



## ଦେଶକୁ ଫେରିବ ୨୯୭ ପ୍ରାଚୀନ କଳାକୃତି

ୱିଲମିଂଟନ, ୨୨।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତ ସମୟରେ ରବିବାର ୨୯୭ଟି ପ୍ରାଚୀନ କଳାକୃତିକୁ ଭାରତ ଫେରାଇବାକୁ ଆମେରିକା ନିଷ୍ପତ୍ତି ନେଇଛି। ଏହି କଳାକୃତିଗୁଡ଼ିକୁ ଭାରତରୁ ଚୋରାଚାଲାଣ କରାଯାଇ ଆମେରିକା ନିଆଯାଉଥିଲା। ଡେଲାୱେୟରର ୱିଲମିଂଟନରେ ମୋଦି ଓ ବାଇଡେନ୍‌ଙ୍କ ଦ୍ୱିପାକ୍ଷିକ ଆଲୋଚନା ସମୟରେ ୨୯୭ଟି ପ୍ରାଚୀନ କଳାକୃତିକୁ ଭାରତ ଫେରାଇବାକୁ ବାଇଡେନ୍ ସହମତି ଦେଖାଇଛନ୍ତି। ଏହି ଅବସରରେ ଭାରତର କିଛି ନିର୍ଦ୍ଦିଷ୍ଟ ପ୍ରାଚୀନ କଳାକୃତିକୁ ଉଭୟ ମୋଦି ଓ ବାଇଡେନ୍ ଦେଖିଥିଲେ। ଖୁବଶୀଘ୍ର ଏହି କଳାକୃତିଗୁଡ଼ିକୁ ଭାରତ ଅଣାଯିବ। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। ୨୯୭ ଅମୂଲ୍ୟ କଳାକୃତି ଫେରାଇବାକୁ ନିଷ୍ପତ୍ତି ନେଇଥିବାରୁ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଅମୂଲ୍ୟ ବସ୍ତୁଗୁଡ଼ିକ କେବଳ ଭାରତର ଐତିହାସିକ ସଂସ୍କୃତିକୁ ଦର୍ଶାଏ ନାହିଁ ବରଂ ଏହାଦ୍ୱାରା ସଭ୍ୟତା ଏବଂ ଚେତନାର ଅନ୍ତର୍ନିହିତ ଭିତ୍ତିଭୂମି ମଧ୍ୟ ସୃଷ୍ଟି ହୋଇ ପାରିଥାଏ ବୋଲି ମୋଦି କହିଛନ୍ତି।

ପୂର୍ବରୁ ଭାରତର ବହୁ ପ୍ରାଚୀନ କଳାକୃତି ବିଦେଶକୁ ଚୋରାଚାଲାଣ କରାଯାଇଛି। ତେବେ ସେଥିମଧ୍ୟରୁ ଗତ ୧୦ ବର୍ଷ ମଧ୍ୟରେ ୬୪୦ ପ୍ରାଚୀନ କଳାକୃତି ଭାରତ ଫେରି ପାଇବାକୁ ସକ୍ଷମ ହୋଇଛି। ଏହି ଅବଧି ମଧ୍ୟରେ କେବଳ ଆମେରିକା ୫୭୮ଟି କଳାକୃତି ଫେରାଇଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସ୍ୱାଲ ସୂଚନା ଦେଇଛନ୍ତି। ଆମେରିକାରୁ ଭାରତ ଆସିବାକୁ ଥିବା ୨୯୭ କଳାକୃତି ମଧ୍ୟରେ ମଧ୍ୟ ଭାରତର ଖ୍ରୀଷ୍ଟପୂର୍ବ ଏକାଦଶ ଶତାବ୍ଦୀରେ ବାଲୁକା ପଥରରେ ନିର୍ମିତ ଏକ ଅପ୍ସରାଙ୍କ ମୂର୍ତ୍ତି, ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ପୂର୍ବ ଭାରତର ଏକ ଟେରାକୋଟା ନିର୍ମିତ ଫୁଲଦାନୀ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ନିର୍ମିତ ଦକ୍ଷିଣ ଭାରତର ଏକ ପଥର ମୂର୍ତ୍ତି ଇତ୍ୟାଦି ରହିଛି। ୨୦୨୧ରେ ମୋଦିଙ୍କ ଆମେରିକା ଗସ୍ତ ବେଳେ ମଧ୍ୟ ଭାରତ ଚୋରାଚାଲାଣ ହେଇଥିବା ୧୫୭ଟି କଳାକୃତି ଫେରି ପାଇଥିଲା ବୋଲି ଜୈସ୍ୱାଲ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଜୁଲାଇରେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଐତିହ୍ୟ କମିଟିର ୪୬ତମ ସଂସ୍କରଣରେ ଭାରତ ଏବଂ ଆମେରିକା ଏକ 'ସାଂସ୍କୃତିକ ସମ୍ପତ୍ତି ବୁଝାମଣା' ସ୍ୱାକ୍ଷର କରିଥିଲେ। ଭାରତରୁ ଆମେରିକାକୁ ପ୍ରାଚୀନ କଳାକୃତି ଚୋରାଚାଲାଣ ରୋକିବା ପାଇଁ ଉକ୍ତ ଚୁକ୍ତି ସ୍ୱାକ୍ଷର ହୋଇଥିଲା।

## ସଂକ୍ଷେପରେ

### ଶିଶୁଙ୍କ ଉପରେ ଅଶ୍ଳୀଳ ଚଳଚ୍ଚିତ୍ର: ଆଜି ସୁପ୍ରିମକୋର୍ଟ ରାୟ

ନୂଆଦିଲ୍ଲୀ,୨୨।୯(ପି.ଟି.)

ଶିଶୁମାନଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ରକୁ କେବଳ ଡାଉନ୍‌ଲୋଡ୍ କରିବା ଏବଂ ଦେଖିବା ପୋକ୍‌ସୋ (ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା) ଆଇନ ଏବଂ ସୂଚନା ପ୍ରଯୁକ୍ତି ଆଇନ ଅନୁଯାୟୀ ଅପରାଧ ନୁହେଁ ବୋଲି ମାଡ୍ରାସ୍ ହାଇକୋର୍ଟ ରାୟ ଦେଇଥିଲେ। ଉକ୍ତ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରଙ୍କ ଖଣ୍ଡପୀଠ ସୋମବାର ଏହା ଉପରେ ରାୟ ଶୁଣାଇବାକୁ ଯାଉଛନ୍ତି। ଜଣେ ୨୮ ବର୍ଷୀୟ ଯୁବକ ତାଙ୍କ ମୋବାଇଲ ଫୋନ୍‌ରୁ ଶିଶୁଙ୍କ ଉପରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଡାଉନ୍‌ଲୋଡ୍ କରିବା ଅଭିଯୋଗରେ ତାଙ୍କ ନାମରେ ଆପରାଧିକ ମାମଲା ରୁଜୁ ହୋଇଥିଲା। ଜାନୁଆରୀ ୧୧ରେ ମାଡ୍ରାସ ହାଇକୋର୍ଟ ଉକ୍ତ ମକଦ୍ଦମାକୁ ଖାରଜ କରିଦେଇଥିଲେ। ଆଜିକାଲି ପିଲାମାନେ ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା ଭଳି ଗମ୍ଭୀର ପ୍ରସଙ୍ଗ ସହ ଜଡ଼ିତ। ଦଣ୍ଡ ଦେବା ପରିବର୍ତ୍ତେ ସମାଜ ସେମାନଙ୍କୁ ଶିକ୍ଷା ଦେବା ପାଇଁ ଚିନ୍ତା କରିବା ଆବଶ୍ୟକ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ରାୟ ଆଇନ ବିରୋଧରେ ଯାଉଥିବା କହି ୨ଟି ଏନ୍‌ଜିଓ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

### ଆମେରିକାରେ ଗୁଳି: ୪ ମୃତ

ବର୍ମିଂହାମ, ୨୨।୯

ଆମେରିକାର ଆଲବାମାସ୍ଥିତ ବର୍ମିଂହାମ ସହରର ଫାଇବ ପଏଣ୍ଟ୍ସ ସାଉଥ୍ ଅଞ୍ଚଳରେ ଶନିବାର ବିଳମ୍ବିତ ରାତ୍ରିରେ ଜଣେ ଆତତାୟୀଙ୍କ ଗୁଳିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୧ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି ବୋଲି ବର୍ମିଂହାମ ପୋଲିସ ଅଧିକାରୀ ଟ୍ରୁମାନ ଫିଟ୍‌ଜରାଲ୍ଡ ସୂଚନା ଦେଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ଆତତାୟୀଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।

### ସିଆଇଏସ୍‌ଏଫ୍‌ର ଅଭ୍ୟାସ ସେସନ୍ ବେଳେ ଗୁଳିଫୁଟି କୃଷକଙ୍କ ମୃତ୍ୟୁ

ପିଲିଭିଟ୍,୨୨।୯

ପିଲିଭିଟ୍ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରବିବାର କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଅଭ୍ୟାସ ସେସନ୍ ଚାଲିଥିବାବେଳେ ଗୁଳିଫୁଟି ଜଣେ ୫୮ ବର୍ଷୀୟ ଚାଷୀଙ୍କ ମୃତ୍ୟୁ ଘଟିଛି। ଉତ୍ତରାଖଣ୍ଡ ବନବାସାରୁ ୩୦ ଜଣ ସିଆଇଏସ୍‌ଏଫ୍ ଯବାନ ନଗର କୋଟୱାଲି ଅଞ୍ଚଳରେ ଫାୟାରିଂ ରେଞ୍ଜ୍ ମଧ୍ୟରେ ଅଭ୍ୟାସ ଚଳାଇଥିବାବେଳେ ଘର ବାହାରେ ବସିଥିବା ଶ୍ରୀକ୍ରିଷ୍ଣା ନାମକ କୃଷକଙ୍କ ଜଙ୍ଘରେ ଗୁଳିବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପିଲିଭିଟ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ଟ୍ରେନ୍ ଉଡ଼ାଇଦେବାକୁ ଉଦ୍ୟମ

ନୂଆଦିଲ୍ଲୀ,୨୨।୯

### ରେଳଲାଇନ୍‌ରୁ ମିଳିଲା ଡିଟୋନେଟର, ଗ୍ୟାସ୍ ସିଲିଣ୍ଡର

ମଧ୍ୟପ୍ରଦେଶର ବୁର୍‌ହାନପୁର ଜିଲାରେ ସେନା ଯବାନମାନଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌କୁ ଉଡ଼ାଇ ଦେବା ପାଇଁ ଯୋଜନା ହୋଇଥିଲା। ରେଳଲାଇନରୁ ଅନ୍ୟୁନ ୧୦ଟି ଡିଟୋନେଟର ଜବତ ହୋଇଛି। ବୁଧବାର ଯବାନମାନଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ୍‌ଟି ଜମ୍ମୁ-କଶ୍ମୀରରୁ କର୍ନାଟକ ଯାଉଥିବାବେଳେ ସଗ୍‌ଫତା ରେଳଷ୍ଟେଶନ ନିକଟରେ ଡିଟୋନେଟରକୁ ଅତିକ୍ରମ କରିଯିବା ପରେ ବିସ୍ଫୋରଣ ଘଟିବାରୁ ଡ୍ରାଇଭର ଟ୍ରେନ୍‌କୁ ତୁରନ୍ତ ରୋକିଥିଲେ। ପରେ ସେ ଷ୍ଟେଶନମାଷ୍ଟରଙ୍କୁ ଜଣାଇଥିଲେ। ବିସ୍ଫୋରଣରେ କେହି ଆହତ ହୋଇନାହାନ୍ତି। ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍), ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ରେଲ୍‌ୱେ ଏବଂ ସ୍ଥାନୀୟ ପୋଲିସ ଅଧିକାରୀମାନେ ଘଟଣାର ତଦନ୍ତ ଚଳାଇଛନ୍ତି।

ଅନ୍ୟ ଏକ ଘଟଣାରେ ରବିବାର ଉତ୍ତରପ୍ରଦେଶର କାନପୁର ଅନ୍ତର୍ଗତ ପ୍ରେମପୁର ରେଳଷ୍ଟେଶନ ନିକଟରେ ରେଳଲାଇନ୍‌ରୁ ଖାଲି ଗ୍ୟାସ୍ ସିଲିଣ୍ଡର ମିଳିଛି। ସିଲିଣ୍ଡରକୁ ଦେଖି ଲୋକୋ ପାଇଲଟ ତୁରନ୍ତ ଟ୍ରେନ୍‌କୁ ଅଟକାଇଥିଲେ। ମାଲ୍‌ଗାଡ଼ିଟି କାନପୁରରୁ ପ୍ରୟାଗରାଜ ଯାଉଥିବାବେଳେ ରେଳଲାଇନରେ ଗ୍ୟାସ୍ ସିଲିଣ୍ଡର ରଖି ଟ୍ରେନ୍‌କୁ ଲାଇନଚ୍ୟୁତ କରିବାକୁ ଯୋଜନା ହୋଇଥିଲା ବୋଲି ସନ୍ଦେହ କରାଯାଉଛି।



## କୋଇଲା ଖଣିରେ ବିସ୍ଫୋରଣ, ୫୧ ମୃତ

ତେହେରାନ, ୨୨।୯

ଇରାନ୍‌ର ଦକ୍ଷିଣ ଖୋରାସାନ୍ ପ୍ରଦେଶର ତାବାସ୍ କୋଇଲା ଖଣିରେ ରବିବାର ମିଥେନ ଗ୍ୟାସ୍ ଲିକ୍ ହେବା କାରଣରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୫୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ଇରାନ୍‌ର କୌଣସି କୋଇଲା ଖଣିରେ ଏହା ସବୁଠାରୁ ବଡ଼ ଧରଣର ଦୁର୍ଘଟଣା ହୋଇଥିବା ନେଇ ସ୍ଥାନୀୟ ସରକାରୀ ମିଡିଆ ପକ୍ଷରୁ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ତାବାସ୍ କୋଇଲା ଖଣିର ବି ଏବଂ ସି ବ୍ଲକରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣବେଳେ ଉକ୍ତ ଖଣିରେ ୭୦ ଜଣ ଶ୍ରମିକ ଉପସ୍ଥିତ ଥିଲେ। ତାବାସ୍ କୋଇଲା ଖଣି ଇରାନ୍‌ର ଏକ ଘରୋଇ ସଂସ୍ଥା 'ମଦନଜୁ'ର ହୋଇଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଆହତମାନଙ୍କୁ ହେଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଦକ୍ଷିଣ ଖୋରାସାନ୍‌ର ଗଭର୍ନର ଆଲି ଆକ୍‌ବର ରହିମି ସୂଚନା ଦେଇଛନ୍ତି।

## ନେଟ୍‌ଫ୍ଲିକ୍ସ ବିରୋଧରେ ଭିଜା ଉଲ୍ଲଂଘନ, ବର୍ଣ୍ଣବୈଷମ୍ୟ ଅଭିଯୋଗ

ନୂଆଦିଲ୍ଲୀ,୨୨।୯

### ତଦନ୍ତ କରୁଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ




ନେଟ୍‌ଫ୍ଲିକ୍ସ ବିରୋଧରେ ଭିଜା ଉଲ୍ଲଂଘନ ଓ ବର୍ଣ୍ଣବୈଷମ୍ୟ ଅଭିଯୋଗ ଆସିବା ପରେ ଏହି ଆମେରିକୀୟ ଷ୍ଟ୍ରିମିଂ ଜାଏଣ୍ଟର ବ୍ୟବସାୟିକ କାର୍ଯ୍ୟପ୍ରଣାଳୀକୁ ନେଇ ଭାରତ ତଦନ୍ତ ଚଳାଇଛି। ନେଟ୍‌ଫ୍ଲିକ୍ସର ଜଣେ ପୂର୍ବତନ କର୍ମଚାରୀଙ୍କ ନିକଟକୁ ଭାରତ ସରକାରଙ୍କ ପକ୍ଷରୁ ପଠାଯାଇଥିବା ଏକ ଇ-ମେଲ୍‌ରୁ ଏହି ବିଷୟ ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲାର ତଦନ୍ତ ଚାଲିଥିବା ନେଇ ଗତ ଜୁଲାଇ ୨୦ରେ ପ୍ରେରିତ ଇ-ମେଲ୍ ଯାଞ୍ଚ କରି ରଏଟର୍ସ ଜାଣିବାକୁ ପାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜଣେ ଅଧିକାରୀ ନେଟ୍‌ଫ୍ଲିକ୍ସ ଇଣ୍ଡିଆର ପୂର୍ବତନ ବିଜ୍‌ନେସ୍ ଓ ଆଇନ ବ୍ୟାପାର ନିର୍ଦ୍ଦେଶିକା ନନ୍ଦିନୀ ମେହଟାଙ୍କ ନିକଟକୁ ପଠାଇଥିଲେ। ନନ୍ଦିନୀ ୨୦୨୦ରେ ଉକ୍ତ କମ୍ପାନୀ ଛାଡ଼ିଥିଲେ। ଏହା ଭାରତରେ ନେଟ୍‌ଫ୍ଲିକ୍ସର ଭିଜା ଓ ଟିକସ ନିୟମ ଉଲ୍ଲଂଘନ ସମ୍ପର୍କିତ ବୋଲି ମନ୍ତ୍ରଣାଳୟର ଫରେନର୍ସ ରିଜିଓନାଲ ରେଜିଷ୍ଟ୍ରେଶନ୍ ଅଫିସ୍ (ଏଫ୍‌ଆର୍‌ଆର୍‌ଓ) ଦୀପକ ଯାଦବ ନନ୍ଦିନୀଙ୍କ ନିକଟକୁ ପଠାଇଥିବା ମେଲ୍‌ରେ ଉଲ୍ଲେଖ କରିଥିଲେ। ଏଥିରେ ଦୀପକ ଆହୁରି ଉଲ୍ଲେଖ କରିଥିଲେ ଯେ, ସମ୍ପୃକ୍ତ କମ୍ପାନୀ ଭାରତରେ ବ୍ୟବସାୟ କରିବାବେଳେ ଭିଜା ଉଲ୍ଲଂଘନ, ଟିକସ ଠକେଇ ଓ ଅନ୍ୟ ଅସାଧୁ କାର୍ଯ୍ୟକଳାପ ସହ ବର୍ଣ୍ଣ ବୈଷମ୍ୟରେ ଲିପ୍ତ ରହିଥିଲା।

ନନ୍ଦିନୀ ଇ-ମେଲ୍ କରିଥିବା ଏକ ବିବୃତିରେ ଜଣାଇଛନ୍ତି ଯେ, ନେଟ୍‌ଫ୍ଲିକ୍ସ ବେଆଇନ ଭାବେ ତାଙ୍କୁ ହଟାଇଦେଇଥିବାରୁ ଏବଂ ବର୍ଣ୍ଣଭେଦୀ ତଥା ଲିଙ୍ଗଗତ ବୈଷମ୍ୟପୂର୍ଣ୍ଣ ଆଚରଣ କରିଥିବାରୁ ସେ ଆମେରିକାରେ କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛନ୍ତି। ଭାରତୀୟ ତଦନ୍ତକୁ ସେ ସ୍ୱାଗତ କରିବା ସହ ତଦନ୍ତରୁ ମିଳିବାକୁ ଥିବା ତଥ୍ୟ ସାର୍ବଜନୀନ କରାଯିବା ନେଇ ଆଶାବାଦୀ ଥିବା କହିଛନ୍ତି। ପ୍ରକାଶ ଯେ, ଭାରତରେ ନେଟ୍‌ଫ୍ଲିକ୍ସର ପ୍ରାୟ ୧ କୋଟି ୟୁଜର୍ସ ରହିଛନ୍ତି। କିଛି ବର୍ଷ ହେଲା ଆମେରିକାର ଏହି କମ୍ପାନୀ ବଲିଉଡ୍ କଳାକାରଙ୍କ ପାଇଁ ଅନେକ ସ୍ଥାନୀୟ କଣ୍ଟେଣ୍ଟ ପ୍ରସ୍ତୁତ କରିଛି।

## ୬ ବର୍ଷ ପରେ ପୁଣି ଜାହ୍ନବୀ, ଇଶାନଙ୍କ ଯୋଡ଼ି

ମୁମ୍ବାଇ

ଅଭିନେତ୍ରୀ ଜାହ୍ନବୀ କପୁର ଓ ଅଭିନେତା ଇଶାନ ଖଟ୍ଟର ଶେଷ ଥର ପାଇଁ ୨୦୧୮ରେ ଫିଲ୍ମ ନିର୍ମାତା କରଣ ଜୋହରଙ୍କ 'ଧଡକ୍' ଫିଲ୍ମରେ ନଜରକୁ ଆସିଥିଲେ। ତେବେ ୬ ବର୍ଷ ପରେ ପୁଣିଥରେ ଏକ ବଡ଼ ପ୍ରୋଜେକ୍ଟରେ ଉଭୟଙ୍କୁ ଏକାଠି ଅଭିନୟ କରୁଥିବାର ଦେଖିବାକୁ ମିଳିବ ବୋଲି ଏକ ରିପୋର୍ଟ ପ୍ରକାଶ ପାଇଛି। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନର ବ୍ୟାନରରେ ଏହି ଫିଲ୍ମର ନିର୍ମାଣ ହେବାକୁ ଥିବାବେଳେ ନୀରଜ ଘେୱାନ ଏହାର ନିର୍ଦ୍ଦେଶନା ଦେବେ। ସୂତ୍ର ଅନୁଯାୟୀ, ଯେତେବେଳେ କରନ୍ ଏବଂ ନୀରଜ ଜାହ୍ନବୀଙ୍କୁ ଏହି ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ, ସେ ତୁରନ୍ତ ଏହାକୁ ଗ୍ରହଣ କରିଥିଲେ। ଜାହ୍ନବୀ ତାଙ୍କର ପ୍ରଥମ ସହତାରକା ଇଶାନଙ୍କ ସହ ପୁନର୍ବାର କାମ କରିବାକୁ ବେଶ୍ ଉତ୍ସାହିତ ଥିବା ନେଇ ରିପୋର୍ଟରେ କୁହାଯାଇଛି।

କରନ୍ ଜୋହରଙ୍କ ଏହି ବିଗ୍ ପ୍ରୋଜେକ୍ଟରେ ୨ ଜଣ ଅଭିନେତାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏଥିପାଇଁ ଇଶାନଙ୍କ ସହ ଆଉ ଜଣେ ଅଭିନେତାଙ୍କ ସହ ମଧ୍ୟ ଆଲୋଚନା ଚାଲିଛି। ତେବେ ଉକ୍ତ ଅଭିନେତାଙ୍କ ନାମ ପ୍ରକାଶ ପାଇନାହିଁ। ଫିଲ୍ମର କାହାଣୀ ୨ ସାଙ୍ଗଙ୍କ ଜୀବନୀ ଉପରେ ଆଧାରିତ ରହିବ। ତେବେ ଏହି ଚଳଚ୍ଚିତ୍ର ଆସନ୍ତା ବର୍ଷ ମୁକ୍ତିଲାଭ କରିବ ବୋଲି ରିପୋର୍ଟରେ କୁହାଯାଇଛି। ସମ୍ପ୍ରତି ଜାହ୍ନବୀ ସାଉଥ୍ ଷ୍ଟାର ଜୁନିୟର ଏନ୍‌ଟିଆର ଏବଂ ଅଭିନେତା ସୈଫ୍ ଅଲି ଖାନ୍‌ଙ୍କ ସହ 'ଦେବରା: ପାର୍ଟ-୧'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଚଳଚ୍ଚିତ୍ର ସହ ସେ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ଡେବ୍ୟୁ କରିବାକୁ ଯାଉଛନ୍ତି। ଫିଲ୍ମଟି ଆସନ୍ତା ୨୭ ତାରିଖରେ ମୁକ୍ତିଲାଭ କରିବ। ସେହିପରି ଇଶାନ ନେଟ୍‌ଫ୍ଲିକ୍ସ ସିରିଜ୍ 'ଦି ପର୍‌ଫେକ୍ଟ କପଲ୍' ସହ ହଲିଉଡରେ ଡେବ୍ୟୁ କରିଛନ୍ତି।



# ତଦନ୍ତ ରିପୋର୍ଟକୁ ନେଇ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ସହ ପୋଲିସ ଡିଜିଙ୍କ ଆଲୋଚନା

## ମେଜରଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୨୨।୯(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନାରେ ଆର୍ମି ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣା ସାରାଦେଶରେ ଆଲୋଡନ ସୃଷ୍ଟି କରିଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଛି। ଇତିମଧ୍ୟରେ କ୍ରାଇମବ୍ରାଞ୍ଚ ୨ଟି ମାମଲା ଆଧାରରେ ଗତ ୫ଦିନ ଧରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଘଟଣା ଘଟିଥିବା ଚନ୍ଦକା ରାସ୍ତା ଓ ଭରତପୁର ଥାନା ପରିସରକୁ ଯାଇ କ୍ରାଇମବ୍ରାଞ୍ଚ ଟିମ୍ ସାଇଣ୍ଟିଫିକ୍ ଓ ଫିଙ୍ଗରପ୍ରିଣ୍ଟ ଟିମ୍ ସହାୟତାରେ ଛାନଭିନ କରି ବହୁତଥ୍ୟ ହାସଲ କରିଛି। ଏହାସହ ଏକ ଫଟୋ ବ୍ୟୁରୋ ଟିମ୍ ମଧ୍ୟ ଘଟଣାସ୍ଥଳକୁ ଯାଇ ବିଭିନ୍ନ ଫଟୋ ଓ ଭିଡିଓ ଶୁଟ୍ କରିଥିବା ଜଣାପଡିଛି। ସେହିପରି ଆର୍ମି ଅଫିସରଙ୍କ ମୋବାଇଲକୁ ଜବତ କରି ଭୁବନେଶ୍ୱରସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପରୀକ୍ଷା ପାଇଁ ପଠାଯାଇଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ହେଲେ ଏଯାବତ ଘଟଣାର କୌଣସି ସ୍ୱଷ୍ଟତା ଆସିପାରି ନାହିଁ। ଏପରିସ୍ଥିତିରେ ତଦନ୍ତକାରୀ ଟିମ୍ ଉକ୍ତ ତଦନ୍ତ ରିପୋର୍ଟକୁ ଶନିବାର ଜାତୀୟ ମହିଳା କମିଶନ ଓ କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ପଠାଇଥିଲା। ତେବେ ରବିବାର ପୋଲିସ ଡିଜି ୱାଇ.ବି ଖୁରାନିଆ ଭୁବନେଶ୍ୱରସ୍ଥିତ ସାଇବର ଭବନରେ ପହଞ୍ଚି କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କୁ ଭେଟି ରିପୋର୍ଟ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ରିପୋର୍ଟକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ସହ ପରବର୍ତ୍ତୀ ପଦକ୍ଷେପ ନେଇ କଥା ହୋଇଛନ୍ତି। ତେଣୁ ମାମଲାରେ ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ବଡ଼ କାର୍ଯ୍ୟାନୁଷ୍ଠାନ ହେବ ନା ପୋଲିସ ବଦନାମକୁ ଘୋଡ଼ାଇବାକୁ ସେପରି କିଛି କାର୍ଯ୍ୟ କରାଯିବ, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଅନ୍ୟପଟେ ତଦନ୍ତକାରୀ ଟିମ୍ ମେଜର ଓ ତାଙ୍କ ବାନ୍ଧବୀ ବୟାନ ରେକର୍ଡ କରିଛି। ବାସ୍ତବରେ ସେଦିନ ରାତିରେ ଭରତପୁର ଥାନାରେ କ'ଣ ଘଟିଥିଲା, ସେ ସମ୍ପର୍କରେ ଉଭୟଙ୍କୁ ପଚରାଉଚରା କରିବା ସହ ଘଟଣାର ଅଧିକ ଛାନ୍‌ଭିନ୍ ଚଳାଇଛି। ସେହିପରି ନିଲମ୍ବିତ ହୋଇଥିବା ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସଲୀଳମୟୀ ସାହୁ, ଏଏସ୍‌ଆଇ ସାଗରିକା ରଥ ଓ ଅଭିଯୁକ୍ତ ୭ ଛାତ୍ରଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରାଯାଇଛି। କିନ୍ତୁ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ଓ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କୁ ପଚରାଉଚରା କରାଯାଇନାହିଁ। ସେପଟେ ବୟାନ ରେକର୍ଡ ବେଳେ ସେମାନଙ୍କ କଥା ମେଳ ଖାଉ ନ ଥିବାରୁ ପଲିଗ୍ରାଫ ଟେଷ୍ଟ ବା ବ୍ରେନ୍ ମ୍ୟାପିଂ ଆଦି ହୋଇପାରେ। ଏହି ଟେଷ୍ଟ ପାଇଁ କୋର୍ଟରୁ ପ୍ରଥମେ ଅନୁମତି ନେବାକୁ ପଡିଥାଏ। ତେଣୁ ଏନେଇ ସୋମବାର କ୍ରାଇମବ୍ରାଞ୍ଚ କୋର୍ଟରେ ଆବେଦନ କରିପାରେ ବୋଲି ସୂତ୍ରରୁ ଜଣାପଡିଛି।

# ପୋଲିସ କମିଶନରଙ୍କୁ ଭେଟିଲେ ନିଲମ୍ବିତ ପୋଲିସ କର୍ମଚାରୀଙ୍କ ପରିବାର

## ଭରତପୁର ଥାନାରେ ନିର୍ଯାତନା ମାମଲା

ଭୁବନେଶ୍ୱର,୨୨।୯(ସୂର୍ଯ୍ୟକାନ୍ତ ବେହେରା)

ମେଜର ଗୁରୁଭନ୍ସ ସିଂ ଓ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ଭରତପୁର ଥାନାରେ ନିର୍ଯାତନା ମାମଲାରେ ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍‌ଆଇ ବୈଶାଳିନୀ ପଣ୍ଡା, ଏଏସ୍‌ଆଇ ସଲୀଳମୟୀ ସାହୁ, ଏଏସ୍‌ଆଇ ସାଗରିକା ରଥ ଓ କନ୍‌ଷ୍ଟେବଲ ବଳରାମ ହାଁସଦାଙ୍କୁ ନିଲମ୍ବନ କରାଯାଇଛି। ଏହା ପ୍ରତିବାଦରେ ନିଲମ୍ବିତ ହୋଇଥିବା ମହିଳା ପୋଲିସ କର୍ମଚାରୀଙ୍କ ପରିବାର ଲୋକେ ଶନିବାରଠାରୁ ଧାରଣ ଦେଇଛନ୍ତି। ଏସ୍‌ଆଇ ବୈଶାଳିନୀ, ଏଏସ୍‌ଆଇ ସାଗରିକାଙ୍କ ପରିବାର ଲୋକେ କମିଶନରେଟ୍ ପୋଲିସ ମୁଖ୍ୟାଳୟ ସାମ୍ନାରେ ପ୍ରତିବାଦ କରିବା ସହ ଗୁରୁଭନ୍ସ ଓ ଅଙ୍କିତାଙ୍କ ଉପରେ ଦୋଷ ଲଦିଛନ୍ତି। ଏଥିସହ ସେମାନେ ପୋଲିସ କମିଶନରଙ୍କୁ ଭେଟି ଦାବି ଜଣାଇଥିଲେ। ରବିବାର ମଧ୍ୟ ଏଏସ୍‌ଆଇ ସଲୀଳମୟୀଙ୍କ ଝିଅ ଶ୍ରେୟୀ ଶାଳିନୀ ସାହୁ ଓ କନ୍‌ଷ୍ଟେବଲ ବଳରାମଙ୍କ ପୁଅ ଚନ୍ଦନ କୁମାର ହାଂସଦା କେତେଜଣ ସ୍ୱେଚ୍ଛାସେବୀଙ୍କ ସହ ପୋଲିସ କମିଶନରଙ୍କୁ ଭେଟି ସମାନ ଦାବି ଜଣାଇଛନ୍ତି। ଚନ୍ଦନ କହିଛନ୍ତି, ଅଭିଯୋଗ କରିଥିବା ଯୁବତୀ ଜଣକ ମୋ ବାପାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ତେଣୁ ଘଟଣାର ଠିକ୍ ତଦନ୍ତ କରାଯାଉ, ଯିଏ ବି ଦୋଷୀ ଦଣ୍ଡ ପାଉ।

# ୨୭ ଯାଏ ବର୍ଷିବ, ଫେରିଯିବ ମୌସୁମୀ

ଭୁବନେଶ୍ୱର,୨୨।୯
(ଅନୁରାଧା ମହାରଣା)

ମୌସୁମୀ ଟ୍ରଫ୍ ଲାଇନ୍ ବଙ୍ଗୋପସାଗରର ଦକ୍ଷିଣପୂର୍ବ ଦିଗରେ ଅଗ୍ରସର ହେଉଛି। ସେହିପରି ଆନ୍ଧ୍ରପ୍ରଦେଶ ଉପକୂଳରୁ ଦକ୍ଷିଣ ଉପକୂଳବର୍ତ୍ତୀ ମ୍ୟାନ୍‌ମାର ମଧ୍ୟରେ ୨ଟି ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଦୁଇ ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଏବେ ରାଜ୍ୟରେ ବର୍ଷା ହେଉଥିବାବେଳେ ଆଗକୁ ବର୍ଷା ପରିମାଣ ବଢ଼ିବ ଓ ୨୭ ତାରିଖ ଯାଏ ବର୍ଷା ଜାରି ରହିବ। ଅନ୍ୟପକ୍ଷରେ ଆସନ୍ତା ୨୩ରୁ ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟ କଚ୍ଛର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଫେରିବା ନେଇ ସ୍ଥିତି ଅନୁକୂଳ ହେଉଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଉପକୂଳବର୍ତ୍ତୀ ଓଡ଼ିଶାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବା ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, କୋରାପୁଟ, ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ରେ ୭ରୁ ୨୦ ସେମି ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବଲାଙ୍ଗୀର, ସୋନପୁର ଆଦି ୮ ଜିଲାର ବିଭିନ୍ନ ସ୍ଥାନରେ ୭ରୁ ୧୧ ସେମି ବର୍ଷା ହୋଇପାରେ। ୨୪ ତାରିଖରେ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଜଗତ୍‌ସିଂହପୁର, କଟକ, ବାଲେଶ୍ୱର ସମେତ ୧୨ ଜିଲାରେ ବର୍ଷା ସମ୍ଭାବନା ରହିଥିବା ସୂଚନା ଦିଆଯାଇଛି।

# ୧୦୦ ଦିନର ହିସାବ ଦେଲେ ମୁଖ୍ୟମନ୍ତ୍ରୀ

- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର
- ସଂକଳ୍ପ ପୂରଣକୁ ପ୍ରାଥମିକତା



କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ସଭାରେ ଜଣେ ମହିଳା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଟଙ୍କା ପ୍ରଦାନ କରୁଛନ୍ତି।

କେନ୍ଦୁଝର,୨୨।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତର ଶେଷ ଦିନ ଅର୍ଥାତ ତୃତୀୟ ଦିନରେ ରବିବାର ନିଜ ସରକାରର ୧୦୦ ଦିନ ସଫଳତାର ହିସାବ ପ୍ରଦାନ କରିଛନ୍ତି। ଏ ନେଇ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ଉନ୍ନତି ପାଇଁ ୯୮୭ କୋଟି ଟଙ୍କାରୁ ଅଧିକ ବ୍ୟୟରେ ବିଭିନ୍ନ ଜନହିତକାରୀ ପ୍ରକଳ୍ପର ଲୋକାର୍ପଣ, ଘୋଷଣା ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୋହନ ସରକାର ଅମଳରେ କେନ୍ଦୁଝରର ବିକାଶ ସହ ଜିଲାବାସୀଙ୍କ ଅଭିବୃଦ୍ଧି ଘଟିବ ବୋଲି କହିଥିଲେ।

ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଆମ ସରକାରକୁ ସେବା କରିବାର ଏକ ସୁଯୋଗ ମିଳିଛି। ଆମେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ଯେଉଁ ସଂକଳ୍ପ ନେଇଥିଲୁ ତାହା ପୂରଣ ହେଉଛି। ସଂକଳ୍ପ ପତ୍ର ଆମର ଧର୍ମ ଗ୍ରନ୍ଥ, ସଂକଳ୍ପ ପୂରଣକୁ ପ୍ରାଥମିକତା ଦିଆଯାଉଛି। ସରକାର ଗଠନର ପ୍ରଥମ ଦିନରେ ହିଁ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିଲା। ଏଥିସହ ରତ୍ନଭଣ୍ଡାର ଖୋଲିଲା, ଶ୍ରୀମନ୍ଦିର ପାଇଁ ୫୦୦ କୋଟି, ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟିର କର୍ପସ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ମାତୃଶକ୍ତିଙ୍କୁ ସମ୍ମାନ ଜଣାଇ ସୁଭଦ୍ରା ଯୋଜନା ଆରମ୍ଭ କରାଯାଇଛି। କୃଷକଙ୍କ ଆର୍ଥିକ ସ୍ଥିତିକୁ ସଶକ୍ତ କରିବା ନିମନ୍ତେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବ୍ୟୟବରାଦ ମୋଟ ୩୬ ପ୍ରତିଶତ ବୃଦ୍ଧି କରାଯାଇଛି। ଧାନର ଏମ୍‌ଏସ୍‌ପିକୁ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ନିମନ୍ତେ ବଜେଟ୍‌ରେ ୩୨ ପ୍ରତିଶତ ବୃଦ୍ଧି ହୋଇଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ର ସହ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ପାଇଁ ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏ ଅବସରରେ କେନ୍ଦୁଝରରେ ୯୮୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଘୋଷଣା ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଥି ମଧ୍ୟରୁ ଉଦ୍‌ଘାଟନ ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ଏକାଡେମିକ ବିଲଡିଂ, ୫ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ସାହରପଡ଼ା ବ୍ଲକ୍‌ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ୨ଟି ଛାତ୍ରାବାସ, ୧୫ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ କାର୍ଯ୍ୟରତ ଡାକ୍ତରଙ୍କ ପାଇଁ ୪୫ କ୍ୱାର୍ଟର୍ସ, କେନ୍ଦୁଝର ସଦର ଓ ଉଦୟପୁରଠାରେ ୬ କୋଟି ବ୍ୟୟରେ ଏଏନ୍‌ମ ପ୍ରଶିକ୍ଷଣ କେନ୍ଦ୍ର, ଜିଲା ପ୍ରାଣୀ ଚିକିତ୍ସାଳୟ ପାଇଁ ପ୍ରଶାସନିକ କୋଠା ଏବଂ ୧୬ କୋଟି ଟଙ୍କା ବ୍ୟୟରେ ଯୋଡ଼ାଠାରେ ସଡ଼କ ନିର୍ମାଣ, ୨୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ବାଂଶପାଳ ଓ ସହରପଦା ବ୍ଲକ୍‌ରେ ୪ ସେତୁ ନିର୍ମିତ ହୋଇଛି। କେନ୍ଦୁଝର ସଦର, ପାଟଣା, ସହରପଦା, ଚମ୍ପୁଆ, ଝୁମ୍ପୁରା ଓ ତେଲକୋଇ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୨୦ କ୍ଲଷ୍ଟର ଜଳସେଚନ ପ୍ରକଳ୍ପର ନିର୍ମାଣ ଶେଷ ହୋଇଛି। କେନ୍ଦୁଝର ସଦର ଓ ଝୁମ୍ପୁରା ବ୍ଲକ୍‌ରେ ୧୭ଟି ଶୀତଳ ଗୃହ, ପଣସ ମିଶନ ଅନ୍ତର୍ଗତ ବାଁଶପାଳ ବ୍ଲକ୍‌ରେ ଉଷ୍ମାୟନ କେନ୍ଦ୍ର, ଖଣିଜ ଓ ସମ୍ବନ୍ଧିତ ଶିଳ୍ପରେ ଧନ୍ଦାମୂଳକ ପ୍ରଶିକ୍ଷଣ ପାଇଁ କେନ୍ଦୁଝର ଓ ତୁରୁମୁଙ୍ଗାଠାରେ ୨ଟି ଉତ୍କର୍ଷ କେନ୍ଦ୍ର ଆଦି ପ୍ରକଳ୍ପ ସ୍ଥାପନ ହୋଇଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପ୍ରମୁଖ ପ୍ରକଳ୍ପ ମଧ୍ୟରେ ଆନନ୍ଦପୁର, ବାଂଶପାଳ, ପାଟଣା ଏବଂ ତେଲକୋଇ ବ୍ଲକ୍‌ରେ ଡାକ୍ତରଙ୍କ ରହଣି ସୁବିଧା ପାଇଁ ୬୪ କ୍ୱାର୍ଟର୍ସ, କେନ୍ଦୁଝରଠାରେ ୯ଟି ଉପ-ଚିକିତ୍ସା କେନ୍ଦ୍ର, ଆନନ୍ଦପୁରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମନ୍ୱିତ ଜନ ସ୍ୱାସ୍ଥ୍ୟ ପରୀକ୍ଷାଗାର, ହାଟଡ଼ିହୀ ଓ ସହରପଦାଠାରେ ୨ଟି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଳାନ୍ୟାସ କରାଯାଉଛି। ବିଭିନ୍ନ ସ୍ଥାନରେ ୭ ସେତୁ, ୧୮୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ୨ ମେଗା ଲିଫ୍ଟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଗମନାଗମନକୁ ସୁଦୃଢ଼ କରିବାକୁ ୩୫୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ବିଭିନ୍ନ ସ୍ଥାନରେ ସଡ଼କର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପ୍ରକଳ୍ପ ମାଧ୍ୟମରେ କେନ୍ଦୁଝରର ସର୍ବାଙ୍ଗୀନ ଉନ୍ନତି ସହ ୧୮ ଲକ୍ଷରୁ ଉର୍ଦ୍ଧ୍ୱ ଜିଲାବାସୀଙ୍କ ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ, ଏଥିରେ କୌଣସି ସଂଶୟ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମହନ ନାୟକ, ଜିଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁସାହୁ , ଭାଜପା ଜିଲା ସଭାପତି ସବୁଜ ମହାନ୍ତ ବର୍ମା, ଜିଲା ଭାଜପା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଅନୁବ୍ରତ ବେହେରା, ସୁକଦେବ ମହାନ୍ତ ଉପସ୍ଥିତ ଥିଲେ।




Toll Free Number: 1800 266 0018

INDIA'S FIRST 5 YEAR WARRANTY* *Conditions apply

$ଅତିରିକ୍ତ କ୍ୟାସ ଡିସକାଉଣ୍ଟ Flipkart

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp amount may vary for model/variant and states and it is applicable on select models only. Accessories and features shown may not be a part of standard fitment. Always wear a helmet while riding a two-wheeler. #Offers will be communicated at the time of invoicing and may vary for model/variant and states, valid on invoicing between 3rd Oct'24 to 12th Oct'24 or till stock last, For more details, please visit your nearest authorised Hero outlet. ~The 5% cashback upto ₹5000/- is applicable on minimum transaction of ₹40,000, subject to the credit card company's, T&Cs. ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer is valid only on paid bookings with a minimum amount of ₹1100 before 2nd Oct' 24,T&C apply. $Flipkart offer is subject to the sole discretion & T&Cs of Flipkart.

Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 9289922180, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289922184, Lakshmi Automotives, Gajapati Nagar, Ph: 9289923187, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors ,Ph- 6372753989, Jeypore: Supreme Sales, Ph- 8144822656 Associate Dealers:Rahama:Sarala Automobiles-9937018532, Nimapara:Basudev Automobiles-9861020724, Pipili:Shri Ram Motors-9437110789 , Khamakhyanagar:Reliance Automobiles-9938435743, Chendipada:Tara Motors-8018339414 Balugaon: Mahamayee Motors-9437004624 Khurdha:Dinesh Trading Co.-9778097876 Sakhigopal:Sai Motors-9439765820 Begunia:Rashmi Automobiles-9178316145 Laxmipur:Tarini Motors-7205862853 Rajgangpur:Kedia & Kedia-9437152881 Brajrajnagar:Bina Motors-9861078290 Belpahar:Varsha Motors-9437058417 Deogarh:Jindal Motors-9437056659 Bamra:Choudhury Motors-9938274720 Baliapal:Baba Motors-8093603116 Soro:Twinkle Motors-9861594852 Kendrapara:Baishnabi Motors-9437089454/9853471301 Barbil:Wheels Motors-9776931870 Pattamundai:Mishra Auto-9853843713 Basta:Shivam Motors-7735958754 Rairangpur:Maa Sakambari Motors-7008581719 Khuakia:Binayak Automobiles-9090444379 Jajpur Town:Ayush Automobiles-9556189870 Mayurbhanj:Jk Motors-9040909925 Semiliguda:K P Enterprises-9437233464 Parlakhemundi:Preetam Enterprises-9438685535 Nabarangpur:Arun Sales & Service-9437174795 Bhanjanagar:Rebati Motors-9438279794/9937015509 Narsinghpur:Ambika Motocorp-9861811411 Gunpur:M/s Sai Sharan Automobiles-9437234012 Malkangiri:Kanishka Automobiles-9437181980 Kotpad:Shai Automobiles-7205593156 Umerkote:Bharat Sales-9937455659/9777765563 Junagarh:Shree Bimala Motors-9668287479 Rajakhariar:Jagdamba Auto Combines-9937002262 Boudh:Bansal Auto-9437062948 Nuapada:Maruti Auto-9178014999 Padampur:Debesh Motors-9437253970 Barpalli:Durga Motors-9861265979 Titlagarh:Sneha Motors-9853925879 Mayurbhanj:Mahaveer Motors-7326872255/9853290346 Baliguda:Sai Automobiles-9827843657 Patrapur:Ronak Motors-9030985084 Balipatna:M/S Jagannath Motors-7064309702 Kalimela:Laxminiyati Motors-9861002055 Chandpur:Apsara-9861418161 Subdega:Jdj Automobiles-8018714096 Bissam cuttack:Patnaik Motors-7008615208 BasudevPur:Bidyalalita Automobile-9827487072 Telkoi:Panchamukhi Motors-9717004926 Tikabali:M/S Maa Rudrakali Automobiles-7846961367 Kamrda:Siddhivinayak Motors-7208675074 JAGDALPUR:KIRAN SALES-9827654949 Kesinga:Annapurna Automobile-7978787287, M.Rampur:Aruna Automobiles-8114331356

FCB INTERFACE/6878/SEP2024/ORI

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଣ୍ଡିଆନ୍ ହ୍ୟୁମାନ ରାଇଟ୍ସ ଡିଫେଣ୍ଡର୍ସର ୪ର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଆଇଟିୟୁସି ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀଙ୍କ ପାଖେ ଅଭିଯୋଗ ଦେବେ ଜନଶୁଣାଣି ପାଇଁ ପଞ୍ଜୀକୃତ କରିଥିବା ଲୋକେ, ସ୍ଥାନ: ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଗୃହ, ଭିଆଇଆଇଆଇଏମ୍ଆର୍-୪, ୟୁନିଟ୍-୫, ସମୟ: ପୂର୍ବାହ୍ନ ୧୧ଟା।
- ଭରତପୁର ଥାନା ମାମଲାକୁ ନେଇ ମହିଳାଙ୍କ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ଅଶୋକନଗର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ୨୨ତମ ସ୍ମୃତି ସଭା, ସ୍ଥାନ: ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ୍ ଅଡିଟୋରିୟମ୍, ୟୁନିଟ୍- ୯, ସମୟ: ସନ୍ଧ୍ୟା ୬ଟା।
- ଜନକଲ୍ୟାଣ କ୍ଲବର ୫୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: କ୍ଲବ ପରିସର, ରୋଡ ନଂ.-୨, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ନାଟକ 'ଗୋବର୍ଦ୍ଧନ ଉର୍ଫ ଗୋବରା କାର୍ଙ୍ଗ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ
- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସେବା ସମିତି ପକ୍ଷରୁ ରମ୍ଭାଦେବୀ ଦ୍ୱିତୀୟାଙ୍କ ୨୪ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୫ଟା।

## ପୁରୀ
- ପୁରୀ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ନିମାପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- 'ସଂକେତ: ମୋ ଭାଷା ପ୍ରୋଜେକ୍ଟ' ଉଦ୍‌ଘାଟନ, ସ୍ଥାନ: ଅଲି ୟାଭର ଜଙ୍ଗ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସ୍ପିଚ୍ ଆଣ୍ଡ ହିଅରିଂ ଡିଜାବିଲିଟିଜ୍, ରିଜିଓନାଲ ସେଣ୍ଟର, ଯାଆଁଳ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ବିଧାୟକ ମାନସ କୁମାର ଦତ୍ତଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ଟି ଅଫିସ, ଜେଲ୍ ରୋଡ୍, ସମୟ: ସକାଳ ୯ଟା। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭାରମ୍ଭ, ସ୍ଥାନ: ସିନ୍ଧିଆ ପଞ୍ଚାୟତ ଅଫିସ, ସମୟ: ସକାଳ ୯ଟା୪୫। ଜଳ ନିଷ୍କାସନ ଓ ଚାଷୀମାନଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଗୋପୀନାଥପୁର, ଟିଆଖିଆ, ସମୟ: ପୂର୍ବାହ୍ନ ୧୦ଟା୩୫।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ସଂକୁନ୍ତଳା ବାଳିକା ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଜିଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ, ସ୍ଥାନ: ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା, ଲୋକକଳା ଓ ସରକାରୀ ଯୋଜନା ବିଷୟବସ୍ତୁ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୭ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସିଟିଜେନ୍ସ ହ୍ୟୁମାନ ରାଇଟସ୍ କ୍ଲିନିକ୍, ଓଡ଼ିଶା ପକ୍ଷରୁ ବୃଦ୍ଧାଶ୍ରମ ପାଇଁ ଭୂମିପୂଜନ ଉତ୍ସବ, ସ୍ଥାନ: ଶ୍ରୀକୋଣା, ଚାନ୍ଦିପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଖଇରା ସରକାରୀ ଉଚ୍ଚ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାର ଉଦ୍‌ଯାପନୀ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ସତ୍ୟସାଇ ସମିତି ତରଫରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ମରିଗାଁ, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- କୁମାର ପୂର୍ଣ୍ଣିମା ଉପଲକ୍ଷେ ଯୁବତୀଙ୍କ କୁଆଁର ପୁନେଇ ଗୀତ ପରିବେଷଣ, ପୂଜା, ସ୍ଥାନ: ଶାଳନିଆଁ, କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ରୁ ରାତି ୧୧ ଟା।
- ଭାଗବତ ତୁଙ୍ଗିରେ ଆଧାତ୍ମିକ ଆଲୋଚନା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ନାହା, ହାଟଡିହୀ, ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଖୁଦୁରୁକୁଣୀ ଭସାଣି, ସ୍ଥାନ: ମାର୍କେଟ ସାହି, ଚିତ୍ରଡ଼ା, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ, ସମୟ: ଅପରାହ୍ନ ୨ଟା।
- ବିକାଶ ମେଳାରେ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ ବିକାଶ ମେଳା ମଞ୍ଚ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ
- ସ୍ୱଚ୍ଛତା ସଚେତନତା ସାଇକେଲ ରାଲି, ସ୍ଥାନ: ଆସିକା ଏନ୍‌ଏସି କାର୍ଯ୍ୟାଳୟଠାରୁ ଆରମ୍ଭ, ସମୟ: ସକାଳ ୮ଟା।
- ମେଗା ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ, ସ୍ଥାନ: ଗୋଳନ୍ଥରା ଇଶାନେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- କନ୍ଧମାଳ ଏମ୍‌ପିଙ୍କ ଦାରିଙ୍ଗବାଡି ଗସ୍ତ ଓ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଢେଙ୍କାନାଳ ମିଳିତ ବଜାର ପୂଜା କମିଟିର ଜରୁରୀକାଳୀନ ବୈଠକ, ସ୍ଥାନ-ଗୋପବନ୍ଧୁ ଟାଉନ ହଲ, ସମୟ-ପୂର୍ବାହ୍ନ ୧୦ଟା
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ-ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ସାଢେ ୧୦ଟା।

## ଜଗତସିଂହପୁର
- ଜନସଂଖ୍ୟା ବୃଦ୍ଧି ସମ୍ପର୍କରେ ସ୍ୱେଚ୍ଛାସେବୀ ସଂଗଠନ ସୂର୍ଯ୍ୟମୁଖୀ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଶ୍ରୀମା ଅରବିନ୍ଦ ସ୍କୁଲ, ନୂଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- କେନ୍ଦ୍ର ସରକାରଙ୍କ ଶ୍ରମ ଆଇନକୁ ବିରୋଧ କରି ଅଏଲ ରିଫାଇନାରୀ ଶ୍ରମିକସଂଘ ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: ଏଡିଏମ୍ ଅଫିସ ସମ୍ମୁଖ, ମଧୁବନ ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ମହୋତ୍ସବ, ସ୍ଥାନ: ଚାଉଳିଆ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆମ୍ବିକ ପଞ୍ଚାୟତ, ଏରସମା ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ଓ ସାଂସ୍କୃତିକ ମହୋତ୍ସବ, କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ୍ ଅଧୀନ ମହାକାଳପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଦଶରଥପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- କଣ୍ଟାଗାଁ ନାବାଳିକାଙ୍କୁ ହତ୍ୟା ଘଟଣାରେ ଦୋଷୀ ଚିହ୍ନଟ, କ୍ଷତିପୂରଣ ଦାବିରେ ବନ୍ଦ ପାଳନ, ସ୍ଥାନ : ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ସକାଳ ୮ ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରାଇଘର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## କୋରାପୁଟ
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ନାରାୟଣପାଟଣା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବନ୍ଧୁଗାଁ ତହସିଲର ଆୟବ୍ୟୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ବନ୍ଧୁଗାଁ ତହସିଲ, ସମୟ : ପୂର୍ବାହ୍ନ ୧୧ ଟା।
- କୋରାପୁଟରେ ବିକାଶ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ : ଅପରାହ୍ନ ୫ ଟା।

## ସମ୍ବଲପୁର
- ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ବିକାଶ ମେଳା ତୃତୀୟ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନର ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଆଇଆଇଏମ୍ ସମ୍ବଲପୁରର ପ୍ରତିଷ୍ଠା ଦିବସ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ତୃତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପଠନ, ସ୍ଥାନ: ଲୁତୁରପଙ୍କ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଯୁଗ୍ମ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଅତାବିରା ବ୍ଲକ ସମ୍ମିଳନୀ କକ୍ଷ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବାଗଡ଼ିହି ଗ୍ରାମ, ମହାକାଳ ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଆଗାମୀ ଦୁର୍ଗାପୂଜା ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ଶିବଶକ୍ତି ପୂଜା କମିଟି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ଶେଷ ଆଳତି, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ସତ୍ନାମୀ ପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- କୁଇତା ସମାଜର ନୂଆଁଖାଇ ଭେଟଘାଟ, ସ୍ଥାନ: ସହରସ୍ଥିତ ପାହାଡି ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ପକ୍ଷରୁ ନୂଆଁଖାଇ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ଗାୟତ୍ରୀ ଶକ୍ତିପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨, ଗାୟତ୍ରୀ ଶକ୍ତିପୀଠ, ସମୟ: ସକାଳ ୬ଟା ୩୦।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ, ଡିମିରିକୁଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଉଚ୍ଚ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ, ସୁଗୁଡା, ଜଗନ୍ନାଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ, ପ୍ରଭାସୁଣି, ପରପୋଷି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଢୋଲପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- କଳାହାଣ୍ଡି ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋକସରା, ସମୟ: ପୂର୍ବାହ୍ନ ୧୦ଟା।
- ୨୬ ତମ କାରୁଣ୍ଡ ମହୋତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡା, ସମୟ: ଅପରାହ୍ନ ୫ ଟା।
- ବିକାଶ ମେଳା ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଖଲିଆପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ପ୍ରିୟଜନଙ୍କ ସହ କାର୍ଯ୍ୟାରମ୍ଭର ଯୋଜନା କରିପାରନ୍ତି। ଧାର ନେଇଥିବା ବ୍ୟକ୍ତିଟି ପରିଶୋଧର ପ୍ରତିଶ୍ରୁତି ଦେଇ ଟାଳଟୁଳ ନୀତି ଅବଲମ୍ବନ କରିବେ। ହୋଟେଲ ଶିଳ୍ପ, ଛୋଟ ଦୋକାନ, କାରିଗରି, ପରିବହନ, ବ୍ୟବସାୟ କ୍ଷେତ୍ରରେ ସୁଫଳ ମିଳିବ। ପାରିବାରିକ କ୍ଷେତ୍ରର ସାଧାରଣ ଘଟଣାରେ ମନସ୍ତାପର ଆଶଙ୍କା ରହିଛି।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ଫଳପ୍ରଦ ଆଲୋଚନା ଏବଂ ଗୃହସାଜସଜ୍ଜା ଭିତରେ ସମୟ ଅତିବାହିତ କରିବେ। ନିର୍ମାଣ, ଆଇନ, ଅଦାଲତ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟାରେ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ବନ୍ଧୁଙ୍କ କାର୍ଯ୍ୟରେ ସହଯୋଗ କରି ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ଆଜି ପଦସ୍ଥବ୍ୟକ୍ତିଙ୍କ ସଙ୍ଗଲାଭପୂର୍ବକ ଚାହୁଁଥିବା ଜିନିଷ ପ୍ରାପ୍ତିର ପ୍ରତିଶ୍ରୁତି ଲାଭକରିବେ। ଈର୍ଷାଳୁ ବନ୍ଧୁମାନେ ଭାଇଭାଇ ମଧ୍ୟରେ ଫାଟ ସୃଷ୍ଟି କରିବା ସକାଶେ ଅପଚେଷ୍ଟା କରିପାରନ୍ତି। ସାମାଜିକ ସ୍ତରରେ ମଧ୍ୟସ୍ଥତା କଲେ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** କାର୍ଯ୍ୟଦକ୍ଷତା ଓ ସାହାଯ୍ୟକାରୀ ମନୋଭାବରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଅନ୍ୟର କାନକୁହା କଥାକୁ ସତ୍ୟ ମନେକରି ନିଷ୍ପତ୍ତି ନେଲେ ସମାଲୋଚିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ କ୍ଷତି ସହିପାରନ୍ତି। ଯାତ୍ରା ସମୟରେ ଅତି ପ୍ରିୟ ବ୍ୟକ୍ତିଟିର ସାନ୍ନିଧ୍ୟ ଲାଭ କରି ଖୁସି ହେବେ।

**ସିଂହ** ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ଏବଂ ବିଳାସପୂର୍ଣ୍ଣ ଜୀବନଯାପନ ଖୁସି କରାଇପାରେ। ଫେରିବା ବାଟରେ କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବିବ୍ରତ ହେବେ। ପରିବାର ଓ କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ବିଚଳିତ ହେବେ। ବନ୍ଧୁଙ୍କ ସମସ୍ୟା, ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ସୃଷ୍ଟିହେବ।

**କନ୍ୟା** ଅନ୍ୟମାନଙ୍କ ପାଇଁ ଯେତେ କାମ କଲେ ମଧ୍ୟ ପ୍ରତିଦାନରେ ତିରସ୍କାର ପାଇବେ। ପିଲାଙ୍କ ସକାଶେ, ନିଜର କୌଣସି କହିଥିବା କଥାକୁ କେନ୍ଦ୍ରକରି ସମସ୍ୟା ଉପୁଜିପାରେ। ସତ୍‌ସଙ୍ଗ, କଳା, ସାହିତ୍ୟ ଓ ସଭାସମିତିରେ ଯୋଗଦେଇ ଖୁସି ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ରାସ୍ତା ବାହାର କରିବେ।

**ତୁଳା** କେବଳ ଏକା ଏକା କଟାଉଥିବା ପାରିବାରିକ ଜୀବନ ପ୍ରତି ବୀତସ୍ପୃହ ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ନୟାନ୍ତ ହେବେ। ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ କୃତିତ୍ୱ ହାସଲ କରିବାର ସମ୍ଭାବନା ରହିଛି। ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇ ଆଗଭଳି ଅନୁରକ୍ତି ପ୍ରକାଶ କରି ନ ପାରନ୍ତି।

**ବିଛା** ଆଳସ୍ୟ ଓ ଅବହେଳାଜନିତ ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ସମ୍ପନ୍ନ କରିବା ସମ୍ଭପର ନ ହୋଇପାରେ। ଅନଟନ କ୍ଷେତ୍ରରେ ସନ୍ତାନଙ୍କ ସହଯୋଗ କାମରେ ଆସିବ। ବିବାଦୀୟ କ୍ଷେତ୍ରରେ ଅଯଥା ଚିନ୍ତିତ ରହିଛନ୍ତି ସିନା ସେପରି କିଛି ଅସୁବିଧା ହେବନି। ଆଇନଅଦାଲତ, ସାମ୍ବାଦିକତା, ରାଜନୀତି, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ଆଲୋଚନା ପରିସରରେ ଆପଣଙ୍କ ଠିକ୍ ନିଷ୍ପତ୍ତି ବହୁଜନ ପ୍ରଶଂସିତ ହେବ। ଦୀର୍ଘଦିନ ହେଲା ଯାହା ପାଇବାକୁ ଚାହୁଁଛନ୍ତି ତାହା ନିଶ୍ଚିତ ପାଇପାରିବେ। ନୂତନ ବନ୍ଧୁତ୍ୱ ଯୋଡ଼ିବାକୁ ଚେଷ୍ଟାକରି ସଫଳ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିପାରିବେ।

**ମକର** ଆଜି ପ୍ରତ୍ୟେକ କାମକୁ ବିନା ପ୍ରତିବନ୍ଧକରେ କଲେ ମଧ୍ୟ ଶାନ୍ତିପାଇବେ ନାହିଁ। ସ୍ୱାସ୍ଥ୍ୟ ଭଲ ରହିବା ସହ ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବୃଦ୍ଧି ଆଶଙ୍କାକୁ ଏଡ଼ାଯାଇ ନ ପାରେ।

**କୁମ୍ଭ** ଆପଣଙ୍କ ଗୋପନୀୟ କଥା ଓ କାର୍ଯ୍ୟ, ବ୍ୟୟବୃଦ୍ଧି ଦୂରଯାତ୍ରା ପାଇଁ ଅନୁପ୍ରେରିତ କରିପାରେ। କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କଲେ ମଧ୍ୟ ଓଲଟା ଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ କଥାରେ ମୁଣ୍ଡ ପୂରାନ୍ତୁ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ, କଚେରି ମାମଲାରେ, ଜମିଜମାବିବାଦରେ ଉପକୃତ ହେବେ।

**ମୀନ** କ୍ରନିକ୍ ରୋଗପୀଡ଼ାଜନିତ ଶାରୀରିକ ଅସୁସ୍ଥତା ସଙ୍ଗକୁ ମାନସିକ ଶାନ୍ତି ମଧ୍ୟ ରହିବ ନାହିଁ। ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ ସାମୟିକ ମନକୁ ବୁଝାଇପାରନ୍ତି। ଦୋକାନ, ନିର୍ମାଣ, ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ। ସଭାସମିତି, ଆନୁଷ୍ଠାନିକ କାମ ଓ କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ରରେ ଉତ୍ତରଭାଦ୍ରପଦ୍ ଉପକୃତ ହେବେ।

ଆଜି ସେପ୍ଟେମ୍ବର ୨୩ ତାରିଖ, ଶାରଦୀୟ ସମଦିବସ, ଆଶ୍ୱିନ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ସୋମବାର, ରାଶିନକ୍ଷତ୍ର-ରୋହିଣୀ/ବୃଷ, ଷଷ୍ଠୀ ଓ ସପ୍ତମୀର ପାର୍ବଣଶ୍ରାଦ୍ଧ (ମହାଳୟା ବିଧିରେ କରାଯିବ)। ସକାଳ ଘ.୦୫.୩୯ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ.୦୮.୫୧ମି. ଗତେ ଘ.୧୧.୧୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭.୦୯ମି. ଗତେ ଘ.୦୮.୩୯ମି. ମଧ୍ୟେ ରାହୁ କାଳ।

# ପୂର୍ବତଟ ରେଳପଥର ସ୍ୱଚ୍ଛତା ହିଁ ସେବା ଅଭିଯାନ

## ୫୦ କିମିର ସାଇକ୍ଲୋଥନ୍ ଆୟୋଜିତ

**ଭୁବନେଶ୍ୱର,୨୨।୯ (ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତ ଫେରି ସହିତ ୫୦ କିଲୋମିଟର ସାଇକ୍ଲୋଥନ ସହ ଚାରା ରୋପଣ ଆଦି କରାଯାଇଥିଲା। ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଯୋଗଦେଇ ସାଇକ୍ଲୋଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଂଶଗ୍ରହଣକାରୀମାନେ ସ୍ୱଚ୍ଛ ଭାରତ ମିଶନର ବାର୍ତ୍ତାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ। ଏହା ସହିତ ରେଳ ସଦନଠାରୁ ବାହାରିଥିବା ପ୍ରଭାତ ଫେରିରେ କର୍ମଚାରୀ, ଅଧିକାରୀ ଓ ସେମାନଙ୍କର ପରିବାର ବର୍ଗ ଯୋଗଦେଇଥିଲେ। ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ବ୍ୟାନର, ପୋଷ୍ଟର ଏବଂ ପ୍ଲାକାର୍ଡ ପ୍ରଦର୍ଶନ ସହିତ ପଦଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା। ଏହି ଶୋଭାଯାତ୍ରା ରେଳ କଲୋନୀ ମାର୍ଗଦେଇ ରେଳ ଷ୍ଟାଡିୟମରେ ଶେଷ ହୋଇଥିଲା। ଚାରାରୋପଣ କାର୍ଯ୍ୟକ୍ରମରେ ସବୁ ବିଭାଗର ପ୍ରମୁଖ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସମସ୍ତେ ଏକତ୍ର ହୋଇ ସବୁଜ ଏବଂ ସ୍ୱାସ୍ଥ୍ୟକର ପରିବେଶ ନିର୍ମାଣ ପାଇଁ ଚାରା ରୋପଣ କରିଥିଲେ। ଅନ୍ୟପଟେ ରେଳ ଷ୍ଟାଡିୟମରେ ଆୟୋଜିତ ଏକ ଇକୋ ୱାକ୍ ଏବଂ ଏକ ରିଲେ ରେସ ଆୟୋଜନ କରାଯାଇଥିଲା। ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଅଧିକାରୀଙ୍କ ମଧ୍ୟରେ ଫିଟନେସ୍ ରକ୍ଷା ପାଇଁ ପ୍ରୋତ୍ସାହିତ କରାଯାଇଥିଲା।



**ପ୍ରଥମ ପୃଷ୍ଠାରୁ...**

## ଦଳିତଙ୍କୁ ନିର୍ଯାତନା...

ଏଥିରେ ଦର୍ଶାଯାଇଛି। ଏସ୍‌ସି/ଏସ୍‌ଟି ପ୍ରୋଟେକ୍ସନ ସେଲ୍ ଆନ୍ଧ୍ର, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମେଘାଳୟ, ମିଜୋରାମ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ସିକିମ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ୟୁପି, ପଶ୍ଚିମବଙ୍ଗ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଚଣ୍ଡିଗଡ଼, ଦିଲ୍ଲୀ, ଜମ୍ମୁ-କଶ୍ମୀର, ଲଦାଖ ଓ ପଣ୍ଡିଚେରୀରେ ପ୍ରତିଷ୍ଠା କରାଯାଇଥିବା ଏଥିରେ କୁହାଯାଇଛି।

## ଅନୁରା ଦିଶାନାୟକେ ...

ସମାଗି ଜନ ବଲୱେଗା (ଏସ୍‌ଜେବି)ର ରାଷ୍ଟ୍ରପତି ପ୍ରାର୍ଥୀ ସାଜିଥ୍ ପ୍ରେମାଦାସାଙ୍କୁ ହରାଇଛନ୍ତି। ବିଦାୟୀ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ଭୋଟର ତାଲିକାର ଶୀର୍ଷ ୨ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ରହି ନ ପାରିବା ପରେ ପ୍ରଥମ ପର୍ଯ୍ୟାୟରେ ବାଦ୍ ପଡ଼ିଯାଇଥିଲେ। ଏକେଡି ନାମରେ ଲୋକପ୍ରିୟ ଅନୁରା ସୋମବାର ଏହି ଦ୍ୱୀପରାଷ୍ଟ୍ରର ନବମ ରାଷ୍ଟ୍ରପତି ଭାବେ ଶପଥ ନେବେ ବୋଲି ଏନ୍‌ପିପି ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ୨୬ ମାସିଆ କାର୍ଯ୍ୟକାଳ ଶେଷ ହେବା ସହ ୭୫ ବର୍ଷୀୟ ୱିକ୍ରମସିଂଘେ ପରାଜିତ ହେବା ପରେ ଭାବପୂର୍ଣ୍ଣ ବିଦାୟ ଜଣାଇଛନ୍ତି। ସେ ଅନୁରାଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରିଛନ୍ତି। ପ୍ରକାଶ ଯେ, ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ୨୦୨୨ରେ ତତ୍କାଳୀନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ବିରୋଧରେ ବଡ଼ ଧରଣର ବିଦ୍ରୋହ ମୁଣ୍ଡ ଟେକିଥିଲା। ଏଥିପାଇଁ ରାଜପାକ୍ସେ ପରିବାରକୁ ଗାଦିଚ୍ୟୁତ ହେବାକୁ ପଡ଼ିଥିଲା। ଏହା ପରେ ୬ ଥର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଭେଟେରାନ୍ ୱିକ୍ରମସିଂଘେଙ୍କୁ ରାଷ୍ଟ୍ରପତି କରାଯାଇଥିଲା।

## ୨ ନାବାଳିକାଙ୍କୁ ...

କହିଦେଇଥିଲେ ଏବଂ ଘରକୁ ଫେରିଆସିଥିଲେ। ରବିବାର ଏନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ୩ ଜଣଙ୍କୁ ଅଟକ ରଖିଥିବା ବେଳେ ପୀଡ଼ିତାଙ୍କ ଏତଲାରେ ଏହି ଘଟଣାରେ ୭/୮ ଜଣ ସମ୍ପୃକ୍ତ ଥିବା ଦର୍ଶାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ଉଭୟ ପୀଡ଼ିତା ଏବଂ ଅଟକ ଯୁବକମାନଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ଏକ ମାମଲା (ନଂ.୭୪୨/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି।

## କମିଶନର, ଡିସିପିଙ୍କ ...

ଯେପର୍ଯ୍ୟନ୍ତ କମିଶନର ଏବଂ ଡିସିପିଙ୍କୁ ଦାୟିତ୍ୱରୁ ହଟା ନ ଯାଇଛି ସେପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ତଦନ୍ତ କିପରି ନିରପେକ୍ଷ ହେବ ତାହା ମଧ୍ୟ ତଦନ୍ତସାପେକ୍ଷ। ଯେଉଁ ଉଚ୍ଚପଦସ୍ଥ ଅଧିକାରୀ କମିଶନରେଟ ପୋଲିସ୍ ମୁଖ୍ୟାଳୟର ମୁଖିଆ ଦାୟିତ୍ୱରେ ଥିବା ଭିତରେ ଏହି ଘଟଣା ଘଟିଲା ସେମାନେ ଏଥିପାଇଁ କାହିଁକି ଦାୟୀ ହେବେ ନାହିଁ ଏନେଇ ମଧ୍ୟ ଯୁକ୍ତି ଉଠିଲାଣି। ଜଣେ ବ୍ୟକ୍ତି ତାଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପୋଷ୍ଟ କରି ପଚାରିଛନ୍ତି, ଯଦି ଉକ୍ତ ଆଇଆଇସି ଏବଂ ସେହି ଥାନାର କର୍ମଚାରୀମାନେ ଏଭଳି ଘଟଣା ଘଟାଇ ପାରୁଛନ୍ତି, ତେବେ ସେମାନଙ୍କର ସର୍ବୋଚ୍ଚ ଅଧିକାରୀଙ୍କ ପ୍ରତି ଭୟ କିମ୍ବା ସମ୍ମାନ ନାହିଁ। ନଚେତ୍ ଉପରିସ୍ଥ ଅଧିକାରୀଙ୍କ ପ୍ରୋତ୍ସାହନରେ କମିଶନରେଟ ଅଧୀନରେ ଆସୁଥିବା ଥାନାଗୁଡିକରେ ଏଭଳି ବ୍ୟବହାର ପ୍ରଦର୍ଶନ କରାଯାଉଛି। କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ଯେଉଁଭଳି ସାମାଜିକ ଗଣମାଧ୍ୟମରେ ଗୁରୁଭକ୍ସ ଏବଂ ତାଙ୍କ ବାନ୍ଧବୀଙ୍କ ବିଭିନ୍ନ ଭିଡିଓ ପ୍ରସାରିତ କରାଯାଉଛି, ଲାଗୁଛି ଯେପରି ଏହା ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ର ଏବଂ ଅନ୍ୟ ୪ ଜଣ କର୍ମଚାରୀଙ୍କୁ ବଞ୍ଚାଇବା ଲାଗି କରାଯାଉନି ବରଂ କମିଶନରେଟ ପୋଲିସର ଭାବମୂର୍ତ୍ତିକୁ ସ୍ୱଚ୍ଛ କରାଯିବାକୁ ଉଦ୍ୟମ ଚାଲିଛି। ଏଥିଲାଗି କମିଶନରେଟର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉଦ୍ୟମ ପ୍ରବଳ ମାତ୍ରାରେ ରହିଛି ବୋଲି ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି।

ସେହିପରି ଏହି ଘଟଣାରେ ପୋଲିସ୍ କମିଶନର ଏଯାଏ ମୁହଁ ଖୋଲି ପଦୁଟିଏ କିଛି କହିନାହାନ୍ତି। ଏହି ଘଟଣାର ସବୁଠାରୁ ବଡ଼ କଥା ହେଉଛି ଉକ୍ତ ଥାନାରେ ସିସିଟିଭି ନ ଥିଲା। ହେଲେ ପରବର୍ତ୍ତୀ ସମୟରେ ଏକ ଭିଡିଓ ସାମ୍ନାକୁ ଆସିଲା ଯେଉଁଠି ଭରତପୁର ନୂଆ ଥାନା ବିଲ୍ଡିଂର ଉଦ୍‌ଘାଟନ ଉତ୍ସବରେ କମିଶନର ସଞ୍ଜୀବ ପଣ୍ଡା ସେଠାରେ ସିସିଟିଭି ବ୍ୟବସ୍ଥା ରହିଥିବା କଥା କହୁଛନ୍ତି। ଏଯାଏ କମିଶନର ସେ ଦେଇଥିବା ପୂର୍ବ ପ୍ରତିକ୍ରିୟା ବାବଦରେ ମଧ୍ୟ କିଛି ସ୍ପଷ୍ଟୀକରଣ ରଖୁନାହାନ୍ତି। କମିଶନରେଟର ମୁଖ୍ୟଙ୍କ ବିରୋଧରେ ଯେ ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ହୋଇଛି ତଦନ୍ତ ନିରପେକ୍ଷ କିପରି ହେବ ସେନେଇ ପ୍ରଶ୍ନ ଉଠିବା ମଧ୍ୟ ସ୍ୱାଭାବିକ। କେବଳ ଏତିକି ନୁହେଁ ଯେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଡିଜିପି ୱାଇ.ବି. ଖୁରାନିଆ ନିର୍ଦ୍ଦେଶ ଦେଇସାରିଥିଲେ, ଏକ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ ଡିସିପି ପ୍ରତୀକ ସିଂ କହିଥିଲେ, ଏହି ଘଟଣାରେ ମେଜର ଏବଂ ତାଙ୍କ ବାନ୍ଧବୀ ଥାନାରେ ପୋଲିସ କର୍ମଚାରୀଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ତେଣୁ ଯେତେବେଳେ ଡିସିପିଙ୍କ ତତ୍ତ୍ୱାବଧାନରେ ଥିବା ଥାନାର ଆଇଆଇସି ଏବଂ କର୍ମଚାରୀଙ୍କ ବିରୋଧରେ ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି, ସେହି ସମୟରେ କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟକୁ ଅପେକ୍ଷା ନ କରି ସେ ଏଭଳି ପ୍ରତିକ୍ରିୟା କାହିଁକି ଦେଲେ ସେକଥା ମଧ୍ୟ ପ୍ରଶ୍ନ ଉଠୁଛି। କିଛି ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ କହୁଛନ୍ତି, ଯଦି ମେଜର ଓ ତାଙ୍କ ବାନ୍ଧବୀ ଭୁଲ୍ କରିଥିଲେ ବୋଲି ଆପଣ ଏତେ ଦୃଢ଼ ନିଶ୍ଚିତ ଅଛନ୍ତି ତେବେ ନୈତିକତା ଦୃଷ୍ଟିରୁ ତଦନ୍ତ ସମ୍ପୂର୍ଣ୍ଣ ନ ହେବା ଯାଏ ଆପଣ ନିଜ ପଦ ଛାଡ଼ନ୍ତୁ।

ଏଭଳି ସ୍ଥିତିରେ ଏହି ଘଟଣାକୁ ନେଇ ରବିବାର ଡିଜିପି କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରାଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି। ହେଲେ ଉଭୟଙ୍କ ମଧ୍ୟରେ ତଦନ୍ତ ପ୍ରକ୍ରିୟା ନେଇ କ'ଣ ସବୁ ଆଲୋଚନା ହୋଇଛି ସେକଥା ଜଣାପଡ଼ି ନାହିଁ। ଅନ୍ୟପଟେ ରବିବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଗୁରୁଭକ୍ସଙ୍କ ବୟାନ ରେକର୍ଡ କରାଯାଇଛି। ଅନ୍ୟପଟେ ନିଲମ୍ବିତ ଏସ୍‌ଆଇ ସଲିଳାମୟୀ ସାହୁଙ୍କ ପରିବାର ଲୋକ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି। ହେଲେ ଏତେ ବଡ଼ ଘଟଣାରେ ଏଯାଏ ଓଡ଼ିଶାର ଏବଂ ପୋଲିସ୍ ବିଭାଗ ପ୍ରତି ଲୋକଙ୍କ ଆସ୍ଥା ବଞ୍ଚାଇ ରଖିବା ଲାଗି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କମିଶନର ଏବଂ ଡିସିପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ସୁଦ୍ଧା ନିଆଯାଉଛି ନା ଏହି ଘଟଣାକୁ ଘୋଡାଇବାର ଉଦ୍ୟମ ହେଉଛି ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ରହିଛି।

# ସଫଳତା ଛୁଇଁବାରେ ପ୍ରତିବନ୍ଧକ ସାଜେନି ଶବ୍ଦ

## ଆଜି ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ

ଭୁବନେଶ୍ୱର, ୨୨।୯ (ବନ୍ଦନା ସେଠୀ)

ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନର ମୁଖ୍ୟ ମାଧ୍ୟମ ହେଉଛି ଭାଷା। ଆମେ କହୁଥିବା ପ୍ରତିଟି ଶବ୍ଦକୁ ନେଇ ତିଆରି ହୁଏ ଭାଷା। ତେବେ ଭାଷା ବା ଶବ୍ଦ କେବେ ମନର ଭାବ ପ୍ରକାଶ କରିବାରେ ପ୍ରତିବନ୍ଧକ ସାଜେନାହିଁ। କାରଣ ଯେଉଁମାନେ ଶୁଣି ପାରନ୍ତି ନାହିଁ କି କଥା କହି ପାରନ୍ତି ନାହିଁ, ସେମାନେ ମଧ୍ୟ ନିଜ ମନର ଭାବକୁ ପରିପ୍ରକାଶ କରନ୍ତି। ଆଉ ଭାବନା ପରିପ୍ରକାଶର ଏହି ମାଧ୍ୟମକୁ ସାଇନ୍ ଲାଙ୍ଗୁଏଜ୍ ବା ସାଙ୍କେତିକ ଭାଷା କୁହାଯାଏ। ସାଧାରଣତଃ କଥା କହିପାରୁ ନ ଥିବା ଲୋକଙ୍କୁ ସମାଜରେ ସହାନୁଭୂତି ବା ଦୟା ଦୃଷ୍ଟିରେ ଦେଖାଯାଏ। ମାତ୍ର ଶବ୍ଦ କେବେବି ସଫଳତା ହାସଲ କରିବାରେ ପ୍ରତିବନ୍ଧ ସାଜେନି, ଯାହାକୁ ପ୍ରମାଣିତ କରିଦେଖାଇଛନ୍ତି ଲୋମା, ଅନୁଷ୍କାଙ୍କ ପରି ଅନେକେ। ୨୦୧୮ ସେପ୍ଟେମ୍ବର ୨୩ରୁ ପ୍ରତିବର୍ଷ ପାଳିତ ହୋଇ ଆସୁଥିବା ସାଙ୍କେତିକ ଦିବସ ଅବସରରେ ସେମାନଙ୍କ ସଫଳତା କାହାଣୀ।

ଜଗତ୍‌ସିଂହପୁର ଜିଲା ଭୂତମୁଣ୍ଡାଇ ଗ୍ରାମର ଲୋମା ସ୍ୱାଇଁ। ଜନ୍ମରୁ କଥା କହି ପାରନ୍ତି ନାହିଁ କି ଶୁଣି ପାରନ୍ତି ନାହିଁ। ନିଜ ମନର ଭାବ ପ୍ରକାଶ କରିବାକୁ ସେ ସାଇନ୍ ଲାଙ୍ଗୁଏଜ୍ ବା ସାଙ୍କେତିକ ଭାଷାର ସାହାଯ୍ୟ ନିଅନ୍ତି। ମାତ୍ର ଜୀବନର ଚଲାପଥରେ ଆଗକୁ ବଢିବାରେ ଭାଷା କେବେ ବି ତାଙ୍କର ବାଧକ ହୋଇପାରି ନାହିଁ। ପରିଶ୍ରମ ଓ ଅଧ୍ୟବସାୟ ଫଳରେ ନିଜକୁ ଜଣେ ସଫଳ କ୍ରୀଡ଼ାବିତ୍ ଭାବେ ପ୍ରମାଣିତ କରିପାରିଛନ୍ତି। ମାଆ ଜ୍ୟୋତିର୍ମୟୀ ଓ ବାପା ସଞ୍ଜୟଙ୍କ ସାନଝିଅ ଲୋମା ୨୦୦୦ ମସିହାରେ ଜନ୍ମ ହୋଇଥିଲେ। ବୟସ ବଢ଼ିଥିଲେ ମଧ୍ୟ ଲୋମା କଥା କହିପାରି ନ ଥିଲେ। ଏହାକୁ ନେଇ ମା', ବାପାଙ୍କ ଭିତରେ ଦୁଃଖର କଳାବାଦଲ ଘନେଇ ଆସିଥିଲା। ବନ୍ଧୁ ପରିଜନ, ସାହି ପଡ଼ିଶାଙ୍କ ଟାହି ଟାପରା ଏହି ଦୁଃଖକୁ ବଢାଇ ଦେଇଥିଲା। ମାତ୍ର ସେ ସବୁକୁ ନ ଶୁଣି ସେମାନେ ଝିଅକୁ ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ଇତିମଧ୍ୟରେ ଲୋମା ଭୁବନେଶ୍ୱରସ୍ଥିତ ସତ୍ୟଭାମା ଦେବୀ ମୂକବଧିର ମହାବିଦ୍ୟାଳୟରେ ଯୁକ୍ତ୩ ଶେଷ କରିଛନ୍ତି। ସେହିପରି ୭ବର୍ଷ ବୟସରୁ ଜୁଡ଼ୋ ଓ କରାଟେ ଶିକ୍ଷା ଆରମ୍ଭ କରିଥିବାବେଳେ ଏବେ ସେ କରାଟେରେ ବ୍ଲାକ୍ ବେଲ୍ଟ ପାଇବା ସହ ପ୍ରଥମେ ରାଜ୍ୟ ଓ ପରେ ୩ଥର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜ କମାଲ୍ ଦେଖାଇ ଚାଲିଛନ୍ତି। ସାଉଥ ଏସିଆ କରାଟେ ପ୍ରତିଯୋଗିତାରେ ପୂର୍ବରୁ ରୌପ୍ୟ ପଦକ ପାଇଥିବାବେଳେ ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହାବାଦ୍ ସେ ଓପନ କରାଟେ ଏବଂ ଜୁଡୋରେ ମଧ୍ୟ ଏକାଧିକ ପୁରସ୍କାର ଜିତିଛନ୍ତି। ଜୁଡୋ କରାଟେ ଖେଳିବା ସହିତ ସେ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜୁନିଅର କ୍ଲର୍କ ଭାବେ କାର୍ଯ୍ୟରତ ଅଛନ୍ତି। ଝିଅର ଏହି ସଫଳତାକୁ ନେଇ ଆମେ ଗର୍ବିତ ମନେ କରୁଥିବା ସଞ୍ଜୟ କହିଛନ୍ତି। ପିଲାଟିବେଳୁ ଝିଅ ପାଇଁ ମା' ଜ୍ୟୋତିର୍ମୟୀ ବେଶି ପରିଶ୍ରମ କରିଥିଲେ। ତେବେ ଝିଅର ସାଙ୍କେତିକ ଭାଷାକୁ ଆମେ ବୁଝିବାରେ ବେଳେବେଳେ ସମସ୍ୟା ହୁଏ। ମାତ୍ର ସେ ଆମର, ଆଉ ଆମେ ତା' ମନକଥାକୁ ମନର ଭାଷାରେ ବେଶ ବୁଝିଯାଉ ବୋଲି ବାପା ସଞ୍ଜୟ କହିଛନ୍ତି।

ସେହିପରି ଭୁବନେଶ୍ୱର ଉପକଣ୍ଠ ଅଟଳାର ପ୍ରଭାତ ରଞ୍ଜନ ଆଚାର୍ଯ୍ୟ ଓ ସ୍ନେହଲତା ମିଶ୍ରଙ୍କ ସାନଝିଅ ହେଉଛନ୍ତି ଅନୁଷ୍କା। ବୟସ ୨୪ବର୍ଷ। ହେଲେ ସେ ଜନ୍ମରୁ କଥା କହିପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଝିଅର ଭବିଷ୍ୟତକୁ ନେଇ ଚିନ୍ତିତ ମା'ବାପା ପ୍ରଥମେ ତାଙ୍କୁ ସ୍ପିଚ୍ ଥେରାପି ଦେବା ଆରମ୍ଭ କରିଥିଲେ। ଧୀରେଧୀରେ ଅନୁଷ୍କା କିଛି ଶବ୍ଦ ଉଚ୍ଚାରଣ କରିବା ଆରମ୍ଭ କରିଥିଲେ। ମାତ୍ର ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଏକ ଗୋଡ଼ି ପଶି ଯାଇଥିଲା। ଅସ୍ତ୍ରୋପଚାର ପରେ ତାହା ବାହାରିଲା ମଧ୍ୟ ସେବେଠାରୁ ତାଙ୍କୁ ଫିଟ୍‌ସ ମାରିବା ଆରମ୍ଭ କରିଥିଲା। ତେଣୁ ସେ ଆଉ ସ୍ପିଚ୍ ଥେରାପି ନେଇ ପାରିଲେ ନାହିଁ। ତେବେ ମା' ବାପାଙ୍କ ସହଯୋଗ ଓ ନିଜର ଅଧ୍ୟବସାୟ ବଳରେ ସେ ପାଠ ପଢାରେ ମନ ଲଗାଇଥିଲେ। ଏଥିସହ ସେ ୨୦୨୦ରେ ଭୁବନେଶ୍ୱରରେ ଆୟୋଜିତ ଏକ ପ୍ରତିଯୋଗିତାରେ ମିସ୍ ଓଡ଼ିଶାର ଟାଇଟଲ୍ ହାସଲ କଲେ। ପାଠ ସହିତ ସେ ଜାତୀୟସ୍ତରୀୟ ମୂକବଧିର ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ମଧ୍ୟ ସଫଳତା ହାସଲ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସେ ବେଷ୍ଟ ସ୍ପୋର୍ଟ୍ସ ଅଫ୍ ଦି ଇୟର ଆୱାର୍ଡ ପାଇଛନ୍ତି। ଯୁକ୍ତ୩ ପାସ୍ କରିବା ପରେ ବେଙ୍ଗାଲୁରୁରେ ବର୍ଷକିଆ ବିୟୁଟି କୋର୍ସ କରିବା ପରେ ଏବେ ସେ ବିୟୁଟି ପାର୍ଲର କରି ନିଜକୁ ସ୍ୱାବଲମ୍ବୀ କରିପାରିଛନ୍ତି। ଅନ୍ୟମାନଙ୍କୁ ରୋଜଗାର ଦେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି।


ଅନୁଷ୍କା ଆଚାର୍ଯ୍ୟ


ଲୋମା ସ୍ୱାଇଁ

# ଶ୍ୱାସ ନଳୀରେ ଖାଦ୍ୟ ଲାଗି ଶିଶୁ ମୃତ

ପାଟଣା, ୨୨।୯ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଖଡ଼ିକା ପଦା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ୨ ବର୍ଷର ଶିଶୁକନ୍ୟାଙ୍କ ଶ୍ୱାସ ନଳୀରେ ଖାଦ୍ୟ ଲାଗିଯିବାରୁ ଦୁଃଖଦ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ଜଣକ ଉକ୍ତ ଗ୍ରାମର ଶିବ ମୁଣ୍ଡାଙ୍କ ଝିଅ ଲିସା।

ସୂଚନା ଅନୁଯାୟୀ, ଲିସାଙ୍କୁ ଶନିବାର ରାତି ୩ଟାରେ ତାଙ୍କ ମା' ଭାତ, ଡାଲି ଖୁଆଉଥିଲେ। ଏହି ସମୟରେ ଖାଦ୍ୟ ଶ୍ୱାସ ନଳୀରେ ପଶି ଯାଇଥିଲା। ପରେ ତାଙ୍କୁ ପ୍ରବଳ ଝାଡ଼ା, ବାନ୍ତି ହୋଇଥିଲା। ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଟଣା ଥାନାରେ ଏକ ମାମଲା(ନଂ.୬୩/୨୪)ରୁଜୁ ହୋଇଥିବା ଏଏସ୍‌ଆଇ ଏନ୍. ଲୁଗୁନ କହିଛନ୍ତି। ଶ୍ୱାସ ନଳୀରେ ଖାଦ୍ୟ ଲାଗି ଯାଇଥିବାରୁ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ କରିଥିବା ଡା. ନିରଞ୍ଜନ ସାହୁ କହିଛନ୍ତି।

# ଘଣ୍ଟାଏ ଅନ୍ଧାରରେ ଛଟପଟ ରୋଗୀ

ଘସିପୁରା, ୨୨।୯ (ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ସମୟରେ ଅବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରୁଛି। କେତେବେଳେ ଛାତରୁ କଂକ୍ରିଟ୍ ଖସିବାକୁ ନେଇ ତ କେତେବେଳେ

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା

ଡାକ୍ତରଖାନା ୱାର୍ଡ଼ରେ ସାପ ପଶୁଛି। ଶନିବାର ରାତିରେ ବିଦ୍ୟୁତ କାଟ୍ ପରେ ଡିଜି ନ ଚାଲିବାରୁ ରୋଗୀ ଏକ ଘଣ୍ଟା ଅନ୍ଧାର, ଗରମରେ ଛଟପଟ ହୋଇଥିବା ଅଭିଯୋଗ ହୋଇଛି। ଡିଜିରେ ତେଲ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା କୁହାଯାଉଛି।

ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ବିଜୁଳି ଘଡଘଡି ଓ ବର୍ଷା କାରଣରୁ ଅଞ୍ଚଳରେ ବିଦ୍ୟୁତ କାଟ ହୋଇଥିଲା। ଡାକ୍ତରଖାନାରେ ଥିବା ଡିଜି ନ ଚାଲିବାରୁ ପରିସର ଅନ୍ଧାରରେ ରହିଥିଲା। ରାତି ପ୍ରାୟ ୨ଟାଠାରୁ ୩ଟା ପର୍ଯ୍ୟନ୍ତ ଏକ ଘଣ୍ଟା ଧରି ରୋଗୀ ଅନ୍ଧାରରେ ରହିଥିଲେ। ଏଭଳି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବା ଚର୍ଚ୍ଚାକୁ ଆସିଛି। ଘଟଣା ସମ୍ପର୍କରେ ଉପଖଣ୍ଡ ଡାକ୍ତରଖାନା ପରିଚାଳକ ଅବିନାଶ ଧଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ପ୍ରତିକ୍ରିୟା ରଖି କହିଥିଲେ, ଡିଜିରେ କେତେ ତେଲ ଅଛି, ତେଲ ପଡିବକି ନାହିଁ ଲଗ୍ ବୁକ୍ ଦ୍ୱାରା ପରିଚାଳନା କରାଯାଇଥାଏ। ଏହି ଲଗ୍ ବୁକ୍ ଦାୟିତ୍ୱରେ ଥିବା ବ୍ୟକ୍ତି ଠିକ୍ ସମୟରେ ତଥ୍ୟ ଯୋଗାଇ ନ ଥିବାରୁ ଡିଜିରେ କେତେ ତେଲ ଥିଲା ସ୍ପଷ୍ଟ ଜାଣି ହୋଇ ନ ଥିଲା। ଏଣୁ ସମସ୍ୟା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ତେଲ ପକାଯାଇ ଡିଜିକୁ ସ୍ୱାଭାବିକ କରାଯାଇଥିବା ଡାକ୍ତରଖାନା ପରିଚାଳକ ପ୍ରକାଶ କରିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ କଙ୍ଗାରୁ କୋର୍ଟ ଘଟଣା

# ଜେଲ ଗଲେ ୩ ମହିଳା

ବାଲେଶ୍ୱର, ୨୨।୯ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ବାଲିଆପାଳ ବ୍ଲକ ଅନ୍ତର୍ଗତ ମହାପଦା ଅଙ୍ଗନୱାଡି କେନ୍ଦ୍ରରେ ପଶି କଙ୍ଗାରୁ କୋର୍ଟ କରି କର୍ମୀ ଉର୍ମିଳା ସାମଲଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ଘଟଣା ଆଲୋଡନ ସୃଷ୍ଟି କରିଛି। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଙ୍ଗନୱାଡି କର୍ମୀଙ୍କ ସହ କଥା ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସୁରକ୍ଷାର ପ୍ରତିଶ୍ରୁତି ଦେଇଛନ୍ତି। ଉତ୍ତମ ଚିକିତ୍ସା ନିମନ୍ତେ ସିଡିଏମ୍‌ଓଙ୍କୁ ପରାମର୍ଶ ଦେଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ସିଂଲା ଥାନା ପୋଲିସ ରବିବାର ଭୋର୍ ସମୟରେ ଚଢ଼ାଉ କରି ମହାପଦା ଗ୍ରାମର ୩ ମହିଳାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

ପ୍ରକାଶ ଯେ, ଗତ ୧୯ ତାରିଖରେ କର୍ମୀ ଉର୍ମିଳା ସାମଲ ଅଙ୍ଗନୱାଡି କେନ୍ଦ୍ର ପରିଚାଳନା କରୁଥିବାବେଳେ ୧୫ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ କେନ୍ଦ୍ରରେ ପଶି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେ ପ୍ରତିବାଦ କରିବାରୁ ତାଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଉର୍ମିଳା ଚିତ୍କାର କରୁଥିବାବେଳେ ଏହାର ଭିଡିଓ ରେକର୍ଡିଂ କରି ମଜା ନେଉଥିଲେ। ଖବର ପାଇ ବାଲିଆପାଳ ସିଡିପିଓ ପାର୍ବତୀ ମୁର୍ମୁ ଓ କେତେଜଣ ଅଙ୍ଗନୱାଡି କର୍ମୀ ମହାପଦା ଗାଁରେ ପହଞ୍ଚି ଉର୍ମିଳାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ତାଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗ ମୁତାବକ ସିଂଲା ପୋଲିସ ମାମଲା (ନଂ.୧୬୩/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ସୁଭଦ୍ରା ଯୋଜନାରେ କାମ ନ କରିବା ଲାଗି ତଥା ଯୋଜନାକୁ ଗୁରୁତ୍ୱ ନ ଦେବା ପାଇଁ ଅଭିଯୁକ୍ତମାନେ ଉର୍ମିଳାଙ୍କୁ ଧମକ ଦେଇଥିଲେ। ମହିଳାମାନେ ଏକଜୁଟ୍ ହୋଇ ଉର୍ମିଳାଙ୍କୁ ଆକ୍ରମଣ କରିଥିଲେ। ସେତିକିରେ ମନ ବୁଝି ନ ଥିଲା ଯେ ପ୍ରଥମେ ସେମାନେ ଉର୍ମିଳାଙ୍କୁ ଗୋଟିଏ ଚୌକିରେ ବାନ୍ଧି ମାଡ଼ ମାରିଥିଲେ। ଏହାପରେ ଏକ ଗଛରେ ବାନ୍ଧି ନିର୍ଘୁମ୍ ମାଡ଼ ମାରିଥିଲେ। ଘଟଣା ଜାଣିବା ପରେ ସିଡିପିଓ ପାର୍ବତୀ ମୁର୍ମୁ ଓ ସଂଘର ନେତୃମଣ୍ଡଳୀ ପହଞ୍ଚିଥିଲେ। ତାଙ୍କୁ ମଧ୍ୟ ଘଣ୍ଟା ଘଣ୍ଟା ଅଟକ ରଖି ଗାଳିଗୁଲଜ କରାଯାଇଥିଲା। ଏମିତିକି ଉର୍ମିଳାଙ୍କୁ ଡାକ୍ତରଖାନା ନେବା ପାଇଁ ଆସିଥିବା ଆମ୍ବୁଲାନ୍ସକୁ ମଧ୍ୟ ଛାଡ଼ି ନ ଥିଲେ। ଏହି ଘଟଣାରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ସାଗରିକା ନାଥଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବିରେ ଦାବିପତ୍ର ପ୍ରଦାନ କରିଛି।


ଆହତ ଅଙ୍ଗନୱାଡି କର୍ମୀ ଓ ଉପ ମୁଖ୍ୟମନ୍ତ୍ରୀ।

# ମହିଳା ରୋଗୀଙ୍କୁ ଅସଦାଚରଣ, ଡାକ୍ତର ଗିରଫ

ଯୋଡ଼ା, ୨୨।୯ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ମୋହତା ହସ୍ପିଟାଲରେ ଜଣେ ମହିଳା ରୋଗୀଙ୍କୁ ଅସଦାଚରଣ ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଡା. ଆନ୍ମୋଲ ମୋହତା ବୋଲି ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଯୋଡ଼ା ଅଞ୍ଚଳର ଜଣେ ମହିଳା ରୋଗୀ ଉକ୍ତ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ଡା. ଓମ ପ୍ରକାଶ ମୋହତାଙ୍କୁ ଦେଖାଇବା ପରେ ତାଙ୍କର ଅଲଟ୍ରାସାଉଣ୍ଡ କରିବା ପାଇଁ କହିଥିଲେ। ଡାକ୍ତରଙ୍କ ନିର୍ଦ୍ଦେଶ ମୁତାବକ ମହିଳା ରୋଗୀଙ୍କୁ ହସ୍ପିଟାଲର ମହିଳା କର୍ମଚାରୀ ଅଲଟ୍ରାସାଉଣ୍ଡ କକ୍ଷକୁ ନେଇଥିଲେ। ତେବେ ସେଠାରେ ମହିଳାଙ୍କୁ ଡାକ୍ତର ଅସଦାଚରଣ କରିଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଯୋଡ଼ା ପୋଲିସ ଅଭିଯୁକ୍ତ ଡା. ଆନ୍ମୋଲ ମୋହତାଙ୍କୁ ଗିରଫ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ. ୨୬୪/୨୦୨୪)ରୁଜୁ ହୋଇଛି। ଏ ସମ୍ପର୍କରେ ହସ୍ପିଟାଲର ମାଲିକ ଓମ୍ ପ୍ରକାଶ ମୋହତା କହିଛନ୍ତି, ଅଭିଯୋଗ ଭିତ୍ତିହୀନ, ପୋଲିସ କୌଣସି ତଦନ୍ତ ନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣା ପରେ ଅଞ୍ଚଳରେ ଏକ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।




ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ସେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। – ଶ୍ରୀଅରବିନ୍ଦ



# ପେଜର ବିସ୍ଫୋରଣରୁ ଶିକ୍ଷା

ଇସ୍ରାଏଲ-ହମାସ ଯୁଦ୍ଧ ଏବେ କଡ଼ ଲେଉଟାଇ ଇସ୍ରାଏଲ୍-ହେଜ୍‌ବୋଲ୍ଲା ଯୁଦ୍ଧର ରୂପ ନେଲାଣି। ଇସ୍ରାଏଲ ଅଭିନବ ବୁଦ୍ଧି ଖଟାଇ ଲେବାନନରେ କରିଥିବା ପେଜର, ୱାକିଟକି ଏବଂ ପରବର୍ତ୍ତୀ ସମୟରେ ଅନ୍ୟ ଯୋଗାଯୋଗ ଯନ୍ତ୍ରକୁ ବିସ୍ଫୋରଣ ଘଟାଇ ଅଧିକାଂଶ ଲଢୁଆ ହେଜ୍‌ବୋଲ୍ଲା ସଦସ୍ୟଙ୍କ ଚକ୍ଷୁ ନଷ୍ଟ କରିଦେଇ ଅନ୍ଧ କରିଦେବାର ଆଖିଦୃଶିଆ ସଫଳତା ଲାଭ କରିଛି। କୌତୂହଳର ବିଷୟ ହେଲା ଯେ, କ୍ଷୁଦ୍ର ବିସ୍ଫୋରଣ ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଉଗ୍ରବାଦୀ ହୋଇଥିବାରୁ ଇସ୍ରାଏଲର ଚତୁର ବୁଦ୍ଧିକୁ ପ୍ରଶଂସା କରିବା ବ୍ୟତୀତ ବିଶ୍ୱବ୍ୟାପୀ କେହି ସମାଲୋଚନା କରିପାରୁନାହାନ୍ତି। ଏହି ବହୁସଂଖ୍ୟକ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ହେବା ପରିବର୍ତ୍ତେ ଅଧିକ ଆହତ ବିଶେଷକରି ଅନ୍ଧ ହୋଇଯାଇଥିବା ଖବର ମିଳିଛି। ଏହି ବିସ୍ଫୋରଣରେ ମାତ୍ର ଦୁଇ ଜଣ ଶିଶୁ ସମେତ ୩୭ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏହାର ପ୍ରତିଶୋଧ ନେବାକୁ ଯାଇ ହେଜ୍‌ବୋଲ୍ଲା ୨୨ ସେପ୍ଟେମ୍ବରରେ ୧୦୦ରୁ ଊର୍ଦ୍ଧ୍ୱ ରକେଟ ଇସ୍ରାଏଲ ଉପରେ ପକାଇ ଉତ୍ତେଜନାକୁ ବୃଦ୍ଧି କରିଦେଇଛି। ଏହାକୁ ପ୍ରତିରୋଧ କରିବାକୁ ଯାଇ ଇସ୍ରାଏଲ ମଧ୍ୟ ପାଲଟା ଆକ୍ରମଣ ଜାରି ରଖିଛି। କିନ୍ତୁ ଯେଉଁ ପ୍ରସଙ୍ଗଟି ବର୍ତ୍ତମାନ ଗମ୍ଭୀର ଅନ୍ତର୍ଜାତୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି ତାହା ହେଲେ ପେଜର ବିସ୍ଫୋରଣ।

ସବୁଦେଶ ଇସ୍ରାଏଲକୁ ବିରୋଧ କରି ପ୍ରତିବାଦ ସଭା, ଧାରଣା ଏବଂ ନିନ୍ଦା କରୁଥିଲେ, କାରଣ ଦର୍ଶାଯାଉଥିଲା ଯେ ଇହୁଦୀ ଇସ୍ରାଏଲ ନିର୍ମମ ଭାବେ ମୁସଲମାନ ଗାଜାର ମହିଳା ଓ ଶିଶୁଙ୍କୁ ମାରି ପକାଉଛି। ଇସ୍ରାଏଲ ତରଫରୁ ଯୁଦ୍ଧ ଆରମ୍ଭରୁ କୁହାଯାଇଥିଲା ଯେ, ଆକ୍ରମଣ କେବଳ ହମାସ ବିରୋଧରେ ଉଦ୍ଦିଷ୍ଟ। ହମାସ ଏକ ଉଗ୍ରବାଦୀ ସଙ୍ଗଠନ ହୋଇଥିବାରୁ ତା' ସପକ୍ଷରେ ପ୍ରତିବାଦ ସଭା କରିବା କଷ୍ଟକର ହେଉଥିଲା। ତେଣୁ ଇସ୍ରାଏଲ ଦାବି କରୁଥିଲା ଯେ ଗାଜାର ମହିଳା ଓ ଶିଶୁଙ୍କୁ ଆଗରେ ରଖି ଯୁଦ୍ଧ ଲଢୁଥିବା ମୁସଲମାନ ହମାସ ଗୋଷ୍ଠୀ ନିଜର ନରୀହ ନାଗରିକଙ୍କ ପ୍ରତି ବିପଦ ଟାଣିଆଣି ବିଶ୍ୱ ସମ୍ମୁଖରେ ସମବେଦନାର ପାତ୍ର ହେବାକୁ ଚେଷ୍ଟା କରୁଥିଲା। ଏବେ ହେଜ୍‌ବୋଲ୍ଲା ଉପରେ ଅଭିନବ ଶୈଳୀରେ ଯୁଦ୍ଧ କରି ଯେଉଁ ପରିସ୍ଥିତି ସୃଷ୍ଟି କରିଛି ସେଥିରେ କେହି ଇସ୍ରାଏଲକୁ ଦୋଷ ଦେଇପାରୁ ନାହାନ୍ତି।

> ଇସ୍ରାଏଲ ଦର୍ଶାଇଥିବା ଆଧୁନିକ ଯୁଦ୍ଧ ପଦ୍ଧତିକୁ ବ୍ୟବହାର କରି କୌଣସି ଶକ୍ତିଶାଳୀ ଦେଶ ଯଦି ଭାରତ ଉପରେ ଆକ୍ରମଣ କରେ ତେବେ ଏକସଙ୍ଗେ ବିଭିନ୍ନ ଯୋଗାଯୋଗ ଉପକରଣ ଯଥା ମୋବାଇଲ ଫୋନ୍ ଭଳି ଯନ୍ତ୍ର ମାଧ୍ୟମରେ ଛୋଟକାଟିଆ ବିସ୍ଫୋରଣ ଘଟାଇ ସମଗ୍ର ଦେଶରେ ବିରାଟକାୟ କ୍ଷତି ଘଟାଇବା ସମ୍ଭବପର। ତେଣୁ ଭାରତ ସରକାର ଅତିଶୀଘ୍ର ସଶସ୍ତ୍ର ବାହିନୀର ବାୟୋମେଟ୍ରିକ୍ ତଥ୍ୟକୁ ନଷ୍ଟ କରିବା ଉଚିତ।

ଏଠାରେ ମନେରଖିବାକୁ ହେବ ଯେ ପେଜର, ୱାକି ଟକି ଏବଂ ଅନ୍ୟ ଯନ୍ତ୍ରପାତି ମାଧ୍ୟମରେ ବିସ୍ଫୋରଣ ଘଟାଇବାକୁ ହେଲେ କେଉଁ ବ୍ୟକ୍ତି ଆହତ ହେବା ଦରକାର ତାହା ବିସ୍ଫୋରଣ ଘଟାଇଥିବା ପକ୍ଷ ନିହାତି ଜାଣିବା ଆବଶ୍ୟକ। ତେବେ ମୃତ ଦୁଇ ଶିଶୁଙ୍କ ମଧ୍ୟରୁ ଯେଉଁ ଜଣେ ନିରୀହ ନାବାଳିକାର ମୃତ୍ୟୁ ସମ୍ପର୍କରେ ଖବର ପ୍ରକାଶ ପାଇଛି, ସେହି ଶିଶୁର ପିତା ହେଜ୍‌ବୋଲ୍ଲାର ବଡ଼ ପଦବୀର କମାଣ୍ଡର। ବାପା ପାଖରେ ଉପସ୍ଥିତ ଥିବା ପିଲାର ମୃତ୍ୟୁ ଘଟିଲା। ଏହି ଆଧୁନିକ ପଦ୍ଧତିର ଯୁଦ୍ଧରେ ପ୍ରତ୍ୟେକ ଶିକାରର ତଥ୍ୟ ବିରୋଧୀ ପକ୍ଷ ଜାଣିବା ଆବଶ୍ୟକ ହୋଇପଡୁଛି। ହେଜ୍‌ବୋଲ୍ଲା ଯୋଦ୍ଧାମାନଙ୍କର ବାୟୋମେଟ୍ରିକ୍ ବିଶେଷକରି ଆଖିର ଆଇରିସ୍ ସ୍କାନ ତଥ୍ୟ ସାହାଯ୍ୟରେ ସେମାନଙ୍କର ପେଜର ଏବଂ ଅନ୍ୟ ଯନ୍ତ୍ରପାତି କାର୍ଯ୍ୟକ୍ଷମ ହେଉଥିଲା। ସେଥିପାଇଁ ସେହି ଯୋଦ୍ଧାମାନେ ଆଖି ପାଖକୁ ପେଜରକୁ ନେଇ ଅନେଇଲା ବେଳେ ବିସ୍ଫୋରଣ ଘଟିଲା ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଜି ଦୃଷ୍ଟିହୀନ ହୋଇପଡ଼ିଛନ୍ତି। ଇସ୍ରାଏଲର ଏହି ଆକ୍ରମଣ ବିଶ୍ୱବ୍ୟାପୀ ସବୁ ଦେଶକୁ ଚେତେଇ ଦେଇଛି ଯେ ନିଜର ସୁରକ୍ଷା ବାହିନୀର ଲଢୁଆ ସଦସ୍ୟମାନଙ୍କର ବାୟୋମେଟ୍ରିକ୍ ତଥ୍ୟ କୌଣସି ଜାଗାରେ ଏକାଠି କରି ରଖିବା ଅତ୍ୟନ୍ତ ଅନୁଚିତ। ଏଭଳି ସ୍ଥିତିରେ ଭାରତରେ ସ୍ଥଳସେନା, ନୌସେନା ଓ ବାୟୁସେନା ସମେତ ଅନେକ କୋଟି ନାଗରିକଙ୍କର ବାୟୋମେଟ୍ରିକ୍ ତଥ୍ୟ 'ଆଧାର କାର୍ଡ' ମାଧ୍ୟମରେ ଗୋଟିଏ ଜାଗାରେ ସାଇତି ରଖାଯାଇଛି। ସେହି ବିପୁଳ ପରିମାଣର ତଥ୍ୟ ଭାରତ ପରିବର୍ତ୍ତେ ବିଦେଶୀ କମ୍ପାନୀ ସହ ବୁଝାମଣା କରାଯାଇ ଆମେରିକା ଓ ଚାଇନା ଭଳି ଦେଶରେ ଥିବା ସର୍ଭରଗୁଡ଼ିକରେ ରଖାଯାଇଛି ବୋଲି ଜଣାପଡ଼େ। ଏହାର ଅର୍ଥ ହେଉଛି ଇସ୍ରାଏଲ ଦର୍ଶାଇଥିବା ଆଧୁନିକ ଯୁଦ୍ଧ ପଦ୍ଧତିକୁ ବ୍ୟବହାର କରି କୌଣସି ଶକ୍ତିଶାଳୀ ଦେଶ ଯଦି ଭାରତ ଉପରେ ଆକ୍ରମଣ କରେ ତେବେ ଏକସଙ୍ଗେ ବିଭିନ୍ନ ଯୋଗାଯୋଗ ଉପକରଣ ଯଥା ମୋବାଇଲ ଫୋନ୍ ଭଳି ଯନ୍ତ୍ର ମାଧ୍ୟମରେ ଛୋଟକାଟିଆ ବିସ୍ଫୋରଣ ଘଟାଇ ସମଗ୍ର ଦେଶରେ ବିରାଟକାୟ କ୍ଷତି ଘଟାଇବା ସମ୍ଭବପର ବୋଲି ସହଜରେ ବୁଝିହେଉଛି। ତେଣୁ ଭୟଭୀତ ହେବା ପରିବର୍ତ୍ତେ ଭାରତ ସରକାର ଅତିଶୀଘ୍ର ସଶସ୍ତ୍ର ବାହିନୀର ବାୟୋମେଟ୍ରିକ୍ ତଥ୍ୟକୁ ନଷ୍ଟ କରିବା ଉଚିତ। ନଚେତ୍ ଘରୋଇ ହ୍ୟାକରମାନେ ମଧ୍ୟ ଏହି ତଥ୍ୟକୁ ଚୋରି କରି ବିପଦ ସୃଷ୍ଟି କରିଦେଇପାରିବେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 1 | | 4 | | 8 | |
| 3 | | | | 9 | | | | 6 |
| | | 2 | 6 | | | | | 9 |
| 4 | | | | 8 | | | | 7 |
| | | | 4 | | 6 | | | 2 |
| | 8 | | | 5 | | | | |
| | | | | | 3 | | 1 | |
| | | 9 | 8 | 1 | | | | 5 |
| | | 8 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 3 | 1 | 4 | 8 | 5 | 9 |
| 4 | 9 | 1 | 8 | 7 | 5 | 6 | 3 | 2 |
| 5 | 3 | 8 | 6 | 2 | 9 | 1 | 7 | 4 |
| 8 | 1 | 2 | 5 | 3 | 6 | 9 | 4 | 7 |
| 6 | 5 | 7 | 4 | 9 | 1 | 2 | 8 | 3 |
| 9 | 4 | 3 | 2 | 8 | 7 | 5 | 6 | 1 |
| 7 | 2 | 5 | 1 | 4 | 8 | 3 | 9 | 6 |
| 3 | 8 | 9 | 7 | 6 | 2 | 4 | 1 | 5 |
| 1 | 6 | 4 | 9 | 5 | 3 | 7 | 2 | 8 |

ଗତକାଲିର ଉତ୍ତର

# ସ୍କୁଲ ମାଷ୍ଟରଙ୍କୁ ପତ୍ରଟିଏ



ଅକ୍ଷୟ କୁମାର ମିଶ୍ର

ସମ୍ମାନନୀୟ ଗୁରୁଜୀ,

ମୋର ନମସ୍କାର ନେବେ। ଅନେକ ଭାବିଚିନ୍ତି ପତ୍ରଟିଏ ଲେଖିଲି। ମନକୁ ଆସୁଥିବା କଥାଗୁଡ଼ିକ ଏକାଥରକେ ସଜାଡ଼ି କହିବା ସମ୍ଭବ ନୁହେଁ ବୋଲି ପତ୍ର ମାଧ୍ୟମରେ ଜଣାଇବାକୁ ଉଚିତ ମଣିଲି। ବିଶ୍ୱାସ କରିବେକି ନାହିଁ ଜାଣେ ନାହିଁ, ଏହି ପତ୍ରଟି ଲେଖିବାକୁ ମୋତେ ଏକ ସପ୍ତାହରୁ ଅଧିକ ସମୟ ଲାଗିଛି। ତଥାପି ହୁଏତ କିଛି ଭୁଲଭଟକା ରହି ଯାଇଥିବ, ସଂଶୋଧନ କରିନେବେ।

ପ୍ରଥମେ ଜେଜେବାପାଙ୍କଠାରୁ ଶୁଣିଥିବା କଥାଟି କହୁଛି। ସେ କହୁଥିଲେ ତାଙ୍କ ସମୟରେ ଲୋକମାନେ ସ୍କୁଲ ମାଷ୍ଟରଙ୍କୁ ଗୁରୁଜୀ କିମ୍ବା ଅବଧାନେ ବୋଲି ଡାକୁଥିଲେ। ବହୁତ ସମ୍ମାନ ଦେଉଥିଲେ। ଷଠୀ ପୂଜାଠାରୁ ଶ୍ମଶାନରେ ଜୁଇ ଜଳିବା ଯାଏ ସମସ୍ତ କାର୍ଯ୍ୟକ୍ରମରେ ସ୍କୁଲ ମାଷ୍ଟରଙ୍କୁ ଖୋଜା ପଡୁଥିଲା। ଗାଁର ସବୁ ଯାନିଯାତ୍ରାରେ ସେ ହେଉଥିଲେ ପ୍ରଥମ ଅତିଥି। ବିବାହ ଉତ୍ସବରେ ସ୍କୁଲ ମାଷ୍ଟରଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯାଉଥିଲା। ନିମନ୍ତ୍ରଣ ପତ୍ର ଲେଖୁଥିଲେ ସ୍କୁଲ ମାଷ୍ଟ୍ରେ। ଡାକରେ ଚିଠିଟିଏ ଆସିଲେ ପଢୁଥିଲେ ଅବଧାନେ। ସେ କେବଳ ଗ୍ରାମବାସୀଙ୍କ ପୁଅଝିଅଙ୍କୁ ପାଠ ପଢ଼ାଉ ନ ଥିଲେ, ନୀତିଶିକ୍ଷା ମାଧ୍ୟମରେ ସେମାନଙ୍କୁ ମଣିଷ ପରି ମଣିଷଟିଏ କରି ଗଢ଼ିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ସମସ୍ତଙ୍କୁ ନିଜ ପୁଅ ଝିଅ ପରି ସ୍ନେହ କରୁଥିଲେ, ଅନୁଶାସନ ବି କରୁଥିଲେ। ସ୍କୁଲ ଥିଲା ତାଙ୍କ ଘର। ସବୁକିଛିର ଶିକ୍ଷାକେନ୍ଦ୍ର ଥିଲା ସ୍କୁଲ। ମାଷ୍ଟ୍ରେ ଦେଉଥିଲେ ଶିକ୍ଷା। ଲୋକଙ୍କର ଭରସା ଏତେ ବେଶି ଥିଲା ଯେ ଲୋକେ କହୁଥିଲେ ''ଆମ ମାଷ୍ଟ୍ରେ ଗଧକୁ ବି ମଣିଷ କରିଦେବେ।''

ଜେଜେଙ୍କ ସମୟ ଯାଇ ବାପାଙ୍କ ସମୟ ଆସିଲା। ସମୟ ବଦଳିବା ସହିତ ବିଦ୍ୟାଳୟର ଚେହେରା ବଦଳିଗଲା। ଜେଜେଙ୍କ ସମୟର ସ୍କୁଲଗୁଡ଼ିକ ଥିଲା ମାଟି କାନ୍ଥରେ ତିଆରି ଚାଳଛପର ଘର। ବାପାଙ୍କ ଯୁଗରେ ଲୋକମାନେ ସ୍କୁଲ ମାଷ୍ଟରଙ୍କୁ ଆଉ ଅବଧାନେ କିମ୍ବା ଗୁରୁଜୀ ବୋଲି ସମ୍ବୋଧନ କଲେ ନାହିଁ। ନାମ ସହିତ ବାବୁ ଯୋଡ଼ି ଡାକିଲେ। ଲୋକଙ୍କ ସହିତ ମାଷ୍ଟରଙ୍କ ସମ୍ପର୍କରେ ସାମାନ୍ୟ ଦୂରତା ପରିଲକ୍ଷିତ ହେଲା। ସ୍କୁଲର ମାଟିକାନ୍ଥ ଭାଙ୍ଗି ପକ୍କା କାନ୍ଥ ହେଲା। ନଡ଼ାଛପର ଜାଗାରେ ଆଜବେଷ୍ଟସ୍ ଛପର କରାଗଲା। ମାତ୍ର ପ୍ରଥମକରି ଦେଖାଗଲା ଗ୍ରାମର ଅଳ୍ପ କେତେ ଜଣ ଧନୀ ଶ୍ରେଣୀର ଲୋକ ତାଙ୍କ ପିଲାଙ୍କୁ ସହରରେ ନୂଆ କରି ଖୋଲିଥିବା ଘରୋଇ ବିଦ୍ୟାଳୟରେ ଭର୍ତ୍ତିକଲେ। ଏହା ସତ୍ତ୍ୱେ ଗାଆଁ ସ୍କୁଲରେ ପିଲା ସଂଖ୍ୟା ବହୁତ ଥିଲା, କାରଣ ଲୋକଙ୍କ ଭିତରେ ଶିକ୍ଷାର ଗୁରୁତ୍ୱ ବଢ଼ିଥିଲା। ପ୍ରାୟ ସମସ୍ତ



ଘରର ପିଲା ବିଦ୍ୟାଳୟକୁ ଆସୁଥିଲେ। କିନ୍ତୁ ମାଷ୍ଟର ଶିକ୍ଷକକୁ ରୂପାନ୍ତରିତ ହୋଇଗଲେ। କାମ ହେଲା କେବଳ ଶିକ୍ଷାଦାନ। ଆଉ ଯଦି କିଛି କାମ କରିବାକୁ ପଡ଼ିଲା ତାହା ସରକାରୀ କାମ ଯଥା ଜନଗଣନା, ଭୋଟ ସମୟରେ ଭୋଟ ଗ୍ରହଣ। କିନ୍ତୁ ଗାଆଁର ହାନିଲାଭ, ଭଲମନ୍ଦ, ବିପଦ ଆପଦରେ ଏମାନଙ୍କୁ ଛିଡ଼ା ହେବାକୁ ପଡ଼ିଲା ନାହିଁ। ନିର୍ଦ୍ଦିଷ୍ଟ ପାଠ୍ୟଖସଡ଼ା ଉପରେ ଏମାନେ ଅଧିକ ଧ୍ୟାନ ଦେଲେ। ଅନ୍ୟାନ୍ୟ ଶିକ୍ଷାଦାନରୁ ଶିକ୍ଷକ କ୍ରମଶଃ ଦୂରେଇ ଯିବାକୁ ଲାଗିଲେ।

ମୋ ସମୟରେ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିଛି। ବହୁ ସରକାରୀ ପ୍ରୋତ୍ସାହିତ ଶିକ୍ଷାନୁଷ୍ଠାନ ଖୋଲିଛି। ତାଞ୍ଚା ଦୃଷ୍ଟିରୁ ବିଭିନ୍ନ ପ୍ରକାରର, ପୁଣି ଅନୁଦାନ ପ୍ରଦାନକୁ ନେଇ ଆଉ କିଛି ପ୍ରକାରର ବିଦ୍ୟାଳୟ ଗଢ଼ା ହୋଇଛି। ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ନୋଡାଲ ଉଚ୍ଚ ପ୍ରାଥମିକ, ଉନ୍ନୀତ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ନୋଡାଲ ଉଚ୍ଚ ବିଦ୍ୟାଳୟ- କେଉଁଠି କେତେଟା ଶ୍ରେଣୀ ଅଛି ଜାଣିବା ମୁସ୍କିଲ। ପୁଣି ପୁରୁଣା ସରକାରୀ, ନୂତନ ସରକାରୀ, ପୂର୍ଣ୍ଣ ଅନୁଦାନ, ନୂତନ ଅନୁଦାନ, ଅନୁଦାନଯୋଗ୍ୟ, ମାତ୍ର ଅନୁଦାନରୁ ବଞ୍ଚିତ ଏମିତି କେତେ ପ୍ରକାରର ବିଦ୍ୟାଳୟ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣା ନ ଥିବ। ଏହାବାଦ୍ କେନ୍ଦ୍ରୀୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଓିଆରଡବ୍ଲୁ ବିଦ୍ୟାଳୟ ଅଛି। ଏତେସବୁ ବିଦ୍ୟାଳୟ ରହିବା ସତ୍ତ୍ୱେ ଛତୁଫୁଟିଲା ପରି ଘରୋଇ ବିଦ୍ୟାଳୟ ଗଢ଼ି ଉଠିଛି। ବାପାଙ୍କ ସମୟରେ ମାଷ୍ଟର ସିନା ଶିକ୍ଷକକୁ ରୂପାନ୍ତରିତ ହୋଇଥିଲେ ମୋ ସମୟର ଶିକ୍ଷକଙ୍କୁ କୁହାଯାଉଛି ଶିକ୍ଷାକର୍ମୀ, ଶିକ୍ଷା ସହାୟକ, ଆଉ କାହାକୁ କୁହାଗଲା ପାରା ଶିକ୍ଷକ, ଗଣଶିକ୍ଷକ, ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ, ଠିକା ଶିକ୍ଷକ, ଅତିଥି ଶିକ୍ଷକ ଏମିତି କେତେ କ'ଣ। ସମାନ କାମକୁ ସମାନ ଦରମାର ସାମ୍ବିଧାନିକ ଅଧିକାର ଭାଙ୍ଗିରୁଜି ଖଣ୍ଡବିଖଣ୍ଡିତ ହୋଇଯାଇଛି। ବୈଷମ୍ୟ ଏତେ ଚରମ ସୀମାକୁ ଯାଇଛି ଯେ ଏହାର ପ୍ରଭାବ ପଡ଼ିଛି ଶିକ୍ଷାଦାନରେ। ଫଳରେ ଛାତ୍ରୀଛାତ୍ର ସଂଖ୍ୟା କମୁଛି। ଏପରିକି ଗ୍ରାମର ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ପିଲାମାନେ ମଧ୍ୟ ଘରୋଇ ବିଦ୍ୟାଳୟ ଆଡ଼କୁ ମୁହାଁଇଲେ। ଅପରପକ୍ଷେ ବିଦ୍ୟାଳୟର ନବକଳେବର ହୋଇଛି। ସବୁଠି ପକ୍କାଘର ନିର୍ମାଣ ହୋଇଛି। କମ୍ପ୍ୟୁଟର, ବିଜ୍ଞାନ ଉପକରଣ, ଲାଇବ୍ରେରି ବହି ସରକାର ଯୋଗାଇ ଦେଇଛନ୍ତି। ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟାହ୍ନ ଭୋଜନ, ପାଠ୍ୟ ପୁସ୍ତକ, ସ୍କୁଲ ୟୁନିଫର୍ମ, ଜୋତା, ସ୍କୁଲ ବ୍ୟାଗ୍, ସାଇକେଲ ଆଦି ପିଲାଙ୍କୁ ଦିଆଯାଉଛି। ହେଲେ ସେତେଟା ପ୍ରଭାବ ପଡ଼ିଛି ବୋଲି ମନେହେଉନାହିଁ। କହିବାକୁ ବାଧ୍ୟ ହେଉଛି, ଅଧିକାଂଶ ଶିକ୍ଷକ, ଶିକ୍ଷୟିତ୍ରୀ ନିଜ ପୁଅଝିଅଙ୍କୁ ନିଜ ବିଦ୍ୟାଳୟରେ କିମ୍ବା ଅନ୍ୟ କୌଣସି ସରକାରୀ ବିଦ୍ୟାଳୟରେ ପଢ଼ାଉ ନାହାନ୍ତି। ଘରୋଇ ବିଦ୍ୟାଳୟରେ ନେଇ ଛାଡୁଛନ୍ତି ଉତ୍ତମ ଶିକ୍ଷା ଦେବାପାଇଁ।

ମୁଁ ଏବେ ବରିଷ୍ଠ ନାଗରିକ ଶ୍ରେଣୀର, ଅର୍ଥାତ୍ ମୋ ପୁଅଝିଅଙ୍କ ଯୁଗ ଚାଲିଲାଣି। ସେମାନେ ଏବେ ଶିକ୍ଷକଙ୍କୁ ସାର୍ (ମହାଶୟ) ବୋଲି ସମ୍ବୋଧନ କରୁଛନ୍ତି। ଛାତ୍ର ଶିକ୍ଷକର ସମ୍ପର୍କ ଶ୍ରେଣୀ କକ୍ଷ ଭିତରେ ସୀମିତ। ଲେଖା, ପଢ଼ା, ପୁସ୍ତକ, ପାଠ୍ୟଖସଡ଼ା, ରେକର୍ଡପତ୍ର, ମଧ୍ୟାହ୍ନ ଭୋଜନକୁ ନେଇ ଶିକ୍ଷକ ସର୍ବଦା ବ୍ୟସ୍ତ। ବିଭିନ୍ନ ଦିବସ ପାଳନ କରିବା ଓ ଫଟୋ ଉଠାଇ ଛାଡ଼ିବା ଏବଂ ଉପର ଅଫିସରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନ୍ ଲାଇନ୍‌ରେ ବିବରଣୀ ପ୍ରେରଣ କରିବା ଶିକ୍ଷକର ପ୍ରାଥମିକ କାମ। ତେଣିକି ଲୋକେ ଶିକ୍ଷକଙ୍କ ଉପରୁ ଭରସା ହରାଇ କହିବା ଆରମ୍ଭ କଲେଣି, ''ଗଧ ଆଉ ମଣିଷ ହେଉନି ବରଂ ମଣିଷ ଗଧ ହୋଇଯାଉଛି।''

ଏକଥା କାହିଁକି ହେଉଛି ବୋଲି ପଚାରିଲେ ଆପଣ ଅସୁବିଧା, ଅସଂଗତି, ଅସମାନତାର ଏକ ଲମ୍ବା ଫର୍ଦ୍ଦ ଥୋଇବେ। ଏହା ସତ୍ୟ ଯେ ଯେତିକି ଶିକ୍ଷକ ରହିବା କଥା ସେତିକି ନାହାନ୍ତି। ଶିକ୍ଷକ ଉପରେ ଅନ୍ୟ କାର୍ଯ୍ୟର ଚାପ ପଡୁଛି। ଶିକ୍ଷକଙ୍କ ଦରମାରେ ବୈଷମ୍ୟ ଜାଣିଶୁଣି କରାଯାଇଛି। ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ ହୋଇଛି। ଅନୁଶାସନ ଅବୈଧ ଘୋଷଣା କରାଯାଇଛି। ତଥାପି ଶିକ୍ଷକ ଯେ ଜାତିର ନିର୍ମାତା ଏହାକୁ ଅସ୍ୱୀକାର କରିପାରିବେ ନାହିଁ। ହେଲେ ଏତେ ବିଶାଳ ଗୁରୁଦାୟିତ୍ୱ ବହନ କରୁଥିବା ଶିକ୍ଷକମାନେ ସତରେ କ'ଣ ସମାଜ ପ୍ରତି ଥିବା ଉତ୍ତରଦାୟିତ୍ୱକୁ ନିର୍ବାହ କରୁଛନ୍ତି? ନା, କେବଳ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଯନ୍ତ୍ରମାନବ ପରି କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି? ଆପଣମାନେ ଧରି ନେଇଛନ୍ତି ମୋତେ ଏତିକି ପଢ଼ାଇବାର ଅଛି ସେତିକି ପଢ଼ାଉଛନ୍ତି। ମୂଲ୍ୟବୋଧ ଭିତ୍ତିକ ମଣିଷଟିଏ ଗଢ଼ିବାରେ ନା ଅଛି ଚେଷ୍ଟା ନା ଅଛି ଆଗ୍ରହ! ଏହା ସତ୍ତ୍ୱେ ମୋ ଭଳି ସାଧାରଣ ମଣିଷମାନେ ଯେଉଁମାନେ ଗାଆଁରେ, ବସ୍ତିରେ, ସହରତଳି ଅଞ୍ଚଳରେ ବାସ କରୁଛନ୍ତି ସେମାନଙ୍କର ସ୍କୁଲ ମାଷ୍ଟରଙ୍କ ଉପରେ ପ୍ରଚଣ୍ଡ ଭରସା। ପିଲାଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ଆନ୍ତରିକ ପ୍ରଚେଷ୍ଟା ରହିଲେ ଆପଣ ପୁଣି ଥରେ ସ୍କୁଲ ମାଷ୍ଟର ରୂପେ ଲୋକଙ୍କ ପ୍ରିୟଭାଜନ ହେବେ ଏଥିରେ ସନ୍ଦେହ ନାହିଁ। ବିଚାର ଆପଣଙ୍କର। ଶୁଭେଚ୍ଛା ଜଣାଇ ରହୁଛି।

**ସଭାପତି, ଓସ୍ଟା**
**ମୋ: ୯୯୩୮୭୬୩୨୩୭**

# ନୀରବଦ୍ରଷ୍ଟା



ଯଦୁମଣି ପାଣିଗ୍ରାହୀ

ଅନେକ ସମୟରେ ଆଖିଆଗରେ କିଛି ଗୋଟେ ଘଟଣା କି ଦୁର୍ଘଟଣା ଘଟୁଥିବା ବେଳେ କିଛି ଲୋକ ନୀରବରେ ଏ ଦୃଶ୍ୟ ଉପଭୋଗ କରୁଥିବାର ଦେଖିବାକୁ ପାଇବେ। ଏମାନେ ଉକ୍ତ ଘଟଣା ବା ଦୁର୍ଘଟଣାକୁ ନେଇ ଆଦୌ ବ୍ୟଥିତ କି ବିଚଳିତ ହୁଅନ୍ତି ନାହିଁ। କୌଣସି ପ୍ରକାର ପ୍ରତିକ୍ରିୟା, ପ୍ରତିବାଦ କି ପ୍ରତିରୋଧ କରିବାର ସାମର୍ଥ୍ୟ ପ୍ରଦର୍ଶନ କରନ୍ତି ନାହିଁ। ଏମାନେ କେବଳ କିଛି ସମୟ ପାଇଁ ଦେଖଣାହାରି ସାଜିଥାନ୍ତି ଓ ପରେ ନିଜ ବାଟରେ ଚାଲିଯାଇ ଥାଆନ୍ତି। ରାସ୍ତାଘାଟରେ ଘଟୁଥିବା ଗାଡ଼ି ଦୁର୍ଘଟଣାରେ ଆହତ ହୋଇ ଛଟପଟ ହେଉଥିବା ଲୋକଟିଏ ହେଉ କି ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ଗୁଣ୍ଡାଗର୍ଦ୍ଦିର ଶିକାର ହୋଇ ମାଡ଼ ଖାଉଥିବା କିମ୍ବା ବେଇଜ୍ଜତ ହେଉଥିବା ପୁରୁଷ/ମହିଳାଟିଏ ହୁଅନ୍ତୁ, ବସ୍ କିମ୍ବା ଟ୍ରେନ୍‌ରେ କିଛି ଅଭଦ୍ର ଟୋକାଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଝିଅଟିଏ ହେଉ ଅଥବା ସ୍କୁଲ କଲେଜରେ ର୍‌ୟାଗିଂର ଶିକାର ହେଉଥିବା ଛାତ୍ର/ଛାତ୍ରୀଟିଏ ହୁଅନ୍ତୁ, ଠିକଣାବେଳେ ପ୍ରତିବାଦ କି ପ୍ରତିରୋଧ କରିବାକୁ କେତେଜଣ ଉଚିତ୍ ମନେକରନ୍ତି କହିଲେ! ଏ କ୍ଷେତ୍ରରେ କାଳେ ନିଜ ପ୍ରତି କିଛି ବିପଦ ସୃଷ୍ଟି ହେବାର ଆଶଙ୍କାରେ ଅନେକେ ନୀରବ ରହିବାକୁ ଶ୍ରେୟ ମଣିଥାଆନ୍ତି। ଏହି କ୍ରମରେ ଅନେକ ସମୟରେ ଆଇନଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା କିଛି ପୋଲିସବାବୁ ନିଜ ସାମ୍ନାରେ କୌଣସି ଆପରାଧିକ କାର୍ଯ୍ୟ ସଙ୍ଗଠିତ ହେଉଥିବା ବେଳେ ଜାଣିଶୁଣି ନୀରବଦ୍ରଷ୍ଟାର ଅଭିନୟ କରିଥାଆନ୍ତି। ଅନେକ ସମୟରେ ସମାଜରେ କୌଣସି ରାଜନୈତିକ ପ୍ରଭାବଶାଳୀ, ଧନୀ କି ସମ୍ଭ୍ରାନ୍ତ ଶ୍ରେଣୀ ଲୋକ କି ସେମାନଙ୍କ ଅନୁଗତମାନେ ଯେବେ କୌଣସି ଆପରାଧିକ କାର୍ଯ୍ୟରେ ସଂପୃକ୍ତ ଥିବାର ଖବର ଜଣାପଡ଼େ, ସେତେବେଳେ ପୋଲିସବାବୁ ଜାଣିଶୁଣି ପାଟି ଖୋଲନ୍ତି ନାହିଁ। ଫଳସ୍ୱରୂପ ସମାଜରେ ସେହି ଶ୍ରେଣୀୟ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାକୁ ଲାଗିଥାଏ। ଲୋକଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇଦେବାକୁ ରହିଥିବା ଥାନାବାବୁ କି ଡାକ୍ତରଖାନାର ଡାକ୍ତର ହୁଅନ୍ତୁ କି ବ୍ଲକ, ତହସିଲ ଓ ଜିଲାପାଳ ଆଦିଙ୍କ ଦପ୍ତରରେ କାର୍ଯ୍ୟରତ ପ୍ରାୟ କିଛି କର୍ମଚାରୀ/ଅଧିକାରୀ ଲୋକଙ୍କୁ ନାନା ଭାବେ ଶୋଷଣ କରନ୍ତି, ଅଭଦ୍ର ଓ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରନ୍ତି । ଦୁର୍ନୀତି, ଅନିୟମିତତାଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଅପରାଧକୁ ରୋକିବା ତଥା ନିୟନ୍ତ୍ରଣ କରିବା ଲାଗି ବିଭିନ୍ନ ସରକାରୀ ସଂସ୍ଥା ରହିଛି ଅଥଚ ସେମାନେ ନୀରବଦ୍ରଷ୍ଟା ସାଜୁଥିବାରୁ ଦୁର୍ନୀତି ଓ ଅପରାଧର ମାତ୍ରା ଦିନକୁଦିନ ବୃଦ୍ଧିପାଇବାରେ ଲାଗିଛି। ଅନ୍ୟପକ୍ଷେ ଦେଶ ବା ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଶାସନ ମୁଖ୍ୟ ଅଥବା ବରିଷ୍ଠ ପ୍ରଶାସକଗଣ ନିୟମିତ ତଦାରଖ ନ କରି ନୀରବଦ୍ରଷ୍ଟା ସାଜିଲେ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ବିଭାଗର ମନ୍ତ୍ରୀ, ଅଧିକାରୀ/କର୍ମଚାରୀମାନେ ନାନାଦି ଦୁର୍ନୀତି, ଶୋଷଣ ଓ ପ୍ରିୟାପ୍ରୀତିତୋଷଣ ନୀତିକୁ ଯେ ଆପଣାଇବେ, ଏଥିରେ ସନ୍ଦେହ ନାହିଁ। ସେହିପରି ସମାଜର କବି, ଲେଖକ, ସାମ୍ବାଦିକ ଓ ବୁଦ୍ଧିଜୀବୀ ସର୍ବୋପରି ଚିନ୍ତାଶୀଳ ଲୋକେ ନୀରବଦ୍ରଷ୍ଟା ନ ସାଜି ଯେକୌଣସି ସାମାଜିକ ଦୋଷତ୍ରୁଟିକୁ ଲୋକଲୋଚନକୁ ଆଣିବା ସହ ଉଭୟ ଶାସକ ଓ ପ୍ରଶାସକଙ୍କୁ ଏହାର ସମାଧାନର ବାଟ



ଦେଖାଇବାର ଆବଶ୍ୟକତା ରହିଛି। ଏକ ସର୍ବାଙ୍ଗ ସୁନ୍ଦର ସମାଜ ଗଠନ ଓ ଏହାର ପରିଚାଳନାରେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ପୁଣି ଶାସକ, ପ୍ରଶାସକ ଓ ବୁଦ୍ଧିଜୀବୀ ସମସ୍ତଙ୍କର ସହଭାଗିତା ଯେ ଜରୁରୀ ଏ କଥାକୁ ଭୁଲିଯିବା ଉଚିତ ନୁହେଁ।

ଅନେକ ସମୟରେ ପିଲାମାନଙ୍କ ଉଚ୍ଛୃଙ୍ଖଳିତ ଆଚରଣ ଓ କାର୍ଯ୍ୟକଳାପ ଦେଖି ମାତାପିତା ଓ ଅଭିଭାବକ ନୀରବଦ୍ରଷ୍ଟାର ଅଭିନୟ କରନ୍ତି, ଯାହା କି ସେମାନଙ୍କ ପିଲାଙ୍କ ଭବିଷ୍ୟତ ଲାଗି ହାନିକାରକ ହୋଇଥାଏ। ମାତାପିତା ଓ ଅଭିଭାବକଙ୍କ ଆକଟର ଅଭାବ ଯୋଗୁ ପିଲାଏ ଲଗାମ୍‌ଛଡ଼ା ହୋଇଯା'ନ୍ତି। ସେମାନେ କରୁଥିବା କାର୍ଯ୍ୟ ଭୁଲ୍ କି ଠିକ୍ ତାହା ବିଚାର କରିବାର ଶକ୍ତି ସେମାନଙ୍କ ପାଖରେ ନ ଥାଏ। ଫଳରେ ସେମାନେ ଗୋଟିଏ ପରେ ଗୋଟିଏ ଭୁଲ୍ କରି ବସନ୍ତି। ଅନେକ ସମୟରେ ସେମାନଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ବିପଦରେ ପଡ଼ନ୍ତି ଓ ସାରା ପରିବାରକୁ ବି ବିପଦମୁହଁକୁ ଠେଲିଦେଇଥାଆନ୍ତି। ଆଜିକାଲି ଅଧିକାଂଶ ପରିବାରର ପୁଅ/ଝିଅଙ୍କର ଉଚ୍ଛୃଙ୍ଖଳିତ ତଥା ଔଦ୍ଧତ୍ୟପୂର୍ଣ୍ଣ ଆଚରଣ ଓ କାର୍ଯ୍ୟକଳାପ ପାଇଁ ସମାଜରେ ଅନେକ ଅଘଟଣ ଘଟୁଛି। ଅନେକ ମାତାପିତା ବହୁ କଷ୍ଟ ସ୍ୱୀକାରକରି ସେମାନଙ୍କ ପିଲାଙ୍କୁ ପାଠ ପଢ଼ାଇବାର ବ୍ୟବସ୍ଥା କରାଉଛନ୍ତି ଅଥଚ ସେମାନେ ପାଠ ପଢ଼ିବା ନାଁରେ ପିତାମାତାଙ୍କର କଷ୍ଟଲବ୍ଧ ଅର୍ଥକୁ ଶ୍ରାଦ୍ଧକରି ବାହାରେ କେବଳ ମଉଜ ମଜଲିସ୍‌ରେ ଦିନ ଅତିବାହିତ କରୁଛନ୍ତି। ଏପରି କ୍ଷେତ୍ରରେ ମାତାପିତା ଓ ଅଭିଭାବକମାନେ ଯଦି ସତର୍କ ଏବଂ ସଚେତନ ନ ହୋଇ ନୀରବଦ୍ରଷ୍ଟାର ଅଭିନୟ କରନ୍ତି ତେବେ ପିଲାମାନଙ୍କର ଏଭଳି ଅବସ୍ଥା ଲାଗି ସେମାନେ ଯେ ପରୋକ୍ଷରେ ଦାୟୀ, ଏହା ମାନିନେବାକୁ ପଡ଼ିବ। ପିଲାମାନଙ୍କ ଆଚରଣ ଓ କାର୍ଯ୍ୟକଳାପ ପ୍ରତି ନିୟମିତ ଭାବେ ନଜର ରଖିବା ଓ ସେମାନଙ୍କ ଭୁଲ୍ ତ୍ରୁଟି ପାଇଁ ସେମାନଙ୍କୁ ତାଗିଦା କରିବା ପରିବର୍ତ୍ତେ ଅନେକ ଅଭିଭାବକ ସେମାନଙ୍କୁ ନୀରବ ସମର୍ଥନ କରୁଥିବାର ଦେଖାଯାଏ, ଯେଉଁଥିପାଇଁ ତ ୧୮ ବର୍ଷରୁ କମ୍ ବୟସର ପିଲାମାନେ ଦିନର ଅଧିକାଂଶ ସମୟ ମୋବାଇଲ ଦେଖାରେ ମଜ୍ଜି ରହିବା, କଲେଜପଢୁଆ ଅତି ଅଳ୍ପ ବୟସର ପିଲାମାନେ ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବା ଆଦି ଘଟଣା ମାନ ଦେଖିବାକୁ ମିଳୁଛି। ପିଲାମାନଙ୍କୁ ସତ୍‌ଶିକ୍ଷା ଓ ସତ୍ ପରାମର୍ଶ ଦେଇ ସୁମଣିଷ କରିବାର ପ୍ରକ୍ରିୟା ପରିବାରରୁ ହିଁ ଆରମ୍ଭ ହୋଇଥାଏ। ଆଉ ଏଇଠାରୁ ଯଦି ସବୁକିଛି ଅସଜଡ଼ା ହୋଇଯାଏ ତେବେ ଆଗକୁ ସବୁକିଛି ବିଗିଡ଼ିଯିବାର ଆଶଙ୍କା ରହିଛି।

ପୁଅ/ଝିଅଙ୍କ ପ୍ରତି ସେମାନଙ୍କ ମନ ଭିତରେ ରହିଥିବା ଅହେତୁକ ଶ୍ରଦ୍ଧା ଓ ଭଲପାଇବାର ଦାୟରେ ଆଜି ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କର ଉଚ୍ଛୃଙ୍ଖଳିତ ଆଚରଣ ସମ୍ପର୍କରେ ସବୁକିଛି ଜାଣି ନୀରବ ରହିବାର ଅର୍ଥ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲିଦେବା ସହ ସମାନ ବୋଲି ଧରିନେବାକୁ ହେବ। ଏହା ସତ ଯେ, କେତେକ ପରିସ୍ଥିତିରେ ଯଦିଓ ସବୁକିଛି ଦେଖିଶୁଣି ନୀରବଦ୍ରଷ୍ଟାର ଅଭିନୟ କରିବା ତେବେ ତାହା ମଣିଷ ଲାଗି ହିତକାରକ ସାବ୍ୟସ୍ତ ହୋଇଥାଏ। ତେବେ ସବୁ ପରିସ୍ଥିତିରେ ଏଭଳି ନୀରବଦ୍ରଷ୍ଟାର ଅଭିନୟ ବ୍ୟକ୍ତିଠାରୁ ପୁଣି ସମାଜ ଯାଏ ଅନେକ କ୍ଷତି ପହଞ୍ଚାଇଥାଏ। ସମାଜକୁ ସୁଧାରିବାକୁ ହେଲେ ନୀରବଦ୍ରଷ୍ଟା ନ ସାଜି ଉଭୟ ଶାସକ ଓ ପ୍ରଶାସକଙ୍କ ସମେତ ସମାଜର ସବୁବର୍ଗର ଲୋକଙ୍କ ମୁହଁ ଖୋଲିବାର ଆବଶ୍ୟକତା ରହିଛି। ଏକ ସୁସ୍ଥ, ସୁନ୍ଦର ଓ ସୁରକ୍ଷିତ ସମାଜ ଗଠନର ଦାୟିତ୍ୱ ଆମ ସମସ୍ତଙ୍କ ଉପରେ ନ୍ୟସ୍ତ ରହିଛି। ଆମେ ସମସ୍ତେ ନିଜ ନିଜ ପରିସର ମଧ୍ୟରେ ରହି ନିଜ ନିଜର ଦାୟିତ୍ୱକୁ ସୁଚାରୁ ଭାବେ ନିର୍ବାହ କରିପାରିଲେ ଯାଇ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ସମ୍ଭବ ହୋଇପାରିବ।

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

କଥାରେ ଅଛି ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଆଗରେ ପ୍ରତିବନ୍ଧକ ହାର୍‌ମାନେ। ଯାହାର ଉଦାହରଣ ସାଜିଛନ୍ତି ଉତ୍ତରାଖଣ୍ଡ ବାଗେଶ୍ୱର ଅଞ୍ଚଳ ନିବାସୀ ମମତା କାର୍କି। ୪୨ ବର୍ଷୀୟ ଏହି ମହିଳା ସାଂସାରିକ ବୋଝ ମୁଣ୍ଡାଇ ମଧ୍ୟ ପିସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଏବେ ବିଡିଓ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ତାଙ୍କର ଏହି ସଫଳତା ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି। ଘର ପରିବାର, ପିଲାଙ୍କ ଯତ୍ନ ନେବାପରେ ଏହି ସଫଳତା ପାଇଁ ସେ ବହୁ ପରିଶ୍ରମ କରିଛନ୍ତି। ମମତାଙ୍କ ବିବାହ ୧୧ ବର୍ଷ ତଳେ ହୋଇଥିଲା। ସେତେବେଳେ ସେ ଏକ ଇଞ୍ଜିନିୟରିଂ କଲେଜରେ ପ୍ରଫେସରଭାବେ ନିଯୁକ୍ତି ପାଇଥିଲେ। କିନ୍ତୁ ପିଲାମାନଙ୍କ ଦାୟିତ୍ୱ ନେବା ପାଇଁ ତାଙ୍କୁ ଏହି ଚାକିରି ଛାଡିବାକୁ ପଡ଼ିଥିଲା। ଏହାପରେ ପିଲାଙ୍କୁ ମଣିଷ କରିବା ଓ ପରିବାରର ଦାୟିତ୍ୱ ନେବାରେ ତାଙ୍କର ସମୟ ବିତିଯାଉଥିଲା। କିନ୍ତୁ ପାଠପଢିବା ଆଗ୍ରହ କମ୍ ହୋଇ ନ ଥିଲା। ତେଣୁ ସେ ପିଲାମାନଙ୍କ ସବୁ ଦାୟିତ୍ୱ ତୁଲାଇ ସାରିବା ପରେ କିଛି କିଛି ସମୟ ପଢ଼ାରେ ଧ୍ୟାନ ଦେଉଥିଲେ। ପିଲାମାନେ ବଡ଼ ହୋଇଯିବା ପରେ ମମତା କଠିନ ପରିଶ୍ରମ କରି ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଲେ। ଶେଷରେ ଉତ୍ତରାଖଣ୍ଡର ୨୦୨୧ ପିସିଏସ୍ ପରୀକ୍ଷାରେ ତାଙ୍କୁ ସଫଳତା ମିଳିଲା ଓ ଏବେ ସେ ବିଡିଓ। ବିବାହର ଏତେ ବର୍ଷ ପରେ ଏହି ସଫଳତା ପାଇଁ ମମତା ଏବେ ଚାରିଆଡୁ ପ୍ରଶଂସିତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ସେପ୍ଟେମ୍ବର ୧୯୭୫**

- ଜାତୀୟ ସଞ୍ଚୟ ସଙ୍ଗଠନକୁ ଦୃଢ଼ କରିବା ପାଇଁ ମେଘାଳୟ, ମଣିପୁର, ତ୍ରିପୁରା, ନାଗାଲାଣ୍ଡ ଏବଂ ଆଣ୍ଡମାନରେ ସ୍ୱତନ୍ତ୍ର ମୁଖ୍ୟ ସଞ୍ଚୟ କେନ୍ଦ୍ରମାନ ଖୋଲିବା ପାଇଁ କେନ୍ଦ୍ର ସରକାର ସ୍ଥିର କରିଛନ୍ତି।
- ରୁଷିଆ ମିଶର ପ୍ରତି ତା'ର ନୀତିର ପୁନଃ ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ମିଶରର ନିରପେକ୍ଷ ନୀତିକୁ ସ୍ୱୀକାର କରିବାକୁ ମିଶରର ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରକୃତି ବଞ୍ଚିଲେ ଆମେ ବଞ୍ଚିବା

ମହାଶୟ,

ଆମର ଗ୍ରହକୁ ବଞ୍ଚାଇବା ପାଇଁ ସମସ୍ତ ମାନବିକତାର ଏକ ସାମୂହିକ ପ୍ରୟାସ ଭାବରେ ଅଧିକ ବୃକ୍ଷ ରୋପଣ କରାଯିବା ଆବଶ୍ୟକ। ବୃକ୍ଷରୋପଣ ମହତ୍ୱପୂର୍ଣ୍ଣ କାରଣ ଏହା ଖାଇବା ପାଇଁ ଭଲ ଖାଦ୍ୟ ଏବଂ ନିଃଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଆମର ଆବଶ୍ୟକତା ସହିତ ଜଡ଼ିତ। ଏହା ବ୍ୟତୀତ ବିବିଧତା, ଜଳ, ମାଟି ସଂରକ୍ଷଣ, ଜଳବାୟୁ ନିୟନ୍ତ୍ରଣ, ଶ୍ୱାସକ୍ରିୟା ଏବଂ ପ୍ରଦୂଷଣମୁକ୍ତ ସୁସ୍ଥ ଜୀବନ ପାଇଁ ବୃକ୍ଷରୋପଣର ଗୁରୁତ୍ୱପୂର୍ଣ୍ଣ । ଗଛଗୁଡ଼ିକ ବିଭିନ୍ନ ପ୍ରଜାତି ପାଇଁ ଏକ ପ୍ରାକୃତିକ ବାସସ୍ଥାନ ଯୋଗାଇଥାଏ। ବୃକ୍ଷରୋପଣ ସବୁଠାରୁ ଆକର୍ଷଣୀୟ, ପରିବେଶ ଅନୁକୂଳ କାର୍ଯ୍ୟକଳାପ ଭାବରେ ବିବେଚନା କରାଯାଏ। ହଜାର ହଜାର ବର୍ଷ ଧରି ପୃଥିବୀ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ପାଇଁ ଗଛ ବ୍ୟବହାର କରିଆସୁଛି ଯେତେବେଳେ ଆମେ ବୃକ୍ଷ ରୋପଣ କରୁ, ଆମେ ଆମର ଗ୍ରହ ଏବଂ ଏହା ଉପରେ ବାସ କରୁଥିବା ସମସ୍ତ ପ୍ରାଣୀଙ୍କୁ ସାହାଯ୍ୟ କରୁ । ଆସନ୍ତୁ ଅଧିକ ଗଛ ଲଗାଇବା ଏବଂ ଆମ ପାଖରେ ଥିବା ଗଛକୁ ସୁରକ୍ଷା ଦେବା। ଗଛ କେବଳ ଉଦ୍ଭିଦ ନୁହେଁ; ସେମାନେ ପୃଥିବୀରେ ଆମ ପରିବାରର ଏକ ଅଂଶ ।

**-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର**

## ଚିରନ୍ତନୀ

ମୁକୁଳାଇ କେଶ ଆକୁଳାଇ ମୋର ହିୟା
କିଏ ସେ ଆଜି ଗୋ ଦୁଆରେ ହୋଇଲ ଠିଆ ?
ଅଙ୍ଗେ ଦୁକୂଳ ବଖାଣଇ ନିଜ ଶୋଭା।
ଶୂନ୍ୟ ଏ ଘରେ ଆସିଲ କାହାର ପ୍ରିୟା !
-(ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗାଁ ନିକଟରେ ବୁଲୁଛି ଭାଲୁ, ଲୋକେ ଆତଙ୍କିତ



କୋକସରା,୨୨।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ଅଧୀନରେ ଥିବା ପାତ୍ରବସା ଗାଁ ନିକଟରେ ଏକ ଭାଲୁ ଦିନ ଦି ପ୍ରହରରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଭାଲୁଟି ନିଜର ଗୋଠରୁ ଅଲଗା ହୋଇଛି। ବେଳେବେଳେ ଖାଦ୍ୟ ଅନ୍ୱେଷଣରେ ଗାଁ ନିକଟକୁ ଚାଲି ଆସୁଥିବାବେଳେ ଆମପାଣିରୁ ପାତ୍ରବସାକୁ ସଂଯୋଗ କରୁଥିବା ରାସ୍ତା କଡ଼କୁ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଗ୍ରାମବାସୀ ଆମପାଣି ଫରେଷ୍ଟ ସେକ୍ସନ କର୍ମଚାରୀଙ୍କୁ ଖବର ଦେବାପରେ କର୍ମଚାରୀମାନେ ଆସି ଭାଲୁର ଗତିପଥ ଉପରେ ନଜର ରଖିବା ସହ ଭାଲୁ ଚଲାପଥରେ ନ ଯିବାକୁ ଗ୍ରାମବାସୀଙ୍କୁ ବାରଣ କରିଛନ୍ତି। ରାତିରେ ଘରୁ ବାହାରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ସଚେତନ କରିଛନ୍ତି।

### ବାହାର ରାଜ୍ୟକୁ କାମ କରିବାକୁ ଯାଇ ଯୁବକ ମୃତ

ନୂଆପଡ଼ା,୨୨।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଗଣ୍ଡାମେର ପଞ୍ଚାୟତ ଦାବ୍ରି ଗାଁର ଯୁବକଙ୍କ ବାହାର ରାଜ୍ୟକୁ କାମ କରିବାକୁ ଯାଇ ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ



ହେଲେ ନନ୍ଦଲାଲ ଶବର (୨୦)। ମୃତ ଶରୀର ରବିବାର ଗାଁରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ନନ୍ଦଲାଲ ଗାଁ ଯୁବକମାନଙ୍କ ସହ ମୁମ୍ବାଇ ସହରକୁ କାମ କରିବାକୁ ଯାଇ ଦାଦର ଅଞ୍ଚଳରେ ଗୃହ ନିର୍ମାଣ ଶ୍ରମିକ ଭାବରେ ନିୟୋଜିତ ଥିଲେ। ଶୁକ୍ରବାର ଅସୁସ୍ଥ ହେବାରୁ ସାଙ୍ଗମାନେ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ କମ୍ପାନୀ ମାଲିକ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ରବିବାର ଏକ ଫ୍ଲାଇଟ ଯୋଗେ ପଠାଇଥିଲେ।

### ବଜ୍ରପାତରେ ମଇଁଷି ମୃତ

କୋକସରା,୨୨।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ଅନ୍ତର୍ଗତ ପିପଲପଡ଼ାରେ ରବିବାର ଅପରାହ୍ନ ୨ଟାରେ ବଜ୍ରପାତରେ ଗୋଟିଏ ମଇଁଷିର ମୃତ୍ୟୁ ଘଟିଛି। ଅପରାହ୍ନରେ ଝଡ଼ ବାତ୍ୟା ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ପିପଲପଡ଼ା ଗ୍ରାମର ନନ୍ଦ ମଶ୍ରା ନିଜ ମଇଁଷି ଦି ପଟକୁ ରଜାମୁଡ଼ା ପଡ଼ିଆକୁ ଚରେଇବାକୁ ନେଇଥିଲେ। ପ୍ରବଳ ବର୍ଷା ହେବାରୁ ନନ୍ଦ ମଶ୍ରା ପାଖ ବାଉଁଶ ବୁଦାକୁ ଯାଇଥିଲେ। ବଜ୍ରପାତ ହେବାରୁ ଗୋଟିଏ ମଇଁଷିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପରିବାର ଅତି ଗରିବ ହୋଇଥିବାରୁ ଏବଂ ଚଳିବା ପାଇଁ ଉକ୍ତ ମଇଁଷି ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଥିବାରୁ ପରିବାର ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ବର୍ତ୍ତମାନ ପରିବାରକୁ ସହାୟତା ରାଶି ଯୋଗାଇ ଦେବାକୁ ପ୍ରଶାସନକୁ ବିନମ୍ର ନିବେଦନ କରିଛନ୍ତି।

# ଆଖୁଚାଷ ପାଇଁ ବଢୁଛି ଆଗ୍ରହ

- କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରେ ସର୍ବାଧିକ ଆଖୁ ଚାଷ
- କୃଷି ବିଭାଗ ପକ୍ଷରୁ ଦିଆଯାଉଛି ସ୍ୱତନ୍ତ୍ର ତାଲିମ, ବୈଷୟିକ ସହାୟତା

ଭବାନୀପାଟଣା,୨୨।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଆଖୁ ଏକଦା ଅର୍ଥକାରୀ ଫସଲ ଭାବରେ ପରିଗଣିତ ହେଉଥିଲା । ତେବେ ଏହି ଚାଷ ଧିରେ ଧିରେ କ୍ରମଶଃ କମିବାକୁ ଲାଗିଲା । ଆଉ ତାର ପ୍ରମୁଖ କାରଣ ହେଲା ବଜାର ବ୍ୟବସ୍ଥା । ଉପଯୁକ୍ତ ବଜାର ବ୍ୟବସ୍ଥା ନ ଥିବାରୁ ଚାଷୀମାନେ କେବଳ ଗୁଡ ତିଆରି କରି ତାହାକୁ ବିକ୍ରି କରି ଆସୁଛନ୍ତି। ପରିଶ୍ରମ ଅନୁସାରେ ଗୁଡ ତିଆରି କରିବା ପରେ ଗୁଡ ପାଇଁ ମଧ୍ୟ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା ନାହିଁ। ତେଣୁ ଏହି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ କମିବାରେ ଲାଗିଲା। ତେବେ ପୁଣି କିଭଳି ଭାବରେ ଆଖୁ ଚାଷ ପ୍ରତି ଚାଷୀମାନେ ଆକୃଷ୍ଟ ହେବେ ସେ ଉପରେ ଗୁରୁତ୍ୱ ଦେଇଛି ଜିଲା କୃଷି ବିଭାଗ। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏନେଇ ଆଖୁ ଚାଷୀମାନଙ୍କୁ ସ୍ୱତନ୍ତ୍ର ତାଲିମ ଦେବାକୁ ଜିଲା କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଆଖୁ ଚାଷୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିହନ ଯୋଗାଇ ଦିଆଯିବା ସହ ଟିସୁ କଲଚର ଚାରା ଯୋଗାଇ ଦିଆଯାଇଛି। ଏହା ସହ ଜିଲା କୃଷି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ବୈଷୟିକ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି।



କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ତାଲିମ ଓ ସୂଚନା ଦିଆଯାଉଛି।

ଫଳରେ ପୁଣି ଥରେ ଆଖୁ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଗୋଲାମୁଣ୍ଡା ବ୍ଲକ ପଣ୍ଡକୁଲ ଗ୍ରାମର ଅଜୟ ପ୍ରଧାନ, ସାରସଗୁଡା ଗ୍ରାମର ଖୁର ଅଗ୍ରିଆ ଓ ଉମାକାନ୍ତ ଅଗ୍ରିଆ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଚଳିତବର୍ଷ କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ବ୍ଲକରେ ସର୍ବାଧିକ ୮୦୦ ହେକ୍ଟର ଚାଷ ଜମିରେ ଆଖୁ ଚାଷ କରାଯାଇଛି। ଏହି ବ୍ଲକର ଚିଚିଆ, ସାରସଗୁଡା, ପଣ୍ଡକୁଲ, ଖମାର ହଳଦୀ, ଲାକ୍ଷୁରଭଟା, କୁମ୍ଭାରୀ, ରେଙ୍ଗସାପାଲି ସମେତ ବିଭିନ୍ନ ପଞ୍ଚାୟତରେ ଏହି ଆଖୁ ଚାଷ କରାଯାଇଛି। ଗତବର୍ଷଗୁଡ଼ିକରେ ଏହି ବ୍ଲକରେ ବହୁ କମ ଚାଷ ଜମିରେ ଆଖୁ ଚାଷ କରାଯାଇଥିବାବେଳେ ଚଳିତବର୍ଷ କୃଷି ବିଭାଗର ପ୍ରୋତ୍ସାହନ ଯୋଗୁଁ ଏହି ଚାଷ କରିବାରେ ଆଗଭର ହୋଇଛନ୍ତି ଆଖୁ ଚାଷୀ। ଏହା ସହ ଜିଲାର ଧର୍ମଗଡ଼, କଳମପୁର, ଜୟପାଟଣା, ଜୁନାଗଡ ସମେତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ବ୍ୟାପକ ପରିମାଣରେ ଆଖୁ ଚାଷ କରାଯାଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ଜିଲାର ହାତୀ ନଦୀ ଓ ତେଲ ନଦୀ କୂଳିଆ ଅଞ୍ଚଳରେ ଏହି ଆଖୁ ଚାଷ ବ୍ୟାପକ ପରିମାଣରେ କରାଯାଇଛି। ଗୋଲାମୁଣ୍ଡା ବ୍ଲକରେ ସିଓ-୧୦୨୬, ସିଓ-୧୫୦୫୦ ସମେତ ନୟନା ଭେରାଇଟିର ଆଖୁ ବିହନ ଓ ଆଖୁ ଗଣ୍ଠି ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ବେଳେ ଏହି ସବୁ ଭେରାଇଟିରେ ଉନ୍ନତ ମାନର ଆଖୁ ଅମଳ ହେବ ବୋଲି ଗୋଲାମୁଣ୍ଡା ସହକାରୀ କୃଷି ବିଭାଗ ଅଧିକାରୀ ଲିଙ୍ଗରାଜ ମେହେର ପ୍ରକାଶ କରିଛନ୍ତି। ଜିଲାର ଜୁନାଗଡ଼ ବ୍ଲକ ମଥୁରା ନିକଟରେ ପୂର୍ବରୁ ଏକ ଚିନିକଳ ଥିବା ବେଳେ ସେହି ସମୟରେ ଜିଲାରେ ବ୍ୟାପକ ପରିମାଣରେ ଆଖୁ ଚାଷ ହେଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ସେହି ଚିନି କଳ ବନ୍ଦ ହୋଇଯିବା ପରେ ଚାଷୀମାନେ ଆଖୁର ଅଭାବୀ ବିକ୍ରିର ଶିକାର ହେଲେ। ପରେ ଆଖୁ ଚାଷ ପ୍ରତି ଧିରେ ଧିରେ ମୁହଁ ଫେରାଇ ନେଲେ। ଯାହା ଦ୍ୱାରା କି ଏହି ଚାଷ ଲୋପ ପାଇବାକୁ ବସିଥିଲା। ତେବେ ପୁଣି ସେହି ଚାଷକୁ କିଭଳି ପୂର୍ବ ଭଳି କରାଯାଇ ପାରିବ ସେ ଉପରେ ପ୍ରୟାସ ଆରମ୍ଭ କରିଛି କୃଷି ବିଭାଗ। ଏହି ପ୍ରୟାସ ସ୍ୱରୂପ ଜିଲାରେ ଚାଷୀମାନଙ୍କ ମଧ୍ୟରେ ଆଖୁଚାଷ ପ୍ରତି ଆଗ୍ରହ ବୃଦ୍ଧି ପାଇଛି।

## ପୁରୁଣା ପେନ୍‌ସନ ବ୍ୟବସ୍ଥା ପୁନଶ୍ଚ ଦାବି



ଏନ୍‌ଏମ୍‌ଓପିଏସ୍ ସଂଘର ବୈଠକରେ ଉପସ୍ଥିତ ଥିବା କର୍ମକର୍ତ୍ତା।

### ୨୬ରେ ଏନ୍‌ଏମ୍‌ଓପିଏସ୍‌ର ଜିଲାସ୍ତରୀୟ ଶୋଭାଯାତ୍ରା

ଭବାନୀପାଟଣା,୨୨।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଶିକ୍ଷକ ଭବନଠାରେ ରବିବାର ଏନ୍‌ଏମ୍‌ଓପିଏସ୍ (ନେସନାଲ ମୋମେ ଫର୍ ଓଲ୍ଡ ପେନସନ) ସଂଘର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ଉପସଭାପତି ଉପେନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲା ସାଧାରଣ ସମ୍ପାଦକ ଲଳିତ କୁମାର ନାଏକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆସନ୍ତା ୨୬ ତାରିଖ ଭବାନୀପାଟଣାରେ ହେବାକୁ ଥିବା ଜିଲାସ୍ତରୀୟ ଶୋଭାଯାତ୍ରାର ରୂପରେଖ ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପୁରୁଣା ପେନସନ ବ୍ୟବସ୍ଥା ପୁନଶ୍ଚ ଆଣିବାକୁ ଉକ୍ତ ଦିନ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ପ୍ରସ୍ତୁତି ବୈଠକରେ ରାଜ୍ୟ ସଭାପତି ଧନ୍ଦ୍ର ପଟ୍ଟନାୟକ, ଜିଲା ସଭାପତି ବୀରେନ୍ଦ୍ର ବାଗ, ସ୍ୱାସ୍ଥ୍ୟ ବିଭାଗର ସତ୍ୟ ନାରାୟଣ ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଫୁଲ୍ଲ କୁମାର ଠାକୁର, ପ୍ରଦ୍ୟୁମ୍ନ ହୋତା, ଅଜିତ ନାୟକ, ତପନ ବେହେରା, ମଧୁସୂଦନ ପ୍ରଧାନ, ମନୋଜ କୁମାର ପଣ୍ଡା, ଅକ୍ଷୟ କୁମାର ରଥ, କାଳେନ୍ଦ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବଡି ବିଲ୍‌ଡିଂ ସଂଘର ନୂତନ କର୍ମକର୍ତ୍ତା



ଉପସ୍ଥିତ ବଡି ବିଲଡିଂ କର୍ମକର୍ତ୍ତା।

ନୂଆପଡ଼ା,୨୨।୯ (ମକାରୁ ବେମାଲ)

ନୂଆପଡା ଏଫସି କ୍ରିଏଟର ଫିଟନେସ ସେଣ୍ଟର ଠାରେ ବଡି ବିଲ୍‌ଡିଂ କର୍ମକର୍ତ୍ତାମାନଙ୍କ ଏକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ମନୋନିତ ହୋଇଯାଇଛି। କଳିଙ୍ଗ ବଡି ବିଲଡିଂ ଆସୋସିଏଶନ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂଆପଡା ବଡି ବିଲଡିଂ ଆସୋସିଏଶନ ଜିଲା ଶାଖା ସଭାପତି ଭାବରେ ସର୍ବ ସମ୍ମତିକ୍ରମେ ଯଦୁମଣି ପାଣିଗ୍ରାହୀଙ୍କୁ ମନୋନିତ କରାଯାଇଛି। ରାଜ୍ୟ ସଂଗଠନ ସମ୍ପାଦକ ବାଳକୃଷ୍ଣ ବାଗ, ବଲାଙ୍ଗିର ଜିଲା ବଡି ବିଲଡିଂ ଆସୋସିଏଶନ ସଭାପତି ତନ୍ମୟ ପାଣିଗ୍ରାହୀ,ଉପସଭାପତି ସନ୍ତୋଷ ମହାନ୍ତି, ନୂଆପଡା ବଡି ବିଲଡିଂ ସମ୍ପାଦକ ସୌରଭ ସାହୁ, ଯୁଗ୍ମ ସମ୍ପାଦକ ଚିନ୍ମୟ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଛି। ଆଗାମୀ ଦିନରେ ବଡି ବିଲଡିଂ ଓ ଫିଟନେସ ଚାମ୍ପିୟନଶିପ କଳିଙ୍ଗ ବଡି ବିଲଡିଂ ଆସୋସିଏଶନ ଆନୁକୂଲ୍ୟରେ ନୂଆପଡା ଜିଲାରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ଅନୁଷ୍ଠାନର ନେତୃତ୍ୱ ନେଉଥିବା ମହାନ୍ତି ଜଣେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଅଟନ୍ତି। ସେ ୨୦୦୮ ରେ ମିଷ୍ଟର ଇଣ୍ଡିଆ,୫ ଥର ମିଷ୍ଟର ଓଡିଶା,୨ ଥର ମିଷ୍ଟର ପୁନେ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ତାଙ୍କ ନେତୃତ୍ୱରେ ଓଡିଶାରେ ବଡି ବିଲଡିଂ କ୍ଷେତ୍ରର ପ୍ରଚାର ପ୍ରସାର ତଥା ଚାମ୍ପିୟନଶିପ ଆଗେଇ ଚାଲିଛି। ଏହି ଅନୁଷ୍ଠାନ କଳିଙ୍ଗ ବଡି ବିଲଡିଂ ଆସୋସିଏଶନ (କେବିବିଏ) ଓ ଇଣ୍ଟର ନ୍ୟାସନାଲ ଲେଭଲ ବଡି ବିଲଡିଂ ଆଣ୍ଡ ଫିଟନେସ ଫେଡେରେସନ (ଆଇବିବିଏଫଏଫ) ସହ ସହବନ୍ଧିତ ଅଟେ । ଏହି ସମୟରେ ଜିଲାର ଶତାଧିକ ବଡି ବିଲଡିଂ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଲାଞ୍ଜିଗଡ଼ର ଅଗ୍ନି ଭୈରବଙ୍କ ଝାମୁଯାତ୍ରା



ଅଗ୍ନି ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରାରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଛନ୍ତି।

ଲାଞ୍ଜିଗଡ,୨୨।୯ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ସହରର ପରମ ଆରାଧ୍ୟ ଅଗ୍ନି ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ରବିବାର ପାଳିତ ହୋଇଯାଇଛି। ପ୍ରଥା ଅନୁଯାୟୀ ନୂଆଁଖାଇ (ଲାଞ୍ଜିଗଡରେ ଦଶମୀ ନୂଆଁଖାଇ ହୋଇଥାଏ), ଆଉ ବାସୀ ପର୍ବ ପାଳିତ ହେବା ପରେ ତ୍ରୟୋଦଶୀ ଦିନ ଲାଞ୍ଜିଗଡଠାରେ ଥିବା ପ୍ରସିଦ୍ଧ ଭୈରବ ମନ୍ଦିରରୁ ଭୈରବ ଦେବଙ୍କ ଖଣ୍ଡା ବାହାର କରାଯାଇ ସ୍ଥାନୀୟ ରାଜ ଉଆସକୁ ନିଆଯାଇଥିଲା। ସେଠାରୁ ପୂଜାର୍ଚ୍ଚନା ପରେ ଅଗ୍ନି ଭୈରବଙ୍କ ଗୋଟିଏ ଖଣ୍ଡା, ବାଲି ଭୈରବଙ୍କ ଗୋଟିଏ ଖଣ୍ଡା ଓ ବୁଢ଼ା ଭୈରବଙ୍କ ଦୁଇଟି ଖଣ୍ଡାକୁ ବାଲି ଘରକୁ ନିଆଯାଇଥିଲା। ସେହି ଦିନ ହିଁ ସ୍ଥାନୀୟ ଶୁକ୍ଲିନାଳକୁ ପୂଜକମାନେ ଯାଇ ନଅଟି ଚାଙ୍ଗୁଡିରେ ବାଲି ଭର୍ତ୍ତି କରି ଆଣିଥିଲେ। ଲୋକଙ୍କ ଘରୁ ନଅ ପ୍ରକାର ଶସ୍ୟ ସଂଗ୍ରହ କରି ତାକୁ ବାଲି ଘରେ ରଖି ପୂଜାର୍ଚ୍ଚନା ଜାରି ରଖିଥିଲେ। ଏହା ପରେ ଅଶ୍ୱପଞ୍ଚମୀ ତିଥିରେ ଭୈରବ ଦେବଙ୍କ ଝାମୁଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଏହା ପୂର୍ବରୁ ତିନି ଭୈରବଙ୍କ ପ୍ରତୀକ ବାଲି ଘରୁ ମୁଖ୍ୟ ମନ୍ଦିରକୁ ଯିବା ସହିତ ସେଠାରୁ ଆଜ୍ଞାମାଳ ଆଣିବା ପରେ ନିଆଁରେ ତିଆରି ଖନ୍ଦା(ଝାମୁ)କୁ ତିନିଥର ପ୍ରଦକ୍ଷିଣ କରି ସାରିବା ପରେ ଠାକୁରାଣୀ ଗୁଡି(ମନ୍ଦିର)କୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ କରିଥିଲେ। ଏହାପରେ ଠାକୁରାଣୀ ଦେବୀ ମଧ୍ୟ ସାମିଲ ହୋଇଥିଲେ ଝାମୁଯାତ୍ରାରେ। ଏହି ସମୟରେ ଚାରୋଟି କଟା କଦଳୀ ଗଛକୁ ଧଳା କପଡା ଘୋଡାଇ ପ୍ରସ୍ତୁତ କରାଯାଇଥିଲା ଗଉରୀଘର। ଯେଉଁଠି ବଡଭୋଗ (ପାରା ବଳି)ଦେବା ପରେ ଝାମୁଯାତ୍ରାର ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା। ଏହା ପରେ ଅଗ୍ନି ଭୈରବଙ୍କ କାଳେସୀ ଡହଡହ ତତଲା ରଡ ନିଆଁ ଉପରେ ଚାଲିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହର୍ଷଧ୍ୱନୀ ସହିତ ଡମବାଜା, ଘୁମୁରା ଓ କୀର୍ତ୍ତନର ଶବ୍ଦ ଗୁଞ୍ଜରି ଉଠୁଥିଲା। ଯାତ୍ରା ସରିଲା ପରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା ଶହଶହ କୁକୁଡା, ପାରା, ବତକ, ଛେଳି ଆଦି ବଳି ଦିଆଯାଇଥିଲା। ଅଗ୍ନି ଭୈରବ ରାଜେନ୍ଦ୍ର ପ୍ରଧାନୀ, ବାଲି ଭୈରବ ଅଭିମନ୍ୟୁ ପାତ୍ର, ଠାକୁରାଣୀଙ୍କ ପୂଜାରୀ ଜମ୍ବେଶ୍ୱର ପୂଜାରୀ, ଗୁରମାଇଁ ମାନସ ରଞ୍ଜନ ମାଝୀ, ପାଟ ଘୁମରିଆ ପରମାନନ୍ଦ ପାତ୍ର, ଚଲାନ ଚନ୍ଦ୍ର ଶେଖର ଦଳପତି ପ୍ରମୁଖ ପୂଜା ଅର୍ଚ୍ଚନାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ର ହରିହର ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଲାଞ୍ଜିଗଡ଼ ଯୁବକ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ବିଶ୍ୱନାଥପୁର, ବନ୍ଧପାରି ଓ ବଳଭଦ୍ରପୁରଠାରେ ମଧ୍ୟ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷଣ ମାସ ପାଳିତ

ଲାଞ୍ଜିଗଡ଼,୨୨।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାନକୁଟରୁ ପଞ୍ଚାୟତ ପାଇକବୋରି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରଠାରେ ପୋଷଣ ମାସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସରକାର ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ଓ ପୁଷ୍ଟିହୀନତା ରୋକିବା ପାଇଁ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି। ଏହି କେନ୍ଦ୍ରରେ ୩ରୁ ୬ ବର୍ଷର ଶିଶୁଙ୍କୁ ଛଅ ଦିନକୁ ଛଅ ପ୍ରକାର ରନ୍ଧାଖାଦ୍ୟ ଦିଆଯାଉଥିବାବେଳେ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ଛତୁଆ ବଣ୍ଟନ କରିବା ଶହ ଓଜନ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥାଏ। ବର୍ଷକୁ ଥରେ ସମସ୍ତଙ୍କୁ ସଚେତନ କରିବା ପାଇଁ ପୋଷଣ ମାସ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷିରେ ଲାଞ୍ଜିଗଡ ବ୍ଲକ କାନକୁଟରୁ ପଞ୍ଚାୟତ ପାଇକବୋରି ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଚଞ୍ଚଳା ସାହୁଙ୍କ ତତ୍ତ୍ୱାବଧାନରେ ଏହି ପୋଷଣ କାର୍ଯ୍ୟକ୍ରମ ମହାସମାରୋହର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଥିଲେ। ବାଲ୍ୟ ବିବାହ ବନ୍ଦ, ରକ୍ତହୀନତା, ଅପପୁଷ୍ଟି, ଅନ୍ଧ ବିଶ୍ୱାସ, ସ୍ୱଚ୍ଛ ପରିବେଶକୁ ନେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଯାଞ୍ଚ କମିଟି, ମାତୃ କମିଟି ମହିଳା ସଦସ୍ୟାମାନେ ଯୋଗ ଦେଇଥିବାବେଳେ ୱାର୍ଡ ସଭ୍ୟା ସଂଯୁକ୍ତା ବିଭାର, ଏମ୍‌ବିକେ ଜୟନ୍ତୀ ବାଗ, ସିଆରପି ପୁଷ୍ପା ନାଗ, ସୁକାନ୍ତି ମାର୍ଥା, ଜିପିଏଲ ସଭ୍ୟା ସୌଦାମିନୀ ମାର୍ଥା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ବୁଲାକୁକୁର ଆତଙ୍କ: ୩୦ ଦିନରେ ୮୦ ଆହତ

ଖଡ଼ିଆଳ,୨୨।୯(ସୁଜିତ କୁମାର ପ୍ରଧାନ)

ଗତ କିଛି ଦିନ ହେଲା ନୂଆପଡ଼ା ଜିଲା ଖଡ଼ିଆଳ ସହର ତଥା ଏହାର ଆଖପାଖ ଅଞ୍ଚଳରେ ବୁଲା କୁକୁର ଆତଙ୍କ ଦେଖାଦେଇଛି। କୁକୁର କାମୁଡ଼ାରେ ୩୦ଦିନ ମଧ୍ୟରେ ୮୦ଜଣ ଆହତ ହୋଇଛନ୍ତି। ସେମାନେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ସୂଚନାରୁ ଜଣାପଡ଼ିଛି। ଏହାର ପ୍ରତିକାର ପାଇଁ ଏନଏସି କର୍ତ୍ତୃପକ୍ଷ ପଦକ୍ଷେପ ନ ନେଇ ନୀରବଦ୍ରଷ୍ଟା ସାଜିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରତିଦିନ କେହି ନା କେହି ବୁଲାକୁକୁର କାମୁଡାରେ ଆହତ ହେଉଥିବା ନେଇ ଲୋକଙ୍କୁ ଚିନ୍ତାରେ ପକାଇ ଦେଇଛି। ସ୍କୁଲ କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ର ଅଧିକ ଭୟଭୀତ ହୋଇ ପଡିଛନ୍ତି। ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କୁ ଯୋଗାଯୋଗ କରିବାରୁ ଏହାର ପ୍ରତିକାର ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଶ୍ରମିକମାନଙ୍କ ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ଦାବିପତ୍ର

ନୂଆପଡ଼ା,୨୨।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ଜଙ୍ଗଲ, ପରିବେଶ ଓ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ତରବୋଡଠାରେ ସ୍ୱାଗତକରି ଶ୍ରମିକମାନଙ୍କ ସମସ୍ୟାକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡ଼ା ଜିଲା ଶ୍ରମିକ ମହାସଂଘ ଓ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ଜିଲା ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଥିଲା। ଜିଲାର କେନ୍ଦୁପତ୍ର ତୋଳାଳି, ବନ୍ଧାଳି, ସିଜିନାଲ କର୍ମଚାରୀ, ନିର୍ମାଣ ଶ୍ରମିକ, ଦାଦନ ଶ୍ରମିକ, ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ ଓ ଅନ୍ୟାନ୍ୟ ବର୍ଗର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ଉପରେ ଅବଗତ କରିଛନ୍ତି। ଜିଲାକୁ ଦାଦନ ମୁକ୍ତ କରିବା ସହିତ ସ୍ୱତନ୍ତ୍ର ପେକେଜ ଘୋଷଣା, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଜିଲା ସଦର ମହକୁମାକୁ ସ୍ଥାନାନ୍ତର, ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ପଦବୀ ପୂରଣ, ପ୍ରତ୍ୟେକ ବ୍ଲକରେ ଶ୍ରମ ଅଧିକାରୀ ନିଯୁକ୍ତ, ନିର୍ମାଣ ଶ୍ରମିକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ, ଜିଲାରେ ତୁରନ୍ତ ଟାସ୍କଫୋର୍ସ କମିଟି ଗଠନ, କେନ୍ଦୁପତ୍ର





ମନ୍ତ୍ରୀଙ୍କୁ ସ୍ୱାଗତ କରି ଦାବିପତ୍ର ପ୍ରଦାନ କରାଯାଉଛି।

କେରି ପିଛା ୨ ଟଙ୍କା, ସିଜିନାଲ କର୍ମଚାରୀଙ୍କ ଦରମା ବୃଦ୍ଧି, ତୋଳାଳିଙ୍କୁ ଶତପ୍ରତିଶତ ବୋନସ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କୁ ୩୦ ପ୍ରତିଶତ ଇନସେଣ୍ଟିଭ, ହେଡ ଚେକରମାନଙ୍କ ସ୍ଥାୟୀ ନିଯୁକ୍ତ, ସିଜିନାଲ କର୍ମଚାରୀଙ୍କ ଅବସର ୬୨ ବର୍ଷ ପରିବର୍ତ୍ତେ ୬୫ ବର୍ଷ, ସମସ୍ତ କଞ୍ଚା ଫଡି ଘରକୁ ପକ୍କା ଫଡିଘର କରିବା, ଡିଭିଜନର ପ୍ରତ୍ୟେକ ସେକ୍ସନରେ ସର୍କଲ ଚେକର ନିଯୁକ୍ତ କରିବା, ଖରିଆର ରୋଡ କେନ୍ଦୁପତ୍ର ରେଞ୍ଜରେ ହେଡ ଚେକର ପଦବୀ ସୃଷ୍ଟି କରି ନିଯୁକ୍ତ କରିବା, ୧୯୯୩ ପରେ ନିଯୁକ୍ତିପ୍ରାପ୍ତ ୱାଚରମାନଙ୍କୁ ସ୍ଥାୟୀ କରିବା ଇତ୍ୟାଦି ଦାବି କରିଛନ୍ତି। ଏହି ସମସ୍ତ ଦାବି ସରକାର ଠାରେ ଉପସ୍ଥାପନ କରିବି । ଆମ ସରକାର ସମ୍ବେଦନଶୀଳ ଓ ଯତ୍ନବାନ ଅଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ଏହି ସମୟରେ ଆବାହକ ପାଣିଗ୍ରାହୀ ସମେତ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଶୁକ୍ଳଧର ନିଆଲ, ସୁଖଦେବ ସାହୁ, ଭକ୍ତବନ୍ଧୁ ଧରୁଆ, ଜ୍ଞାନରଞ୍ଜନ ସାହୁ, ଜ୍ଞାନେଶ୍ୱର ବାଗ, ବାବୁଲାଲ ମାଝି, ଅନିରୁଦ୍ଧ ନାଗ, ମନସାଏ ମାଝି, କୁଶଳ ସାହୁ, ଅର୍ଜୁନ ଜଗତ, ଅନିଜର ଆର୍ଯ୍ୟ, ଭାସ୍କର ପ୍ରଧାନ, ବୋଲଧର କେତକି ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶ ମେଳା ଉଦ୍‌ଯାପନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଭବାନୀପାଟଣା,୨୨।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଗତ ୨୦ ତାରିଖରୁ ଚାଲିଥିବା ଜିଲାସ୍ତରୀୟ ବିକାଶ ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶହେ ଦିନର ପୂର୍ତ୍ତି ଅବସରରେ ବିଭିନ୍ନ ଉନ୍ନୟନମୂଳକ ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ବାର୍ତ୍ତା ପ୍ରସାର ପ୍ରଚାର ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ତ୍ରିଲୋଚନ ପାତ୍ର, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢି, ଧର୍ମଗଡ଼ ଉପଜିଲାପାଳ ଧିମାନ ଚକମା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଦିଲୀପ କୁମାର ମହାରଣା, ପିଡି, ମୁନୀନ୍ଦ୍ର ହୋନାଙ୍ଗା, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲ ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ଚନ୍ଦ୍ରଦାସ ମହାନନ୍ଦିଆ,ଏଲଏଓ ରାକେଶ ପ୍ରଧାନ, ତହସିଲଦାର ଲାଞ୍ଜିଗଡ଼ କିରଣ ମହାନ୍ତି, ତହସିଲଦାର କେସିଙ୍ଗା ପ୍ରଣତି ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଂସ୍କୃତି ପରିଷଦ ତରଫରୁ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ହେମନ୍ତ କୁମାର ମୁଣ୍ଡ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ଓ ଓରମାସ ତରଫରୁ ୨୫ଟି ବିଭିନ୍ନ ବିଭାଗୀୟ ଷ୍ଟଲ ଖୋଲାଯାଇ ସରକାରଙ୍କର ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର କରାଯାଇଥିଲା।





ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ଦୁଗ୍ଧଚାଷୀ, ଖାଉଟି ଲାଭାନ୍ୱିତ ହେବେ

■୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ କାରଖାନା ଉଦ୍‌ଘାଟିତ

■୧୪.୬୩କୋଟି ବ୍ୟୟରେ ପ୍ରତିଷ୍ଠା ହୋଇଛି ଅତ୍ୟାଧୁନିକ କାରଖାନା

ସୋନପୁର,୨୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା କଳାପଥର ଠାରେ ଓମଫେଡ୍‌ର ବହୁ ପ୍ରତିକ୍ଷିତ ଡେଏରୀ ପ୍ଲାଣ୍ଟ(ଦୁଗ୍ଧ କାରଖାନା) ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଏମ୍‌ଏସଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାରଖାନାକୁ ଉଦ୍‌ଘାଟନ କରିଛନ୍ତି। ରାଷ୍ଟ୍ରିୟ କୃଷି ବିକାଶ ଯୋଜନା ଆନୁକୂଲ୍ୟରେ ୧୪ କୋଟି ୬୩ଲକ୍ଷ ବ୍ୟୟରେ ଏହି ଅତ୍ୟାଧୁନିକ କାରଖାନା ନିର୍ମାଣ ହୋଇଛି। ଏଠାରେ ଦୈନିକ ୫୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରାଯାଇପାରିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲା। ଏହାଦ୍ୱାରା ଅଞ୍ଚଳର ଚାଷୀ ସହଜରେ ଦୁଗ୍ଧ ବିକ୍ରି କରିପାରିବେ। ଖାଉଟି ମାନଙ୍କୁ ନିଜ ଅଞ୍ଚଳରେ ଦୁଗ୍ଧ ଜାତ ଉତ୍ପାଦ ମିଳିପାରିବ। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୋହନ ସରକାର ଯୋଜନା ପ୍ରସ୍ତୁତ କରିବା ସହ ସେ ଦିଗରେ କାର୍ଯ୍ୟ ଆରମ୍ଭ କରିଥିବା ମନ୍ତ୍ରୀ କହିଥିଲେ।

ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଯୋଗଦେଇ କେନ୍ଦ୍ର ସରକାର ଓ ଓମ୍‌ଫେଡର ମିଳିତ ଅଂଶଧନରେ ନିର୍ମିତ ଏହି ଦୁଗ୍ଧ କାରଖାନା ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ ଓ କନ୍ଧମାଳ ଜିଲାର ଦୁଗ୍ଧ ଚାଷୀଙ୍କ ଅର୍ଥିକ ସ୍ଥିତିରେ ଉନ୍ନତି ଆଣିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ବିଧାନସଭାରେ ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦାନ କରି ଚାଷୀ ଓ ଚାଷର ଉନ୍ନତି ପାଇଁ ନୂତନ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କାରଖାନା ଦୀର୍ଘ ବର୍ଷ ଧରି କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିଲା। ରବିବାରଠାରୁ ଏହା କାର୍ଯ୍ୟକ୍ଷମ ହେଲା। ଅଞ୍ଚଳବାସୀଙ୍କୁ ଏହା ମୋହନ ସରକାରଙ୍କ ୧୦୦ ଦିନ ପୂର୍ତ୍ତିର ଭେଟି ବୋଲି ପ୍ରଧାନ କହିଥିଲେ। ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଜିଲାର ବିକାଶ ଉପରେ ଗୁରୁତ୍ୱ ଦେବା ସହ କାରଖାନାରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଦାବି କରିଥିଲେ। ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଥିଲେ ୧୦ ଏକର ଜମିରେ ଏହି କାରଖାନା ପ୍ରତିଷ୍ଠା ହୋଇଛି। ଏହା ପଶ୍ଚିମ ଓଡ଼ିଶାର ଦ୍ୱିତୀୟ ବୃହତମ କାରଖାନା। ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧ ସଂଘ ତଥା ସମ୍ବଲପୁର ଓ ବଲାଙ୍ଗୀର–କଳାହାଣ୍ଡି–ନୂଆପଡା ଦୁଗ୍ଧ ସଂଘଠାରୁ ଏହି କାରଖାନା ପାଇଁ ଦୁଗ୍ଧ ସଂଗ୍ରହ କରାଯିବ। ଦୁଗ୍ଧଜାତ ଦ୍ରବ୍ୟ ହିସାବରେ ପାଶ୍ଚୁରାଇଜ୍ ପ୍ୟାକେଟ୍ ଦୁଗ୍ଧ, ସାଦା ଦହି, ମିଠା ଦହି, ପନୀର, ଘିଅ, ଲସି, ଖୁଆ, ପେଡା ଆଦି ପ୍ରସ୍ତୁତ କରାଯାପାରିବ। ସୁବର୍ଣ୍ଣପୁର, ବୌଦ୍ଧ ଓ କନ୍ଧମାଳ ଜିଲାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଓମଫେଡ୍ ଦୁଗ୍ଧଜାତ ଦ୍ରବ୍ୟର ମାର୍କେଟିଂ ନେଟ୍‌ୱାର୍କ ମଜବୁତ୍ ହୋଇପାରିବ ବୋଲି କୁଲାଙ୍ଗେ କହିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ଉତ୍ସବରେ ଯୋଗଦେଇ ଜିଲାର ଦୁଗ୍ଧ ଉତ୍ପାଦକମାନେ ବର୍ଷସାରା ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ସେମାନଙ୍କର ବଳକା କ୍ଷୀରକୁ ବିକ୍ରି କରି ଉପକୃତ ହେବା ସହ ନିଜର ଆୟ ବୃଦ୍ଧି କରିପାରିବେ ବୋଲି କହିଥିଲେ। ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘର ସାଧାରଣ ପରିଚାଳକ ଡ. ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ସାହୁ କହିଥିଲେ ପୂର୍ବରୁ ଏହି ଅଞ୍ଚଳର ଚାଷୀଙ୍କ ନିକଟରୁ ଦୁଗ୍ଧ ସଂଗ୍ରହ ହୋଇ ସମ୍ବଲପୁର କାରଖାନାକୁ ଯାଉଥିଲା। ଏହା ଦ୍ୱାରା ଖର୍ଚ୍ଚ ଅଧିକ ହେବା ସହ ଦୁଗ୍ଧ ଛିଡି ଯିବାର ଭୟ ରହୁଥିଲା। ସେହିପରି ପ୍ରକ୍ରୀୟାକରଣ ପରେ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ପାଇଁ ଏଠାକାର ବାଜାରକୁ ଆସୁଥିଲା। ନୂଆ କାରଖାନା ପ୍ରତିଷ୍ଠା ଦ୍ୱାରା ସରକାରଙ୍କ ବ୍ୟୟ ହ୍ରାସ ପାଇବା ସହ ଚାଷୀ ଲାଭାନ୍ୱିତ ହେବେ ବୋଲି ସେ କହିଥିଲେ। ଓମଫେଡ୍‌ର ଉପ ପରିଚାଳନା ନିର୍ଦ୍ଦେଶକ ଡ. ଜୟକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏ.ଆର. ଆରଧନା କାର୍ଯ୍ୟକମ ସଂଯୋଜନା କରିଥିଲେ। ଓମଫେଡ୍‌ର ସାଧାରଣ ପରିଚାଳକ(ଡେଏରୀ ଅପରେଶନ) ସୌମେନ୍ଦ୍ର ଭୌମିକ, ସାଧାରଣ ପରିଚାଳକ(ଅର୍ଥ) ସୁରେଶ ଚନ୍ଦ୍ର ଅଲଟିଆ, ମାର୍କେଟିଂ ହେଡ ଡ. ଆଲୋକ ଅଗ୍ନିବେଶ, ଡ ବିଶ୍ୱରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର କୁମାର ବରାଡ, ସୋନପୁର ଡାଏରୀର ପ୍ଲାଣ୍ଟ ମ୍ୟାନେଜର ନିତିନ ଦେଶମୁଖ, ଦିଗମ୍ବର ନାୟକ ଓ ସୁଧାଂଶୁ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଦୁଗ୍ଧଚାଷୀ ଯୋଗଦାନ କରିଥିଲେ।


ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କାରଖାନାକୁ ଉଦ୍‌ଘାଟନ କରୁଛନ୍ତି।

# ୨୦ଦିନ ପରେ ନିଖୋଜ କୁଳଦୀପଙ୍କ ମୃତଦେହ ମିଳିଲା

■ମହାନଦୀ ବ୍ରିଜରୁ ଡେଇଁ ଆତ୍ମହତ୍ୟା ସନ୍ଦେହ କରାଯାଉଥିଲା

■ଭୁଦୋବର ନିକଟ ମହାନଦୀ କୂଳରେ ଭାସୁଥିଲା ମୃତଦେହ

ଅମରପାଲି,୨୨।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଭୁଦୋବର ନିକଟସ୍ଥ ମହାନଦୀ କୂଳରେ ରବିବାର ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ମୃତଦେହ ବଲାଙ୍ଗୀର ସହରର ଶାନ୍ତିପଡ଼ାର କୁଳଦୀପ ପାଢ଼ୀ(୩୫)ଙ୍କର ବୋଲି ଜଣାପଡିଛି। ମୃତଦେହ ସମ୍ପୂର୍ଣ୍ଣ ପଚି ଯାଇଛି।

ସୂଚନାଯୋଗ୍ୟ ବଲାଙ୍ଗୀର ସହର ଶାନ୍ତିପଡାର କୁଳଦୀପ ପାଢୀ(୩୫) ଗତ ୨ତାରିଖରୁ ନିଖୋଜ ଥିଲେ। ତାଙ୍କ ନିଖୋଜ ନେଇ ପରିବାରବର୍ଗ ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ କରିଥିଲେ। ନିଖୋଜ ଥିବା ରାତିରେ ସୁବର୍ଣ୍ଣପୁର ସହର ନିକଟସ୍ଥ ମହାନଦୀ ବ୍ରିଜ ଉପରୁ ତାଙ୍କ ଟିଭିଏସ୍ ଆପାଚି ବାଇକ (ନଂ ଓଡ଼ିଂ୩୧ଏଚ୨୮୨୪) ଓ ଜୋତାକୁ ସୋନପୁର ଟାଉନ ପୋଲିସ ଜବତ କରିଥିଲା। ସେ କେଉଁଆଡେ ଚାଲି ଯାଇଛନ୍ତି କିମ୍ବା ବାଇକ ରଖି ବ୍ରିଜ ଉପରୁ ମହାନଦୀ ଗର୍ଭକୁ ଡିଆଁ ମାରି ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉ ଥିଲା। ବଲାଙ୍ଗୀରରୁ ଓଡ୍ରାଫ ଟିମ ଓ ସୋନପୁର ଅଗ୍ନିଶମ ବିଭାଗର ଟିମ ୨ଟି ପାୱାର ବୋଟ ସହାୟତାରେ ନଦୀ ଗର୍ଭରେ ଦୁଇଦିନ ଧରି ସର୍ଚ୍ଚ ଅପରେଶନ କରିଥିଲେ। ସୋନପୁର ବ୍ରିଜଠାରୁ ମହାନଦୀ ଗର୍ଭରେ ପ୍ରାୟ ୧୩ କିଲୋମିଟର ଦୂର ବୌଦ୍ଧ ଜିଲାର ବାଉଁଶୁଣୀ ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇଥିଲା। ନଦୀରେ ଜଳସ୍ରୋତ ଅଧିକ ଥିବାରୁ କୁଳଦୀପଙ୍କ କୌଣସି ସୂଚନା ମିଳିପାରି ନ ଥିଲା। ତେବେ ରବିବାର ନଦୀକୁ ମାଛ ଧରିବାକୁ ଯାଇଥିବା କେତେକ ବ୍ୟକ୍ତି ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଫଟୋ ପଠାଇବା ସହିତ ଖବର ଦେଇଥିଲେ। ଏନେଇ କୁଳଦୀପଙ୍କ ପରିବାର ଲୋକ ମଧ୍ୟ ବୀରମହାରାଜପୁର ଆସିଥିଲେ। ଓଡ୍ରାଫ ଟିମ ଓ ସାଇଣ୍ଟିଫିକ ଟିମ ଆସିଥିଲେ ମଧ୍ୟ ସନ୍ଧ୍ୟା ହୋଇଯିବାରୁ ମୃତଦେହ ଉଦ୍ଧାର କରାଯାଇ ପାରିନାହିଁ। ତେବେ ପରିବାର ଲୋକେ ତାଙ୍କ ପିନ୍ଧିଥିବା ପ୍ୟାଣ୍ଟ ଓ ଶାର୍ଟକୁ ଫଟୋରେ ଦେଖି ମୃତଦେହ ଚିହ୍ନଟ କରିଛନ୍ତି। ସୋମବାର ମୃତଦେହ ଉଦ୍ଧାର କରାଯିବ ବୋଲି ବୀରମହାରାଜପୁର ଥାନା ଅଧିକାରୀ ଶୋଭକର ସେଠ ସୂଚନା ଦେଇଛନ୍ତି।


କୁଳଦୀପ।

## ସଂକ୍ଷେପରେ

### ରୁଞ୍ଜିଫଟାମୁଣ୍ଡାରେ ଝାଡ଼ାବାନ୍ତି, ଜଣେ ମୃତ

**ପୁଣି ୭ ଆକ୍ରାନ୍ତ**

ତରଭା,୨୨।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ରୁଞ୍ଜିଫଟାମୁଣ୍ଡାରେ ଶନିବାର ଝାଡ଼ାବାନ୍ତିରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଥିମଧ୍ୟରୁ ୧୭ଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ବିଳମ୍ବିତ ରାତ୍ରିରେ ବଲାଙ୍ଗୀର ଡାକ୍ତରଖାନାରେ ଚିକିତ୍ସିତ ୮ ଜଣଙ୍କ ମଧ୍ୟରୁ ହେମ ବରର୍ତ୍ତି(୪୫)ଙ୍କ ମୃତ୍ୟୁ ଘଟିଛି। ରବିବାର ଗାଁର ଆଉ ୭ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକ ତତ୍ପରତା ଦେଖାଇ ଅଧିକ ସଂଖ୍ୟାରେ ଡାକ୍ତରୀ ଦଳ ପ୍ରଭାବିତ ଗ୍ରାମକୁ ପଠାଇବାକୁ ଦାବି ହେଉଛି।

### ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ଡୁଙ୍ଗୁରିପାଲି, ୨୨।୯ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୮୦ ଜଣ ମା' ଅଂଶଗ୍ରହଣ କରିଥିଲେ। ଶିଶୁ ବାଟିକା ପ୍ରମୁଖ ନାରାୟଣ ବାରିକଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକୁ ଯଦୁନାଥ ସାହୁ ପରିଚାଳନା କରିଥିଲେ। ଉପସ୍ଥିତ ଗୁରୁମା ଗୁରୁଜୀମାନେ ଶାରୀରିକ, ମାନସିକ, ବୌଦ୍ଧିକ କାଳାଂଶ ନେଇ ଶିଶୁ ବାଟିକାର ସ୍ୱରୂପ ମା' ମାନଙ୍କୁ ଅବଗତ କରିଥିଲେ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ତରଭା,୨୨।୯(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେପଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଅଧକ୍ଷା ବନ୍ଦିତା ନାଏକଙ୍କ ଅଧକ୍ଷତାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ଥାନୀୟ ସାପ୍ତାହିକ ହାଟ ପରିସରକୁ ସଫେଇ କରାଯାଇଥିଲା। ଏଥିରେ ନଗରପାଳ ଶ୍ରୀମତୀ ନାଏକ, ଉପ ନଗରପାଳ ଗଗନ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ତହସିଲଦାର ତୁଲା ମୁଦୁଲ, ସମସ୍ତ କାଉନସିଲର, ଏନଏସି କର୍ମଚାରୀ, ସ୍ୱଚ୍ଛସାଥୀ, ସ୍ୱଚ୍ଛ କର୍ମୀ ସହଯୋଗ କରିଥିଲେ।

# ଚାରିଛକ ହରଭଙ୍ଗା ଧଳପୁର ରାସ୍ତା ଶୋଚନୀୟ

ବୌଦ୍ଧ,୨୨।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ୨୨ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ। ବ୍ଲକଟି ଆଦିବାସୀବହୁଳ ହୋଇଥିବା ବେଳେ ଅଧିକାଂଶ ଲୋକ ଚାଷ ଓ ମୂଲ ଲାଗି ନିଜର ଜୀବିକା ନିର୍ବାହ କରିଥାନ୍ତି। ହରଭଙ୍ଗା ବ୍ଲକର ସମସ୍ତ କାର୍ଯ୍ୟାଳୟ ଚାରିଛକ ଠାରେ ଥିବା ବେଳେ ଜିଲାର ଏକ ପ୍ରମୁଖ ସ୍ଥାନ ହେଉଛି ଚାରିଛକ। ପ୍ରତିଦିନ ବିଭିନ୍ନ କାମରେ ଲୋକମାନେ ଚାରିଛକକୁ ଆସୁଥିବା ବେଳେ ବର୍ତ୍ତମାନ ଚାରିଛକ ହରଭଙ୍ଗା ଧଳପୁର ପୂର୍ତ୍ତ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଚାରିଛକଠାରୁ ହରଭଙ୍ଗା ଧଳପୁର ପୂର୍ତ୍ତ ରାସ୍ତା ଏକ ମୁଖ୍ୟ ରାସ୍ତା । ଏହି ରାସ୍ତା ଅନୁଗୋଳ ଜିଲା ଆଠମଲ୍ଲିକକୁ ସଂଯୋଗ କରୁଥିବା ବେଳେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡି ଚଳାଚଳ କରିଥାଏ । ବିଶେଷ କରି ଏହି ରାସ୍ତା ଦେଇ ପ୍ରତିଦିନ କରଞ୍ଜକଟା, ଛତରଙ୍ଗ, ଶଙ୍କୁଲୋଇ, ହରଭଙ୍ଗା, କୁଶଙ୍ଗ, ମହାଲିକପଡା, ତଳଗାଁ ଅଞ୍ଚଳର ଜନସାଧାରଣ ଯିବା ଆସିବା କରିଥାନ୍ତି। ରାସ୍ତାରେ ପ୍ରତିଦିନ ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ର ସାଇକେଲ ଯୋଗେ ଯିବା ଆସିବା କରୁଥିବା ବେଳେ ଖାଲଖମା ଯୋଗୁ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଛନ୍ତି। ଶୋଚନୀୟ ହୋଇ ପଡିଥିବା ରାସ୍ତା ମରାମତି କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ଭାଜପାର ମିଶ୍ରଣ ପର୍ବ

ଘଣ୍ଟାପଡ଼ା,୨୨।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ଦଶହରା ପୂର୍ବରୁ ଆରମ୍ଭ ହୋଇଛି ଦଳ ବଦଳ । ଖୁଣ୍ଟିଗୋରା ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ରବି ଚନ୍ଦ୍ର ମହାକୁଡ଼, ବିଜେଡି କର୍ମୀ ଭକ୍ତ ସାହୁ, ରୋହିତ ଭୋଇଙ୍କ ସମେତ ଉକ୍ତ ପଞ୍ଚାୟତର ପ୍ରାୟ ୫୦ ଜଣ ଆଗଧାଡିର ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସମସ୍ତ ବିଜେଡି କର୍ମୀ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗଙ୍କ ବାସ ଭବନ ପରିସରରେ ଆୟୋଜିତ ମିଶ୍ରଣ ସମାବେଶରେ ଭାଜପାରେ ସାମିଲ ହୋଇଥିଲେ। ଭାଜପା ମଣ୍ଡଳ ସଭାପତି ପିନାକ ଧର ରଣା, ସତ୍ୟନାରାୟଣ ମାଝୀ, ଅଳକା ପ୍ରଧାନ, କଣ୍ଟାମାଳ ମଣ୍ଡଳର ସଭାପତି ଅନିଲ ପଧାନ, ଜିଲା ଉପସଭାପତି ଚିତ୍ତରଞ୍ଜନ ପାତ୍ର, ବରିଷ୍ଠ ଭାଜପା ନେତା ଶେଷ ମେହେରଙ୍କ ଉପସ୍ଥିତିରେ କର୍ମୀମାନେ ଭାଜପାର ବିଚାରଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିଲେ। ସେମାନଙ୍କୁ ବିଧାୟକ ଡାଙ୍ଗ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।


ଭାଜପା କର୍ମକର୍ତ୍ତାଙ୍କ ସହ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଥିବା ସଦସ୍ୟଗଣ ।

# ମଦରୁ ନିବୃତ୍ତ ରହିବାକୁ ଆହ୍ୱାନ

ପାଇକମାଲ,୨୨।୯(ବଢ ଶତପଥି)

ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଞ୍ଝାଲ ସମାଜ ଯୁବ ଗୋଷ୍ଠୀ ପକ୍ଷରୁ ରବିବାର ପାଇକମାଲ ନିକଟସ୍ଥ ନୃସିଂହନାଥ ମନ୍ଦିର ବିନ୍ଧ୍ୟ ବାସିନୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ ସଂସ୍କୃତି, ପରମ୍ପରା, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ତଥା ବିଞ୍ଝାଲ ସମାଜର ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ନାରୀ ସୁରକ୍ଷା ଓ ଏହାର ସଶକ୍ତିକରଣ କିପରି ହେବ ତାହା ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସମାଜରେ ବଢୁଥିବା କୁସଂସ୍କାର ତଥା ଯୁବଗୋଷ୍ଠୀ ମଦରୁ ନିବୃତ୍ତ ରହିବା ପାଇଁ ଦୃଢ଼ ସଂକଳ୍ପ ନିଆ ଯାଇଥିଲା। ଏହି ବୈଠକରେ ନୂଆପଡ଼ା ଜିଲାରୁ ଶହୀଦ ମାଧୋସିଂ ବରିହା, ଜିଲା ସଙ୍ଗଠନ ପକ୍ଷରୁ ତୁଳସୀ ରାମ ବରିହା, ବାବୁଲାଲ ବରିହା, ମୋତିରାମ ବରିହା, ଅମୃତ ବରିହା, ବରଗଡ ଜିଲାରୁ ପ୍ରକାଶ ଚନ୍ଦ୍ର ବରିହା, ଦୁର୍ଯ୍ୟୋଧନ ବରିହା, ଲକ୍ଷ୍ମୀକାନ୍ତ ବରିହା, ମାନସ ରଞ୍ଜନ ବରିହା, ଭିମ ବରିହା, ଝସକେତନ ବରିହା, ଉମାକାନ୍ତ ବରିହା, ସୌଦାଗର ବରିହା ପ୍ରହଲ୍ଲାଦ ବରିହା ବୃନ୍ଦାବନ ବରିହା, ବିଶଜିତ ବରିହା, ରମେଶ ସିଂ ବରିହା, ବଲାଙ୍ଗୀର ଜିଲାରୁ ଯଶୋବନ୍ତ ବରିହା ଯୋଗ ଦେଇଥିଲେ।

# ଧାନ ଓ ମାଣ୍ଡିଆ ଫସଲ ନଷ୍ଟ କଲେ ହାତୀପଲ

ବଘିଆପଡା,୨୨।୯(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଅଧୀନ ବଘିଆପଡା ଗ୍ରାମ ପଞ୍ଚାୟତର ରେଙ୍ଗାଲି ଗ୍ରାମରେ ହାତୀ ପଲ ଧାନ ଓ ମାଣ୍ଡିଆ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ରବିବାର ଭୋର ସମୟରେ ହାତୀ ପଲ ରେଙ୍ଗାଲି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବାହାରି ଗ୍ରାମର ଚାଷୀ ସାଗର କହଁର ଓ ସୁଶାନ୍ତ ଜାନୀଙ୍କ ଧାନ ଓ ମାଣ୍ଡିଆ ଚାଷ ଜମିରେ ପଶି ଫସଲ ଦଳି ଚକଟି ନଷ୍ଟ କରିଦେଇଛି। ଦୁଇ ଦିନ ହେବ ହାତୀ ପଲ ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିଥିବା ଯୋଗୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏପଟେ ବନବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।


ହାତୀ ପଲ ଦ୍ୱାରା ଧାନ ଚାଷ ନଷ୍ଟ ହୋଇଯାଇଛି।

# କୋର୍ଟ ପରିସରରେ ରକ୍ତଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବୌଦ୍ଧ,୨୨।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ଜିଲା ନ୍ୟାୟାଳୟ ପରିସରରେ ରବିବାର ଦିନ ଏକ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରକୁ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରେ ୫୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସିଜେଏମ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ସବଜଜ୍ ଶୀତିକଣ୍ଠ ପ୍ରଧାନ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାୟକ, ଏସ୍‌ଡିଜେଏମ ସୁଶ୍ରୀ ସଙ୍ଗୀତା ଦାସ ଯୋଗ ଦେଇଥିଲେ । ଜିଲା ଓକିଲ ସଂଘର ସଭାପତି ଧୂରୀଣ କୁମାର ଦେହୁରୀ, ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର, ରାଜୀବ ଦଲାଲ, ଶାନ୍ତନୁ କୁମାର ମହାପାତ୍ରଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟର ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଅଶୋକ ପ୍ରଧାନ, ବିକେଆରସି ହେମ୍ରମ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ । ଶିବିରରେ ବହୁ ସଂଖ୍ୟକ କୋର୍ଟ କର୍ମଚାରୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।



ଶିବିରରେ ଜିଲା ଦୌରାଜଜ୍ ରକ୍ତଦାନ କରୁଛନ୍ତି।

# ଉଦ୍‌ଯାପିତ ହେଲା କୋଶଳ ଅସ୍ମିତା ରଥ ପରିକ୍ରମା

ସୋନପୁର,୨୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶରୀଙ୍କ ପୀଠରେ କୋଶଳ ଅସ୍ମିତା ରଥ ପରିକ୍ରମା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥି ନେଇ ମନ୍ଦିର ପରିସରରେ ଏକ ଉତ୍ସବର ଆୟୋଜନ ହୋଇଥିଲା। ପଶ୍ଚିମ ଓଡ଼ିଶାର ଅସ୍ମିତା, ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ସକାଶେ ସାଧାରଣ ଜନତାକୁ ସଚେତନ କରିବା ପାଇଁ ଚଳିତ ମାସ ୧୭ ତାରିଖରୁ କୋଶଳ ଅସ୍ମିତା ରଥ ଯାତ୍ରା ଆରମ୍ଭ ହୋଇଥିଲା। ଏହି ରଥ ପଶ୍ଚିମ ଓଡିଶା ପରିକ୍ରମା କରିବା ପରେ ରବିବାର ସୁବର୍ଣ୍ଣପୁରରେ ପହଞ୍ଚିଥିଲା ।

ବଲାଙ୍ଗୀର ଜିଲା ପାଟଣାଗଡର କୋଶଳେଶ୍ୱର ମନ୍ଦିରରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିଲା। ପରେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋଶଳ ହେରିଟେଜ ଟ୍ରଷ୍ଟ ତରଫରୁ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକମରେ ଏକାଡେମୀର ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଅଧକ୍ଷତା କରିଥିଲେ। ଏକାଡେମୀର ଯୁଗ୍ମ ସମ୍ପାଦକ ବ୍ରଜମୋହନ ଦାନୀ, ସୁବର୍ଣ୍ଣପୁର ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ଡ. ଜ୍ୟୋତି ରଞ୍ଜନ ବହିଦାର, ଡ. ସନ୍ତୋଷ କୁମାର ପାଢୀ, ଡ. ଦେବାଶିଷ ପାଣ୍ଡିଆ, କବି ଆର୍ତ୍ତତ୍ରାଣ ବାବୁ, ସମାଜସେବୀ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ନାରୀ ନେତ୍ରୀ ସୋନାଲୀ ବିଶି, ଏକାଡେମୀର ସାଂସ୍କୃତିକ ସମ୍ପାଦକ ସରୋଜ କୁମାର ଭୂୟାଁ ଓ ଯୁଗ୍ମ ସମ୍ପାଦକ ଡ଼ ସାକେତ ଶ୍ରୀଭୂଷଣ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୋଶଳ ଅସ୍ମିତା ରଥର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ଅଧକ୍ଷା ପ୍ରଫେସର ମୀନା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କୋଶଳି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ମାନ୍ୟତା ଦେବା, ପ୍ରାଥମିକ ସ୍ତରରେ ଏହି ଅଞ୍ଚଳର ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷା କୋଶଳି ଭାଷାରେ ଶିକ୍ଷାଦାନ କରିବା, କୋଶଳି ଭାଷାକୁ ଓଡ଼ିଶା ରାଜ୍ୟର ଦ୍ୱିତୀୟ ସରକାରୀ ଭାଷା ଭାବରେ ଗ୍ରହଣ କରାଯିବା, ବରୁଆ ତତ୍ତ୍ୱ ବିଶିଷ୍ଟ ଯାନିଯାତ୍ରା ଯାହା ଯୋଗ ତତ୍ତ୍ୱ ଭାବରେ ପ୍ରତିଷ୍ଠିତ ତାହାର ସୁରକ୍ଷା ଓ ସମୃଦ୍ଧି କରାଯିବା ଆଦି ଦାବିକୁ ନେଇ ଏହି ଯାତ୍ରା କରାଯାଇଥିଲା । ଏଥି ସହ ଆସନ୍ତା ଜନ ଗଣନାରେ କୋଶଳି ଭାଷାକୁ ନିଜର ମାତୃଭାଷା ଭାବେ ଉଲ୍ଲେଖ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଯାତ୍ରା ସମୟରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଜିଲାପାଳ ମାନଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏହି କୋଶଳ ଅସ୍ମିତା ରଥ କୁ ସମଗ୍ର ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇ ଏହାକୁ ସମର୍ଥନ ଜଣାଇଥିଲେ । ସୋନପୁର ବ୍ଲକ ବୈଦନାଥର ପ୍ରସିଦ୍ଧ ତଥା ବହୁ ପ୍ରାଚୀନ କୋଶଳେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ସହ ଏହି ଯାତ୍ର ଉଦ୍‌ଯାପିତ ହୋଇଛି ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ସାହିତ୍ୟିକ ଓ ବୁଦ୍ଧିଜୀବୀ।

# ଆଗାମୀ ଦିନରେ ମଣ୍ଡିର ଆଧୁନିକୀକରଣ ହେବ: ମନ୍ତ୍ରୀ ସୁରେଶ ପୂଜାରୀ

## ମନମୋହନ ସ୍କୁଲ ପଡ଼ିଆରେ ବିକାଶ ମେଳା ଉଦ୍‌ଘାଟିତ

■ମଣ୍ଡିରେ ବିନା କାରଣରେ କଟନିଛଟନି ବନ୍ଦ ହେବ

ଝାରସୁଗୁଡ଼ା,୨୨।୯(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆରେ ରବିବାର ବିକାଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଏବଂ ସ୍ଥାନୀୟ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାପାଳ ଅବୋଲି ସୁନୀଲ ନରୱଣେ ସଭାରେ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ବିଭିନ୍ନ ପଦକ୍ଷେପ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ ପୂଜାରୀ ଝାରସୁଗୁଡ଼ା ଜିଲାରେ ଏକ ଲକ୍ଷ୍ୟ ପଚିଶ ହଜାର ମହିଳା ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଥିବା ବେଳେ ଆଗାମୀ ଦିନରେ ସବୁ ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ। ମଣ୍ଡିରେ ବିନା କାରଣରେ କଟନିଛଟନି ବନ୍ଦ ହେବା ସହ ଆଗାମୀ ଦିନରେ ମଣ୍ଡିର ଆଧୁନିକୀକରଣ ହେବ। ସବୁ ଗରିବ ଲୋକଙ୍କୁ ଚାରି ଡିସିମିଲ ଜମି ଯୋଗାଇଦେବା ତଥା ହୀରାକୁଦ ବିସ୍ଥାପିତମାନଙ୍କୁ ଜମି ଯୋଗାଇଦେବା ଦିଗରେ ପଦକ୍ଷେପ ନିଆଯାଉଛି। ଓଡ଼ିଶାର ସବୁ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲକୁ ପଙ୍ଖା ଯୋଗାଇ ଦିଆଯିବ। ଅର୍ଥାଭାବରୁ ପାଠପଢ଼ା ଛାଡୁଥିବା ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରମାନଙ୍କ ସକାଶେ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଝାରସୁଗୁଡ଼ାକୁ ଏକ ବିକଶିତ, ଆଦର୍ଶ ଓ ପ୍ରଦୂଷଣମୁକ୍ତ ଜିଲାରେ ପରିଣତ କରିବା ଦିଗରେ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ୍‌ଦେଇ ସ୍ଥାନୀୟ ଝାରସୁଗୁଡ଼ାର ବିଧାୟକ ତ୍ରିପାଠୀ ନିର୍ବାଚିତ ସରକାର ସାଧାରଣ ଲୋକଙ୍କ ପାଖରେ ଉତ୍ତରଦାୟୀ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ସୁଭଦ୍ରା ଯୋଜନା ଓଡ଼ିଶାର ମା'ମାନଙ୍କ ସ୍ୱାଭିମାନ, ଆତ୍ମବିଶ୍ୱାସ ଓ ଶକ୍ତି ବୃଦ୍ଧି ଲାଗି ଅଭିପ୍ରେତ ବୋଲି ସେ କହିଥିଲେ। ଝାରସୁଗୁଡ଼ାରେ ସବୁ କ୍ଷେତ୍ରରେ ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ବିଧାୟକ ଆହ୍ୱାନ ଦେବା ସହ ଆଗାମୀ ଦିନରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟକୁ ସରକାରୀ କରାଯିବା, ବିମାନ ବନ୍ଦର ସମ୍ପ୍ରସାରଣ, ପନିପରିବା ସଂରକ୍ଷଣ ସକାଶେ ଶୀତଳଭଣ୍ଡାର ସ୍ଥାପନା ତଥା କିର୍ମିରା ଓ ଲଇକେରା ବ୍ଲକକୁ ଆଦର୍ଶ ଗ୍ରାମ ଯୋଜନାନ୍ତର୍ଭୁକ୍ତ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଉଲ୍ଲେଖ କରିଥିଲେ। ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରୁ ରେଫରାଲ ହୋଇ ବୁର୍ଲା ଯାଉଥିବା ରୋଗୀମାନଙ୍କ ସକାଶେ ବୁର୍ଲା ବୀର ସୁରେନ୍ଦ୍ର ସାଏ ହସ୍ପିଟାଲରେ ଏକ ସହାୟତା କେନ୍ଦ୍ର ଖୋଲାଯାଇଥିବା ଓ ଏହା ଦାରା ଚିକିତ୍ସା ପାଇବା ପାଇଁ ଏହି ରୋଗୀମାନେ ଉପକୃତ ହେବେ ବୋଲି ବିଧାୟକ ତ୍ରିପାଠୀ ସୂଚନା ଦେଇଥିଲେ। ସୁଭଦ୍ରା ଯୋଜନାର ଯୋଗ୍ୟ ସାତ ଜଣ ମହିଳା ହିତାଧିକାରୀଙ୍କୁ କାର୍ଯ୍ୟକ୍ରମ ଅବସରରେ ଡମି ଚେକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କୁ ଉପଢୌକନ, ମେମେଣ୍ଟୋ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପୂର୍ବରୁ ବିକାଶ ମେଳା ଉପଲକ୍ଷେ ବିଭିନ୍ନ ସରକାରୀ ବିଭାଗ, ଓରମାସ ଆୟୋଜିତ ଷ୍ଟଲ ଉଦ୍‌ଘାଟିତ ହୋଇଥିଲା। ମନ୍ତ୍ରୀ ଓ ବିଧାୟକ ଷ୍ଟଲ ବୁଲି ଦେଖିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଜିଲାପାଳ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଓରମାସ ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ବିକାଶ ମେଳା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ମହିଳା ହିତାଧିକାରୀଙ୍କୁ ଡମି ଚେକ୍ ପ୍ରଦାନ କରାଯାଉଛି।

# ୩୧ତମ ରାଜ୍ୟସ୍ତରୀୟ ସପ୍ତେଶ୍ୱର କପ୍ ଫୁଟ୍‌ବଲ ଉଦ୍‌ଯାପିତ


ଫାଇନାଲ ଖେଳ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଖଜୁରୀଖମଣ ଫୁଟବଲ ପଡିଆଠାରେ ସପ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ମୋଟ ୧୬ଟି ଦଳକୁ ନେଇ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ସପ୍ତେଶ୍ୱର ଫୁଟବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡଁରା(ବାରକୋଟ)ର ବଜରଙ୍ଗୀ ଫୁଟବଲ କ୍ଲବକୁ ପରାସ୍ତ କରି ସ୍ମୃତି ଏଣ୍ଡ କାର୍ତ୍ତିକ ରକ୍ଷାର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ଲିଙ୍ଗରାଜ ପ୍ରଧାନ, ଶଶୀକାନ୍ତ ଦାସିଆ, ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ ଓ ପରେଶ ଭୋଇ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ, ପୌଲସ୍ତି ନାୟକ, କ୍ରିଷ୍ଣା ନାୟକ ଓ ପପୁ ସାହୁ ମ୍ୟାଚର ଧାରା ବିବରଣି ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ସପ୍ତେଶ୍ୱର କ୍ଲବ ସଭାପତି ଦିଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସମ୍ପାଦକ ସଚ୍ଚିକାନ୍ତ ଦାଶ, ଉପସଭାପତି ଭାରତ ଭୂଷଣ ପ୍ରଧାନ ଓ ହରମୋହନ ପାଣି, ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ଦେବଗଡ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ ଭାଜପା ନେତା ସତ୍ୟ ନାରାୟଣ ପାଣି, ନରହରି ପ୍ରଧାନ ଓ ମହନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ସ୍ମୃତି ଏଣ୍ଡ କାର୍ତ୍ତିକ ରକ୍ଷାରକୁ ଟ୍ରଫି ସହ ନଗଦ ୫୦ ହଜାର ଟଙ୍କା ଅର୍ଥ ପୁରସ୍କାର ଓ ରନର ଅପ ବଜରଙ୍ଗୀ ଫୁଟବଲ କ୍ଲବକୁ ଟ୍ରଫି ସହ ନଗଦ ୪୦ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବ ସମ୍ପାଦକ ଡୋଳାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତା ଆୟୋଜନରେ କ୍ଲବର ମନୋଜ ସାମଲ, ଦିଲୀପ ନାୟକ, ହିମାଂଶୁ ପ୍ରଧାନ, ପାନାଲାଲ ବେହେରା, କମଳ ନାଏକ ଓ ପ୍ରକାଶ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରିୟ ଭାବେ ସହଯୋଗ କରିଥିଲେ।

# ବେଆଇନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଗୋରୁ ମୃତ

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଛେପିଲିପାଲି ପଞ୍ଚାୟତ ଧୋବଲିପଥର ଗ୍ରାମରେ ବେଆଇନ ଭାବେ ଟଣାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଗୋରୁର ମୃତ୍ୟୁ ଘଟିଥିବା ଜଣାପଡିଛି। ହାତୀ ଉପଦ୍ରବ ରୋକିବା ପାଇଁ ଉକ୍ତ ଗାଁର ଜଣେ ବ୍ୟକ୍ତି ବିଦ୍ୟୁତ୍ ସୁରକ୍ଷା ବାଡ ଦେଇଥିବା ବେଳେ ଉକ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋରୁଟିର ମୃତ୍ୟୁ ଘଟିଥିବା ବନବିଭାଗ ଠାରୁ ଜଣାପଡିଛି। ସୂଚନା ପାଇବା ପରେ ଶନିବାର ସନ୍ଧ୍ୟାରେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୁରକ୍ଷା ବାଡ ପାଇଁ ବ୍ୟବହାର ହୋଇଥିବା ବିଦ୍ୟୁତ୍ ତାରରେ ସୋଲାର ବଦଳରେ ବ୍ୟାଟେରିକୁ ସିଧାସଳଖ ବିଦ୍ୟୁତ୍ ସଂଯୋଗ କରିଥିବାରୁ ଗୋରୁ ମୃତ୍ୟୁ ଘଟିଥିବା ଜଣାପଡିଛି। ତେବେ ଶୁକ୍ରବାର ରାତ୍ରିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋରୁ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଶନିବାର ସକାଳେ ଗୋରୁର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ।

# ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ



ବିକାଶ ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ପ୍ରଧାନପାଟ ବଡବଗିଚାରେ ୩ଦିନ ଧରି ଚାଲିଥିବା ବିକାଶ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶହେ ଦିନ ପୂରଣ ମଧ୍ୟରେ ଆରମ୍ଭ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ ରହିଥିଲା। ଜିଲା ପ୍ରଶାସନ ଆନୁକୂଲ୍ୟରେ ଗତ ୨୦ ତାରିଖଠାରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ବିଭାଗ ଦ୍ୱାରା ଷ୍ଟଲ ଖୋଲାଯାଇ ସରକାରୀ ଯୋଜନା ଉପରେ ଲିଫଲେଟ ବଣ୍ଟନ ସହ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ କେଉଁ ବିଭାଗରୁ କେଉଁ ଯୋଜନା ନେଇ ଜନସାଧାରଣ ଲାଭବାନ ହୋଇପାରିବେ ସେ ନେଇ ପରାମର୍ଶ କରାଯାଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ଶତାଧିକ ଲୋକଙ୍କ ଗହଳି ରହିଥିଲା। ଏହି ଅବସରରେ ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ବିକ୍ରୟ ହୋଇଥିଲା। ଉଦଯାପନୀ ସନ୍ଧ୍ୟାରେ ମଧ୍ୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଉଦ୍ୟାନ ବିଭାଗ ସହ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଓରମାସ ଡେପୁଟି ସିଇଓ ରବିନ୍ଦ୍ର ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

କୋଲାବିରା,୨୨।୯(ଚିନ୍ମୟ କୁମାର ବହିଦାର)



ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ଗ୍ରାମ ଶିଣ୍ଡିପଡାର ଅବସରପ୍ରାପ୍ତ ଶିକ୍ଷକ ହଲଧର ସାହୁ (୭୨)ଙ୍କ ରବିବାର ଭୋରରୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ଶନିବାର ରାତିରେ ଖାଇପିଇ ଶୋଇଥିବା ବେଳ ରାତି ୩ଟା ସମୟରେ ଛାତିରେ ଯନ୍ତ୍ରଣା ହେବା ସହିତ ଅସହଜ ଅନୁଭବ କରିବାରୁ ତାଙ୍କୁ ଗ୍ଲୁକୋଜ ପାଣି ଦେବା ପରେ ଶୋଇଯାଇଥିଲେ। ମାତ୍ର ସକାଳୁ ଆଉ ସେ ଉଠି ନ ଥିଲେ। ଶୋଇବା ଅବସ୍ଥାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ଖବର ପ୍ରାସିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଶିକ୍ଷକତାରୁ ଅବସର ନେବା ପରେ ସାମାଜିକ କାର୍ଯ୍ୟରେ ନିୟୋଜିତ ରହି ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ବହୁ ବିଶିଷ୍ଟ ଲୋକ ତାଙ୍କର ଶେଷ ଦର୍ଶନ କରି ଶବାଧାରରେ ସାମିଲ ହୋଇଥିଲେ। ତାଙ୍କ ଦୁଇପୁଅ ମନୋଜ ଓ ନିରୋଜ ମଧ୍ୟରୁ ବଡପୁଅ ମୁଖାଗ୍ନି ଦେଇଥିଲେ।

# ପୁରୁଣାପାଣି ଫୁଟ୍‌ବଲ କ୍ଲବ ଚାମ୍ପିୟନ

## ପଞ୍ଚ ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ ନୂଆଁଗାଁ ଗ୍ରାମରେ ଦୋଳ ଗୋବିନ୍ଦ ସଂଘ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମୋଟ ୨୪ଟି ଦଳକୁ ନେଇ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ଫୁଟବଲ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜାମୁଝରୀ ଫୁଟବଲ କ୍ଲବକୁ ଟ୍ରାଇବେକର ସହାୟତାରେ ୫-୩ ଗୋଲରେ ପରାସ୍ତ କରି ପୁରୁଣାପାଣି ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ରେଫରୀ ଭାବେ ପଦ୍ମଚରଣ ଗୁରୁ, ଚମରୁ କିଷାନ ଓ ସୁଜିତ ବାରିକ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ପିଙ୍କୁ ନାୟକ ଓ ଟିଙ୍କୁ ସାମଲ ମ୍ୟାଚର ଦାରା ବିବରଣି ପ୍ରଦାନ କରିଥିଲେ। ଆୟୋଜକ ଦୋଳ ଗୋବିନ୍ଦ ସଂଘ ସଭାପତି ସୁଜ୍ଞାନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ଜଳ ବିଭାଜିକା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଅଶେଷ କୁମାର ଦାସ, ସମ୍ମାନିତ ଅତିଥି ଭାବେ ନୂଆଁଗାଁ ଗ୍ରାମର ବୟୋଜ୍ୟେଷ୍ଠ ମହେଶ୍ୱର ପ୍ରଧାନ ଓ ଗିରେଶ୍ୱର ଦାସ ଯୋଗଦେଇ ଚାମ୍ପିୟନ ପୁରୁଣାପାଣି ଫୁଟବଲ କ୍ଲବ ଓ ରନର ଅପ୍ ଜାମୁଝରୀ ଫୁଟବଲ କ୍ଲବକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମ୍ପାଦକ ଶୁକଦେବ ଧଳ ଓ କୋଷାଧ୍ୟକ୍ଷ ଦୁଷ୍ମନ୍ତ କିଷାନ, ଆଲୋକ ମହାକୁଳ ଓ ସଞ୍ଜୀବ ନାୟକଙ୍କ ସମେତ ନୂଆଁଗାଁ ଗ୍ରାମର ବହୁ ଯୁବକ ସକ୍ରିୟ ଭାବେ ସହଯୋଗ କରିଥିଲେ।


ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ମଠସାହି ଦୁର୍ଗା ପୂଜା କମିଟିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ୩ନଂ. ୱାର୍ଡ଼ ଅଧୀନ ମଠସାହି ଛକଠାରେ ମଠସାହି ଦୁର୍ଗା ପୂଜା କମିଟି ପକ୍ଷରୁ ପାର୍ବଣ ପୂଜା ଉପଲକ୍ଷେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କମିଟି ସଭାପତି କାଳିଆ ମାଝି ଓ ସମ୍ପାଦକ ବିଜୟ ମେହେରଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସଭାପତି ମନମୋହନ ସାହୁ ଓ ସଦସ୍ୟମାନେ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ସହ ଦୁର୍ଗା ପୂଜା ଆୟୋଜନ ହୋଇଆସୁଛି। ଚଳିତବର୍ଷ ଭିନ୍ନ ଧରଣରେ ତଥା ଆକର୍ଷଣୀୟ ପୂଜା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକେଶ୍ୱର ପଟ୍ଟନାୟକ, ପ୍ରଦୀପ ବେହେରା, ଅଭିମନ୍ୟୁ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ସରୋଜ ବେହେରା, ରୂପକ ମାଝି, ଶରତ ମେହେର, ରାଜୁ ସାହୁ, ରାଜା ବେହେରା, ବୁନୁ ଆଚାର୍ଯ୍ୟ, ସନ୍ତୋଷ ଯାଦବ, ରବି ଠାକୁର, ସୁମିତ ବାଘ, ଅମିତ ଓଝିଆ, ପୀଙ୍କୁ ସାହୁ, ଚନ୍ଦନ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ସାହିବାସୀନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଣ୍ଡଗୋହିରା ଆଦିବାସୀ ପଡ଼ାରେ ଲାଗିଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଦୁଧିଆନାଳି ପଞ୍ଚାୟତ ମୁଣ୍ଡଗୋହିରା ଆଦିବାସୀ ପଡାରେ ଗତ ଅଗଷ୍ଟ ୧୪ରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଗ୍ରାମବାସୀଙ୍କ ଦାବି ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନ ଥିଲେ। ଗ୍ରାମବାସୀଙ୍କ ନିବେଦନ ପରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ହସ୍ତକ୍ଷେପ କରିଥିଲେ। ସ୍ଥାନୀୟ ଲୋକଙ୍କୁ ନେଇ ଦେବଗଡ ଟିପିଡବ୍ଲୁଓଡିଏଲ କାର୍ଯ୍ୟାଳୟ ଘେରାଉ କରିବା ସହ ଖୁବଶୀଘ୍ର ଟ୍ରାନ୍ସଫର୍ମର ନ ଲାଗିଲେ ଆନ୍ଦୋଳନ କରିବା ଚେତାବନୀ ଦେଇଥିଲେ। ଫଳରେ ବିଭାଗ ପକ୍ଷରୁ ଉକ୍ତ ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ଲଗାଇବା ସହ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି।

# ଜୀବନ ବୀମା କର୍ମଚାରୀ ସଂଘର ଡିଭିଜନସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ


ଡିଭିଜନସ୍ତରୀୟ ସମ୍ମିଳନୀ ଉଦ୍‌ଯାପନୀରେ ଜୀବନ ବୀମା କର୍ମଚାରୀ ସଂଘର ସଦସ୍ୟମାନେ।

ଝାରସୁଗୁଡ଼ା,୨୨।୯(ସଞ୍ଜୟ ମାଲି)

ଝାରସୁଗୁଡା ସହରସ୍ଥିତ ଏକ ଘରୋଇ ହୋଟଲଠାରେ ଜୀବନ ବୀମା କର୍ମଚାରୀ ସଂଘର ଡିଭିଜନସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସଂଘର ଦ୍ୱିତୀୟ ଦିନ ରବିବାର ପ୍ରତିନିଧି ସଭାକୁ ସଂଘ ସଭାପତି ରାଜୀବଲୋଚନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଚାଳିସ ପୃଷ୍ଠାର ରିପୋର୍ଟ ସାଥି ସମ୍ପାଦକ ନିରଞ୍ଜନ ବିଶିଙ୍କ ଦ୍ୱାରା ଆଲୋଚନା ପାଇଁ ଗୃହରେ ରଖାଗଲା। ଏହି ରିପୋର୍ଟକୁ ନେଇ ସତର ଜଣ ପ୍ରତିନିଧି ବିଭିନ୍ନ ବ୍ରାଞ୍ଚରୁ ରିପୋର୍ଟ ଉପରେ ଆଲୋଚନା ଉପସ୍ଥାପିତ କରିଥିଲେ। ପ୍ରତିନିଧି ସଭାରେ ମୁଖ୍ୟଅତିଥି ସାଥି ଧର୍ମରାଜ ମାହାପାତ୍ର ଓ ମୁଖ୍ୟବକ୍ତା ତ୍ରିନାଥ ଦୋରା କହିଲେ ସୋମବାର ସମସ୍ତ କେନ୍ଦ୍ରୀୟ ଗଣସଙ୍ଗଠନ ପକ୍ଷରୁ ଶ୍ରମ ଆଇନକୁ ନେଇ ଦେଶ ବ୍ୟାପୀ ଧାରଣା ପ୍ରତିବାଦ ସଭା ତଥା ଇଉନିଫାଇଡ ପେନସନ ସ୍କିମକୁ ବିରୋଧ କରାଯିବ। ଏହି କାର୍ଯ୍ୟକର୍ମରେ ବୀମା କର୍ମଚାରୀ ସଂଘ ଶାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହା ପରେ ପ୍ରତିନିଧି ସଭାରେ ସତରଟି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହାପରେ ସାଥି ରତ୍ନାକର ପ୍ରଧାନଙ୍କୁ ଜଣେ ଶ୍ରମିକ କର୍ମଚାରୀ ସଂଗଠକ ଓ ସାଥି ବସନ୍ତ ନାଥଙ୍କୁ ସାହିତ୍ୟକ ଭାବେ ମଞ୍ଚରେ ମୁଖ୍ୟଅତିଥି ସାଥି ଧର୍ମରାଜ ମାହାପାତ୍ରଙ୍କ ଦ୍ୱାରା ଉପଢୌକନ ଓ ଫୁଲଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହାବାଦ ୨୦୨୪-୨୫ ପାଇଁ ନିର୍ବାଚନ ହୋଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ନିରଞ୍ଜନ ବିଶି, ସାଧାରଣ ସମ୍ପାଦକ ବୀରକିଶୋର ନାୟକ ଓ କୋଷାଧ୍ୟକ୍ଷ ମଙ୍ଗଳୁ ବେହେରା ନିର୍ବାଚିତ ହୋଇଥିଲେ। ସମ୍ମିଳନୀରେ ୧୪୭ଜଣ ପ୍ରତିନିଧି ଯୋଗଦେଇଥିଲେ। ପ୍ରତିନିଧି ସଭାରେ ଅରୁନ ଟଇନି, ଅର୍ଜ୍ଜୁନ ପ୍ରଧାନ, ନବୀନ ସିହ୍ନା, ବେଦବ୍ୟାସ ଭୋଇ, ଆଶିଷ ଶୁକ୍ଳା, ବରୁନ ପଟେଲ, ସନାତନ ସରେନ, କନକ ନାୟକ, କଶୋରୀ ଛନଛାନ ଓ ଗୋପୀନାଥ ମିଶ୍ର ଉପସ୍ଥିତ ଥିଲେ। ଉପସଭାପତି ମହେଶ୍ୱର ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଳିକା, ବାଳକ ବର୍ଗରୁ ୯୦ଜଣ ଜିଲାସ୍ତରୀୟ ପାଇଁ ମନୋନୀତ

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ଶିବିର ଉଦ୍‌ଯାପିତ

ଦେବଗଡ଼,୨୨।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ କଣ୍ଟେଳ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ୨ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ଚୟନ ଶିବିର ୨୦୨୪-୨୫ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ କଣ୍ଟେଳ ନୋଡାଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର ଗଡନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ ଶିକ୍ଷା ଅଧିକାରୀଣୀ ଗାୟତ୍ରୀ ସାହୁ କ୍ରୀଡା ପତାକା ଉତୋଳନ ପୂର୍ବକ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବଳମ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କନ୍ତାରୁ ପ୍ରଧାନ ଯୋଗଦେଇଥିଲେ। ଶିକ୍ଷକ ଭୋଳେଶ୍ୱର ସାହୁ ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି କ୍ରୀଡ଼ା ଚୟନ ଶିବିରର ପ୍ରଥମ ଦିବସରେ ଶୁକ୍ରବାର ହକି, କବାଡି, ଭଲିବଲ, କ୍ରିକେଟ ଓ ଦୌଡକୁଦ ପ୍ରତିଯୋଗିତାରେ ବାରକୋଟ ବ୍ଲକର ବିଭିନ୍ନ ବିଦ୍ୟାଳୟର ମୋଟ ୧୦୭ଜଣ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଦ୍ୱିତୀୟ ଦିବସ ଶନିବାରରେ ହକି, କବାଡ଼ି, ଭଲିବଲ, କ୍ରିକେଟ ଓ ଦୌଡକୁଦ ପ୍ରତିଯୋଗିତାରେ ୨୧୬ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଉଭୟ ବାଳକ ଓ ବାଳିକା ବର୍ଗରୁ ମୋଟ ୯୦ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଚୟନ କରାଯାଇଥିଲା। କଣ୍ଟେଳ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚୟନ ଶିବିର ପରିଚାଳନାରେ ବାରକୋଟ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଏହି ୨ ଦିନିଆ ଶିବିର ଶନିବାର କଣ୍ଟେଳ ନୋଡାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ କ୍ରୀଡ଼ା ପତାକା ଅବତରଣ ପୂର୍ବକ ଉଦ୍‌ଯାପନ କରିଥିଲେ।


ଉଦ୍‌ଯାପନୀରେ କ୍ରୀଡ଼ା ପତାକା ଅବତରଣ କରାଯାଉଛି।

## ସଂକ୍ଷେପରେ

### ଅବକାରୀ ବିଭାଗ ପକ୍ଷରୁ ମଦ ଦୋକାନରେ ଯାଞ୍ଚ

ଲହୁଣୀପଡ଼ା,୨୨।୯(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ବିଦେଶୀ ମଦ ଦୋକାନ ଓ ବାର ଗୁଡିକରେ ଲହୁଣୀପଡ଼ା ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ନକଲି ମଦ ଯାଞ୍ଚ କରାଯାଇଛି। ସୂଚନାଯୋଗ୍ୟ, ଲହୁଣୀପଡ଼ା ବସ ଷ୍ଟାଣ୍ଡ ନିକଟରେ ଥିବା ମଦ ଦୋକାନ, ଏସଏସ ଗାର୍ଡେନ ବାର ଏବଂ ୧୪୩ ନମ୍ବର ଜାତୀୟ ରାଜପଥର ସମରଦରୀ ଠାରେ ଥିବା ମଦ ଦୋକାନରେ ନକଲିମଦ ଯାଞ୍ଚ କରାଯାଇଥିବା ଜଣାପଡିଛି। ଲହୁଣୀପଡ଼ା ଅବକାରୀ ଅଧିକାରୀ ତେଜରାଜ ଗହୀରଙ୍କ ନେତୃତ୍ୱରେ କର୍ମଚାରୀ ପଞ୍ଚାନନ ଜେନା, ସୁକୁମାର ସାହୁ, ଜ୍ୟୋତି ପ୍ରକାଶ ଛୁରିଆ ପ୍ରମୁଖ ସାମିଲ ଥିଲେ।

### ସାପ କାମୁଡ଼ାରେ ନାବାଳିକା ମୃତ

କୁଆଁରମୁଣ୍ଡା,୨୨।୯(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ରିଙ୍ଗ ଗ୍ରାମରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦ୍ରିକା କୁମ୍ଭାର(୧୨)। କୁଆଁରମୁଣ୍ଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଶନିବାର ରାତିରେ ଚନ୍ଦ୍ରିକା ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋରୁ ତାଙ୍କର ମୃତ୍ୟୁ ଘଟିଥିଲା।

### ରାଜଗାଙ୍ଗପୁରର ବିଭିନ୍ନ ମନ୍ଦିରରୁ ଚୋରି

ରାଜଗାଙ୍ଗପୁର,୨୨।୯(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରରେ ଥିବା ବିଭିନ୍ନ ମନ୍ଦିରରୁ କିଛିଦିନ ହେବ ନିୟମିତ ଭାବେ ଚୋରି ହେଉଥିବା ଅଭିଯୋଗ ହେଉଛି। ରାଜଗାଙ୍ଗପୁର ବସଷ୍ଟାଣ୍ଡରେ ଥିବା ଆଖଣ୍ଡଳେଶର ମନ୍ଦିରରୁ କିଛିଦିନ ତଳେ ବିଭିନ୍ନ ପୂଜା ସାମଗ୍ରୀ,ବାସନ ଚୋରି ହୋଇଥିଲା। ଷ୍ଟେଶନ ପଡାରେ ଥିବା ହନୁମାନ ମନ୍ଦିର ଓ ମନସା ଦେବୀ ମନ୍ଦିର ଉପରେ ଥିବା ଗୁମ୍ବଜ ଚୋରି ହୋଇଥିଲା। ଶନିବାର ରାତିରେ ସହରର ମଧ୍ୟ ଭାଗରେ ଥିବା ମା'ଦୁର୍ଗାଙ୍କ ମନ୍ଦିର ଉପରେ ଲାଗିଥିବା ୫ଟି ଗୁମ୍ବଜ ଚୋରି ହୋଇଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ୬୦ ୟୁନିଟ୍ ରକ୍ତ ସଂଗ୍ରହ

ରାଉରକେଲା,୨୨।୯(ଦିନେଶ ମିଶ୍ର)

ଇନର ହୁଇଲ କ୍ଲବ ରାଉରକେଲା ରିଭରସାଇଡ ପକ୍ଷରୁ ଓଏସ୍‌ଏପି ୪ର୍ଥ ବାଟାଲିୟନ୍ ପରିସରରେ ଏକ ରକ୍ତଦାନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍) ରକ୍ତ ଭଣ୍ଡାରର ଡାକ୍ତର ପ୍ରଶାନ୍ତ କୁମାର ଦାଶ ଓ ସହ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଶିବିରରେ କ୍ଲବର ପ୍ରାୟ ୬୦ ଜଣ ରକ୍ତଦାତା ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଓଏସ୍‌ଏପି କମାଣ୍ଡାଣ୍ଟ ପ୍ରମୋଦ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ହାଇଟେକ୍ ମେଡିକାଲ କଲେଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ଶୁଶାନ୍ତ କୁମାର ଆଚାର୍ଯ୍ୟ ସହଯୋଗ କରିଥିଲେ।

# ୩ ଦିନିଆ ବିକାଶ ମେଳା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଣେ ମହିଳାଙ୍କୁ ଚେକ ପ୍ରଦାନ କରୁଛନ୍ତି।


ବିକାଶ ମେଳାରେ ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।


ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ସୁନ୍ଦରଗଡ଼,୨୨।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାରେ ବିକାଶ ମେଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୩ ଦିନିଆ ବିକାଶ ମେଳାର ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପଡ଼ିଆଠାରେ ଆୟୋଜିତ ଏହି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ୩୦ ଷ୍ଟଲ ସ୍ଥାନିତ ହୋଇଛି। ଯେଉଁଥିରେ କି ସେହି ବିଭାଗର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡିକ ସୂଚନା ଶିକ୍ଷା ସଂଚାର ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ଅନ୍ୟାନ୍ୟ ଷ୍ଟଲ ଗୁଡିକରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହେବା ସହିତ ବିକ୍ରି ମଧ୍ୟ କରାଯାଉଛି। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ପୂଜାରୀ ସମସ୍ତ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ ଏବଂ ବିଭାଗୀୟ ମୁଖ୍ୟମାନେ ନିଜ ନିଜ ଷ୍ଟଲ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ପୂଜାରୀ ସରକାରଙ୍କ ୧୦୦ ଦିନର ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିସହ ୧୦୦ ଦିନର ସଫଳତା ବିଷୟରେ ଏକ ଡକ୍ୟୁମେଣ୍ଟାରି ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ସେହିଭଳି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ହିତାଧିକାରୀଙ୍କୁ ଦିଆଯାଉଥିବା ସହାୟତା ଗୁଡ଼ିକ ଉପରେ ମଧ୍ୟ ନିଜ ବକ୍ତବ୍ୟ ପ୍ରକାଶ କରିଥିଲେ। ମନ୍ତ୍ରୀ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ହିଁ ସେବାର ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଓରମାସ ଦ୍ୱାରା ସେଣ୍ଟ୍ରାଲ ସେକ୍ଟର ଯୋଜନା ଅନ୍ତର୍ଗତ ବନେଇ ବ୍ଲକର ଆଦିମାତା ମହିଳା ଚାଷୀ ପ୍ରଡ୍ୟୁସର କମ୍ପାନୀ ଏବଂ କୁଆଁରମୁଣ୍ଡା ବ୍ଲକର ଉତ୍କଳ ଜନନୀ ମହିଳା ଚାଷୀ ପ୍ରଡ୍ୟୁସର କମ୍ପାନୀ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ପ୍ରାଣୀ ସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ମାଧ୍ୟମରେ ଆତ୍ମନିଯୁକ୍ତି ପାଇଁ ୧୭୮ ଚାଷୀ ଓ ୩୫ ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବସୁନ୍ଧରା ଯୋଜନା ଅନ୍ତର୍ଗତ ୬ ଜଣ ହିତାଧିକାରୀଙ୍କୁ ୪ ଡିସିମିଲ ଘର ଡିହ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରଫରୁ ରାଜଗାଙ୍ଗପୁରର ସୁକାନ୍ତ ସାହୁଙ୍କୁ ମଧୁ ବାବୁ ଭିନ୍ନକ୍ଷମ ଭତ୍ତା ଏବଂ ତିଲେଇମୁଣ୍ଡାର ସୋନାଲି ବାର୍ଲାଙ୍କୁ ମଧୁବାବୁ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ ଅନ୍ତର୍ଗତ ପଟ୍ଟା ବଣ୍ଟନ କରାଯାଇଥିଲା। ସେହିଭଳି ପିଏମ ଜନମାନ ଯୋଜନା ଅନ୍ତର୍ଗତ ଲହୁଣୀପଡ଼ା ବ୍ଲକର ରମେଶ ନାୟକ, ଉଲ୍ଲାସୀ ନାୟକ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅନ୍ତର୍ଗତ ସଦର ବ୍ଲକର ହିତାଧିକାରୀ ମିତା ନେଟି, ଯୋଷଦା ନାୟକ, ଗୌରୀ କିଶାନ, ପୁଷ୍ପଲତା କିଶନଙ୍କୁ ଗୃହ ପ୍ରବେଶ ନିମନ୍ତେ ଚାବି ଦିଆଯାଇଥିଲା। ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାଲା ଦଳ ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଉପରେ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଉଦ୍‌ଘାଟନ ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ରାଉରକେଲାର ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଖବନ୍ଧୁ ନାୟକ, ସମସ୍ତ ଜିଲା ସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜନ ସାଧାରଣ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଭିନ୍ନ ପାରମ୍ପରିକ ଆଦିବାସୀ ଲୋକ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଭୋପାଳରେ ମନ ମୋହିଲା ସୁନ୍ଦରଗଡ଼ର ମୟୂରୀ



ଉତ୍ସବରେ ଲୋକନୃତ୍ୟ ପରିବେଷଣ କରାଯାଉଛି।

ସୁନ୍ଦରଗଡ଼,୨୨।୯
(ଜୟ ନାରାୟଣ ମେଣ୍ଡୁଲି)

ମଧ୍ୟ ପ୍ରଦେଶର ରାଜଧାନୀ ଭୋପାଳରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୟୂରୀର ଚିତ୍ତାକର୍ଷକ ଲୋକନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ମୋହିତ କରିଛି। ଭୋପାଳର ସମ୍ବଲପୁରୀ ପରିବାର ଅନୁଷ୍ଠାନ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟ ଉତ୍ସବରେ ପ୍ରଥମେ ମା' ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସ୍ଥାନୀୟ ମହିଳାମାନେ ଏଥିରେ ସମ୍ମିଳିତ ହୋଇଥିଲେ। ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ସୁନ୍ଦରଗଡ଼ର ମୟୂରୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ସହ ଆଦିବାସୀ ଓ ଲୋକନୃତ୍ୟ ପରିବେଷଣ କରା ଯାଇଥିଲା। ଭୋପାଳରେ ବସବାସ କରୁଥିବା ଓଡ଼ିଶାବାସୀଙ୍କ ସହ ସ୍ଥାନୀୟ ଲୋକେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ କଳାକାରଙ୍କ ସହ ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ରୋହିତ ଦାଶ ଓ ସୁସ୍ମିତା ମାହାନା ନିଜ ଆକର୍ଷଣୀୟ ଗୀତ ମାଧ୍ୟମରେ ଦର୍ଶକଙ୍କୁ ବିଭୋର କରିଥିଲେ। ସମ୍ବଲପୁରୀ ପରିବାର ଭୋପାଳ ସଭାପତି ବିଜି ପ୍ରଧାନ, ସମ୍ପାଦକ ସଞ୍ଜୀବ ନନ୍ଦ, କାର୍ଯ୍ୟକାରୀ ସମ୍ପାଦକ କିଶୋର କେର୍କେଟା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ବେଳେ ପ୍ରଦୀପ ମାଝୀ, ଭବାନୀ ଖମାରି, ସୁଶେନ୍ଦ୍ର ମିଶ୍ର, ମହେଶ୍ୱର କିଷାନ, ରାଧାକାନ୍ତ ମେହେର, ଦିଲୀପ ମିଶ୍ର, ଶେଖର ଧାରୁଆ ସକ୍ରିୟ ସହଯୋଗ କରିଥିଲେ ଏବଂ ଡିଲେଶ୍ୱର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିରେଇ ଲକ୍ଷେଘର ଜାତି ସମାଜ ଗ୍ରାମ୍ୟ କମିଟି ଗଠିତ

ସୁନ୍ଦରଗଡ,୨୨।୯(ଜୟ ନାରାୟଣ ମେଣ୍ଡୁଲି)

ଲକ୍ଷେ ଘର ସମାଜ, କିରେଇ ଶାଖାର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କଷ୍ଟୁ ତଣ୍ଡିଆଙ୍କ ଅଧ୍ୟକ୍ଷତାରେ ଜିଲା ଲକ୍ଷେ ଘର୍ ସମାଜର ସାଧାରଣ ସମ୍ପାଦକ ଲଲିନ୍ଦ୍ର ସିଂଙ୍କ ଉପସ୍ଥିତିରେ କିରେଇ ସ୍ଥିତ ବଜାର ପେଣ୍ଡାଲଠାରେ ଅନୁଷ୍ଠିତ ଏହି ବୈଠକରେ କିରେଇ ଲକ୍ଷେ ଘର୍ ଜାତି ସମାଜର ଗ୍ରାମ୍ୟ କମିଟି ଗଠିତ ହୋଇଯାଇଛି। ଏହି ସଭାରେ ପ୍ରଥମେ ଉତ୍ତମ ଗୋଷ୍ଠୀ ସ୍ୱେଚ୍ଛା ସେବୀ ପ୍ରାପ୍ତ ଶ୍ରବଣ ଗର୍ଡିଆଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ଗାଁ ତଥା ସମାଜର ବିକାଶ କ୍ଷେତ୍ରରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସମାଜର ଅନେକ ଗରିବ ଶିକ୍ଷିତ ପିଲାଙ୍କୁ କିପରି ଥଇଥାନ କରି ହେବ ଓ ଅନେକ ଖଟିଖିଆ ଗରିବ, ଭିନ୍ନ କ୍ଷମ, ଗରିବ ଲୋକଙ୍କ ଅସୁବିଧା ଦୂର କରିବା ଦିଗରେ ସୂଚିତ କରାଯାଇଥିଲା। ଆଶା ତଥା ବିଶ୍ୱାସ ସଂଗଠନର ଉନ୍ନତି ମୂଳକ କାର୍ଯ୍ୟକୁ ସହଯୋଗ କରି ଗାଁର ବିକାଶ କ୍ଷେତ୍ରକୁ ଆଗେଇ ନେବେ ଓ ଗାଁର ପ୍ରତ୍ୟେକ ଲୋକଙ୍କୁ ନ୍ୟାୟ ଦେଇ ଗାଁ କୁ ସୁନ୍ଦର କରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଗାଁର କମିଟି ଗଠନ କରାଯାଇଥିଲା। ଏହି କମିଟିରେ ସଭାପତି ଭୋଏନାଥ ତଣ୍ଡିଆ, ଉପସଭାପତି ହରିପ୍ରୀୟା ତନ୍ତୀ, ସମ୍ପାଦକ ଲଳିତ ଗର୍ଡ଼ିଆ, ସହ ସମ୍ପାଦକ ଭଗାନ ତଣ୍ଡିଆ, କୋଷାଧ୍ୟକ୍ଷ ସରସତୀ ତନ୍ତୀ, ଉପଦେଷ୍ଟା ସୁରେନ୍ଦ୍ର ତାଜନ, ଯୁଗେଶ୍ୱର୍ ବେସନ, ଭୀମ ସେନ ତନ୍ତୀ, ଟୋଲାବତି ତଣ୍ଡିଆ ପ୍ରମୁଖଙ୍କୁ ନୂତନ କମିଟିରେ ଚୟନ କରାଯାଇଥିଲା।

## ଟ୍ରକ୍ ମାଲିକ ସଂଘର ଶପଥ ଗ୍ରହଣ ଉତ୍ସବ


ଶପଥ ନେଇଥିବା ସଂଘର ନୂତନ କର୍ମକର୍ତ୍ତା।

ରାଜଗାଙ୍ଗପୁର,୨୨।୯(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘର ଶପଥ ଗ୍ରହଣ ଉତ୍ସବ ରବିବାର ରାଣିବନ୍ଧ ଠାରେ ଥିବା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଉପେନ୍ଦ୍ର ପ୍ରଧାନ ବିଜୟ ହୋଇଥିବା ସଭାପତି ଜଗନ୍ନାଥ ଯାଦବ, ସାଧାରଣ ସମ୍ପାଦକ ରାକେଶ ନନ୍ଦା ତଥା ଅନ୍ୟାନ୍ୟ ପଦାଧିକାରୀଙ୍କୁ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା ଯୋଗଦେଇ ବିଜେତାଙ୍କୁ ଶୁଭେଚ୍ଛା ପ୍ରଦାନ କରିବା ସହ ନିଜ ବକ୍ତବ୍ୟରେ ସଂଘର ସର୍ବାଙ୍ଗୀନ ଉନ୍ନତି ପାଇଁ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ରାଜଗାଙ୍ଗପୁର ଏସଡିପିଓ ଅଭିଷେକ ପାଣିଗ୍ରାହୀ ଯୋଗଦେଇ ସାଧୁବାଦ ଜ୍ଞାପନ କରିଥିଲେ।

## ପଶ୍ଚିମ ଓଡ଼ିଶାରେ କଳା, ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ରହିଛି

ବନ୍ଧମୁଣ୍ଡା,୨୨।୯(ସୁବ୍ରତ ଦେ)

ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ରେଲବାଇ କମ୍ୟୁନିଟି ହଲରେ ମା' ସମଲେଶ୍ୱରୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଏବଂ ମନୋଜ ମହାନନ୍ଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଶାରଦା ଯୁବକଙ୍କୁ ସେମାନଙ୍କର କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଆହ୍ୱାନ ଦେଇଥିଲେ। ପଶ୍ଚିମ ଓଡ଼ିଶାରେ କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି ; ଯାହା କି ଭାରତ ଏବଂ ବିଦେଶରେ ମଧ୍ୟ ପରିଚିତ। କିନ୍ତୁ ଆଜିର ଯୁବକମାନେ ସେମାନଙ୍କର କଳା ଏବଂ ସଂସ୍କୃତିକୁ ଭୁଲିବାକୁ ଲାଗିଛନ୍ତି। ଯାହା କି ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତି ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ସାରଦା କହିଛନ୍ତି। ଆୟୋଜକ କମିଟିର ଦେବନନ୍ଦ ତନ୍ତୀ ସମାଜ ସହିତ ଜଡିତ ଲୋକମାନଙ୍କୁ ସେମାନଙ୍କର ଜାତି ଓ ସଂସ୍କୃତି ବିଷୟରେ ସଚେତନ ହେବା ଏବଂ ଯୁବକମାନଙ୍କୁ ଶିକ୍ଷା ଦେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନେ ବିଭିନ୍ନ ସମ୍ବଲପୁରୀ ନୃତ୍ୟ ଏବଂ ଗୀତରେ ସମସ୍ତଙ୍କୁ ଆକର୍ଷିତ କରିଥିଲେ। କାର୍ଯ୍ୟକ୍ରମରେ ଦେବନନ୍ଦ ତନ୍ତୀ, ମହାଦେବ ବନ୍ଦେଗି, ଲକ୍ଷ୍ମୀ ହରିପାଲ, ଯୋଗେଶ୍ୱରୀ ଭାଗାର୍ତ୍ତୀ, ଚଞ୍ଚଳା ସାଗର, ନନ୍ଦୀ ଜଗଦଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ ମହିଳାଙ୍କ ଶେଷକୃତ୍ୟ ସମ୍ପନ୍ନ କଲା ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ,୨୨।୯
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ହସ୍ପିଟାଲରେ ଚିକିତ୍ସିତ ଜଣେ କୁଷ୍ଠ ରୋଗୀ ମହିଳାଙ୍କ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମହିଳାଙ୍କ କେହି ଦାବିଦାର ନ ଆସିବାରୁ ସମାଜିକ କର୍ମୀ ସ୍ନେହଲତା ପଟେଲ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଶବସଂସ୍କାର ପାଇଁ ଅନୁରୋଧ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନ ଅଧ୍ୟକ୍ଷ ସଞ୍ଜୟ ନନ୍ଦ ଓ କୋଷାଧ୍ୟକ୍ଷ ଅବଦୁଲ ସାଜିଦ ମହିଳାଙ୍କ ଶବସଂସ୍କାର ପାଇଁ ସାମଗ୍ରୀ ଯୋଗାଇ ଦେଇଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା ଓ ଚିଣ୍ଟୁ ରକ୍ସା ଶେଷକୃତ ସମ୍ପନ୍ନ କରିଥିବା ବେଳେ ଟାଉନ ଥାନା ସବ୍‌ଇନ୍ସପେକ୍ଟର ଡ଼ୋଲାମଣୀ ନାୟକ, ସମାଜସେବୀ ସ୍ନେହଲତା ପଟେଲ, ଭାରତୀ ଠାକୁର, ନିତେଶ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ସୁନ୍ଦରଗଡ଼ର ବାଜିମାତ

ସୁନ୍ଦରଗଡ,୨୨।୯
(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା ଦୌଡ଼କୁଦ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦ ତରଫରୁ ୨୬ଜଣ ବାଳିକା ଏବଂ ୪୨ ଜଣ ବାଳକ(ମୋଟ ୬୮ଜଣ) ଆଥ୍‌ଲେଟ ଭାଗ ନେଇଥିଲେ। ଟ୍ରିପଲ ଜମ୍ପରେ ସୁନ୍ଦରଗଡ଼ ବାଳିକା ମେରୀ ମୁକ୍ତା ସୋରେଙ୍ଗ ସ୍ୱର୍ଣ୍ଣ ପଦକ ସହ ନୂତନ ରେକର୍ଡ କରିଥିବା ବେଳେ ଜ୍ୟାଭେଲିନ ଥ୍ରୋରେ ଧନମତୀ ଖେସ ସ୍ୱର୍ଣ୍ଣ ପଦକ ସହ ନୂତନ ରେକର୍ଡର ଅଧିକାରୀ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ୨୩ ବର୍ଷରୁ କମ ବାଳିକା ଓ ୨୦ ବର୍ଷରୁ କମ ବାଳିକା ବିଭାଗରେ ସୁନ୍ଦରଗଡ଼ ଦଳ ଗ୍ରୁପ ଚାମ୍ପିୟନ ହୋଇଛି। ସମସ୍ତ ବର୍ଗରେ କଟକ ଦଳ ୩୧୨ ପଏଣ୍ଟ ପାଇ ବିଜେତା ହୋଇଥିଲା ବେଳେ ସୁନ୍ଦରଗଡ ଦଳ ୨୦୦ ପଏଣ୍ଟ ହାସଲ କରି ଉପବିଜେତା ହୋଇଛନ୍ତି। ସୁନ୍ଦରଗଡର ଖେଳାଳିମାନେ ୧୨ଟି ସ୍ୱର୍ଣ୍ଣ ପଦକ,୧୬ଟି ରୌପ୍ୟ, ୩ଟି କାଂସ୍ୟ ପଦକ ସହ ମୋଟ ୩୩ ପଦକ ହାସଲ କରିବାରେ ସକ୍ଷମ ହୋଇଥିଲେ। ଖେଳାଳିଙ୍କ ଏହି ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଲ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଆଥ୍‌ଲେଟ ସମ୍ପାଦକ ଅଜୟ କୁମାର ବହିଦାର, ପ୍ରଶାନ୍ତ ପଟେଲ, ଉପସଭାପତି ରାଧାମୋହନ ନାୟକ, ବିମଲ ବୋଷ, ଅଶ୍ୱିନୀ ଭୋଲ, ବାସୁଦେବ ବାନାର୍ଜୀ, ଆଶିଷ ଦେ, ଜଗମୋହନ ରାଉତ, ରାଜେନ୍ଦ୍ର ପାଣ୍ଡେ, ନିତ୍ୟକୁମାର ବଳ, ରୋମାଞ୍ଚ ଭୈଷାଲ, ଶିଶିର କୁମାର ପଟେଲ, ଶିଶିର କୁମାର ପଟେଲ ପ୍ରମୁଖ ସଭ୍ୟାସଭ୍ୟମାନେ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ଜାତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲା ଯୋଗୀମାଲ ଜନସେବା ସମିତି

ସୁନ୍ଦରଗଡ଼,୨୨।୯
(ଜୟ ନାରାୟଣ ମେଣ୍ଡୁଲି)


ସମ୍ବର୍ଦ୍ଧିତ ହୋଇଥିବା ଖେଳାଳି ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ସଦର ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଡିମଙ୍ଗ ପରିସରରେ ରବିବାର ଜାତୀୟ ସ୍ତରୀୟ ଖେଳାଳିଙ୍କୁ ଜନ ସେବା ସମିତି ଯୋଗୀମାଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା ରାଜ୍ୟ ସିପକ ଟାକ୍ରୋ ସଂଘର ରୌପ୍ୟ ଜୟନ୍ତୀ ଉପଲକ୍ଷେ ଆମନ୍ତ୍ରିତ ସିପକ ଟାକ୍ରୋ ପ୍ରତିଯୋଗିତା ୧୨ ଟି ବାଳକ ଓ ବାଳିକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ସିପକ ଟାକ୍ରୋ ସଂଘର ସାଧାରଣ ସମ୍ପାଦକ ପୃଥିରାଜ ସାହୁ, ସମ୍ମାନୀତ ଅତିଥି ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱ କେଶନ ପାଣ୍ଡେ, ସଦର (କ)ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ସଦର (ଖ)ଜୋନ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଓଷ୍ଟା ସଭାପତି ସଞ୍ଜୟ ନାଏକ, ଉପସଭାପତି ପ୍ରଭାସ ସୁଭଦର୍ଶନ ମହାନ୍ତି, ସୁଜାତା ପଟେଲ ସୁପର୍ ମଡେଲ, ଲେଡ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, ସମିତି ସଭ୍ୟ ମନୋଜ କୁମାର ଅଗସ୍ତି, ଜାତୀୟ ରେଫରୀ ରାମ ପ୍ରସାଦ ବାରିକ, ଶିବ ଶଙ୍କର ସାହୁ, କିଶୋର ଚନ୍ଦ୍ର ସା ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଲିପ୍ସା ଷଡଙ୍ଗୀ ବିବରଣୀ ପାଠ କରିଥିଲେ। ରାମନାଥ ଡିଲାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ସହିତ ନୃତ୍ୟ ପରିବେଷଣ କରିଥିଲେ। ବିଧାୟକଙ୍କ ଅନୁପସ୍ଥିତିରେ ଅଶ୍ୱିନୀ ନାଏକ ଉକ୍ତ ଅନୁଷ୍ଠାନ ପାଇଁ ବହୁମୁଖି ଇଣ୍ଡୋର୍ ଷ୍ଟାଡିୟମ ଓ ବିଦ୍ୟାଳୟ ପାଇଁ ନୂତନ ହଷ୍ଟେଲ ନିର୍ମାଣ ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜାତୀୟ ସ୍ତରୀୟ ଖେଳାଳି ମଧୁସ୍ମିତା ଭିତ୍ରିଆ, ପ୍ରୀତି ଟପ୍ପୋ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଦୀପକ କିଶାନ, କବିର କିଶାନ, ପ୍ରତୀକ ପଟେଲ, ଶିବା କୁମୁରା, ନିଖିଲ କିଶାନ, ମଞ୍ଜୁଲତା ମହାକୁଲ, ରାକ୍ଷୀ ଭୋଇ ଓ ସୁସ୍ମିତା ଖାଖାଙ୍କୁ ସାର୍ଟିଫିକେଟ, ଉପଢୌକନ, ଉତ୍ତରୀୟ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ରେଫରୀ ରମେଶ ଚନ୍ଦ୍ର ନାଏକ, ଖେଳ ଶିକ୍ଷକ ରଜନୀ କାନ୍ତ ପଟେଲ, ଜୟନ୍ତ ନାଏକ ଓ ହେମସାଗର ପଟେଲ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ କୁମାର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷୟିତ୍ରୀ ରଞ୍ଜିତା ନାଏକ, ଶିକ୍ଷକ ଅର୍ଜମା ପଟେଲ, ଆଦିତ୍ୟ ମାଝୀ, ବିନୋଦ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଦିନେଶ ନାୟକ ଓ ଶେଷଦେବ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ମରଣାନ୍ତକ ଆକ୍ରମଣ ମାମଲାରେ ୩ ବର୍ଷ ଜେଲ

ଟିଟିଲାଗଡ଼,୨୨।୯(ଶରତ ମିଶ୍ର)

ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଶନିବାର ଟିଟିଲାଗଡ଼ ସହକାରୀ ଦୌରାଜଜ୍ କୃଷ୍ଣଚନ୍ଦ୍ର ନାୟକ ଦୋଷୀଙ୍କୁ ୩ ବର୍ଷ କାରାଦଣ୍ଡ ରାୟ ଶୁଣାଇଛନ୍ତି। ସରକାରୀ ଅଧିବକ୍ତା ରଘୁନାଥ ରଥଙ୍କ ସୂଚନା ଅନୁଯାୟୀ, ଗତ ୭।୬।୨୦୧୦ରେ ସିନ୍ଧେକେଲା ଥାନାରେ ଦ୍ରୋଣ ବାଗ ତାଙ୍କ ପୁଅ ଅଭିରାମ ବାଗଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ସିନ୍ଧେକେଲା ପୋଲିସ ଗୋବର୍ଦ୍ଧନ ଗହିର, ବୁଟୁ ଗହିର, ଗୁଲାପି ଗହିର, ଗୁଆଦେଇ ଗହିରଙ୍କ ନାମରେ କେଶ ରୁଜୁ ସହ ଅଦାଲତରେ ଚାର୍ଜଶିଟ ଦାଖଲ କରିଥିଲା। ଏନେଇ ବିଭିନ୍ନ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଗୋବର୍ଦ୍ଧନ ଗହିର ଏବଂ ବୁଟୁ ଗହିରଙ୍କୁ ଅଦାଲତ ୩ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହ ୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟରେ ଆହୁରି ୧ ମାସ ଜେଲଦଣ୍ଡ ରାୟ ପ୍ରକାଶ ପାଇଛି। ଅଦାଲତ ଅନ୍ୟତମ ଅଭିଯୁକ୍ତ ଗୁଲାପି ଗହିର ଏବଂ ଗୁଆ ଦେଇ ଗହିରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସରକାରୀ ଅଧିବକ୍ତା ରଥ ସୂଚନା ଦେଇଛନ୍ତି।

## ପାଟଣାଗଡ଼ ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

ପାଟଣାଗଡ଼,୨୨।୯(ସଚ୍ଚିଦାନନ୍ଦ ମହାକୁର)



ପାଟଣାଗଡ଼ ଥାନାରେ ନୂତନ ଥାନାଧିକାରୀ ଭାବରେ ହରିବନ୍ଧୁ ଗଡ଼ତ୍ୟା ଯୋଗ ଦେଇଛନ୍ତି। ସେ ପୂର୍ବରୁ ଦେଓଗାଁ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଜନସାଧାରଣଙ୍କ ଅଭିଯୋଗ, ପୋଲିସ ଓ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ଏବଂ ଅପରାଧ ନିୟନ୍ତ୍ରଣ ଦିଗରେ ପ୍ରାଥମିକତା ଦିଆଯିବ ବୋଲି ଥାନାଧିକାରୀ ଗଡ଼ତ୍ୟା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଯୁବ ମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ଲୋଇସିଂହା,୨୨।୯(ସୁଶାନ୍ତ ବାରିକ)

ରବିବାର ଆଗଲପୁର କଲ୍ୟାଣ ମଣ୍ଡପଠାରେ ଭାଜପା ଯୁବମୋର୍ଚ୍ଚା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲ। ମଣ୍ଡଳ ସଭାପତି ପୀତାମ୍ବର କଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୭୦ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ଧୀରେନ୍ଦ୍ର ମେହେରଙ୍କ ନେତୃତ୍ୱରେ ଫାର୍ମାସିଷ୍ଟ ବିଜୟ ମେହେର, ବିପିଏମ ସନ୍ତୋଷ ଦୋରା, ସ୍ୱାସ୍ଥ୍ୟ ପରିଦର୍ଶକ ନରେନ୍ଦ୍ର କୁମ୍ଭାର, ପ୍ରବୀର ମେହେର, ମନୋଜ ତ୍ରିପାଠୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଆଗଲପୁର ଯୁବମୋର୍ଚ୍ଚା ସଭାପତି ପ୍ରେମାନନ୍ଦ ପଧାନ ଓ ଡୁଡୁକା ମଣ୍ଡଳ ସଭାପତି ଲୁକାରାମ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ସଂପାଦକ ଉତ୍ତମ ନାଏକ ଓ ଯୁବ ସାମାଜିକ କାର୍ଯ୍ୟକର୍ତ୍ତା ଅସୀମ କୁମାର ସାହୁ ସଂଯୋଜନା କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ବେଲପଡ଼ା,୨୨।୯(ମନୋଜ କୁମାର ମିଶ୍ର)

ବେଲପଡା ବ୍ଲକ ଅନ୍ତର୍ଗତ ଧୁମାଭଟା ଗ୍ରାମର ସାମାଜିକ କର୍ମୀ ବ୍ରଜ ବୁଡେକ (୪୦)ଙ୍କ



ପରଲୋକ ହୋଇଯାଇଛି। ସ୍ୱର୍ଗତ ବୁଡେକ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିଥିଲେ। ସେ ବିଭିନ୍ନ ସଙ୍ଗଠନ ସହ ଜଡିତ ରହିଥିଲେ। ଗତ ୨୦ ତାରିଖ ରାତିରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ପ୍ରଥମେ ପାଟଣାଗଡ ଡାକ୍ତରଖାନା ଓ ପରେ ବଲାଙ୍ଗୀର ଡାକ୍ତରଖାନା ନିଆଯିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ବୁଡେକଙ୍କ ସ୍ତ୍ରୀ ଓ ଦୁଇଜଣ ଛୋଟ ଝିଅ ଅଛନ୍ତି। ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଓ ଲୋକପ୍ରତିନିଧି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ‘ପଶ୍ଚିମ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନାହିଁ’

**୧୦୦ ଦିନର ରିପୋର୍ଟ କାର୍ଡ଼**

■ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖିଲେ କୋଶଲବାଦୀ ନେତା

ବଲାଙ୍ଗୀର,୨୨।୯(ବୀରେନ୍ଦ୍ର କୁମାର ଝାଙ୍କର)




ଖବରଦାତା ସମ୍ମିଳନୀରେ କୋଶଲବାଦୀ ନେତା ପ୍ରମୋଦ ମିଶ୍ର ସୂଚନା ଦେଉଛନ୍ତି।

ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ବିକାଶ ମେଳା ଆୟୋଜନ କରି ସରକାର ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ସରକାରଙ୍କ ପ୍ରଦତ୍ତ ରିପୋର୍ଟ କାର୍ଡରେ ପଶ୍ଚିମ ଓଡିଶାର ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ଦାବି ପ୍ରତିଫଳିତ ହୋଇନାହିଁ। ଆଗାମୀ ରିପୋର୍ଟ କାର୍ଡ ପ୍ରଦାନ କରିବା ପୂର୍ବରୁ ସରକାର ପଶ୍ଚିମ ଓଡିଶାବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଦାବିଗୁଡିକ ପ୍ରତି ଗୁରୁତ୍ୱ ଦିଅନ୍ତୁ ବୋଲି କୋଶଲବାଦୀ ନେତା ପ୍ରମୋଦ ମିଶ୍ର ରବିବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମିଶନ୍ ୨୦୩୬ କାର୍ଯ୍ୟକ୍ରମକୁ ସ୍ୱାଗତଯୋଗ୍ୟ କରିଥିଲେ ମଧ୍ୟ ଏଥିରେ ପଶ୍ଚିମ ଓଡିଶା ବା କୋଶଳାଞ୍ଚଳର କେଉଁ ସବୁ ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ, ଏ ଅଞ୍ଚଳର ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ସହ ଦ୍ୱିତୀୟ ସରକାରୀ ଭାଷାର ମର୍ଯ୍ୟାଦା ଦେବା, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଦାବି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ କ’ଣ ବୋଲି ପ୍ରଶ୍ନ କରିଥିଲେ। ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗରେ ଗଠିତ ମହାନ୍ତି କମିଶନ ଓ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ପାଲ କମିଶନ ରିପୋର୍ଟକୁ ତୁରନ୍ତ ବିଧାନସଭାରେ ଉପସ୍ଥାପନ କରିବାକୁ ଦାବି କରିଥିଲେ। ଏହାସହିତ ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ହେବା ପର୍ଯ୍ୟନ୍ତ ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସମ୍ବିଧାନର ଅନୁଚ୍ଛେଦ ୩୭୧ ଅନୁଯାୟୀ ମର୍ଯ୍ୟାଦା ଦେବା ସହ ତାକୁ କୋଶଳ ଉନ୍ନୟନ ପରିଷଦ ନାମରେ ନାମିତ କରନ୍ତୁ ବୋଲି ସେ ଦାବି କରିଥିଲେ। ଦାଦନ ଶ୍ରମିକ ସମସ୍ୟାର ସ୍ଥାୟୀ ସମାଧାନ, ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ, କୋଶଳାଞ୍ଚଳରେ ଅଧିକ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରିବା ଓ କର୍ମ ନିଯୁକ୍ତିର ସୁଯୋଗ ଅଧିକ ମାତ୍ରାରେ ସୃଷ୍ଟି କରିବା ସହ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ସମୟରେ କେବଳ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ଦେବାକୁ ମିଶ୍ର ଦାବି କରିଥିଲେ। ସରକାର ପରିବର୍ତ୍ତନରେ ଓଡିଆ ଅସ୍ମିତା ପ୍ରସଙ୍ଗ ପଶ୍ଚିମ ଓଡିଶାରେ କାମ କରିନାହିଁ। ବରଂ ପୂର୍ବ ସରକାରଙ୍କ କ୍ରମାଗତ ଅବହେଳାକୁ ଲୋକେ ନାପସନ୍ଦ କରିଛନ୍ତି ବୋଲି ମିଶ୍ର କହିଥିଲେ। ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଉପରେ ପୁନର୍ବିଚାର କରିବା, ବିଭିନ୍ନ ଯୋଜନାରେ ଉତ୍କଳ, କଳିଙ୍ଗ ଭଳି କୋଶଳ ଶବ୍ଦ ଯୋଡିବା ଆଦି ଦାବି କରିଥିଲେ। ଗତ ୨୪ ବର୍ଷର ସରକାର ଯେଉଁ ଭୁଲ କଲେ ତାକୁ ନ ଦୋହରାଇବାକୁ ସେ ଚେତାବନୀ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରବି ମିଶ୍ର, ଶରତ ହୋତା, ରଣରାଜ ସିଂଦେଓ ମଞ୍ଚାସୀନ ଥିଲେ।

## ବିକାଶ ମେଳାରେ ଅଗଲାପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଟିମ୍ ସମ୍ବର୍ଦ୍ଧିତ




ବିକାଶ ମେଳାରେ ଅଗଲାପାଲି ଉପସ୍ୱାସ୍ଥ୍ୟ କେନ୍ଦ୍ର ଟିମ୍ ସଦସ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର,୨୨।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାଠାରେ ଆୟୋଜିତ ଜିଲାସ୍ତରୀୟ ବିକାଶ ମେଳାରେ ଅଗଲାପାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଟିମ୍ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପକେନ୍ଦ୍ର ଉତ୍ତମ ସ୍ୱାସ୍ଥ୍ୟ ସେବା, କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଓ ଦଳଗତ ନିଷ୍ଠା ପ୍ରତିପାଦିତ କରିଥିବାରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପକ୍ଷରୁ ନେଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ (ଏନ୍‌କ୍ୟୁଏଏସ୍) କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଥିଲେ। ଏହି ଉପକେନ୍ଦ୍ର ଜାତୀୟ ସ୍ତରରେ ପୁରସ୍କୃତ ହୋଇ ଜିଲାର ମାନ ବଢ଼ାଇ ଥିବାରୁ ବିକାଶ ମେଳାରେ ଉପସ୍ୱାସ୍ଥ୍ୟକେନ୍ଦ୍ର ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକାଶ ମେଳାର ମୁଖ୍ୟଅତିଥି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ଟିଟିଲାଗଡ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଜିଲା ଆରକ୍ଷୀ ଅଧୀକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରିଙ୍କ ଠାରୁ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ୱାସ୍ଥ୍ୟ ଅଧିକାରୀ ଯଶସ୍ୱିନୀ ରାଉତ ଓ ବହୁମୁଖୀ ସ୍ୱାସ୍ଥ୍ୟ ଅଧିକାରୀ ସେବତୀ ନନ୍ଦ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ।

# ଫାଇନାଲରେ ବଲାଙ୍ଗୀର ସିସିଏଫ୍‌ଏ ଦଳ



ପ୍ରଥମ ସେମି ଫାଇନାଲ ଖେଳରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥି ଓ ଆୟୋଜକ।

**ବଲାଙ୍ଗୀର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ବଲାଙ୍ଗୀର,୨୨।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ସିନିଅର ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ରବିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ବଲାଙ୍ଗୀର ସିସିଏଫ୍‌ଏ ଦଳ ଏବଂ ଜରାସିଂହା ବିଏନ୍‌ଏଏ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଡ୍ର ରହିଥିଲା । ଟ୍ରାଇବ୍ରେକରରେ ୫-୩ ଗୋଲରେ ବଲାଙ୍ଗୀର ସିସିଏଫ୍‌ଏ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି । ଜିଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ, ରମେଶ ଚନ୍ଦ୍ର ପୁରୋହିତ, ସୁଧୀର ଚନ୍ଦ୍ର ପଣ୍ଡା, କାଉନସିଲ ସଦସ୍ୟ ଜୟରାମ ମିଶ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ସଦସ୍ୟ ଗୌର ଚରଣ ପୁରୋହିତ, ରବୀନ୍ଦ୍ର କୁମାର ମିଶ୍ର, ଶରତ କୁମାର ନନ୍ଦ, କୈଳାସ ଚନ୍ଦ୍ର କର୍ତ୍ତା, ଖେଳାଳି ଚୟନ କମିଟି ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ଶ୍ରୀକାନ୍ତ ରାଉତ ମଞ୍ଚାସୀନ ହୋଇଥିଲେ। ଆଜିର ଖେଳକୁ ସଞ୍ଜୀବ ମହାରଣା, ସୁଧାଂଶୁ ସେଠ, ଜିତୁ ପାତ୍ର ଓ ଅବଦୁଲ ମୁଜିବ ରେଫରି ଦାୟିତ୍ୱ ତୁଲାଇ ଥିବା ବେଳେ ସୁନୀଲ ଚନ୍ଦ୍ର ବିଶ୍ୱାଳ ମ୍ୟାଚ କମିଶନର ଥିଲେ । ଫୁଟବଲ ସମ୍ପାଦକ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ୨୩ ତାରିଖ ବଲାଙ୍ଗୀର ରିଜର୍ଭ ପୋଲିସ ଦଳ ଓ କଣ୍ଟାବାଞ୍ଜି କେଏଫ୍‌ସି ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି। ଆସନ୍ତା ୨୪ ତାରିଖରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।

## ଖାଉଟି ଅଦାଲତରେ ଲୁଗା ବ୍ୟବସାୟୀ ଦଣ୍ଡିତ

ଟିଟିଲାଗଡ଼,୨୨।୯(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ କଣ୍ଟାବାଞ୍ଜି ସହରର ଜଣେ ଲୁଗା ବ୍ୟବସାୟୀ ବଲାଙ୍ଗୀର ଖାଉଟି ଅଦାଲତଙ୍କ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ପ୍ରକାଶ ଯେ, ଗତବର୍ଷ ମେ ମାସ ୨୭ ତାରିଖରେ ସତ୍ୟଜିତ୍ ତ୍ରିପାଠୀ କଣ୍ଟାବାଞ୍ଜି ସହରର ଏକ ଲୁଗା ଦୋକାନରୁ ତାଙ୍କ ସ୍ତ୍ରୀଙ୍କ ପାଇଁ ୩୯୦୦ ଟଙ୍କା ଦେଇ ଏକ ଶାଢୀ କିଣିଥିଲେ। ତେବେ ଶାଢୀକୁ ପ୍ରଥମ ଥର ବ୍ୟବହାର କରି ଧୋଇବାରୁ ଲୁଗା ଜାକି ଜାକି ହୋଇଯାଇଥିଲା। ଏନେଇ ସେ ଉକ୍ତ ଶାଢୀ ଦୋକାନକୁ ଯାଇ ବଦଳ ପାଇଁ ଅନୁରୋଧ କରିଥିଲେ। ହେଲେ ଦୋକାନୀ ଏହାକୁ କର୍ଣ୍ଣପାତ କରି ନ ଥିବାରୁ ଶେଷରେ ବଲାଙ୍ଗୀର ଜିଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଅଦାଲତର ଅଧ୍ୟକ୍ଷ ରବୀନ୍ଦ୍ର ତ୍ରିପାଠୀ ଏବଂ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ମିଳିତ ରାୟରେ ଗ୍ରାହକଙ୍କୁ ନ୍ୟାୟ ପ୍ରଦାନ କରାଯାଇଛି। ଦୋକାନୀ ରାୟ ପ୍ରକାଶ ତାରିଖ ୨୦।୯।୨୦୨୪ର ଏକ ମାସ ମଧ୍ୟରେ ପୀଡିତ ଗ୍ରାହକଙ୍କୁ ଶାଢୀର ମୂଲ୍ୟ ପ୍ରଦାନ ସହ ଗ୍ରାହକ ଅଦାଲତରେ ଫେରାଦ ହେବା ଦିନ ଠାରୁ ୯ ପ୍ରତିଶତ ସୁଧ ପ୍ରଦାନ ପାଇଁ ରାୟ ପ୍ରକାଶ ପାଇଛି। ମାସକ ମଧ୍ୟରେ ଏହା ପ୍ରଦାନ ନ କଲେ ସୁଧ ୧୨ ପ୍ରତିଶତ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗ୍ରାହକଙ୍କ ମାନସିକ ଅବସାଦ ନେଇ ୫ ହଜାର ଟଙ୍କା ଏବଂ ଅଦାଲତ ଖର୍ଚ୍ଚ ବାବଦକୁ ୨ ହଜାର ଟଙ୍କା ପ୍ରଦାନ ରାୟ ପ୍ରକାଶ ପାଇଛି।ଅଦାଲତ ଖର୍ଚ୍ଚ ମାସକ ମଧ୍ୟରେ ପ୍ରଦାନ ନ କଲେ ରାୟ ପ୍ରକାଶ ଦିନ ଠାରୁ ୧୨ ପ୍ରତିଶତ ଅତିରିକ୍ତ ସୁଧ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତଙ୍କ ପକ୍ଷରୁ ଟିଟିଲାଗଡ଼ର ବରିଷ୍ଠ ଆଇନଜୀବୀ ରଘୁନାଥ ରଥ ତଥା ତାଙ୍କ ସହଯୋଗୀ ମନୋଜ ହାତୀ, ଜୟନ୍ତ ପଣ୍ଡା ମାମଲା ପରିଚାଳନା କରିଥିଲେ।

## କୁଲୁଟା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ଖପ୍ରାଖୋଲ,୨୨।୯(ଅଭୟ ତ୍ରିପାଠୀ)

ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଥିବା ମା’ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ବଡ଼ଗୁର୍ଜିଭଟା ଓ ଧଣ୍ଡାମୁଣ୍ଡା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ କୁଲୁଟା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କୁଲୁଟା ସମାଜର ଇଷ୍ଟଦେବୀ ମା’ ରଣେଶ୍ୱର ରାମଚଣ୍ଡୀଙ୍କଠାରେ ପୂଜା କରାଯାଇଥିଲା। ବଡ଼ ଗୁର୍ଜିଭଟା କେନ୍ଦ୍ର ସଭାପତି ବସୁଦେବ ଗଡତ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଲୁଟା ସମାଜର ଜିଲା ସଭାପତି ବେଲାଳସେନ ଭୋଇ, ସ୍ୱତନ୍ତ୍ର ଅତିଥି ରୂପେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ କୁଲୁଟା ସମାଜର ବିକାଶ କାମନା କରିବା ସହିତ ହରିଶଙ୍କର ପୀଠକୁ ପ୍ଲାଷ୍ଟିକ ମୁକ୍ତ କରି ସୁନ୍ଦର ହରିଶଙ୍କର ଗଢି ତୋଳିବାରେ ସହାୟକ ହେବା ପାଇଁ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ଯୁବସଭାପତି ଉମେଶ ଗଡତ୍ୟା, ଧଣ୍ଡାମୁଣ୍ଡା କେନ୍ଦ୍ର ସଭାପତି ହଳଧର ଭୋଇ , ଜିଲା ଯୁବ ସମ୍ପାଦକ କାଳିଆ ସାହୁ , ହରିଶଙ୍କର ମନ୍ଦିର ଟ୍ରଷ୍ଟ ସଭାପତି ଭିକାରୀ ଚରଣ ବିଶ୍ୱାଳ , ସମ୍ପାଦକ କଳା କାହ୍ନୁ ସାହୁ , ଜିଲାର ସମସ୍ତ ଆଞ୍ଚଳିକ କେନ୍ଦ୍ର ସଭାପତି ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କୁଲୁଟା ସମାଜର ସାମଗ୍ରିକ ବିକାଶ ଉପରେ କାମ କରିବାକୁ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରଘୁନାଥ ସାହୁ ସଂଯୋଜନା କରିଥିଲେ । ମାଧବ ସାହୁ, ମଧୁ ସାହୁ, ଅମୂଲ୍ୟ ଭୋଇ, ମଧୁ ପଧାନ, ତରଣି ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ଜିଲା ୨୫ଟି ଆଞ୍ଚଳିକ କେନ୍ଦ୍ରର କର୍ମକର୍ତ୍ତା ତଥା କୁଲୁଟା ସମାଜର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ।

# ଦାଦନ ଶ୍ରମିକ ଚାଲାଣ ଅଭିଯୋଗରେ ଦୁଇ ମଧ୍ୟସ୍ଥି କୋର୍ଟ ଚାଲାଣ

ଖପ୍ରାଖୋଲ,୨୨।୯(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ପୋଲିସ ଶନିବାର ରାତିରେ ସ୍ଥାନୀୟ ବ୍ଲକ ଛକ ନିକଟରୁ ୧୨ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ଏହି ଶ୍ରମିକମାନଙ୍କୁ ବେଆଇନ ଭାବେ ଚାଲାଣ କରିବା ଅଭିଯୋଗରେ ଦୁଇ ମଧ୍ୟସ୍ଥିଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଦୁଇ ମଧ୍ୟସ୍ଥି ହେଲେ ସାହଜ ପାଣି ଗାଁର ପଦ୍ମନ ମେହେର (୫୩) ଓ କଟାପାଲି ଗାଁର ଗଦା ଝାଙ୍କର (୫୦) ବୋଲି ପୋଲିସ ସୂଚନା ଦେଇଛି। ଉଦ୍ଧାର ଶ୍ରମିକମାନଙ୍କ ମଧ୍ୟରୁ କଟାପାଲି ଗାଁର ୬ ଜଣ, ପାଚେର ଗାଁର ୪ ଜଣ ଓ ବରଗଡ଼ ଜିଲା ପାଇକମାଳ ଗାଁର ୨ ଜଣ ବୋଲି ଜଣାଯାଇଛି । ଶ୍ରମିକମାନଙ୍କୁ ବେଆଇନ ଭାବରେ ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଞ୍ଚଳକୁ ଇଟାଭାଟିରେ କାମ କରିବା ପାଇଁ ଚାଲାଣ ବେଳେ ବ୍ଲକ ଛକ ନିକଟରୁ ଉଦ୍ଧାର କରାଯାଇଥିଲା। ଏନେଇ ଖପ୍ରାଖୋଲ ଥାନାରେ ନଂ ୨୨୧/୨୪ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଉଦ୍ଧାର ଶ୍ରମିକମାନଙ୍କୁ ନିଜ ନିଜ ଗାଁକୁ ପଠା ଯାଇଥିବା ବେଳେ ମଧ୍ୟସ୍ଥିଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

## ମଦ ବିକ୍ରି ବନ୍ଦ ପାଇଁ ଥାନାଧିକାରୀଙ୍କୁ ଦାବିପତ୍ର

ବେଲପଡା,୨୨।୯(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ବନମାଲ ଗ୍ରାମରେ ମଦ ବନ୍ଦ ପାଇଁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗ୍ରାମର ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ଚାଲିଛି। ଗାଁର ସ୍କୁଲ ନିକଟରେ ମଦ ବିକ୍ରି ହେଉଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପଡୁଛି। ଏହାସହ ଗାଁରେ ବିଶୃଙ୍ଖଳା ଲାଗି ରହିଛି। ଗାଁରେ ମଦ ବନ୍ଦ ପାଇଁ ଅନେକ ଥର ସଭା ସମିତି ମଧ୍ୟ କରାଯାଇଛି। ହେଲେ ମଦ ବିକ୍ରି ବନ୍ଦ କରିବା ବଦଳରେ ବିକ୍ରେତା କାହାରିକୁ ଖାତିରି କରୁନାହାନ୍ତି। ଫଳରେ ବନମାଲ ଗାଁର ସମସ୍ତ ଏସଏଚଜିର ମହିଳାମାନେ ମଦ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ରବିବାର ଗ୍ରାମବାସୀ ପ୍ଲାକାର୍ଡ ଧରି ମଦ ବନ୍ଦ କରିବା ପାଇଁ ବେଲପଡା ଥାନା ଆଗରେ ନାରାବାଜି କରିବା ସହ ଥାନା ଅଧିକାରୀ ଅନନ୍ତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଥାନା ଅଧିକାରୀ ଦାବିପତ୍ର ଗ୍ରହଣ କରି ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଘନ ସାହୁ ମନୋହର ବିଶ୍ୱାଲ, କବି ବିଶ୍ୱାଲ, ଶଶୀ ପଧାନ, ସୁଧୀର ପରୁଆ, ପୁରନ୍ଦର ପରୁଆ, ରିକୁନ ବିଶ୍ୱାଲ, ଗୁରୁବାରୁ ବିଶ୍ୱାଲ, ଗୋବିନ୍ଦ ଖାଡିଆ, ଯୁଗଲ ବିଶ୍ୱାଲ, ଯୁଗିନ୍ଦ୍ର ପଧାନ, ବନିତା ବିଶ୍ୱାଲ, ପ୍ରତିମା ସାହୁ, କେତକୀ ସାହୁ, ବେଲମତି ବିଶ୍ୱାଲ, ନେହା ବିଶ୍ୱାଲ, କମଳା ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଥାନା ଆଗରେ ଗ୍ରାମବାସୀ।

# ସରକାରୀ ମାନ୍ୟତା ନ ଦେଲେ ଆନ୍ଦୋଳନ

**ଦେଓଗାଁରେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘର ନୂଆଁଖାଇ ଭେଟଘାଟ**

ଦେଓଗାଁ,୨୨।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)




ଦେଓଗାଁ ଡାକବଙ୍ଗଳାଠାରେ କେନ୍ଦୁପତ୍ର ତୋଳାଳିଙ୍କ ନୂଆଁଖାଇ ଭେଟଘାଟ।

ବଲାଙ୍ଗୀର ଜିଲା ଦେଓଗାଁ ବଙ୍ଗଳା ଛକସ୍ଥିତ ଡାକବଙ୍ଗଳା ପରିସରରେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ କେନ୍ଦୁପତ୍ର ଡିଭିଜନର ସଂପାଦକ ଛବିଳ ମୋହନ ସିଂହିନ୍ଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର କେନ୍ଦୁପତ୍ର ସର୍କଲ ସଭାପତି ଚିରାଗ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ସୁରେଶ ମହାନନ୍ଦ, ଉପସଭାପତି ଚିତ୍ରସେନ ବଗର୍ତ୍ତି, ରାମପୁର ରେଞ୍ଜ ସଂପାଦକ ଆନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାର ପଶ୍ଚିମ ଓଡିଶାରୁ କେନ୍ଦ୍ରପତ୍ର ବାବଦକୁ କୋଟି କୋଟି ଟଙ୍କା ପାଉଥିବା ବେଳେ ବିଭାଗରେ କାମ କରୁଥିବା କର୍ମଚାରୀମାନଙ୍କ ପ୍ରତି ଅବହେଳା କରୁଥିବା ଅଭିଯୋଗ ଉଠାଇଥିଲେ। ଦୀର୍ଘ ବର୍ଷ ହେଲା କେନ୍ଦୁପତ୍ର ବିଭାଗରେ କାମ କରୁଥିବା ଚେକର, ବନ୍ଧେଇ ଚେକର, ସର୍କଲ ଚେକରମାନଙ୍କୁ ବାରମାସ କାମ ଯୋଗାଇବା, ସରକାରୀ ମାନ୍ୟତା ପ୍ରଦାନ, ଅବସର ପରେ ପେନ୍‌ସନ ବା ଭତ୍ତା ଲାଗୁ କରିବା ଦାବି ହୋଇଆସୁଛି । ୨୦୨୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସର୍କଲ ଓ ବନ୍ଧେଇ ଚେକରଙ୍କୁ ମିଳୁଥିବା ଗ୍ରାଚ୍ୟୁଇଟିକୁ ସାତ ଦିନରୁ ୧୫ ଦିନକୁ କାର୍ଯ୍ୟକାରୀ କରିବା ପାଇଁ ଘୋଷଣା କରିଥିବା ବେଳେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ଆସନ୍ତା ପତ୍ରତୋଳା ସମୟ ଭିତରେ ସରକାର ଦାବିଗୁଡିକ ଉପରେ କୌଣସି ନିଷ୍ପତ୍ତି ନ ନେଲେ ସାରା ପଶ୍ଚିମ ଓଡିଶାରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ କର୍ମଚାରୀମାନେ ନିଷ୍ପତ୍ତି ନେଇଥିଲେ। ଆଗାମୀ ଦିନରେ ଦାବିଗୁଡିକର ବିଚାର ନ କଲେ ପରିସ୍ଥିତି ଅଣାୟତ ହେଲେ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି । କାର୍ଯ୍ୟକ୍ରମରେ ଡିଭିଜନ ସଂପାଦକ ନିମାଇଁ ପଧାନ, ଦେଓଗାଁ ରେଞ୍ଜ ସଂପାଦକ ବାଞ୍ଛାନିଧି ପଧାନ, କନ୍ଧକେଲଗାଁ ସେକସନ ସଭାପତି ଆଦିକନ୍ଦ ଭୋଇ, ସଇଁନ୍ତଲା ରେଞ୍ଜ କୋଷାଧ୍ୟକ୍ଷ ଜଳନ୍ଧର ଦାସ, ମହାଦେବ ପଧାନ, ଶରତ କୁମାର ପୁଟେଲ, ଟିକେଶ୍ୱର ଭୋଇ, ଘନଶ୍ୟାମ ସାହୁ, ପ୍ରଫୁଲ୍ଲ ବାରିକ, ଟଙ୍କଧର ରଣା, ଟିକେଶ୍ୱର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ନୂଆ ସରକାରଙ୍କ ପ୍ରତି ନିଷ୍ପତ୍ତିରେ ରହିଛି ଓଡ଼ିଆ ଅସ୍ମିତା



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିକାଶ ମେଳାକୁ ଉଦ୍‌ଘାଟନ କରୁଛନ୍ତି।



ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂତନ ଓ ଲୋକଙ୍କ ସରକାର ୧୦୦ ଦିନ ପୂରଣ କରିଛି। ଏହି ଉପଲକ୍ଷେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡିଆରେ ରବିବାର ଆୟୋଜିତ ବରଗଡ଼ ଜିଲାସ୍ତରୀୟ ବିକାଶ ମେଳାକୁ ଅବକାରୀ, ଆଇନ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ହରିଚନ୍ଦନ କହିଥିଲେ, ଏହି ୧୦୦ ଦିନ ମଧ୍ୟରେ ରାଜ୍ୟ ସରକାର ଓଡିଶାବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ୧୦୦ ଦିନ ପୂର୍ତ୍ତି ମଧ୍ୟରେ ଓଡ଼ିଶା ପ୍ରଗତିରେ ନୂତନ ସୂର୍ଯ୍ୟୋଦୟ ହୋଇଛି। ପ୍ରତି ନିଷ୍ପତ୍ତିରେ ରହିଛି ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଏବଂ ନବଜାଗରଣର ସୁବର୍ଣ୍ଣ ସ୍ପର୍ଶ। ପ୍ରତିଶ୍ରୁତି ଅନୁଯାୟୀ, ନୂଆ ସରକାର ଶ୍ରୀମନ୍ଦିରର ୪ ଦ୍ୱାର ସହ ରତ୍ନଭଣ୍ଡାର ଖୋଲିଛନ୍ତି । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡ଼ିଶାରେ ଲାଗୁ ହେବ । ଫଳରେ ରାଜ୍ୟର ପ୍ରାୟ ଏକ କୋଟି ପରିବାର ଦେଶର ୨୭ ହଜାରରୁ ଊର୍ଦ୍ଧ୍ୱ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସାସେବା ପାଇବେ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ରାଜ୍ୟ ସରକାର ୩ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ସହ ନର୍ସିଂ ଶିକ୍ଷାର ସୁଦୃଢ଼ୀକରଣ ପାଇଁ ବଲାଙ୍ଗୀର ସମେତ ୭ଟି ନୂତନ ନର୍ସିଂ କଲେଜ ପ୍ରତିଷ୍ଠା କରାଯିବ। ଚାଷ ଏବଂ ଚାଷୀଙ୍କ ଉନ୍ନତି ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧ଶହ

## ବରଗଡ଼ ଜିଲାସ୍ତରୀୟ ବିକାଶ ମେଳା

ଟଙ୍କାକୁ ବୃଦ୍ଧି କରାଯାଇଛି । ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଟଙ୍କା ସିଧା ଚାଷୀଙ୍କ ଖାତାକୁ ଯିବ। ଆଳୁ ମିଶନକୁ ଗତିଶୀଳ କରି ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ଖୋଲାଯିବ । ପିଏମ୍ କିଷାନ ସହ ଏବେ ସିଏମ୍ କିଷାନରେ ଚାଷୀଙ୍କୁ ସହାୟତା ଦିଆଯାଉଛି। ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ମଧ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ତୃଣମୂଳସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସରକାର ପ୍ରଥମ ପର୍ଯ୍ୟାୟରେ ୧୮ ହଜାରରୁ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ମନ୍ତ୍ରୀ ହରିଚନ୍ଦନ ଉଲ୍ଲେଖ କରିଛନ୍ତି।

କାର୍ଯ୍ୟକ୍ରମରେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗଡତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ମୋଟ ୬୧.୯୫ କୋଟି ଟଙ୍କା ବ୍ୟୟ ଅଟକଳରେ ବରଗଡ଼ ବିକାଶ ଚିକିତ୍ସାଳୟଠାରୁ ହଳଦୀପାଲି ଛକ ରାସ୍ତାର ଉନ୍ନତୀକରଣ ଏବଂ ପାଣିଛତର ସୁକୁଟାପାଲି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଜିଲା ପ୍ରଶାସନ ତରଫରୁ ବିକାଶ ମେଳାରେ ୨୫ଟି ଷ୍ଟଲରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମରେ ବରଗଡ ଜିଲାର ସଫଳ ଚାଷୀ ଶ୍ୟାମଘନ ପ୍ରଧାନ, ବୁଣାକାର ଫକିର ମେହେର, ସୁଭଦ୍ରା ଷ୍ଟୋରି ପ୍ରତିଯୋଗିତାର ବିଜେତା ସୌଦାମିନୀ ବନଛୋର, ସୁଭଦ୍ରା ଆନ୍ଥେମ ପ୍ରତିଯୋଗିତାର ବିଜେତା ସନ୍ତୋଷିନୀ ନାଗ, ସୁଭଦ୍ରା କୁଇଜ ପ୍ରତିଯୋଗିତାର ବିଜେତା ରିଙ୍କି ସାହୁ ଏବଂ ସୁଭଦ୍ରା ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଆକ୍ରିତି କୁମ୍ଭାର, ଡଲି ଭୋଇ, ଶକ୍ତିମୟୀ ଦାଶଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମିନା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ମହେନ୍ଦ୍ର ମହାପାତ୍ରଙ୍କ ସମେତ ସ୍ଥାନୀୟ ରାଜନେତା, ଅଧିକାରୀ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଧିକାରୀଙ୍କୁ ବିଧାୟକ, ଏମ୍‌ପିଙ୍କ ତାଗିଦ

ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲରେ ରବିବାର ଜିଲାସ୍ତରୀୟ ସୂଚନା-ଶିକ୍ଷା-ସଞ୍ଚାର କାର୍ଯ୍ୟକ୍ରମ ବିକାଶ ମେଳା ଉଦ୍‌ଘାଟିତ ହୋଇଯାଇଛି। ଅବକାରୀ, ଆଇନ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ହରିଚନ୍ଦନ ତାଙ୍କ ବକ୍ତବ୍ୟ ନ ରଖୁଣୁ କାର୍ଯ୍ୟକ୍ରମରେ ଉପସ୍ଥିତ ଜନତାଙ୍କ ମଧ୍ୟରୁ ଅଧିକାଂଶ ଉଠି ଚାଲିଯାଇଥିଲେ। ଏହାକୁ ନେଇ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହିତ ଏଥିପାଇଁ ସିଧାସଳଖ ପ୍ରଶାସନିକ ଅଧିକାରୀଙ୍କୁ ଟାର୍ଗେଟ କରିଥିଲେ। ଅତାବିରା ବିଧାୟକ ମହାନନ୍ଦ କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ପ୍ରଥମ ବରଗଡ଼ ଗସ୍ତରେ ଆସିଥିବାବେଳେ ଅନୁରୂପ ଅବ୍ୟବସ୍ଥା ଦେଖାଯାଇଥିଲା। ଏଥର ତାର ପୁନରାବୃତ୍ତି ହୋଇଛି। ଆଗକୁ ଯେଭଳି ଏଭଳି ସ୍ଥିତି ନ ଉପୁଜେ, ସେଥିପ୍ରତି ପ୍ରଶାସନିକ ଅଧିକାରୀମାନେ

## ବିକାଶ ମେଳାରୁ ଲୋକେ ଉଠି ଚାଲିଗଲେ

ସଜାଗ ରହିବାକୁ ସେ ତାଗିଦ୍ କରିଥିଲେ। ସେହିପରି ଏମ୍‌ପି ପୁରୋହିତ କହିଥିଲେ, ବିକାଶ ମେଳାକୁ ଲୋକଙ୍କୁ ଆଣିବାଠାରୁ ଆରମ୍ଭ କରି ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ବିକାଶ ମେଳାକୁ ବ୍ୟବସ୍ଥିତ କରିବା ପ୍ରଶାସନର ଦାୟିତ୍ୱ ଏବଂ କର୍ତ୍ତବ୍ୟ। କିନ୍ତୁ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ମନ୍ତ୍ରୀ ବକ୍ତବ୍ୟ ପ୍ରଦାନ ନ କରୁଣୁ ୮୦ପ୍ରତିଶତ ଲୋକ କାର୍ଯ୍ୟକ୍ରମରୁ ଉଠି ଚାଲିଯାଇଥିଲେ। ପ୍ରଶାସନିକ ଅବ୍ୟବସ୍ଥା ଏଥିରେ ଆପେ ବାରି ହୋଇ ପଡୁଛି। ପୂର୍ବ ସରକାର ତଥା ପାଣ୍ଡିଆନଙ୍କ କାର୍ଯ୍ୟକ୍ରମରେ ଏଭଳି ସ୍ଥିତି ଦେଖାଯାଉ ନ ଥିଲା। ଏବେ ମଧ୍ୟ ଅଧିକାରୀଙ୍କୁ ପାଣ୍ଡିଆନ ଭୂତ ଲାଗିଛି। ପ୍ରଶାସନିକ ଅଧିକାରୀମାନେ ଏବେଠାରୁ ସୁଧୁରି ଯାଆନ୍ତୁ ବୋଲି ପୁରୋହିତ ତାଗିଦ୍ କରି କହିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନାଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା



ସଫଳ ଚାଷୀଙ୍କୁ ଭୁବନେଶ୍ୱର ଜୟଦେବ ଭବନରେ ସମ୍ବର୍ଦ୍ଧିତ କରାଯାଉଛି।

ଗାଇସିଲେଟ୍,୨୨।୯(ଦୁର୍ଗାପ୍ରସାଦ ତ୍ରିବେଦୀ)

ଭୁବନେଶ୍ୱର ଜୟଦେବ ଭବନରେ ସମାଜ ବିକାଶ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକ ତାଲପାଲି ପଞ୍ଚାୟତ ସେମେଲଗୁଡ଼ା ଗ୍ରାମର ଜଣେ ସଫଳ ଚାଷୀ ଯୋଗେଶ୍ୱର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୋଗେଶ୍ୱର ପାଠ ପଢ଼ିବା ସମୟରୁ ପରିବା ଚାଷ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। କେନ୍ଦୁଭଟାର ଦେବଦତ୍ତ କ୍ଲବରୁ ଚାଷ ଉପରେ ଜ୍ଞାନ ଆହରଣ କରି ନାବାର୍ଡ ସହାୟତାରେ ଜୈବିକ ପଦ୍ଧତିରେ ସେ ନିଜ ସ୍ୱଳ୍ପଜମିରେ ପରିବା ଚାଷ ଆରମ୍ଭ କରିଥିଲେ। ପ୍ରଥମଥର ସେ ପରିବା ଚାଷରୁ ବେଶ୍ ଲାଭ ପାଇ ପରବର୍ତ୍ତୀ ସମୟରେ ଅଧିକ ଜମିରେ ଟମାଟୋ, ବାଇଗଣ, କୋବି, ତରଭୁଜ, ଭେଣ୍ଡି, ମାଣ୍ଡିଆ ସମେତ ଛତୁ ଚାଷ କରିଥିଲେ। ବର୍ତ୍ତମାନ ଯୋଗେଶ୍ୱର ୧୫ ପରିବାରକୁ ରୋଜଗାର ଦେଉଛନ୍ତି।

# କୁଲତା ସମାଜର ନୂଆଁଖାଇ ଭେଟଘାଟ

ଝାରବନ୍ଧ,୨୨।୯(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ କୁଲତା ସମାଜ ତରଫରୁ ବିଲାସପୁରଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମା' ରଣେଶ୍ୱର ରାମଚଣ୍ଡୀଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ଯୁଗାର କରାଯାଇ ଗ୍ରାମ ପରିକ୍ରମା ପରେ ପୀଠରେ ସ୍ଥାପନ କରାଯାଇଥିଲା । ପୂଜାରୀ ଗଣେଷ କୁମାର ଭୋଇ ଏବଂ ଅଶୋକ ପ୍ରଧାନ ମା' ଙ୍କ ପୂଜାର୍ଚ୍ଚନା କରିଥିଲେ। ଝାରବନ୍ଧ ବ୍ଲକ କୁଲତା ସମାଜର ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ସବ୍‌ଡିଭିଜନ ସଭାପତି ଯୋଗେନ୍ଦ୍ର ଭୋଇ, ବୁରୋମୁଣ୍ଡା କେନ୍ଦ୍ର ସଭାପତି ଗୋବର୍ଦ୍ଧନ ଗଡତିଆ, ଲାଦର ପାଳି ସଭାପତି ଦିବାକର ପ୍ରଧାନ, ଦହିଗାଁ କେନ୍ଦ୍ର ସଭାପତି ସନାତନ ଭୋଇ, ପାଇକମାଳ ସଭାପତି ନିତ୍ୟାନନ୍ଦ ପ୍ରଧାନ, ପୂର୍ଣ୍ଣାନନ୍ଦ ଭୋଇ ପ୍ରମୁଖ ଯୋଗଦେଇ ନୂଆଁଖାଇ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ରଖି ପାସ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଉନ୍ନତ ମାନର ଚାଷ କରିଥିବା ଚାଷୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସମ୍ପାଦକ ଶ୍ୟାମସୁନ୍ଦର ବେହେରା ସଂଯୋଜନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବ୍ଲକସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପଦ୍ମପୁର,୨୨।୯(ପ୍ରଦୀପ୍ତ ଦାଶ)

ଅଖିଳ ଭାରତୀୟ ଗୋଁଣ୍ଡ ସମାଜର ଷଡ଼ବଂଶୀୟ ଗୋଁଣ୍ଡ ସମାଜ ରାଜବୋଡା ସମ୍ବର ବ୍ଲକ ଆୟୋଜନ ସମିତି ତରଫରୁ ବ୍ଲକ ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପଦ୍ମପୁର ଗୋରୁ ବଜାର ପରିସରରେ ସଭାପତି ରମେଶ ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଓଡିଶା ରାଜ୍ୟ ମହା ସଚିବ ପ୍ୟାରୀମୋହନ ନାୟକ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଘାସିରାମ ମାଝୀ, ବଲାଙ୍ଗୀର ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, ନୂଆପଡା ଜିଲା ସଭାପତି ଖାମ ସିଂ ମାଝୀ, ନନ୍ଦ କିଶୋର ଧରୁଆ, ଚୂଡ଼ାମଣି ଧରୁଆ, ଜିଲା ମହାସଚିବ ଧନେଶ୍ୱର ସିଂ,ବରଗଡ ଜିଲା ସଭାପତି ଭାଗିରଥି ସିଂ, ଜିଲା ପ୍ରଚାର ମହାସଚିବ ରଘୁନନ୍ଦନ ଦେଓ, ପଦ୍ମପୁର ମହାସଚିବ କମଲ ଲୋଚନ ଭୋଇ, ପୁରେନା ସର୍କଲ ସଭାପତି ଡିଲେଶର ସିଦାର, ପଦ୍ମପୁର ସଭାପତି ମଙ୍ଗଳ ସିଂ ସିଦାର, ସାରସମାଲ ସଭାପତି ସନାତନ ଧରୁଆ, କେଦାର ଧରୁଆ, ପ୍ରଦୀପ ଧରୁଆ, ପଞ୍ଚାନନ ଧରୁଆ, ଯୋଗେଶ୍ୱର ଧରୁଆ, ହରିଚନ୍ଦ୍ର ଧରୁଆ, ଅଶ୍ୱିନୀ ଧରୁଆ,ଡିଙ୍ଗର ଧରୁଆ, ରମେଶ ସିଦାର,ଓ ପଦ୍ମପୁର, ଝାରବନ୍ଧ, ପାଇକମାଳ ବ୍ଲକ ସମେତ ଜିଲାର ବିଭିନ୍ନ ବ୍ଲକର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସମାଜର କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ନୃସିଂହନାଥ ପୀଠରେ ନୂଆଁଖାଇ ଭେଟ୍‌ଘାଟ୍



ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପାଇକମାଲ,୨୨।୯(ବଡ ଶତପଥୀ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ବରଗଡ ଜିଲା ନୃସିଂହନାଥ ପୀଠରେ ପାଇକମାଲ ବ୍ଲକ ଯାଦବ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ପାଇକମାଲ ବିଚାର ମଞ୍ଚ ସଭାପତି ଭକଲ ହଂସଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଗତ ଦିନରୁ ଜଡିତ ଥିବା ବରିଷ୍ଠ ସମାଜ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ ତାଙ୍କର ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ଭେଟଘାଟ କାର୍ଯ୍ୟକ୍ରମରେ ପାଇକମାଲ ବ୍ଲକ ଯାଦବ ସମାଜ ସଭାପତି ବନମାଳୀ ଚନ୍ଦନ, ପାଇକମାଲ ବ୍ଲକ ସମ୍ପାଦକ ବାଳକୃଷ୍ଣ ବନଛୋର, ଯୁବ ଯାଦବ ସଭାପତି ମାନସ ନାଗ, ମନୋଜ ପୁଞ୍ଜି, ଭାସ୍କର ଭୋଇ, ନଳିନୀ ଥପା, ସୁବଳ ଥପା,ରାମ କିଷସନ ହଂସ,ଅର୍ଜୁନ ଅଦାବର, ଡୋଲାମଣି ମାହାର, ଶୁଶିଳ ବାଗ, ଡୋଲାମଣି ଦୀପ, ଝାରବନ୍ଧରୁ ବ୍ଲକ ଲକ୍ଷ୍ମୀ ବାଗ,ଗୁଣନିଧି ବନଛୋର,ଗାନ୍ଧୀ ବାଗ,ଖଗେଶ୍ୱର ହଂସ, ଗାଇସିଲେଟରୁ ସୁରେଶର ଭୋଇ, ଭେଡେନରୁ ନରେନ୍ଦ୍ର ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ଜାତୀୟ ସମ୍ମାନ ଉଦ୍‌ଯାପିତ

ପଦ୍ମପୁର,୨୨।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଚାଲିଥିବା ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗଦେଇ ଅଞ୍ଚଳ ମହାବିଦ୍ୟାଳୟ ଉନ୍ନତି ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ହିମାଚଳ ପ୍ରଦେଶ ଅହଲ୍ୟା ବିଶ୍ୱବିଦ୍ୟାଳୟର ପ୍ରଫେସର ଦୟାନନ୍ଦ ସନ୍ସନୱାଲା,ଏନସିଇଆରଟିର ଡାଇରେକ୍ଟର ପ୍ରଫେସର ମନୋଜ ସକ୍ସେନା, ନିଟ ରାଉରକେଲାର ଡାକ୍ତର ଅନୁପ ଯୋଗଦେଇଥିଲେ। ଏହି ଅବସରରେ ଦେଶ ବିଦେଶରୁ ୪୦ଜଣ ଅଧ୍ୟାପକ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନା କରିଥିଲେ। କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା, ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଂଯୋଜକ ଡ. ତୁଷାର କାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସଂଯୋଜକ ଡ. ଭେଙ୍କଟେଶ୍ୱର ମେହେର ସଂପନ୍ନର ବିବରଣୀ ପଠନ କରିଥିଲେ। ଡକ୍ଟର ସରୋଜ ନାଏକଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜୁହାର ପରିବାରର ନୂଆଁଖାଇ ଭେଟ୍

ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)

ଗୁଜୁରାଟର ଭଦୋଦରା ସହର ଓଏନ୍‌ଜିସି କମ୍ୟୁନିଟି ହଲରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀ (ଜୁହାର ପରିବାର) ପକ୍ଷରୁ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଉତ୍ସାହ ଉଦ୍ଦୀପନା ସହିତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ସାଂସ୍କୃତିକ ଅନୁଷ୍ଠାନ ପର୍ଣ୍ଣରୀର କଳାକାରମାନେ ସମ୍ବଲପୁରୀ ନାଚଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁରୀ ଖାଦ୍ୟ ସମସ୍ତେ ଭୋଜନ କରିଥିଲେ। ଜୁହାର ପରିବାର ପକ୍ଷରୁ ଗ୍ରୀନ୍ ଇନିସିଏଟିଭ ଭାବେ ଆମର୍ ମାଏଟ୍ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହାସହିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା।



ଗୁଜରାଟର ଭଦୋଦରା ସହରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ ।

# ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ

ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଆକାଶବାଣୀ ଶ୍ରୋତାସଂଘ ଆନୁକୂଲ୍ୟରେ ରବିବାର ନୂଆଁଖାଇ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ଅଶୋକ ସାହୁ ସଂଯୋଜନା କରିଥିଲେ। ସୁଦାମ ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଉମେଶ ବିଶ୍ୱାଳ, ସଙ୍ଗୀତା ଦୀପ, ଲେଖିକା ସନ୍ତୋଷିନୀ ନାଗ, ନମିତା ଦୀପ ଯାଦବ, ସୁବୋଧ ଚନ୍ଦ୍ର ଗଡ଼ତିଆ, ବଳରାମ ପ୍ରଧାନ, ସୁରେଶ ପ୍ରଧାନ, ଗୋପବନ୍ଧୁ ପୁରୋହିତ, ସୁରେଶ ମେହେର, ଅନିଲ କୁମାର ଖମାରୀ, ରଶ୍ମୀ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ବରଗଡ଼ ସହରରେ ଆକାଶବାଣୀ ଆନୁକୂଲ୍ୟରେ ଆସ କଥାନି ସୁନମା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ପାଇଁ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନକୁ ସାମିଲ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଜୁହାର କାର୍ଯ୍ୟକ୍ରମରେ ଆକାଶବାଣୀ ଶ୍ରୋତାବୃନ୍ଦ।

# ପଞ୍ଚାୟତ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ସେମିନାର

ବରଗଡ଼,୨୨।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ବିଭାଗରେ ଏକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ନକୁଳ ସେଠଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଡଃ ଉମେଶ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। 'ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ କବି: ଏକ ସମସାମୟିକ ପ୍ରତିକ୍ରିୟା' ଶୀର୍ଷକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ୨ଟି ଅଧିବେଶନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବିଷୟ ବିଶେଷଜ୍ଞ ଭାବେ ଡଃ ମନୀଷ କୁମାର ଏବଂ ଡଃ ଜୟଦେବ ସାହୁ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।



ସେମିନାରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବକ୍ତବ୍ୟ ରଖୁଛନ୍ତି।

ଆଧୁନିକ ଯୁଗରେ ରୋମାଣ୍ଟିକ ସାହିତ୍ୟର ପ୍ରାସଙ୍ଗିକତା ସମ୍ପର୍କରେ ଡଃ ମନୀଷ ଏବଂ ରୋମାଣ୍ଟିକ ସାହିତ୍ୟର ସାମ୍ପ୍ରତିକ ଦୃଷ୍ଟିଭଙ୍ଗୀ ବିଷୟରେ ଡଃ ସାହୁ ଅଭିମତ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବେ ଡଃ ଉମେଶ ଚନ୍ଦ୍ର ମହାପାତ୍ର ଏବଂ ବିଶିଷ୍ଟ କବି ତଥା ଲେଖକ ଡଃ ରାଜେନ୍ଦ୍ର ପାଢ଼ୀ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଇଂରାଜୀ ସାହିତ୍ୟର ରୋମାଣ୍ଟିକ କବିତାରେ ଥିବା ମାନବିକତା ପ୍ରସଙ୍ଗ ଡଃ ମହାପାତ୍ର ସମ୍ୟକ୍ ଆଲୋଚନା କରିଥିବାବେଳେ ଡଃ ପାଢ଼ୀ ବିଭିନ୍ନ ରୋମାଣ୍ଟିକ କବିମାନଙ୍କ ଏକ ତୁଳନାତ୍ମକ ସୂଚନା ପ୍ରଦାନ କରିଥିଲେ। ବିଭାଗର ଛାତ୍ରୀଛାତ୍ରମାନେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରେଷ୍ଠ ଭିତ୍ତି ପ୍ରବନ୍ଧ ଉପସ୍ଥାପନା କ୍ଷେତ୍ରରେ ସ୍ନାତକୋତ୍ତର ଶ୍ରେଣୀର ସୁଶ୍ରୀ ସ୍ୱୟଂପ୍ରଭା ସାହୁ ଏବଂ ସ୍ନାତକ ଶ୍ରେଣୀର ସୁଶ୍ରୀ ସମୀକ୍ଷା ସାହୁ ସମ୍ମାନିତ ହୋଇଥିଲେ। ଏହି ଅବସରରେ ଇଂରାଜୀ ବିଭାଗ ତରଫରୁ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସହକାରୀ ପ୍ରଫେସର ରାଜଶ୍ରୀ ଭଞ୍ଜ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟାପିକା ଡକ୍ଟର ସୁମନ ସେଲୀ ସହ ସଂଯୋଜିକା ଦାୟିତ୍ୱରେ ଥିଲେ। ଅଧ୍ୟାପକ ମହେଶ ଦାଶ ସହଯୋଗ କରିଥିବାବେଳେ ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ରାଉରକେଲା,୨୨।୯(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ସ୍ଥିତ ଲାଗୁନ୍ ପମ୍ପହାଉସ ନିକଟରୁ ରବିବାର ଅପରାହ୍ନ ୧ଟାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ଟାଙ୍ଗରପାଲୀ ପୋଲିସ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସରେ ରଖିଛି। ରିପୋର୍ଟ ଲେଖା ହେବା (ସନ୍ଧ୍ୟା ସାଢ଼େ ୮ଟା) ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ। ତେବେ ପୋଲିସ ମୃତକଙ୍କ ପରିଚୟ ଖୋଜୁଛି।

### ଠିକା ଶ୍ରମିକଙ୍କ ଆତ୍ମହତ୍ୟା

ରାଉରକେଲା,୨୨।୯(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲା ସାରନଗରୀ କନଷ୍ଟ୍ରକ୍ସନ କଲୋନୀରେ ରହୁଥିବା ଜଣେ ଠିକା ଶ୍ରମିକ ରବିବାର ସନ୍ଧ୍ୟାରେ ତାଙ୍କ ଘରର ଲୁହା ରେଲିଂରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ମୃତକ ହେଲେ ହରଦୀପ ନନ୍ଦ(୩୬)। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସରେ ରଖାଯାଇଛି। ଏ ନେଇ ଟାଙ୍ଗରପାଲୀ ଥାନାରେ କୌଣସି ମାମଲା (ରାତି ୯ଟା ସୁଦ୍ଧା) ରୁଜୁ ହୋଇନାହିଁ। ତେବେ ମୃତକ ବିବାହିତ ଏବଂ ୨ ସନ୍ତାନର ଜନକ। ଶନିବାର ତାଙ୍କ ସ୍ତ୍ରୀ ବାପଘରକୁ ଯାଇଥିଲେ। ରବିବାର ସନ୍ଧ୍ୟାରେ ହରଦୀପ ଆତ୍ମହତ୍ୟା କରିଥିଲେ।

# ସଂରକ୍ଷିତ ହୋଇପାରୁନି ପନିପରିବା

**ରାଉରକେଲାରେ ରହିଛି ୫ ଶୀତଳ ଭଣ୍ଡାର**
- ଚାଷୀଙ୍କ ମଧ୍ୟରେ ସଚେତନତା ଅଭାବ
- ପଚିଶଢ଼ି ଯାଉଛି ପରିବା

ରାଉରକେଲା,୨୨।୯ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ଜନସଂଖ୍ୟା ୭ଲକ୍ଷ ଛୁଇଁବାକୁ ବସିଲାଣି। ବର୍ଦ୍ଧିତ ଜନସଂଖ୍ୟା ଅନୁସାରେ ଖାଦ୍ୟପେୟ, ତଟକା ପରିବା ଚାହିଦା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ସହରର ପ୍ରାୟ ବଜାରରେ ଲୋକମାନଙ୍କୁ ଚାହିଦା ମୁତାବକ ତଟକା ପନିପରିବା ମିଳୁନାହିଁ। ଫଳରେ ସହରର ଜନସାଧାରଣ ବାଧ୍ୟ ହୋଇ ପଚାସଢ଼ା ପରିବା କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ସଚେତନତା ଅଭାବରୁ ସହରରେ ସ୍ଥାପିତ ୫ ଶୀତଳ ଭଣ୍ଡାରରେ ଲାଠିକଟା, କୁଆଁରମୁଣ୍ଡା, ନୂଆଗାଁ ଏବଂ ବିଶ୍ରା ଆଦି ୪ଟି ବ୍ଲକର ହଜାର ହଜାର ପରିବା ଚାଷୀଙ୍କ ପନିପରିବା ପଚିସଢ଼ି ଯାଉଥିଲେ ସୁଦ୍ଧା ସଂରକ୍ଷିତ ହୋଇପାରୁନି। ଦିନକୁ ଦିନ ସହରରେ ପନିପରିବା ଦର ଆକାଶଛୁଆଁ ହେଉଥିବା ବେଳେ ମଧ୍ୟବିତ୍ତ ଓ ସାଧାରଣ ବର୍ଗ ଲୋକମାନଙ୍କ ହାଣ୍ଡିଶାଳରୁ ତଟକା ପନିପରିବା ହଜିବାକୁ ବସିଲାଣି।

ସୂଚନା ଅନୁସାରେ, ୨୦୨୧-୨୨ ଆର୍ଥିକ ବର୍ଷରେ ଆରଏମ୍‌ସି ତରଫରୁ ୮କୋଟି ଟଙ୍କା ବ୍ୟୟରେ ସହରରେ ୫ଟି ଅତ୍ୟାଧୁନିକ ଶୀତଳଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଗଲା। ପରବର୍ତ୍ତୀ ସମୟରେ ଆରଏମ୍‌ସିର ଅନୁମୋଦନ କ୍ରମେ ରାଉରକେଲା ସହର ଟ୍ରାଫିକ ଗେଟ୍, ଛେଣ୍ଡ, ଆମ୍ବାଗାନ ମାର୍କେଟ, ପାନପୋଷ ମାର୍କେଟ ଓ ଫର୍ଟିଲାଇଜରରେ ୫ଟି ଶୀତଳ ଭଣ୍ଡାର ନିର୍ମାଣ କରାଗଲା। ମାତ୍ର ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେବା ପରେ ଅଞ୍ଚଳର ପରିବା ଚାଷୀ କିଭଳି ଏହାଦ୍ୱାରା ଉପକୃତ ହେବେ ସେ ନେଇ ସଚେତନ କରାଗଲାନାହିଁ। ଫଳରେ ଗ୍ରାମାଞ୍ଚଳ ଚାଷୀଙ୍କ ବଳକା ପରିବା ଫିଙ୍ଗା ଫୋପଡା ହେଉଥିଲେ ମଧ୍ୟ ସଚେତନତା ଅଭାବରୁ ଶୀତଳ ଭଣ୍ଡାରରେ ସଂରକ୍ଷଣ ହୋଇପାରୁନାହିଁ। ଏହାଦ୍ୱାରା ବେପାରୀମାନେ ଲାଭ ଉଠାଉଥିବା ଅଭିଯୋଗ ହେଉଛି। କିଭଳି ତଟକା ପନିପରିବା ଶୀତଳ ଭଣ୍ଡାରରେ ସଂରକ୍ଷିତ ହେବ ସେ ଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

ଏ ନେଇ ପାନପୋଷ ଶୀତଳ ଭଣ୍ଡାର ଦାୟିତ୍ୱରେ ଥିବା ଅଧିକାରୀ ଆଶୁତୋଷ ନାୟକଙ୍କୁ ପଚାରିବାରୁ ସେ କହିଲେ, ଶୀତଳ ଭଣ୍ଡାରରେ ତଟକା ପରିବା ସଂରକ୍ଷିତ ରଖିବା ପାଇଁ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ ସର୍ବେକ୍ଷଣ ଚାଲିଛି। ଯେହେତୁ ଏହା ଏକ ନୂଆ କନସେପ୍ଟ, ନୂତନ ଟେକ୍ନୋଲୋଜି ଓ ଏନ୍‌ଆଇଟି ବିଶେଷଜ୍ଞ ଜଡିତ, ତେଣୁ ଏହାର ଲାଭ ନିଶ୍ଚିତ ସାଧାରଣ ଖାଉଟି ଓ ବ୍ଲକ ଅଞ୍ଚଳ ପରିବା ଚାଷୀଙ୍କୁ ମିଳିବ। ଆଗକୁ ଆର୍‌ଏମ୍‌ସି ତଦାରଖରେ ୟୁଏନ୍‌ଡିପି ପକ୍ଷରୁ ୪୫ଟି ହସ୍ପିଟାଲ, ହୋଟେଲ, ହଷ୍ଟେଲ ଆଦି ସ୍ଥାନକୁ ଚାଷୀଙ୍କ ସଂରକ୍ଷିତ ପରିବା ଓ ହାତ ତିଆରି ଦ୍ରବ୍ୟ ପଠାଯିବ। ପନିପରିବା ଚାଷୀଙ୍କୁ ତାଲିମ ସହ ପରିବା ସଂରକ୍ଷଣ ନେଇ ସଚେତନ କରାଯାଉଛି। ଆଗକୁ ବ୍ୟାପକ ଭାବେ ସଚେତନତା କାର୍ଯ୍ୟକ୍ରମ କରାଯିବ। ବାହାଘର, ବ୍ରତଘରର ଅର୍ଡର ନିଆଯିବ। ଦ୍ରବ୍ୟ ନେବା ଆଣିବା ପାଇଁ ମହିନ୍ଦ୍ରା ଇଲେକ୍ଟ୍ରି ଗାଡି ଆସିବ। ବର୍ତ୍ତମାନ ଇଲେକ୍ଟ୍ରି ଗାଡି ଚାଲିଛି । ଫଳରେ ଚାଷୀ ଓ ଏସ୍‌ଏଚ୍‌ଜି ମହିଳା ମିଶି ସପ୍ଲାଏ କରିବେ। ଏହା ଚାଷୀ ବର୍ଗକୁ ଚାଷ ପ୍ରତି ଆକର୍ଷିତ କରିବ ବୋଲି ସେ କହିଥିଲେ।


ପାନପୋଷ ଶୀତଳ ଭଣ୍ଡାର।

## ରାଉରକେଲା ଡିଆଇଜିଙ୍କୁ ସ୍ମାରକପତ୍ର ପ୍ରଦାନ


ସ୍ମାରକପତ୍ର ପ୍ରଦାନ କରିଥିବା ଅବସରପ୍ରାପ୍ତ ପୋଲିସ ଅଧିକାରୀ।

ରାଉରକେଲା,୨୨।୯(ଦିନେଶ ମିଶ୍ର)

ଭୁବନେଶ୍ୱରର ଭରତପୁର ଥାନାରେ ଘଟିଥିବା ଅପ୍ରୀତିକର ଘଟଣାକୁ ନେଇ ରାଉରକେଲା ଅବସରପ୍ରାପ୍ତ ପୋଲିସ ଅଫିସର୍ସ କଲ୍ୟାଣ ଆସୋସିଏଶନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହ ନିରପେକ୍ଷ ତଦନ୍ତ ପାଇଁ ରାଉରକେଲା ଡିଆଇଜି ବ୍ରିଜେଶ ରାୟଙ୍କୁ ଶନିବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାରେ ଏକ ନିରପେକ୍ଷ ତଦନ୍ତ କରି ସତ୍ୟ ଘଟଣାକୁ ସାମ୍ନାକୁ ଆଣିବା ପାଇଁ ଆସୋସିଏଶନ ସଭାପତି ବିଶ୍ୱମୋହନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଡକ୍ଟର ସୁମନ ଦତ୍ତ, ଉପସଭାପତି ଯଦୁମଣି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ରଞ୍ଜିତ କୁମାର ଭୋଇ, କୀର୍ତ୍ତନ ଚରଣ ସାମଲ, ଶ୍ରୀନିବାସ ଦାସ, ପିତାମ୍ବର କୁଅଁର ପ୍ରମୁଖ ଦାବି କରିଛନ୍ତି।

## ମୁକ୍ତିକାନ୍ତ ସାଧାରଣ ସମ୍ପାଦକ, ପ୍ରଣୟ କୋଷାଧକ୍ଷ

**କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ ଶେଷ**

ରାଉରକେଲା,୨୨।୯(ସଙ୍ଗୀତା ଜେନା)

ରାଉରକେଲାରେ ଗଣେଶ ପୂଜା, ଦୁର୍ଗାପୂଜା ଓ କାଳୀପୂଜା ଆଦି ବିଭିନ୍ନ ପୂଜାପାର୍ବଣ ସୁପରିଚାଳନା ଲାଗି ଗଠିତ କେନ୍ଦ୍ରୀୟ ପୂଜା କମିଟି (ସିପିସି) ନିର୍ବାଚନ ରବିବାର ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ବର୍ଷ ପାଇଁ ମୁକ୍ତିକାନ୍ତ ବେହେରା ୮୪ଖଣ୍ଡ ଭୋଟ୍ ପାଇ ସାଧାରଣ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିପରି ପ୍ରଣୟ କୁମାର ନାୟକ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆଇଟିଡିଏ ସମ୍ମିଳନୀ କକ୍ଷରେ ମତଦାନ ହୋଇଥିଲା। ସେଥିରେ ବିଭିନ୍ନ ପୂଜା କମିଟିର ମୋଟ ୧୮୭ ସଦସ୍ୟ ଭୋଟ୍ ଦେଇଥିଲେ। ଏହାପରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ ଓ ଲାଠିକଟା ତହସିଲଦାର ତଥା (ସିପିସି) ରିଟର୍ନିଂ ଅଧିକାରୀ ଆର୍ତ୍ତତ୍ରାଣ ଥାଟିଙ୍କ ଉପସ୍ଥିତିରେ ଅପରାହ୍ନ ୪ଟାରୁ ଭୋଟ୍ ଗଣତି କରାଯାଇଥିଲା। କେନ୍ଦ୍ରୀୟ ପୂଜା କମିଟିକୁ ୩ଟି ଜୋନରେ ଭାଗ କରାଯାଇଛି। ଏହି ତିନିଟି ଜୋନ ପାଇଁ ମଧ୍ୟ ଉପ ସଭାପତି, ଯୁଗ୍ମ ସଚିବ ଓ ୨ଜଣ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚତ ହୋଇଛନ୍ତି। ଷ୍ଟିଲ ଟାଉନଶିପ୍ ଜୋନ୍ ପାଇଁ ନାରାୟଣ ମହାନ୍ତି ଉପ ସଭାପତି, ଅରୁଣ କୁମାର ମହାପାତ୍ର ଯୁଗ୍ମ ସଚିବ ଏବଂ କମ୍ୟୁନିଷ୍ଟ ଗୌଡ ଓ ରାହୁଲ ରାୟ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେହିପରି ସିଭିଲ ଟାଉନଶିପ୍ ଜୋନ୍ ପାଇଁ ବିଶ୍ୱନାଥ ଦେ ଉପ ସଭାପତି, ରାକେଶ ଶର୍ମା ଯୁଗ୍ମ ସଚିବ, ଅମିତ କୁମାର ନାୟକ ଓ ମାନସୀ ସରକାର କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ଅନିଲ କୁମାର ମଲ୍ଲିକ ଫର୍ଟିଲାଇଜର ଟାଉନଶିପ୍ ଜୋନ୍‌ର ଉପସଭାପତି ହୋଇଛନ୍ତି। ଏହି ଜୋନ୍‌ରେ ପ୍ରଦୀପ ଦାଶ ଯୁଗ୍ମ ସଚିବ, ସୁରେନ୍ଦ୍ର ନାଥ ରଣା ଓ ପ୍ରସାଦ କୁମାର ମଲ୍ଲିକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଥିବା ଜଣାପଡିଛି।

## ମୁକ୍ତ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ


ଚାମ୍ପିୟନ ଟ୍ରଫି ସହ ଜୁନିୟର ଦଳର ଖେଳାଳି।

ରାଉରକେଲା,୨୨।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମରେ ଚାଲିଥିବା ଆର୍‌ଏସ୍‌ପି ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ-୨୦୨୪ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସିନିୟର ବାଳକ ବର୍ଗରେ ଆଇଜି ମେମୋରିଆଲ ସ୍କୁଲ ରାଉରକେଲା ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ୨-୦ରେ ପରାଜିତ କରିଥିଲା। ସେହିପରି ଜୁନିୟର ବାଳକ ବର୍ଗରେ ହମିରପୁର ଉଚ୍ଚ ମାଧ୍ୟମିକ ସ୍କୁଲ ଦଳ ମଧୁସୂଦନ ଶିକ୍ଷା ସଦନ ଦଳକୁ ୨-୦ ଗୋଲ ଦେଇ ପରାଜିତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ସ୍ୱାଇଁ ମୁଖ୍ୟଅତିଥି, ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗ ସିଜିଏମ ବି. କେ. ଯୋଜୋ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଦଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସହରସେବା ବିଭାଗର ଜିଏମ ଇନଚାର୍ଜ ଟି. ଜି କାନେକର, ସହର ଶିକ୍ଷା ବିଭାଗ ଜିଏମ ଅସୀମ ସାବତ, ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ପ୍ରୋଟୋକଲ, ହସ୍ପିଟାଲିଟି ଓ ସମାଜ ମଙ୍ଗଳ ବିଭାଗର ଜିଏମ ଜେ. ପି ମିଶ୍ର, କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ବିଦ୍ୟାଳୟ ଗୁଡିକର ପ୍ରତିନିଧି ଓ ବହୁ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। କ୍ରୀଡା ବିଭାଗର ଉପ ପ୍ରବନ୍ଧକ ରଘୁନନ୍ଦନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏସ୍‌ପିର ସିଲିକନ ଷ୍ଟିଲ ମିଲ୍ ବିଭାଗର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ମିଳିଲା ଆର୍ଥିକ ସାକ୍ଷରତା

**ରାଉରକେଲା ଏନ୍‌ଆଇଟିରେ ଫିନ୍‌ଫ୍ଲୁଏନ୍ସ ଫେଷ୍ଟ**

ରାଉରକେଲା,୨୨।୯(ସଙ୍ଗୀତା ଜେନା)

ରାଉରକେଲା ଏନ୍‌ଆଇଟି ସ୍ଥିତ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଗ୍ରେପଭାଇନ୍ ବିଜିନେସ୍ କ୍ଲବ (ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର) ଅଧୀନରେ ଷ୍ଟୁଡେଣ୍ଟ କ୍ଲବ ସହଯୋଗରେ ଶନିବାର ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ର ଭୁବନେଶ୍ୱର ବେହେରା ଅଡିଟୋରିୟମ୍‌ରେ ଫିନ୍‌ଫ୍ଲୁଏନ୍ସ ଫେଷ୍ଟ ଆୟୋଜିତ ହୋଇଯାଇଛି। ଯୁବ ଶିକ୍ଷାର୍ଥୀମାନଙ୍କୁ ଆର୍ଥିକ ସାକ୍ଷରତା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ରାଉରକେଲାର ବିଭିନ୍ନ କଲେଜରୁ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଡିଜିଟାଲ୍ ଫାଇନାନ୍ସିଆଲ୍ ଇନ୍‌ଫ୍ଲୁଏନ୍ସର ନେହା ନାଗର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିବାକୁ ପ୍ରାଥମିକତା ଦେବା ଉଚିତ। ଏହାସହ ଏକାଧିକ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ନିଜର ଦକ୍ଷତା ଅଭିବୃଦ୍ଧି ଉପରେ ମଧ୍ୟ ବିଚାର କରିବା କଥା। ନିବେଶର ଅର୍ଥ ସବୁବେଳେ ଷ୍ଟକ ବଜାରକୁ ଡେଇଁବା ନୁହେଁ। ଏଥିରେ କମ୍ ବିପଦପୂର୍ଣ୍ଣ ବିକଳ୍ପ ମଧ୍ୟ ରହିଛି। ଛାତ୍ରୀଛାତ୍ରମାନେ ଆର୍ଥିକ ହିସାବ ଜାଣିବା ଦ୍ୱାରା ଏହାକୁ ସହଜରେ ପରିଚାଳନା କରିପାରିବେ। ଋଣରୁ ଦୂରେଇ ରହିବା ସହିତ ଭବିଷ୍ୟତ ପାଇଁ ସଞ୍ଚୟ ମଧ୍ୟ କରାଯାଇପାରିବ। ଆର୍ଥିକ ସ୍ୱାଧୀନତା ଓ ଦୀର୍ଘମିଆଦୀ ନିରାପତ୍ତା ପାଇଁ ମୂଳଦୁଆ ପକାଇଥାଏ ବୋଲି ନାଗର ମତବ୍ୟକ୍ତ କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଆର୍ଥିକ ବିପଦ ବୁଝିବା ଅତ୍ୟନ୍ତ ଜରୁରୀ। ଭଲ ଜ୍ଞାନ ଟଙ୍କାକୁ ସଞ୍ଚୟରେ ପରିବର୍ତ୍ତିତ କରିପାରେ ବୋଲି ରାଓ କହିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ ଦୀର୍ଘମିଆଦୀ ସ୍ଥିରତା ଏବଂ ସଫଳତା ହାସଲ ପାଇଁ ଆର୍ଥିକ ସାକ୍ଷରତା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ସାକ୍‌ର ସଭାପତି ପ୍ରଫେସର ରାଜୀବ ପଣ୍ଡା ସ୍ୱାଗତ ଭାଷଣ ଦେଇ ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ପରିଚାଳନା ଏବଂ ଏହାର ଶୃଙ୍ଖଳା ବିଷୟରେ ପ୍ରାରମ୍ଭିକ ବୁଝାମଣା ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି କହିଥିଲେ। ନିରନ୍ତର ଅଭିବୃଦ୍ଧି ବଜାୟ ରଖିବା ପାଇଁ ଲାଭକୁ କିଭଳି ଉପଯୋଗ କରାଯିବ ତାହା ଗୁରୁତ୍ୱପୂର୍ଣ୍ଣ ବୋଲି ସାକ୍ ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା କହିଥିଲେ। ଡେରିଭେଟିଭ ଆନାଲିଷ୍ଟ ଆନନ୍ଦ ସେଣ୍ଡଗେ, ବୈଷୟିକ ବିଶ୍ଳେଷକ ହର୍ଷ ପରେଶ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ସମସ୍ତ ଜ୍ଞାନର ମୂଳାଧାର ହେଉଛି ଭାଗବତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, କବି ଓ ସାହିତ୍ୟିକ।

ରାଉରକେଲା,୨୨।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ପୁରାତନ ସାହିତ୍ୟ ଅନୁଷ୍ଠାନ ଆଦର୍ଶ ପାଠାଗାରଠାରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ଚନ୍ଦ୍ରଶେଖର ଶତପଥୀ ସଭାପତିତ୍ୱ କରିଥିଲେ। ଉପସଭାପତି ଡକ୍ଟର ସନାତନ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ଇଂ. ଅଭୟ କୁମାର ଦାସ ମୁଖ୍ୟ ଅତିଥି ଏବଂ ସଂସ୍କୃତ କଲେଜର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ଆଲୋଚକ ଭାବେ ଯୋଗଦେଇ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆଲୋଚକ ଡକ୍ଟର ପଣ୍ଡା ତତ୍ତ୍ୱ, ଜ୍ଞାନ, ଭାବ ସହିତ ବ୍ରହ୍ମ ସମ୍ପର୍କିତ ସମସ୍ତ ତଥ୍ୟ ଲିପିବଦ୍ଧ ଥିବା ଶ୍ରେଷ୍ଠ ଜ୍ଞାନଶାସ୍ତ୍ର ଭାଗବତ ବୋଲି ଦର୍ଶାଇଥିଲେ। ଏହା ସହ ସମସ୍ତ ଜ୍ଞାନର ମୂଳାଧାର ଭାଗବତ ବୋଲି ସେ କହିଥିଲେ। ଆବାହକ ଡକ୍ଟର ପ୍ରଧାନ ଆଲୋଚ୍ୟ ବିଷୟରେ ଓଡ଼ିଆ ଭାଷା ସାହିତ୍ୟର ଶୁଦ୍ଧତା ପାଇଁ ଭାଗବତ ହିଁ ପଥ ପ୍ରଦର୍ଶକ ବୋଲି ଉଲ୍ଲେଖ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ଆର୍ତ୍ତତ୍ରାଣ ମହାପାତ୍ର ଗଳ୍ପ ପାଠ କରିଥିବା ବେଳେ ତୃତୀୟ ପର୍ଯ୍ୟାୟରେ ଅଧ୍ୟାପିକା ଶେଫାଳି ବାରିକ କବିତା ପାଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଇଂ. ଦାସ ସାହିତ୍ୟ ଓ ସଂସ୍କୃତି ପ୍ରତି ଅନୁଷ୍ଠାନର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣେଶ ଭସାଣିକୁ ନେଇ ଗଣ୍ଡଗୋଳ ମାମଲା: ୩ ଗିରଫ

ରାଉରକେଲା,୨୨।୯(ସଙ୍ଗୀତା ଜେନା)

ଗଣେଶ ପୂଜା ଭସାଣି ସମୟରେ ରଘୁନାଥପାଲୀ ଥାନା ଲେବର ଟେନାମେଣ୍ଟ କେଶରୀନଗର ଅଞ୍ଚଳରେ ହୋଇଥିବା ଗଣ୍ଡଗୋଳରେ ରବିବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜେଲ୍ ରୋଡ୍‌ର ଅନୁରାଗ ପଟ୍ଟନାୟକ(୧୮), ଲେବରଟେନାମେଣ୍ଟର ଶୁଭମ୍ ମିଶ୍ର(୨୧) ଏବଂ ଏସ୍‌ଟିଆଇ ରାଜୀବ ବସ୍ତିର ରମାକାନ୍ତ ଦାଶ(୨୨)। ଏ ନେଇ ଏକ ମାମଲା (ନଂ.୪୬୮/୨୪) ରୁଜୁ ହୋଇଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଆହୁରି ୨୫ରୁ ୩୦ ଜଣ ଫେରାର ଥିବାରୁ ସେମାନଙ୍କୁ ପୋଲିସ ଖୋଜୁଛି। ଗତ ଗୁରୁବାର ରାତିରେ ଏସ୍‌ଟିଆଇ ପୂଜା କମିଟି ପକ୍ଷରୁ ଗଣେଶ ପୂଜା ଭସାଣି କରାଯାଉଥିଲା। କେଶରୀନଗରଠାରେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ସେହିପରି ଶନିବାର ରାତିରେ କେଶରୀନଗର ପୂଜା କମିଟିର ଗଣେଶ ପୂଜା ଭସାଣି ବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।


ରାଉରକେଲା ବିମାନ ବନ୍ଦର ଛକରେ ସ୍ଥାପିତ ୪୦ ଫୁଟ୍ ହକି ସ୍ମାରକୀ ସାମାନ୍ୟ ପବନରେ ଟଳି ପଡିବାର ବର୍ଷେ ପରେ ସେଠାରେ ବିଶ୍ୱକପ୍ ହକି ସ୍ମାରକୀ ସ୍ଥାପନ କରାଯାଇଛି। (ଫଟୋ: ବିପ୍ଳବ)

## ବେଦବ୍ୟାସ ପୀଠର ମହନୀୟତା ଉପରେ ଆଲୋକପାତ

**ଗୋପବନ୍ଧୁ ପାଠାଗାରରେ ଆଲୋଚନାଚକ୍ର**

ରାଉରକେଲା,୨୨।୯(ବିପ୍ଳବ ରଞ୍ଜନ ଦାଶ)

ବେଦବ୍ୟାସ ବିକାଶ ମଞ୍ଚ ଏବଂ ଗୋପବନ୍ଧୁ ପାଠାଗାର ଆନୁକୂଲ୍ୟରେ 'ବ୍ୟାସଦେବ ସୃଜନଚିନ୍ତନର ଚତୁର୍ଥଅର୍ଘ୍ୟ, ବେଦ ଚତୁଷ୍ଟୟୀ ବିଚାର ସିଦ୍ଧାନ୍ତ' ଶୀର୍ଷକ ଆଲୋଚନାଚକ୍ର ଗୋପବନ୍ଧୁ ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ଅବସରପ୍ରାପ୍ତ ଅତିରିକ୍ତ ଜିଲାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବେଦବ୍ୟାସ ପୀଠର ମହନୀୟତା ଉପରେ ଆଲୋକପାତ କରି କହିଥିଲେ, ବ୍ୟାସଦେବ ହେଉଛନ୍ତି ଭଗବାନ ବିଷ୍ଣୁଙ୍କ ଅବତାର, ବେଦବ୍ୟାସ ପୀଠରେ ତାଙ୍କର ଜନ୍ମ। ତେଣୁ ମହର୍ଷି ବ୍ୟାସଦେବଙ୍କ ପାଇଁ ଏହି ପବିତ୍ର ପୀଠର ପାଞ୍ଚକୋଶ ପରିଧି ମଧ୍ୟରେ ଥିବା ସମସ୍ତ ଅଞ୍ଚଳକୁ ବ୍ୟାସମଣ୍ଡଳ କୁହାଯାଏ। ବିଶିଷ୍ଟ ଧର୍ମଗୁରୁ ତଥା ସମାଜ ସଂସ୍କାରକ ପଦ୍ମଶ୍ରୀ ବାବା ବଳିଆ ଏହି କ୍ଷେତ୍ରରେ ବାରବର୍ଷ ସାଧନା କରି ସିଦ୍ଧିପ୍ରାପ୍ତ କରିଛନ୍ତି। ଏଣୁ ପୁରୀକୁ ଶ୍ରୀକ୍ଷେତ୍ର, କେନ୍ଦ୍ରପଡ଼ାକୁ ତୁଳସୀକ୍ଷେତ୍ର ଏବଂ ଯାଜପୁରକୁ ବିରଜାକ୍ଷେତ୍ର ସଦୃଶ ରାଉରକେଲାକୁ ବ୍ୟାସକ୍ଷେତ୍ର ବୋଲି କୁହାଯାଏ ବୋଲି ପଟ୍ଟନାୟକ କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଇଂ. ନବଘନ ସାହୁ ବେଦବ୍ୟାସ ବିକାଶ ମଞ୍ଚ ଟ୍ରଷ୍ଟ କାର୍ଯ୍ୟକର୍ତ୍ତଙ୍କେ ପ୍ରଶଂସା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କବି ରାଜୀବ ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ମହର୍ଷି ବେଦବ୍ୟାସଙ୍କ ବେଦର ବିଭାଗୀକରଣ ସାମ୍ ବେଦ, ଅଥର୍ବ ବେଦ, ଋଗ୍ ବେଦ ଏବଂ ଯଜୁର୍ବେଦ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବେଦବ୍ୟାସ ବିକାଶ ମଞ୍ଚ ଟ୍ରଷ୍ଟ ସଭାପତି ବଦ୍ରି ନାରାୟଣ ପାଢ଼ୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ ବ୍ୟାସଦେବ ସୃଜନ ଚିନ୍ତନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। ଆଲୋଚନାଚକ୍ରକୁ ବେଦବ୍ୟାସ ବିକାଶ ମଞ୍ଚ ଉପସଭାପତି ରାଜ କୁମାର ମହାନ୍ତି ପରିଚାଳନା କରିଥିଲେ। ଅନ୍ୟତମ ଉପସଭାପତି ହୃଷୀକେଶ ବଳିଆର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାରେ ଶତାଧିକ କବୟିତ୍ରୀ କବି, ଲେଖିକା ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

# ମୋ ବସ୍‌ଷ୍ଟାଣ୍ଡ ସାଜିଛି ବାଇକ୍ ପାର୍କିଂ ସ୍ଥଳୀ

- ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ଅସନ୍ତୋଷ
- ଆର୍‌ଏମ୍‌ସି କହିଲା ନିଆଯିବ କାର୍ଯ୍ୟାନୁଷ୍ଠାନ

ରାଉରକେଲା,୨୨।୯(ଦିନେଶ ମିଶ୍ର)

ରାଉରକେଲା ସହରର ମୋ ବସ୍‌ଷ୍ଟାଣ୍ଡ ପରିସର ସାଜିଛି ବାଇକ୍ ପାର୍କିଂସ୍ଥଳୀ। ପ୍ରତିଦିନ ଏହି ବସ୍‌ଷ୍ଟାଣ୍ଡରେ ବାଇକ୍ ପାର୍କିଂ ହେଉଥିବାରୁ ଯାତ୍ରୀମାନେ ଆଶ୍ରୟ ନେବାକୁ ହଇରାଣ ହେଉଛନ୍ତି। ଏଭଳି ଦୃଶ୍ୟ ସ୍ମାର୍ଟସିଟି ରାଉରକେଲା ରିଜର୍ଭପୋଲିସ ରେଲୱେ ଓଭରବ୍ରିଜ୍ ନିକଟ ମୋ ବସ୍‌ଷ୍ଟାଣ୍ଡରେ ଦେଖିବାକୁ ମିଳିଛି।

ରାଉରକେଲା ସହରରେ ମୋ ବସ୍‌ର ଚାହିଦା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ସ୍ଥାନରେ ଯାତ୍ରୀମାନଙ୍କ ପାଇଁ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ସହରରେ ଥିବା ପ୍ରତ୍ୟେକ ରୁଟ୍ ପାଇଁ ମୋ ବସରେ ବସ ନମ୍ବର ସହିତ ମୋ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ସୁବିଧା ପାଇଁ ଆଲୋକୀକରଣ ବ୍ୟବସ୍ଥା ସାଙ୍ଗକୁ ଚେୟାର ଓ ଚାର୍ଜିଂ ପଏଣ୍ଟ ସୁବିଧା କରାଯାଇଥିଲା। ଯାତ୍ରୀମାନେ ଏହି ବସ୍‌ଷ୍ଟାଣ୍ଡରେ ନିର୍ଦ୍ଦିଷ୍ଟ ସମୟ ଅନୁଯାୟୀ ନିଜ ନିଜ ରୁଟ୍‌ର ବସ୍‌କୁ ଅପେକ୍ଷା କରିବା ପାଇଁ ବସି ରହୁଥିଲେ। ତେବେ ସହରରେ ଏଭଳି ଭାବେ ବିଭିନ୍ନ ସ୍ଥାନରେ ଯାତ୍ରୀମାନଙ୍କ ସୁବିଧା ପାଇଁ ମୋ ବସ୍‌ଷ୍ଟାଣ୍ଡ ତିଆରି ହୋଇଥିବାବେଳେ ରିଜର୍ଭ ପୋଲିସ ରେଲୱେ ଓଭରବ୍ରିଜ ନିକଟ ବସ୍‌ଷ୍ଟାଣ୍ଡଟି ଖାଲି ଟିଣଛାତ ପକାଇ ଛାଡି ଦିଆଯାଇଥିଲା। ଏଠାରେ ଯାତ୍ରୀମାନଙ୍କ ବସିବା ପାଇଁ କୌଣସି ଚେୟାର ବ୍ୟବସ୍ଥା ନ ଥିବାବେଳେ କୌଣସି ଆଲୋକୀକରଣ କରାଯାଇ ନ ଥିଲା। ଫଳରେ ଏହି ରୁଟ୍ ଦେଇ ଯାଉଥିବା ୧୦୩ ଓ ୧୧୧ ନମ୍ବର ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଖାଲି ବସ୍‌ଷ୍ଟାଣ୍ଡର ଟିଣଛାତ ତଳେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଥିଲେ। ଏହି ରୁଟ୍ ଦେଇ ଛେଣ୍ଡ କଲୋନୀ, ଟିସ୍କୋ କଲୋନୀ, ପ୍ରଧାନପାଲ୍ଲୀ, ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହ ରିଜର୍ଭ କଲୋନୀ, ପାନପୋଷ ଛକ ଓ ରାଉରକେଲା ରେଳ ଷ୍ଟେଶନ ପର୍ଯ୍ୟନ୍ତ ମୋ ବସ୍ ପ୍ରତିଦିନ ଯାତାୟାତ କରୁଛି। ମାତ୍ର ଏହି ରୁଟ୍‌ରେ ଥିବା ବସ୍‌ଷ୍ଟାଣ୍ଡଟି ଅବହେଳିତ ହୋଇ ପଡିରହିଛି। ଏହି ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବସିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ଲୋକେ ଓ କେତେକ ଗ୍ୟାରେଜ ଦୋକାନୀ ବାଇକ୍ ପାର୍କିଂ କରୁଛନ୍ତି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସ୍ଥାନୀୟ ଯାତ୍ରୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସ ସୁଫଳ ମିଳିନାହିଁ। ଏ ନେଇ ରାଉରକେଲା ମହାନଗର ନିଗମ ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ରିଜର୍ଭ ପୋଲିସ ରେଲୱେ ଓଭରବ୍ରିଜ୍ ନିକଟରେ ଥିବା ମୋ ବସ୍‌ଷ୍ଟାଣ୍ଡର ଅବ୍ୟବସ୍ଥାକୁ ନେଇ ଆମ ପାଖରେ କୌଣସି ସୂଚନା ନାହିଁ। ତଥାପି ଆସନ୍ତା ୭ ଦିନ ଭିତରେ ଉକ୍ତ ବସ୍‌ଷ୍ଟାଣ୍ଡକୁ ଆମେ ବିଭାଗୀୟ ଅଧିକାରୀଙ୍କୁ ପଠାଇ ସ୍ଥିତି ସମୀକ୍ଷା କରିବା ପରେ ଏହାକୁ ଯଥାଶୀଘ୍ର ଲୋକଙ୍କ ବ୍ୟବହାର ଉପଯୋଗୀ କରିବୁ ବୋଲି ଉପଆୟୁକ୍ତ ନାୟକ କହିଥିଲେ।


ମୋ ବସଷ୍ଟାଣ୍ଡରେ ବାଇକ୍ ପାର୍କିଂ କରାଯାଇଛି।

**କାଠଗଣ୍ଡି ସହ ଟ୍ରାକ୍ଟର ଜବତ, ଡ୍ରାଇଭର ଫେରାର**

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ): ସମ୍ବଲପୁର ଜିଲା ଜମନକିରା ରେଞ୍ଜ ସରଡ଼ା ସଂରକ୍ଷିତ ଜଙ୍ଗଲ ମଧ୍ୟସ୍ଥ ରାସ୍ତାରୁ ରବିବାର ସନ୍ଧ୍ୟାରେ ବନ ବିଭାଗ ଚଢ଼ାଉ କରି ଟ୍ରାକ୍ଟର ସହ ୬ରୁ ୭ ଖଣ୍ଡ କାଠ ଗଣ୍ଡି ଜବତ କରିଛି। ବନ ବିଭାଗ ସ୍ୱତନ୍ତ୍ର ଦଳ ଚଢ଼ାଉ ବେଳେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛନ୍ତି। ଟ୍ରାକ୍ଟର ସହ କାଠଗଣ୍ଡିକୁ ଭୋଜପୁର ରେଞ୍ଜ ଅଫିସ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଏକାଗ୍ରତା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରେ

## ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର,୨୨।୯(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିର ପ୍ରାରମ୍ଭରେ ପୂଜାର୍ଚ୍ଚନା ଓ ସାମୂହିକ ପ୍ରାର୍ଥନା ହୋଇଥିଲା। ଏହାପରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଯୋଗଶିକ୍ଷା ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା ପ୍ରଶିକ୍ଷକଭାବେ ଯୋଗଦେଇଥିଲେ। ସେ ଅବ୍ରାହାମ ଲିଙ୍କନଙ୍କ ଜୀବନୀ ଉପରେ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟରେ ବୁର୍ଲା ଭିମସାର ବିଶିଷ୍ଟ ଭେଷଜ ପ୍ରଫେସର ଡାକ୍ତର ଅତନୁ ଠାକୁର ଯୋଗଦେଇ ନିରୋଗ ଜୀବନ ଯାପନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏକାଗ୍ରତା ଓ ଧ୍ୟାନ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରିଥାଏ। ଯଦ୍ୱାରା ବର୍ତ୍ତମାନ ଓ ଭବିଷ୍ୟତ ଜୀବନ ଯାପନରେ ସହାୟକ ହୋଇଥାଏ। ସେହପରି ଛାତ୍ରୀଛାତ୍ରଙ୍କୁ ରୋଗଠାରୁ ଦୂରେଇ ରଥିଥାଏ ବୋଲି ମନ୍ତବ୍ୟ ଦେଇଥିଲେ। ଏଥିସହ ଡାକ୍ତର ଠାକୁର ବିଭିନ୍ନ ଖାଦ୍ୟ ଓ ତାର ସେବନ ଉପରେ ଅଲୋଚନା କରିଥିଲେ। ସଞ୍ଚାଳକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭରେ ମୌଳିକ ଇଂରାଜୀ ଶିକ୍ଷା ପ୍ରଦାନ ସହ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ବରିଷ୍ଠ ଖବରଦାତା ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ରଘୁନାଥ ମିଶ୍ର, ପୃଥୀରାଜ ମିଶ୍ର, ଗୋଲକ ବିହାରୀ ମିଶ୍ର, ଡ. ମୁରଲୀଧର ପ୍ରେମନାଥ ନାୟକଙ୍କ ସମେତ ବୁଦ୍ଧିଜୀବୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଶିବିରରେ ୧୪ ଉଚ୍ଚବିଦ୍ୟାଳୟର ୪୭ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇଥିଲେ।



ଆୟୋଜିତ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣରେ ଉପସ୍ଥିତ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

# ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହ ପାଇଁ ଭୂମିପୂଜନ

କୁଚିଣ୍ଡା,୨୨।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଶନିବାର ନୂତନ ଗୃହ ନିର୍ମାଣର ଭୂମିପୂଜନ, ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ଚାଷୀଙ୍କୁ ତୃଣ ଚାଷ ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ପାଇଁ ଭୂମିପୂଜନ କରିଥିଲେ। ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ ଡା.ମୋହନ ମାଣିଆଙ୍କ ସଭାପତିତ୍ୱରେ କୁଚିଣ୍ଡା ଟାଉନ ହଲଠାରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକ ଯୋଗଦେଇ ହିତାଧିକାରୀଙ୍କୁ କେବଳ କାର୍ଯ୍ୟାଦେଶ ଦେଇ ଛାଡିଦେଲେ ହେବ ନାହିଁ, ତାଙ୍କ ସହ ସମନ୍ୱୟ ରଖି ଉତ୍ସାହିତ କଲେ ଯାଇ ସେମାନେ ଉପକୃତ ହେବେ ବୋଲି କହିଥିଲେ। ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନାଏକ ପରାମର୍ଶ ଦେଇଥିଲେ। ଗୋପାଳନ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ସହ ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ନୂତନ ଗୋଶାଳା ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରାଣୀ ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସତ୍ୟ ନାରାୟଣ ସାହୁ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ(ଜୀବ ମଙ୍ଗଳ) ଡା.ରାଜୀବ ଲୋଚନ ବେହେରା, କୁଚିଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଅବିନାଶ ପ୍ରଧାନ, ବାମରା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଦୀପନ କିଷାନ, ଫାଶିମାଲ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଗଣେଶ ଚନ୍ଦ୍ର ପାଣି, କେଶାଇବାହାଲ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୁଧାଂଶୁ ମୋହନ ନାୟକ, ବାମରା ପ୍ରାଣୀଚିକିତ୍ସା ଅଧିକାରୀ ଡା.ବିଜୟ ଭୂମିଜ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୋପାଳନ, କୁକୁଡା, ବତକ, ଘୁଷୁରି, ଛେଳି ଆଦି ଚାଷ ସହ ତୃଣ ଚାଷ କରି କିଭଳି ଲାଭବାନ ହେବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଣୀଧନ ନିରୀକ୍ଷକ ସ୍ମିତାର ବୁଡା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସେକ୍ସନ ଅଫିସର ସତ୍ୟାନନ୍ଦ ମଲ୍ଲିକ, ଅନ୍ନଦା ଶଙ୍କର ଗଡତିଆ, ତୁଳାରାମ କଉଡି, ଉଷାରାଣୀ କିଷାନ, ପ୍ରକାଶ ପଟେଲ ସହଯୋଗ କରିଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ଉପଖଣ୍ଡର ୩ଟି ବ୍ଲକରୁ ୧୩ଜଣଙ୍କୁ ବ୍ରଏଲର, ଜଣଙ୍କୁ ଛେଳି, ୨ଜଣଙ୍କୁ ଘୁଷୁରି, ୨ଜଣଙ୍କୁ ମୁରାହ ମଇଁଷି ଫାର୍ମ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।



ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହ ପାଇଁ ମନ୍ତ୍ରୀ ରବି ନାରାୟଣ ନାୟକ ଭୂମିପୂଜନ କରୁଛନ୍ତି।

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

## ୭୫ ୟୁନିଟ୍ ରକ୍ତ ସଂଗୃହୀତ



ସମ୍ବଲପୁର,୨୨।୯(ବି.ଶଙ୍କର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ସେବା ପକ୍ଷ, ସେବା ମହାଯଜ୍ଞ କାର୍ଯ୍ୟକ୍ରମ ଚାଲିଛି। ଏହିକ୍ରମରେ ରବିବାର ସମ୍ବଲପୁର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କାଚେରି ରୋଡ଼ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବମୋର୍ଚ୍ଚା ଜିଲା କୋଷାଧ୍ୟକ୍ଷ କାହ୍ନୁ ରାମଶର୍ମାଙ୍କ ନେତୃତ୍ୱ ଓ ସୁଶ୍ରୀ ଶୁଭଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଶିବିରରେ ୭୫ୟୁନିଟ ରକ୍ତ ସଂଗ୍ରହ ହୋଇଛି । ରକ୍ତଦାନ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ବରିଷ୍ଠ ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଡ.ପ୍ରମୋଦ ରଥ, ସୂର୍ଯ୍ୟ ପାଢ଼ୀ, ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ମହାନଦୀ ମଣ୍ଡଳ ସଭାପତି ସୁଶାନ୍ତ ପୁରୋହିତ, ବିଶିଷ୍ଟ ସମାଜିକ କର୍ମୀ ପ୍ରଫୁଲ୍ଲ ହୋତା ଓ ସୁବ୍ରତ ପଣ୍ଡା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିର ଆୟୋଜନରେ ସୌମିତ୍ର ଯତି, ସନ୍ତୋଷ ଡ଼ାଲୁଆ, ପ୍ରଭୁଦତ୍ତ ପଣ୍ଡା, ଗୋପାଲ ଅଗ୍ରୱାଲ, ଅଜିତ ବେହେରା, ମୋହନ ଦାଶ, ଅରୁଣ କୁମାର ଦାସ, ଶ୍ୟାମ ଗୁରୁ, ହରିହର ପଣ୍ଡା, ଅଭିନ ପାଣିଗ୍ରାହୀ, ଶୈଳେନ୍ଦ୍ର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

# ହକି ଟୁର୍ନାମେଣ୍ଟ: ସିଲିକୁଦର ଚାମ୍ପିୟନ



ଅତିଥିଙ୍କ ସହ ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

କୁଚିଣ୍ଡା,୨୨।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର ଓରାମ ନିକ୍ତିମାଲରେ ପାଞ୍ଚଦିନ ଧରି ଚାଲିଥିବା ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓରାମ ନିକ୍ତିମାଲ ନର୍ଦନ ଷ୍ଟାର ନେହେରୁ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ରାଜଗାଙ୍ଗପୁର ସିଲିକୁଦର ଓ ରାଜଗାଙ୍ଗପୁର ତାଲକୁଦର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ଗୋଲରେ ସିଲିକୁଦର ଚାମ୍ପିୟନ ହୋଇଥିଲା। ଖେଳକୁ ସାମୁଏଲ କେର୍କେଟା, ଆଲଡ୍ରିନ ଡୁଙ୍ଗଡୁଙ୍ଗ, ବିନୋଦ ବାର୍ଲା, ଦିଲୀପ ବାଗେ ପରିଚାଳନା କରିଥିଲେ। କ୍ଲବ ସଭାପତି ପ୍ରଫୁଲ୍ଲ କୁଲୁଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟ ଅତିଥି, ସରପଞ୍ଚ ପ୍ରମୋଦ କିଷାନ, ସମିତି ସଭ୍ୟ ଖଗେଶ୍ୱର କିଷାନ,ପୂର୍ବତନ ସମିତି ସଭ୍ୟ ଜଲେନ ଲୁଗୁନ, ଉଦିତ ପ୍ରତାପ ଦେଓ, ପ୍ରଦୀପ କିଷାନ, ଚୂଡାମଣି ମାକର, ବୟୋଜ୍ୟେଷ୍ଠ ନାଏକ, ନିରାକାର କିଷାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କ୍ଲବ ଉପସଭାପତି ଆଲବିନୁସ ଖେସ, ସମ୍ପାଦକ ଜନସନ ଖାଖା, ସହ ସମ୍ପାଦକ ଆସବିନ ଖେସଙ୍କ ସମେତ ଦିଲୀପ କୁଲୁ, ବିକାଶ ପାତ୍ରାସ ତିର୍କୀ, ଖ୍ରୀଷ୍ଟ କୁମାର ଲୁଗୁନ ସହଯୋଗ କରିଥିଲେ।

# ଉଚ୍ଚ ବିଦ୍ୟାଳୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ସମ୍ବଲପୁର,୨୨।୯(ବି.ଶଙ୍କର)

ଉଚ୍ଚବିଦ୍ୟାଳୟସ୍ତରୀୟ ଗୀତାର ଭକ୍ତି ଯୋଗକୁ ନେଇ ଏକ ଶ୍ଳୋକ ଆବୃତ୍ତି ପ୍ରତିଯୋଗିତା ରବିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସହର ଓ ଆଖ ପାଖ ୧୪ଟି ଉଚ୍ଚ ବିଦ୍ୟାଳୟର ମୋଟ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରି ଅତି ସୁନ୍ଦର ଭାବେ ଗୀତା ଆବୃତ୍ତି କରିଥିଲେ। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ମୁଖ୍ୟଅତିଥିଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ଓ ସରିତା ମାଝୀ ସ୍ମାରକୀ ଟ୍ରଫି, ପୁସ୍ତକ ପୁରସ୍କାର ଭାବେ ପ୍ରଦାନ କରିଥିଲେ। ପ୍ରତିଯୋଗିତାର ବିଚାରକଭାବେ ମୁକ୍ତକଣ୍ଠ ପ୍ରଧାନ, ସନ୍ତୋଷିନୀ ଦାଶ ଓ ସୁଶ୍ରୀ ପ୍ରତିଭା ମିଶ୍ର ଯୋଗଦେଇଥିଲେ। ଗୀତା ଆବୃତି ପ୍ରତିଯୋଗୀତାରେ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ କୁମାରୀ ପ୍ରଜ୍ଞା ଭାରତୀ ପଣ୍ଡା ପ୍ରଥମ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ରାଜନନ୍ଦିନୀ ପ୍ରିୟାଦର୍ଶିନୀ ସାହୁ ଦ୍ୱିତୀୟ ଓ ଧନୁପାଲି ଶ୍ରୀଗଣେଶ ହାଇସ୍କୁଲର ଶ୍ରୀୟା ତାଣ୍ଡକର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସାନ୍ତ୍ୱନାମୂଳକ ପୁରସ୍କାର ୫ଶହ ଟଙ୍କା ଲେଖାଏ କୁମଅଂଶିକା ପ୍ରଧାନ, ସାହିଲ ବେହେରା ଓ ଅୟଂଶା ମୋହନ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ସଂଯୋଜନା କରିଥିବା ବେଳେ ପୃଥ୍ୱୀରାଜ ମିଶ୍ର ଓ ଶିବଶଙ୍କର ଷଡଙ୍ଗୀ ଏଥିରେ ସହଯୋଗ କରିଥିଲେ। ଲାଇବ୍ରେରୀ ଉପସଭାପତି ଶଙ୍କର ପତି, ସମ୍ପାଦକ ରଘୁନାଥ ମିଶ୍ର, ଅରବିନ୍ଦ ମହାପାତ୍ର, ମୁରଲୀଧର ପ୍ରେମନାଥ ନାୟକ, ଦୀପାଳି ଚୌଧୁରୀଙ୍କ ସମେତ ବୁଦ୍ଧିଜୀବୀ, ବିଦ୍ୟାଳୟର ମୁଖ୍ୟ, ଅଭିଭାବକ ଓ ଶିକ୍ଷାବିତ୍ ଉପସ୍ଥିତ ଥିଲେ। ସରିତା ମାଝୀ ସ୍ମୃତି ପକ୍ଷରୁ ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।




ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

## ୩୨ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ




କୁଚିଣ୍ଡା,୨୨।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ବାବୁନିକ୍ତିମାଲ ପଞ୍ଚାୟତର ଲାଙ୍ଗବାହାଲଠାରେ ଲିଁଭ୍ସ ଫାଉଣ୍ଡେଶନ ଏବଂ ସହଯୋଗୀ ଅନୁଷ୍ଠାନ ସିଡିର ମିଳିତ ଆନୁକୂଲ୍ୟରେ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଫ୍ୟାମିଲି ଫୋକସଡ ଭିଲେଜ ଡେଭଲପମେଣ୍ଟ ପ୍ରୋଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡି ଅନୁଷ୍ଠାନ ସମ୍ପାଦକ ଅଭିରାମ ପାଣିଗ୍ରାହୀ, କୋଷାଧ୍ୟକ୍ଷ କୈଳାସିନୀ ଷଣ୍ଢ ଅତିଥିଭାବେ ଯୋଗଦେଇ ବେଲମୁଣ୍ଡା, ବାରଖଣ୍ଡିଆ, ଯୁରାବାହାଲ, ବାଲିମାଲ, ଦୁଃଖୁଝାରମୁଣ୍ଡା, କନ୍ଧବଲଣ୍ଡା, ଚାରଭାୟା ଓ ରେଙ୍ଗାଲଖଣ୍ଡି ଗ୍ରାମର ୩୨ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫ୍ୟାମିଲି ଫୋକସଡ ଭିଲେଜ ଡେଭଲପମେଣ୍ଟ ପ୍ରୋଗ୍ରାମ ମ୍ୟାନେଜର ଭବାନୀ ଶଙ୍କର ମିଶ୍ର, ପ୍ରୋଗ୍ରାମ ଅଫିସର ପ୍ରତୀକ ଖମାରୀ, ରାନୁରଞ୍ଜିତା ମହାନ୍ତି, ଦିଲୀପ ମାଲି, ପ୍ରେମାନନ୍ଦ ନାୟକ, ନେତ୍ରାନନ୍ଦ ବାରିକ, ରୋଜି ବେହେରା, ପଦ୍ମିନୀ ଭୋଇ, ମନିସିବା ସିଂ ମହାପାତ୍ର, ସୁଲଭା ପଟେଲ, ସୁଧାଂଶୁ କଲେତ ସହଯୋଗ କରିଥିଲେ।

# ସାହିତ୍ୟରେ ଗ୍ରାମ୍ୟ ଜୀବନର ଚିତ୍ର ପ୍ରଦର୍ଶିତ ହେଉ

## ଗୋଟିଏ ଗାଁର କାହାଣୀ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,୨୨।୯(ବି.ଶଙ୍କର)

ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ସ୍ମୃତି ସମିତି ପକ୍ଷରୁ ଗୋଟିଏ ଗାଁର କାହାଣୀ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ଚିତ୍ରଗୁପ୍ତ କଲ୍ୟାଣ ସଂଘ ସଭା ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ବିଶିଷ୍ଟ ଗାଳ୍ପିକ ଜନ୍ମେଜୟ ବାବୁଙ୍କ ରଚିତ ଗଳ୍ପ ସଙ୍କଳନ ଗୋଟିଏ ଗାଁର କାହାଣୀ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟ ଅତିଥି, କଲମ ପରିବାର ଟ୍ରଷ୍ଟ ସଭାପତି ତଫିଜୁଲ ହୋସେନ ମୁଖ୍ୟବକ୍ତା, ସାହିତ୍ୟିକ ଗୋପୀନାଥ ଷଡ଼ଙ୍ଗୀ ବିଶେଷ ବକ୍ତା, ଅଧ୍ୟାପକ ସୋମନାଥ ବିଶ୍ୱାଳ ମୁଖ୍ୟ ସମୀକ୍ଷକ ଓ ବିଶିଷ୍ଟ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ନନ୍ଦ, ସମୀକ୍ଷକଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ନନ୍ଦ ପୁସ୍ତକଟିକୁ ଉନ୍ମୋଚିତ କରି କହିଥିଲେ, ସାହିତ୍ୟରେ ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର ପ୍ରଦର୍ଶନ ହେବା ଉଚିତ। ଯଦ୍ୱାରା ଆଧୁନିକ କବି, ସାହିତ୍ୟିକ ଓ ଗାଳ୍ପିକମାନେ ଗ୍ରାମ୍ୟ ଜୀବନ ବିଷୟରେ ଜାଣିପାରିବେ । ପରବର୍ତ୍ତୀ ସମୟରେ ସେମାନେ ନିଜ ରଚନାରେ ନିର୍ଭୁଲ ଭାବେ ଗ୍ରାମ୍ୟ ଚିତ୍ର ଉପସ୍ଥାପନ କରି ପାରିବେ । ସମ୍ପାଦକ ସୁଶାନ୍ତ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୁସ୍ତକର ଲେଖକ ଜନ୍ମେଜୟ ବାବୁ ଏହି ପୁସ୍ତକ ଲେଖିବା ବେଳର ସ୍ମୃତି ବଖାଣି ଥିଲେ । ଏହି ସଭାରେ ଆଦର୍ଶ ଶିକ୍ଷକ ବିଷ୍ଣୁ ପ୍ରସାଦ ଗୁରୁ, ମାହେଶ୍ୱରୀ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଣ୍ଡା, ତପନ ଗୁରୁ, ନବ କିଶୋର ବାବୁ, ଯୀଶୁକୃଷ୍ଣ ଦାଶ, ଅମରନାଥ ଶତପଥୀ, ଅମରେଶ ରଥ, ଅର୍ଜ୍ଜୁନ ଚରଣ ମହାନ୍ତ, ଐତିହାସିକ ଦୀପକ ପଣ୍ଡା, ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଦେବାଶିଷ କର, ମଧୁମିତା ନନ୍ଦ, ଅନୁପମା ବାବୁ, ପ୍ରେମଜୟ ବାବୁ, ନଳିନୀ ବାବୁ, ସୀମନ୍ତିନୀ ବାବୁ, ସୁବର୍ଣ୍ଣ ମେହେରଙ୍କ ସମେତ ଅନେକ ବ୍ୟକ୍ତି ଯୋଗ ଦେଇଥିଲେ । ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପୁସ୍ତକ ଉନ୍ମୋଚନ ଉତ୍ସବରେ ଅତିଥିମାନେ।

# ମାନବୀୟ ଅବବୋଧ କ୍ୱାଣ୍ଟମ ନିୟମ ଦ୍ୱାରା ପରିଚାଳିତ

## ପରମାଣୁ ବିଜ୍ଞାନରୁ ଏଆଇ ପର୍ଯ୍ୟନ୍ତ ଜ୍ଞାନର ଯାତ୍ରା ଶୀର୍ଷକ ଜାତୀୟ ସଂପାନ

ରେଢାଖୋଲ,୨୨।୯(ଅଚ୍ୟୁତାନନ୍ଦ ପୁରୋହିତ)

ଓଡ଼ିଶା ବିଜ୍ଞାନ ମଣ୍ଡଳ ସମ୍ବଲପୁର ଓ ଭୀମ ଭୋଇ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇଦିବସୀୟ ଜାତୀୟ ସଂପାନ ରବିବାର ଉଦ୍‌ଯାପିତ ହୋଇଛି। ପୂର୍ବାହ୍ନରେ ପ୍ରତିଭାଗୀମାନେ ପୋଷ୍ଟର ମାଧ୍ୟମରେ ଗବେଷଣାତ୍ମକ ନିବନ୍ଧ ପ୍ରତିବେଦନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ନିମନ୍ତ୍ରିତ ବକ୍ତାଭାବେ ଯୋଗଦେଇ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଓ ବିଜ୍ଞାନ ଭାରତୀର ସଂପାନ ବିଭାଗ(ମଣ୍ଡଳ)ର ପ୍ରାନ୍ତ ସମ୍ପାଦକ ଡଃ ରଜତ କୁମାର ପ୍ରଧାନ ମାନବୀୟ ଅବବୋଧ (କନସସନେସ)ର ତାତ୍ତ୍ୱିକ ଦିଗ ଉପରେ ବକ୍ତବ୍ୟ ରଖିଥିଲେ। ମାନବୀୟ ଅବବୋଧ କିପରି କ୍ୱାଣ୍ଟମ ନିୟମଦ୍ୱାରା ପରିଚାଳିତ ତାର ତାତ୍ତ୍ୱିକ ଅବଧାରଣା ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ପାଶ୍ଚାତ୍ୟ ସଭ୍ୟତା ଭୌତିକ ବିକାଶ ପାଇଁ ଗବେଷଣା କରୁଥିବାବେଳେ ମହାଭାରତୀୟ ଜ୍ଞାନ ପରମ୍ପରା ଚେତନାର ଉତ୍ତରଣ ପାଇଁ ଶତତ ପ୍ରଚେଷ୍ଟା କରିଆସିଛି। ଭୀମ ଭୋଇ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ସମାରୋପ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଭାରତୀର ସଂପାନ ବିଭାଗ ପ୍ରାନ୍ତ ସଭାପତି ତଥା ଭିସୁଟ ବୁର୍ଲାର ପ୍ରଫେସର ଡଃ ସଞ୍ଜୟ କୁମାର ପାତ୍ର କହିଥିଲେ ୨୪ କ୍ୟାରେଟ ସୁନା କ'ଣ ବ୍ୟବହାରରେ ଆସେ। ୨୨ କ୍ୟାରେଟ ସୁନା ଯାହା ଖାଦଯୁକ୍ତ ତାହା ଅଳଙ୍କାର ପ୍ରସ୍ତୁତିରେ ଉପଯୋଗୀ ସାବ୍ୟସ୍ତ ହୁଏ। ଏହିପରି ବିଦ୍ୟା ଓ ଅବିଦ୍ୟାର ସୁଷମ ମିଶ୍ରଣ ମଣିଷକୁ ମହାନ କରି ଗଢିତୋଳେ। ଈଶାବାସ୍ତୁ ଉପନିଷଦରେ ଏଇ କଥା କୁହାଯାଇଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ବରିଷ୍ଠ ପ୍ରାଧ୍ୟାପକ ଅକ୍ଷୟ କୁମାର କର ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ। ସଂପାନର ସଙ୍ଗଠନ ସମ୍ପାଦକ ଅରୁଣ କୁମାର ଶାସନି ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ବିଜ୍ଞାନ ମଣ୍ଡଳର ସମ୍ବଲପୁର ସମ୍ପାଦକ ଡଃ ଅନୁପମା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ପ୍ରାଧ୍ୟାପକ ମନୋରଞ୍ଜନ ମହନ୍ତ, ଉଦୟନାଥ ପ୍ରଧାନ ଓ ଡଃ ପ୍ରିୟଦର୍ଶୀ ଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସଂପାନର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୭% ହାରରେ ଭାରତୀୟ ଅର୍ଥନୀତି ଅଭିବୃଦ୍ଧି ଆଶା

ଭୁବନେଶ୍ୱର,୨୨।୯ (ଅନୁରାଧା ମହାରଣା)

ଭାରତର ଅର୍ଥନୀତି ଉପରେ ସମଗ୍ର ବିଶ୍ୱର ନଜର ରହିଛି। ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୮.୨ ପ୍ରତିଶତ ହାରରେ ବୃଦ୍ଧି ପାଇଥିବାବେଳେ ଭାରତୀୟ ଅର୍ଥନୀତି ଅଭିବୃଦ୍ଧି ନେଇ ବିଭିନ୍ନ ଗବେଷଣାକାରୀ ସଂସ୍ଥା ତଥା ଅର୍ଥନୀତିଜ୍ଞ ଆକଳନ କରୁଛନ୍ତି। ଏହିକ୍ରମରେ ରବିବାର ଦେଶର ଅଗ୍ରଣୀ ଆକାଉଣ୍ଟିଂ ଏବଂ ପରାମର୍ଶଦାତା ସଂସ୍ଥା ଡେଲୋଏଟ ଆକଳନ କରିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ପ୍ରାୟ ୭ ପ୍ରତିଶତ ହାରରେ ବୃଦ୍ଧି ପାଇବ। ୨୦୨୫-୨୬ ଆର୍ଥିକ ବର୍ଷରେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୬.୭ ପ୍ରତିଶତ ହୋଇପାରେ ବୋଲି ଡେଲୋଏଟ ପକ୍ଷରୁ ଆକଳନ କରାଯାଉଛି। ଡେଲୋଏଟ ଦକ୍ଷିଣ ଏସିଆର ସିଇଓ ରୋମାଲ ଶେଟ୍ଟୀଙ୍କ ଅନୁଯାୟୀ ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି। ଗ୍ରାମାଞ୍ଚଳରେ ଚାହିଦା ବଢୁଛି। ଏହା ବ୍ୟତୀତ ଯାନବାହନ ବିକ୍ରି ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ଚଳିତ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧି ହାର ୭ ରୁ ୭.୧ ପ୍ରତିଶତ ହୋଇପାରେ। ତେବେ ମଧ୍ୟ ପୂର୍ବ ଏବଂ ୟୁକ୍ରେନରେ ଚାଲିଥିବା ଉତ୍ତେଜନା ଏବଂ ପାଶ୍ଚାତ୍ୟ ଦେଶଗୁଡିକରେ ଅର୍ଥନୈତିକ ମନ୍ଥରତା ଭାରତର ଜିଡିପି ଅଭିବୃଦ୍ଧି ଉପରେ ମଧ୍ୟ ପ୍ରଭାବ ପକାଇବ। ରୋମାଲ ଶେଟ୍ଟୀଙ୍କ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗ ଯଥାଶୀଘ୍ର




କାର୍ଯ୍ୟ ସମାପ୍ତ କରିବାକୁ ପ୍ରସ୍ତୁତ ଅଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ଏବଂ ଏହା ୫ ଟ୍ରିଲିୟନ ଡଲାର ଆଡକୁ ଗତି କରୁଛି। ଏକ ଦଶନ୍ଧି ମଧ୍ୟରେ ଆମେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହୋଇଯିବ। ଅଶୋଧିତ ତୈଳର ମୂଲ୍ୟ ହ୍ରାସ ଭାରତ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଆମେରିକାର ଫେଡେରାଲ ରିଜର୍ଭ (ୟୁଏସ ଫେଡ) ମଧ୍ୟ ସୁଧ ହାର ହ୍ରାସ କରି ଭାରତୀୟ ଅର୍ଥନୀତି ଅଭିବୃଦ୍ଧିର ପଥ ସରଳ କରିଛି। ଭାରତ ବିଶ୍ୱର ସର୍ଭିସ୍ କ୍ୟାପିଟାଲ ହେବ ଏବଂ ଉତ୍ପାଦନ ବୃଦ୍ଧି ପାଇଁ କୃଷି କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର ଉପରେ ଧ୍ୟାନ ଦେବାକୁ ପଡ଼ିବ ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡିକୁ ଖୋଜିବାକୁ ପଡ଼ିବ ଯେଉଁଠାରେ ଭାରତ ବିଶ୍ୱରେ ନିଜର ଆଭିମୁଖ୍ୟ ପ୍ରତିଷ୍ଠା କରିପାରିବ। ସୂଚନା ଥାଉକି, ପୂର୍ବରୁ ଏକାଧିକ ଅନୁସନ୍ଧାନକାରୀ ସଂସ୍ଥା ୨୦୩୦-୩୧ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ନେଇ ଆକଳନ କରିଛନ୍ତି। ଏଥିପାଇଁ ବାଣିଜ୍ୟ କାରବାର ଏବଂ ସାମଗ୍ରୀର ଉନ୍ନତି, ଘରୋଇ କ୍ଷେତ୍ରର ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହିତ କରିବା ଏବଂ ସାଧାରଣ ପୁଞ୍ଜି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଜାରି ସଂସ୍କାର ଆବଶ୍ୟକ ବୋଲି ଅର୍ଥନୀତି ବିଶେଷଜ୍ଞଙ୍କ ମତ ରହିଛି। ପ୍ରମୁଖ ଉଦୀୟମାନ ବଜାର ସୂଚକାଙ୍କରେ ଭାରତ ଅନ୍ତର୍ଭୁକ୍ତ ହେବା ପରେ ଭାରତୀୟ ସରକାରୀ ବଣ୍ଡରେ ବିଦେଶୀ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି। ଏହା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ବାଣିଜ୍ୟ ସୁବିଧାକୁ ଅଧିକ କରିବା ପାଇଁ ଭାରତକୁ ଭିତ୍ତିଭୂମି ଏବଂ ଭୌଗୋଳିକ ରାଜନୈତିକ କୌଶଳ ବିକାଶ କରିବାକୁ ପଡିବ ବୋଲି ମଧ୍ୟ ଅନେକଙ୍କ ମତ ରହିଛି।

## ପ୍ରଯୁକ୍ତି ସହାୟତାରେ ସଶକ୍ତୀକରଣ

ଭୁବନେଶ୍ୱର,୨୨।୯

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ମସାଇ ସ୍କୁଲ ସମଗ୍ର ଭାରତ ବର୍ଷରେ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏପରିକି ଖୁବ୍ କମ୍ ଦିନ ମଧ୍ୟରେ ସ୍କୁଲ ୫୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ପ୍ରଯୁକ୍ତି ସହାୟତାରେ ସଶକ୍ତୀକରଣ କରାଇବା ସହିତ ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସେହିଭଳି ୧୦୦ରୁ ଅଧିକ ଦଳଙ୍କୁ ପ୍ରଶିକ୍ଷିତ କରିବା ସହିତ ବିଭିନ୍ନ ସ୍ତରରେ ନିୟୋଜିତ କରିପାରିଛି। ବର୍ତ୍ତମାନ ୬୦୦୦ରୁ ଊର୍ଦ୍ଧ୍ୱ ପିଲା (ଛାତ୍ରୀଛାତ୍ର) ନାମ ଲେଖା ପାଇଁ କୃତକାର୍ଯ୍ୟ ହାଇପାରିଛନ୍ତି। ଏ ସମ୍ପର୍କରେ ମସାଇ ସ୍କୁଲର ସହ-ପ୍ରତିଷ୍ଠାତା ତଥା ସିଇଓ ପ୍ରତୀକ୍ ଶୁକ୍ଲା କହିଛନ୍ତି, ଆମେ କେବଳ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇ ଦେଇଥାଉ। ଫଳରେ ସେମାନେ ତାଙ୍କର ଦକ୍ଷତା ଓ କୌଶଳ ପ୍ରଦର୍ଶନ କରିଥାନ୍ତି। ଏପରିକି ଯୋଜନାକୁ ରୂପରେଖ ଦେବା ସହିତ ଶିଳ୍ପ କ୍ଷେତ୍ରରେ ରହିଥିବା ଅନେକ ପ୍ରମୁଖ ପ୍ରତିଷ୍ଠାନ ସହିତ ହାତ ମିଳାଇ ମସାଇ ସ୍କୁଲ ସହଭାଗିତାର ବିକାଶକୁ ଆଗକୁ ନେଇପାରିଛି। ସେଥିମଧ୍ୟରେ ଆଇଆଇଟି ଗୁଆହାଟୀ, ଆଇଆଇଟି ମଣ୍ଡି ଏବଂ ଆଇଆଇଟି ରୋପାର ସମେତ ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ (ଏନଏସଡିସି) ଭଳି ଶିକ୍ଷାନୁଷ୍ଠାନ ସାମିଲ ରହିଛି, ଯାହାକୁ ସାଙ୍ଗରେ ନେଇ ରହିଥିବା ବାଧାକୁ ଦୂର କରି ମସାଇ ସ୍କୁଲ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିଛି।

## ଆଇଏସ୍‌ବି ପକ୍ଷରୁ ପିଜିପି ୱାଇଏଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୨।୯

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ମ୍ୟାନେଜମେଣ୍ଟ କଲେଜ ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ବା ଆଇଏସ୍‌ବିର ନୂତନ ପାଠ୍ୟକ୍ରମ 'ପିଜିପି ୱାଇଏଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୨୦୨୫ ମଧ୍ୟଭାଗରେ ଆରମ୍ଭ ହେଉଥିବା ଏହି ଅଭିନବ ଓ ଅତ୍ୟାଧୁନିକ ପାଠ୍ୟକ୍ରମ ମାଧ୍ୟମରେ ଏକ ବିସ୍ତୃତ ଶିକ୍ଷା ଅନୁଭୂତି ପ୍ରଦାନ କରାଯିବ। ସେହିଭଳି ଏହି ପାଠ୍ୟକ୍ରମକୁ ଦ୍ରୁତ ବିକଶିତ ବ୍ୟବସାୟିକ ପରିଦୃଶ୍ୟ ଓ ଟେକ୍ନୋଲୋଜି ଉଦ୍ଭାବନଗୁଡିକର ଏକ ପ୍ରତିକ୍ରିୟା ଭାବେ ଡିଜାଇନ କରାଯାଇଛି। ଏପରିକି ଛାତ୍ରୀଛାତ୍ରମାନଙ୍କ ସୀମିତ କାର୍ଯ୍ୟ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ପିଜିପି ୱାଇଏଲ୍ ପାଠ୍ୟକ୍ରମକୁ ବିଜ୍‌ନେସ୍ ଡିଜାଇନ ଲ୍ୟାବ୍ ଓ ଏକ ଇନୋଭେଶନ ଲ୍ୟାବ୍ ସମେତ ଗୁରୁତ୍ୱପୂର୍ଣ୍ଣ ଅନୁଭୂତିଶୀଳ ଶିକ୍ଷା ଉପାଦାନଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଡିଜାଇନ କରାଯାଇଛି। ଏହାଛଡା ଛାତ୍ରୀଛାତ୍ରମାନଙ୍କୁ ଏକ ବାଧ୍ୟତାମୂଳକ ଦୁଇ-ମାସିଆ ସମର ଇଣ୍ଟର୍ନଶିପ୍ ସମ୍ପୂର୍ଣ୍ଣ କରିବାକୁ ପଡିବ,ଯାହା ସେମାନଙ୍କୁ ବିଭିନ୍ନସ୍ଥିତିରେ ବ୍ୟବସାୟିକ ପରିବେଶ ପ୍ରତି ପ୍ରାକ୍ଟିକାଲ ଏକ୍ସପୋଜର ପ୍ରଦାନ କରିବ। ପିଜିପି ୱାଇଏଲ୍ ପ୍ରୋଗ୍ରାମରେ ଛାତ୍ରୀଛାତ୍ରମାନଙ୍କୁ ଆଇଏସ୍‌ବି ଓ ଅନ୍ୟ ଶୀର୍ଷ ଇଣ୍ଟରନ୍ୟାଶନାଲ ବି-ସ୍କୁଲଗୁଡିକରୁ ପ୍ରତିଷ୍ଠିତ ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯିବ।

ଏ ସମ୍ପର୍କରେ ଆଇଏସ୍‌ବିର ଡିନ୍ ପ୍ରଫେସର ମଦନ ପିଲୁଟ୍ଲା କହିଛନ୍ତି, ୨୦୦୧ ରେ ଆମର ଆରମ୍ଭ ପରଠାରୁ ଆଇଏସ୍‌ବି ଭାରତ ଓ ସମଗ୍ର ବିଶ୍ୱ ପାଇଁ ଲିଡର ସୃଷ୍ଟି କରିବା ଲାଗି ବିଶ୍ୱସ୍ତରୀୟ ମ୍ୟାନେଜମେଣ୍ଟଶିକ୍ଷାପ୍ରଦାନକରିଆସୁଛି।

## ୫୦ କୋଟିର କାରବାର ଆକଳନ

### ରଗ୍ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୯ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୟପୁରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ରଗ୍ ଉତ୍ସବ' ନିକଟରେ ଆରମ୍ଭ ହୋଇଯାଇଛି। ଏପରିକି ଭାରତର ହସ୍ତତନ୍ତ ଉତ୍ପାଦନ କରୁଥିବା ଏବଂ ସମୃଦ୍ଧ ବୟନ ଐତିହ୍ୟର ସ୍ଥଳୀ ଜୟପୁରର ବହୁ ପ୍ରତୀକ୍ଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ରଗ ଉତ୍ସବରେ ଭାରତୀୟ କାରିଗରମାନଙ୍କ କଳା ସାମଗ୍ରୀ ଦେଖିବାକୁ ମିଳିବ। ସେହିଭଳି ଦୀର୍ଘ ଏକ ମାସ ବ୍ୟାପୀ ଚାଲିଥିବା ଥିବା ଏହି ଉତ୍ସବରେ ହସ୍ତତନ୍ତ ସାମଗ୍ରୀର ଏକ ସମୃଦ୍ଧ ପରମ୍ପରା ଦେଖିବାକୁ ମିଳିବ। ଗତ ବର୍ଷ ଏହି ଉତ୍ସବରେ ୧୫ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା। ଚଳିତ ବର୍ଷ




ପ୍ରାୟ ୫୦ କୋଟି ଟଙ୍କାର କାରବାର ହେବା ନେଇ ଆୟୋଜନଙ୍କ ପକ୍ଷରୁ ଆକଳନ କରାଯାଇଛି। ରଗ୍ ଉତ୍ସବ ଜୟପୁର ରଗ କାରିଗରଙ୍କ ଅତୁଳନୀୟ କାରିଗରି ସମ୍ମାନ ଦେବା ସହିତ ଦେଶବ୍ୟାପୀ ରଗର କଳାକୁ ପ୍ରସାରିତ କରାଯାଉଥିବାବେଳେ ବିଶ୍ୱର ଦର୍ଶକ ଓ ଗ୍ରାହକଙ୍କ ପାଇଁ ଏହା ଏକ ଆଧୁନିକ ଡିଜାଇନ ସହିତ ପରମ୍ପରାକୁ ମଧ୍ୟ ପ୍ରତିପାଦିତ କରିବ।

ଏ ସମ୍ପର୍କରେ ଜୟପୁର ରଗସର ପ୍ରମୁଖ ସଦସ୍ୟ ଯୋଗେଶ ଚୌଧୁରୀ କହିଥିଲେ,ରଗ୍ ଉତ୍ସବ କେବଳ ଏକ ପର୍ବ ନୁହେଁ ଏହା ମାନବର ଆତ୍ମା ଓ ସୃଜନଶୀଳତାର ଏକ ଉତ୍ସବ ହୋଇଥିଲାବେଳେ ବିଶ୍ୱରେ ଭାରତର ଆତ୍ମାକୁ ପ୍ରତିଫଳିତ କରୁଥିବା ଏହା ଏକ କାର୍ଯ୍ୟକ୍ରମ ବୋଲି ଯୋଗେଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଦିଲ୍ଲୀ, ମୁମ୍ବାଇ, ପୁଣେ, ଜୟପୁର, ବେଙ୍ଗାଲୁରୁ, ଚେନ୍ନାଇ, ଅହମଦାବାଦ, ସୁରଟ ସମେତ ଅନଲାଇନ ପ୍ଲାଟଫର୍ମରେ ଥିବା ରଗ ଷ୍ଟୋର ସହିତ ଯୋଗାଯୋଗ କରି ଗ୍ରାହକମାନେ ସେମାନଙ୍କର ମନପସନ୍ଦର ସାମଗ୍ରୀ ପାଇପାରିବେ।


## TAHASIL OFFICE, RAIRANGPUR

RAIRANGPUR, DIST-MAYURBHANJ

**PUBLIC NOTICE**

भारत का राजपत्र
The Gazette of India

ଅସାଧାରଣ (EXTRAORDINARY)

ଭାଗ II-ଖଣ୍ଡ ୩ ଉପ ବିଭାଗ (II) PART II- SECTION 3-SUB-SECTION(II)

ପ୍ରାଧିକର୍ତ୍ତାଙ୍କ ଦ୍ୱାରା ପ୍ରକାଶିତ (PUBLISHED BY AUTHORITY)

ସଂଖ୍ୟା : ୩୧୧୫, ନୂଆଦିଲ୍ଲୀ, ସୋମବାର, ଅଗଷ୍ଟ ୧୨, ୨୦୨୪ / ଶ୍ରାବଣ 21, 1946

NO. : 3115, NEW DELHI, MONDAY, 12TH AUGUST, 2024 / SRABAN 21, 1946

### MINISTRY OF ROAD TRANSPORT AND HIGHWAYS NOTIFICATION

New Delhi, the12th August, 2024

**S.O. 3275(E)** — Whereas by the notification of the Government of India in the Ministry of Road Transport and Highways, 788(E) Dated:19.02.2024 , published in the Gazette of India, Extraordinary, Part II, Section 3, Sub- section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for "Construction of Bypass Road at Rairangpur on Ranchi-Vijayawada Corridor of N.H.-220 in the Km. 31.5 to Km. 38.5 in the district of MAYURBHANJ in the state of ODISHA".

And whereas the substance of the said notification has been published in "THE DHARITRI-ODIADAILY" and "AJIKALI-ODIADAILY" both dated 06.06.2024; under sub-section(3)of section3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

| Name of village/ Town | Name of the Landowner/ interested person | Field Survey No. | Area of land in his share | Any structures/trees/ tube-well attached to the land | Name of the Bank & Branch in which he / she holds the Account | Particulars of the Bank Account No.______, IFSC Code of the Bank Branch |
|---|---|---|---|---|---|---|
| | | | | | | |

**Tahasildar-cum-CALA, Green Field Highway,**
**Kissan Nagar, Dist-Cuttack**

### SCHEDULE

**Brief description of the land to beacquired, with or without structure, falling within the NH220 in the stretch of land from Km. 31.5 to Km. 38.5 (Rairangpur Bypass) in the district of MAYURBHANJ in the state of ODISHA.**

**State: ODISHA** **District: MAYURBHANJ**

| Sl. No. | Survey / Plot Number | Type of Land | Nature of Land | Area (in Hectares) | Name of Land Owner/ Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **Taluk:Rairangpur** | | | | | |
| **Village:Purunapani** | | | | | |
| 1 | 137 | Private | Sarada2 | 0.004 | 1. HARIHAR MOHANTA, BIDYADHAR MOHANTASONOF KARANA MOHANTA 137 |
| 2 | 137/1040 | Private | Sarada2 | 0.0323 | GHANAMOHANTA SON OF TAHAL MOHANTA137/1040 |
| 3 | 141 | Private | Sarada1 | 0.0364 | HARIHAR MOHANTA, BIDYADHAR MOHANTASONOF KARANA MOHANTA 141 |
| 4 | 141/1056 | Private | Sarada1 | 0.0242 | GHANAMOHANTA SON OF TAHAL MOHANTA 141/1056 |
| 5 | 147/1042 | Private | Sarada1 | 0.0161 | GHANAMOHANTA SON OF TAHAL MOHANTA 147/1042 |
| 6 | 54 | Private | SaradaJal2 | 0.0121 | ASHOK KUMAR MOHANTASONOF GOBINDA MOHANTA 54 |
| 7 | 54/1093 | Private | Gharabari | 0.0323 | CHNDRA BHUSAN JADAV SON OF BALESWARJADAV 54/1093 |
| 8 | 564 | Private | Gharabari | 0.008 | ASHOK KUMAR AGARWALLASON OF MADAN LAL AGARWALLA |
| 9 | 564/1088 | Private | Gharabari | 0.0161 | PREMLATA CHOUBE WIFE OF SURENDRAKUMAR CHOUBE 564/1088 |
| **Village:Sijukala** | | | | | |
| 10 | 1009/1337 | Private | Gharabari | 0.0101 | NARASINGHA MAJHI,GOPINATH MAJHI SON OF MANU MAJHI 1009/1337 |
| **Village:Halda** | | | | | |
| 11 | 736 | Private | Sarada 1 Jalasechita | 0.1659 | SUDHIRMOHANTA, SARAT MOHANTA, DHRUBENDRA MOHANTA,MALATIMOHANTA, NETI MOHANTA, KUNTI MOHANTA, SANTI MOHANTA, SAKUNTALA MOHANTA, F-MOHENDRA MOHANTA,LALITA MOHANTA,REBATI MOHANTAWIFEOF MOHENDRA MOHANTA 736 |
| 12 | 736/1158 | Private | Sarada 1 Jalasechita | 0.1659 | PORESHCHANDRA MOHANTASONOF BAIKUNTHA MOHANTA736/1158 |
| 13 | 742/1098 | Private | SaradaJal Dafasili1 | 0.0647 | PRAFULA KUMAR MOHANTASONOF KAILASH CHANDRA MOHANTA742/1098 |
| 14 | 974 | Private | SaradaJal3 | 0.0607 | PRAMILA MOHANTA DAUGHTEROF SATYANATH MOHANTA 974 |
| 15 | 974/1164 | Government(Private) | SaradaJal3 | 0.006 | ARPITAPALWIFE OF CHINMAY KUMAR DAS 974/1164 |
| **Village:Bhanjasara** | | | | | |
| 16 | 163 | Private | Sarada Jal 2 | 0.008 | RAMAKANTAPARIDA, SANTOSH PARIDA, GANESH PARIDA, KARTIK PARIDA, SUPRABHA PARIDA, INDU PARIDA SON OF MAHESHCHANDRAPARIDA, CASTE- BANIA, VILL- KUCHEIBUDHI, KAMALA PARIDA, KUNTALA PARIDA, BIMALA PARIDA SON OF MAHESH CHANDRA PARIDA, CHANCHALA PARIDA WIFE OF MAHESHCHANDRA PARIDA, RAMESHCHANDRA PARIDA, SURESH CHANDRA PARIDA, PARESH CHANDRA PARIDA, NARESH CHANDRA PARIDA, DHIRESHCHANDRA PARIDA SON OF MADAN MOHAN PARIDA163 |
| 17 | 163/922 | Private | Sarada Jal 2 | 0.1618 | DASRATHMURMU, MONAJ KUMAR MURMU SON OF GANESH MAJHI 163/922 |
| 18 | 165 | Private | Sarada Jal 2 | 0.2144 | SRIKANTA TUDU, DUKHURAMTUDU, SAUNRI TUDU, AINA TUDU, BASI TUDU SON OF BAHADUR TUDU, DANGI TUDU WIFE OF KRITU TUDU, MAIDASH TUDU, CHAMURU TUDU, GEETA TUDU SON OF KRITU TUDU165 |
| 19 | 165/959 | Private | Gharabari | 0.0202 | SRIKANTA TUDU, DUKHURAMTUDU, SAUNRI TUDU, AINA TUDU, BASI TUDU SON OF BAHADUR TUDU, DANGI TUDU WIFE OF KRITU TUDU, MAIDASH TUDU, CHAMURU TUDU, GEETA TUDU SON OF KRITU TUDU 165/959 |
| 20 | 329 | Private | Sarada Jal 1 | 0.004 | UTTARA MAJHI, DUKHU MAJHI, MIRZA MAJHI SON OFDASMATMAJHI, PARAN MAJHI SON OF MIRZA MAJHI, DASMAT MAJHI SONOFKANHU MAJHI |
| **Village:Nuagaon** | | | | | |
| 21 | 1161/1824 | Private | Sarada Jal 1 Jalasechit | 0.0348 | LAL MOHAN MOHANTASONOF PRAHALLAD MOHANTA 1161/1824 |
| 22 | 1161/1825 | Private | Sarada Jal 1 Jalasechit | 0.0121 | NABA KUMAR MOHANTASONOF BASUDEB MOHANTA 1161/1825 |
| 23 | 1162 | Private | Sarada Jal 1 Jalasechit | 0.008 | KARUNAKAR MOHANTA SON OF LAXMISWAR MOHANTA,GAGARI MOHANTAWIFEOF LAXMISWAR MOHANTA 1162 |
| 24 | 1162/1826 | Private | Sarada Jal 1 Jalasechit | 0.0121 | NABA KUMAR MOHANTASONOF BASUDEB MOHANTA |
| 25 | 1240 | Private | SaradaJal1 | 0.0242 | SUSEN KUMAR MOHANTASONOF JANAKI MOHANTA 1240 |
| 26 | 1536 | Private | Sarada2 | 0.0016 | KARUNAKAR MOHANTA SON OF LAXMISWAR MOHANTA,GAGARI MOHANTAWIFEOF LAXMISWAR MOHANTA 1536 |
| 27 | 1536/1852 | Private | Gharabari | 0.0012 | NAMRTA AGARWALWIFEOF BINIT AGARWAL 1536/1852 |
| | | | **Total** | **1.1572** | |

[F.No.RO/BBSR/11017/LA/97/2016/3D1] ABHAYJAIN, Director

# ଦେବାଶିଷଙ୍କ ମନ୍ତବ୍ୟକୁ ନେଇ ଆକ୍ଷେପ ପ୍ରତିଆକ୍ଷେପ ଜାରି

■ମୋହନ ସରକାରକୁ ଚେତାବନୀ ଦେଇଥିଲି- ଦେବାଶିଷ
■ଦେବାଶିଷ ବାବୁ ଦିନରେ ସ୍ୱପ୍ନ ଦେଖୁଛନ୍ତି: ମୋକିମ
■ଗାଲୁଆଙ୍କ ବାରବାଟୀ ଚାଷ: ଭର୍ତ୍ତୃହରି


ଦେବାଶିଷ ସାମନ୍ତରାୟ


ମହମ୍ମଦ ମୋକିମ


ଭର୍ତ୍ତୃହରି ମହତାବ

କଟକ, ୨୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ରାଜ୍ୟର ଭାଜପା ସରକାରକୁ ଟାର୍ଗେଟ କରିବା ପରେ ରାଜନୀତି ଜୋର ଧରିଛି। ସେଠାରେ ସେ କହିଥିଲେ, ନୂତନ ସରକାର ଗଠନ ପାଇଁ ଆବଶ୍ୟକ ପଡ଼ିଲେ କଂଗ୍ରେସ ସହିତ ବିଜେଡି ହାତ ମିଶାଇବ। ଏଭଳି ଏକ ସମ୍ବେଦନଶୀଳ କଥା କହିଥିବାରୁ ତାଙ୍କୁ କଂଗ୍ରେସ ଓ ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ତାଙ୍କ କଥା ରାଜନୀତିରେ ନୂଆ ମୋଡ଼ ନେଉଥିବାରୁ ଦେବାଶିଷ କଟକ ରାଜାବଗିଚାସ୍ଥିତ କାର୍ଯ୍ୟାଳୟରେ ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମନ୍ତବ୍ୟ ମାଧ୍ୟମରେ ମୋହନ ସରକାରକୁ କେବଳ ଚେତାବନୀ ଦେଇଛନ୍ତି। ଏଥିସହିତ ସେ କହିଥିଲେ ସତ୍ୟପାଠ ଦାଖଲ ସମୟରେ ଯେକୌଣସି ପ୍ରାର୍ଥୀ ଭୁଲ୍ ତଥ୍ୟ ଦେଇଥିବେ ସେ ସମ୍ପର୍କରେ ନ୍ୟାୟାଳୟରେ ବିଚାର କରାଯିବ। ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ବିଧାୟକ ପଦ ରଦ୍ଦ ହେବା ଭଳି ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ। ୨୦୨୪ ନିର୍ବାଚନରେ ଭାଜପାର ୨୦ରୁ ଊର୍ଦ୍ଧ୍ୱ ବିଧାୟକ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ପରାଜିତ ପ୍ରାର୍ଥୀମାନେ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ସେଥିମଧ୍ୟରୁ ୭ ଜଣ ବିଧାୟକ ଏହି ମାମଲାରେ ଛନ୍ଦି ହେବେ ସୁନିଶ୍ଚିତ। ସେଥିପାଇଁ ଭାଜପା ସରକାରଙ୍କୁ ଚେତାଇ ଦେଉଥିଲି ମହିଳାଙ୍କ ସହ ଭଲ ବ୍ୟବହାର କରନ୍ତୁ ବୋଲି ଦେବାଶିଷ କହିଛନ୍ତି। କୁଜଙ୍ଗ ବିଡିଓ ଯେଉଁଭଳି ଭାବେ ବ୍ଲକ ଅଧ୍ୟକ୍ଷା ଓ ସରପଞ୍ଚଙ୍କୁ ଦୁର୍ବ୍ୟବହାର କରିଛନ୍ତି ସେସବୁକୁ ନେଇ ମୋହନ ସରକାରକୁ ଚେତାବନୀ ଦେଇଥିବା ବିଷୟ ସେ ଦୋହରାଇଛନ୍ତି। ମୋହନ ସରକାର ନିଜକୁ ସ୍ଥାୟୀ ସରକାର ବୋଲି ଭାବିବା ଅନୁଚିତ୍। ୭ଟି ବିଧାୟକଙ୍କ ପଦ ରଦ୍ଦ ନେଇ ଶୁଣାଣି ହେଲେ ସେ ସମୟରେ ମୋହନ ସରକାରର ସ୍ଥାୟିତ୍ୱ ରହିବ ନାହିଁ ବୋଲି ଦେବାଶିଷ କହିଛନ୍ତି।

ଅନ୍ୟପଟେ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ବିଜେଡି ସହ କଂଗ୍ରେସ ହାତ ମିଶାଇବା ନେଇ ଦେବାଶିଷଙ୍କ ମନ୍ତବ୍ୟରେ ଟାର୍ଗେଟ କରି କହିଛନ୍ତି, ଦେବାଶିଷ ବାବୁ ଦିନରେ ସ୍ୱପ୍ନ ଦେଖୁଛନ୍ତି। ଦିନରେ ସ୍ୱପ୍ନ ଦେଖିବା ଭଲ, କାରଣ ଦିନରେ ଦେଖିଥିବା ସ୍ୱପ୍ନ କେବେ ସତ ହୋଇ ନ ଥାଏ। ମଞ୍ଚରେ ସେ ଏଭଳି ମନ୍ତବ୍ୟ ଦେବା ସମ୍ପୂର୍ଣ୍ଣ ଭାବେ ହାସ୍ୟାସ୍ପଦ। ରାଜ୍ୟରେ ସରକାର ଗଢ଼ିବା ପାଇଁ କେବେ ବି ବିଜେଡି ସହ କଂଗ୍ରେସ ମେଣ୍ଟ କରିବ ନାହିଁ। ରାଜ୍ୟରେ ବିଜେଡି ସରକାର କରିବା ପୂର୍ବରୁ ଭାଜପା ଓ ବିଜେଡି ମେଣ୍ଟ ଥିଲା। ଏପରି କି ଦିଲ୍ଲୀରେ କେନ୍ଦ୍ର ସରକାରଙ୍କୁ ବିଜେଡି ସମର୍ଥନ ଦେଇଆସିଛି। ଜଣେ ଦାୟିତ୍ୱବାନ ରାଜ୍ୟ ସଭା ସଦସ୍ୟ ହୋଇ କିପରି ଭାବେ ନ୍ୟାୟପାଳିକାର ବିଚାର ବିଭାଗକୁ ନିଜ ଆଡ଼କୁ ଟାଣି ନେଇ ଏକ ପାଖିଆ ମନ୍ତବ୍ୟ ରଖିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଥାଉ ଥାଉ ଦେବାଶିଷ ସାମନ୍ତରାୟ କିଏ ଏଭଳି ମନ୍ତବ୍ୟ ଦେବାକୁ। ବିଜେଡି ଦ୍ୱିତୀୟ କ୍ଷମତାପ୍ରାପ୍ତ ବ୍ୟକ୍ତି କାର୍ତ୍ତିକ ପାଣ୍ଡିଆନ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ଏପରିକି ସନ୍ନ୍ୟାସ ନେବା ଦିନରୁ ସର୍ବସାଧାରଣକୁ ଆସି ନାହାନ୍ତି। ଫଳରେ ପାଣ୍ଡିଆନ ତାମିଲନାଡୁ ପଳାଇଥିବା ନେଇ ଚର୍ଚ୍ଚା ହେଉଛି। କିନ୍ତୁ ଦେବାଶିଷ ବାବୁ ଦେଇଥିବା ମନ୍ତବ୍ୟ ହିଁ ସ୍ପଷ୍ଟ କରିଛି ଯେ ପାଣ୍ଡିଆନ ବାବୁ ନବୀନ ନିବାସରେ ଅଛନ୍ତି ଏବଂ ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି। ବିଜେଡି ଓ ଭାଜପାକୁ କଂଗ୍ରେସ ବିରୋଧ କରିଆସିଛି ଏବଂ ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରହିବ ବୋଲି ମୋକିମ କହିଛନ୍ତି।

ଏହି ପ୍ରସଙ୍ଗ ନେଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ଦେବାଶିଷଙ୍କ ମନ୍ତବ୍ୟ ଏକ କଦର୍ଯ୍ୟ ପ୍ରସଙ୍ଗ । ଗାଲୁଆଙ୍କ ବାରବାଟୀ ଚାଷ ହେଉଛି ଏହାର ପ୍ରକୃତ ଉତ୍ତର। ବୁଝିବା ବ୍ୟକ୍ତି ଠିକ୍ ଭାବେ ବୁଝିପାରିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କୁଜଙ୍ଗଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବାଶିଷ ନିଜ ମନ୍ତବ୍ୟରେ କହିଥିଲେ, ନୂତନ ସରକାର ଗଠନ ପାଇଁ ଆବଶ୍ୟକ ହେଲେ କଂଗ୍ରେସ ସହ ବିଜେଡି ହାତ ମିଶାଇ ଭାଜପା ସରକାରକୁ ସବୁଦିନ ପାଇଁ ବିଦା କରିବ। ରାଜ୍ୟରେ ଏବେ ମହିଳାଙ୍କୁ ଅସଦାଚରଣ କରାଯିବା ଘଟଣା ପାଇଁ ମୋହନ ସରକାର ଦାୟୀ। ଏହି ସରକାରକୁ କିଏ ପରିଚାଳିତ କରୁଛି ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି ବୋଲି ଦେବାଶିଷ କହିଥିଲେ।

## ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି ବିଜେଡି ନେତା: ମନ୍ତ୍ରୀ ସମ୍ପଦ

ପାରାଦୀପ, ୨୨।୯(ଶରତ ରାଉତ)


ସମ୍ପଦ ସ୍ୱାଇଁ

କୁଜଙ୍ଗ ବିଜେଡି ବୈଠକରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ବିବାଦୀୟ ବୟାନକୁ ରବିବାର ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଖଣ୍ଡନ କରିଛନ୍ତି। ପାରାଦୀପ ପୋର୍ଟ ମଜ୍‌ଦୁର ୟୁନିୟନ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସେଥିରେ ମନ୍ତ୍ରୀ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ କୁଜଙ୍ଗ ଘଟଣା ସମ୍ପର୍କରେ ସେ ଗଣମାଧ୍ୟମ ଆଗରେ କହିଥିଲେ, ବିଜେଡି ଓ କଂଗ୍ରେସ ମଧ୍ୟରେ ସମ୍ପର୍କ ଥିବା ନେଇ ଭାଜପା ପୂର୍ବରୁ ଅଭିଯୋଗ କରିଆସୁଥିଲା। ଏହା ସାମନ୍ତରାୟଙ୍କ ବୟାନରୁ ସତ୍ୟ ପ୍ରମାଣିତ ହୋଇଛି। ପୂର୍ବରୁ ବିଜେଡି ନେତାମାନେ କରୁଥିବା ଦୁର୍ନୀତିକୁ ଆମ ସରକାର ରୋକ ଲଗାଇ ଥିବାରୁ ସେମାନେ ଏବେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ପାଣ୍ଡିଆନଙ୍କ ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ସେ ଦଳରୁ ଲୋକ ଦେଖାଣିଆ ସନ୍ନ୍ୟାସ ନେଇଛନ୍ତି। ଏବେବି ପାଣ୍ଡିଆନ ଦଳ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ସେହି ଆଧାରରେ ସାମନ୍ତରାୟ ସରକାର ଭାଙ୍ଗିବା ପାଇଁ କୁଜଙ୍ଗରେ କହିଥିଲେ। ସୂଚନାଯୋଗ୍ୟ, ୩ ଦିନ ତଳେ ହୋଇଥିବା ବୈଠକରେ ସାମନ୍ତରାୟ କହିଥିଲେ, ଭାଜପା ଜିତିଥିବା ୭ଟି ଆସନରେ ମାମଲା ଅଛି। ସେଠାରେ ଉପନିର୍ବାଚନ ହେବ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେଠାରେ ହାତ ହଲେଇ ପ୍ରଚାର କରିଦେଲେ ବିଜେଡି ଜିତିଯିବ। ସଂଖ୍ୟା ୬୦ ହୋଇଯିବ। ଏହାପରେ ଆମେ କଂଗ୍ରେସ ସହ ମେଣ୍ଟ କରି ସରକାର କରିବା।

## ଉଦୟଭାନୁ ହେଲେ ଯୁବକଂଗ୍ରେସ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୨୨।୯


ଉଦୟଭାନୁ ଚିବ୍

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଉଦୟଭାନୁ ଚିବ୍‌ଙ୍କୁ ଭାରତୀୟ ଯୁବ କଂଗ୍ରେସ (ଆଇୱାଇସି)ର ନୂତନ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ସେ ଯୁବକଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରି ଆସୁଥିଲେ। ଏହା ପୂର୍ବରୁ ସେ ଜମ୍ମୁ-କଶ୍ମୀର ପ୍ରଦେଶ ଯୁବକଂଗ୍ରେସର ସଭାପତି ରହିଥିଲେ। ଉଦୟଭାନୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ତାଙ୍କୁ ନୂଆ ଦାୟିତ୍ୱ ମିଳିଛି। ଯୁବକଂଗ୍ରେସର ବିଦାୟୀ ଅଧ୍ୟକ୍ଷ ଶ୍ରୀନିବାସ ବି.ଭି.ଙ୍କ ଅବଦାନ ପାଇଁ ତାଙ୍କୁ ଦଳ ପ୍ରଶଂସା କରିଛି। ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସର ଇସ୍ତାହାର କମିଟିରେ ଉଦୟଭାନୁ ରହିଛନ୍ତି।

## ସରପଞ୍ଚ ପଦରେ ତ୍ରିମୁଖୀ ଲଢ଼େଇ

### ଡିଙ୍କିଆ ପଞ୍ଚାୟତ ନିର୍ବାଚନ

କୁଜଙ୍ଗ, ୨୨।୯( ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଡିଙ୍କିଆ ପଞ୍ଚାୟତରେ ଅକ୍ଟୋବର ୪ରେ ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ପଦବୀ ନିମନ୍ତେ ନିର୍ବାଚନ ହେବ। ଏନେଇ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ଏକତ୍ରିତ ହୋଇ ସେମାନଙ୍କ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ଏଠାରେ ସରପଞ୍ଚ ପଦବୀ ପାଇଁ ଭାଜପା, ବିଜେଡି, ସ୍ୱାଧୀନ ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି। ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ବାସନ୍ତୀ ଖଟୁଆଙ୍କ ପାଇଁ ଭାଜପା ନେତା ସତ୍ୟସାରଥି ମହାନ୍ତି ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି। ଏହି ପ୍ରଚାର ଅଭିଯାନରେ ବରିଷ୍ଠ ନେତା ନିର୍ଲିପ୍ତ ଜେନା, ରାଜଲକ୍ଷ୍ମୀ ପଟ୍ଟନାୟକ, ଜନାର୍ଦ୍ଦନ ମହାନ୍ତି ଭାଜପା ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ଶାନ୍ତିଲତା ବେହେରା ଓ କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପିଙ୍କି ଦାସ ତାଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ସେ ସାଥୀ ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ କିଶୋର ପରିଡ଼ା, ପ୍ରଶାନ୍ତ ଲେଙ୍କା, ଅକ୍ଷୟ ବେହେରା ପ୍ରମୁଖ ଶାନ୍ତିଲତାଙ୍କୁ ଜିତାଇବା ପାଇଁ ଅଣ୍ଟା ଭିଡିଛନ୍ତି। ଅନ୍ୟପଟେ ସ୍ୱାଧୀନ ପ୍ରାର୍ଥିନୀ ପିଙ୍କି ଦାସ ଯୁବ ସମର୍ଥକଙ୍କୁ ନେଇ ପ୍ରଚାର ଚଳାଇଛନ୍ତି । ନିର୍ବାଚନ ଆହୁରି ୧୨ ଦିନ ବାକିଥିବା ବେଳେ ଏବେଠାରୁ ବିଭିନ୍ନ ରାଜନୈତିକ ଦଳ ଓ ସମର୍ଥିତ ପ୍ରାର୍ଥିନୀଙ୍କ ପକ୍ଷରୁ ବିଭିନ୍ନ ୱାର୍ଡରେ ଭୋଜି ଭାତର ଆସର ଜମିଲାଣି । ଭାଜପା ଓ ବିଜେଡି ସମର୍ଥିତ ପ୍ରାର୍ଥିନୀଙ୍କୁ ଟକ୍କର ଦେଇ ସ୍ୱାଧୀନ ପ୍ରାର୍ଥିନୀ ପୋଷ୍ଟର, ବ୍ୟାନର ଓ ଭୋଜିଭାତ ସହ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ଏହି ନିର୍ବାଚନ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଓ ଭାଜପା ନେତା ସତ୍ୟସାରଥିଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଦେଇଥିବା ଶିଳ୍ପ ବିରୋଧୀ ଗୋଷ୍ଠୀ ନିଜ ସମର୍ଥିତ ପ୍ରାର୍ଥିନୀଙ୍କୁ ବିଜୟୀ କରାଇ ପଞ୍ଚାୟତକୁ ନିଜ କବ୍‌ଜାରେ ରଖିବା ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି।

# ଚନ୍ଦ୍ରବାବୁ ଅଭ୍ୟାସଗତ ମିଛୁଆ

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜଗନ୍‌ମୋହନ

ହାଇଦ୍ରାବାଦ, ୨୨।୯


ଜଗନ୍‌ମୋହନ ରେଡ୍ଡୀ

ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଜଣେ ଅଭ୍ୟାସଗତ ମିଛୁଆ। ସେ କେବଳ ରାଜନୈତିକ ଲାଭ ପାଇଁ ଅନେକ କୋଟି ଲୋକଙ୍କ ଭାବାବେଗ ସହ ଖେଳି ସେମାନଙ୍କ ଆସ୍ଥା ଉପରେ କୁଠାରାଘାତ କରିଛନ୍ତି ବୋଲି ୱାଇଏସ୍‌ଆର୍‌ସିପି ମୁଖ୍ୟ ଜଗନ୍‌ମୋହନ ରେଡ୍ଡୀ ସମାଲୋଚନା କରିଛନ୍ତି। ଜଗନ୍‌ମୋନ୍‌ଙ୍କ ସରକାର ଅମଳରେ ଗୋରୁ ଚର୍ବି ଓ ମାଛ ତେଲରେ ତିରୁପତି ଲଡୁ ତିଆରି କରାଯାଇଥିବା ନେଇ ଚନ୍ଦ୍ରବାବୁ ଅଭିଯୋଗ ଆଣିବା ପରେ ଏହି ପ୍ରସଙ୍ଗରେ ରାଜନୀତି ଜୋର୍ ଧରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ଏହା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି କହିଛନ୍ତି, ସାରା ଦେଶର ଦୃଷ୍ଟି ଆପଣଙ୍କ ଆଡ଼କୁ ରହିଛି। ଚନ୍ଦ୍ରବାବୁ ଜଣେ ଅଭ୍ୟାସଗତ ମିଛୁଆ। ମିଛ ବିସ୍ତାରର ଲଜ୍ଜାହୀନ କାର୍ଯ୍ୟ ପାଇଁ ତାଙ୍କୁ ତାଗିଦ କରାଯିବା ଜରୁରୀ। ଅନେକ କୋଟି ହିନ୍ଦୁଙ୍କ ମନରୁ ସନ୍ଦେହ ଦୂର କରିବା ପାଇଁ ସତ ସାମ୍ନାକୁ ଅଣାଯିବା ଆବଶ୍ୟକ। ପ୍ରକାଶ ଯେ, ଗତ ବିଧାନସଭା ନିର୍ବାଚନରେ ଜଗନ୍‌ମୋହନଙ୍କ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୂଳପୋଛ ହୋଇଯାଇଥିବାବେଳେ ଚନ୍ଦ୍ରବାବୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ବିପୁଳ ବିଜୟ ହାସଲ କରିଥିଲା। ସେପଟେ କେନ୍ଦ୍ରରେ ଟିଡିପି ସମର୍ଥନରେ କେନ୍ଦ୍ରରେ ଏନ୍‌ଡିଏ ସରକାର ଗଠନ କରାଯାଇଛି। ଆନ୍ଧ୍ରରେ ସରକାର ଗଠନର ୧୦୦ ଦିନ ପୂର୍ତ୍ତିଅବସରରେ ଗତ ବୁଧବାର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ଭେଙ୍କଟେଶ୍ୱର ବାଲାଜୀ ମନ୍ଦିରରେ ପୂର୍ବରୁ ପ୍ରସାଦ ଲଡ୍ଡୁରେ ଆମିଷ ବ୍ୟବହାର କରାଯାଉଥିବା ବିଷୟ ଏକ ଲ୍ୟାବ୍ ରିପୋର୍ଟ ଆଧାରରେ ପ୍ରକାଶ କରିଥିଲେ।

# ରାହୁଲ କହିଛନ୍ତି କଂଗ୍ରେସ କ୍ଷମତାକୁ ଆସିଲେ ସଂରକ୍ଷଣ ହଟାଇଦେବ: ଭାଜପା

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭା ସଦସ୍ୟ ମିଥିଲେଶ କୁମାର କାଠେରିଆଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁହନ୍ତି, ଭାରତୀୟ ସମ୍ବିଧାନ ଆମ ପାଇଁ ଜାତୀୟ ଗ୍ରନ୍ଥ। ସେ ଥିବା ପର୍ଯ୍ୟନ୍ତ ସମ୍ବିଧାନ ଏବଂ ସଂରକ୍ଷଣକୁ କେବେ ବି କ୍ଷତି ପହଞ୍ଚିବ ନାହିଁ। କଂଗ୍ରେସ ପାଇଁ ସମ୍ବିଧାନ ରାଜନୈତିକ ସାଧନ ହୋଇପାରେ, କିନ୍ତୁ ଭାଜପା ପାଇଁ ସମ୍ବିଧାନ ହେଉଛି ଶ୍ରଦ୍ଧା ଏବଂ ଆସ୍ଥାର କେନ୍ଦ୍ର। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଦଳ ଦ୍ୱାରା ଲୋକ ସଭା ନିର୍ବାଚନ ସମୟରେ ଭାଜପା ବିରୋଧରେ ଦେଶରେ ମିଥ୍ୟା ପ୍ରଚାର କରାଗଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ୟ ଥର ପ୍ରଧାନମନ୍ତ୍ରୀ ହେଲେ ସଂରକ୍ଷଣ ହଟାଇ ଦେବେ। ଏବେ କିଛିଦିନ ତଳେ ରାହୁଲ ଗାନ୍ଧୀ ଆମେରିକା ଯାଇଥିବାବେଳେ କହିଛନ୍ତି, କଂଗ୍ରେସ କ୍ଷମତାକୁ ଆସିଲେ ସଂରକ୍ଷଣ ହଟାଇ ଦିଆଯିବ। ଯାହାଦ୍ୱାରା କଂଗ୍ରେସର ଷଡ଼ଯନ୍ତ୍ର ଓ ଭିତିରି ଉଦ୍ଦେଶ୍ୟ ପଦାରେ ପଡ଼ିଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଶେଷକରି ସେମାନଙ୍କୁ ସାଧାରଣ ଶ୍ରମିକ ଓ ଚାଷୀ ଭଳି ବ୍ୟବହାର କରିବା କଂଗ୍ରେସର ନୀତି ବୋଲି ରାଜ୍ୟ ସଭା ସାଂସଦ ମିଥିଲେଶ କୁମାର କାଠେରିଆ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିଥିଲେଶ କହିଛନ୍ତି, କଂଗ୍ରେସ ୫୭ ବର୍ଷ ପର୍ଯ୍ୟନ୍ତ ଦେଶରେ ଶାସନ କରିଥିଲା। ଏହି ସମୟରେ କଂଗ୍ରେସ ନିଜର ରାଜନୈତିକ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସମ୍ବିଧାନ ପ୍ରକ୍ରିୟାର ବାରମ୍ବାର ଦୁରୁପଯୋଗ କରିଆସିଛି। କଂଗ୍ରେସ କେବେହେଲେ ସମ୍ବିଧାନର ମୂଳ ସିଦ୍ଧାନ୍ତ ଓ ସଂରକ୍ଷଣକୁ ଠିକ୍ ଭାବେ ଲାଗୁ କରିବାକୁ ଚେଷ୍ଟା କରିନାହିଁ। ଜବାହରଲାଲ ନେହେରୁ ଦେଶରେ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୫୬ରେ କାକା କାଲେକରଙ୍କ ପକ୍ଷରୁ ଦିଆଯାଇଥିବା ସଂରକ୍ଷଣ ରିପୋର୍ଟକୁ ଖାରଜ କରିଦେଇଥିଲେ। ସେତେବେଳେ କାକା କାଲେକରଜୀ କହିଥିଲେ, ଦେଶରେ ଥିବା ଦଳିତ ଓ ପଛୁଆ ବର୍ଗର ଲୋକଙ୍କ ବିକାଶ ପାଇଁ ସଂରକ୍ଷଣ ବ୍ୟବସ୍ଥା ଜରୁରୀ। ମାତ୍ର ନେହେରୁ ସରକାର ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ୧୯୬୧ରେ ନେହେରୁ ସରକାର ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦର୍ଶାଇଥିଲେ, ଆମେ ସଂରକ୍ଷଣ ଦେଉଛୁ କିନ୍ତୁ ଏହି ଲୋକମାନେ ଠିକ୍ ନୁହନ୍ତି। ତେଣୁ ସେମାନଙ୍କ ସଂରକ୍ଷଣକୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବାବାସାହେବ ଭୀମରାଓ ଆମ୍ବେଡକର ଦଳିତ ଓ ପଛୁଆ ବର୍ଗଙ୍କ ପାଇଁ ସମ୍ବିଧାନ ଜରିଆରେ ସଂରକ୍ଷଣ ଦେବାକୁ ଉଦ୍ୟମ କରୁଥିବାରୁ ନେହେରୁ ତାଙ୍କ ରାଜନୈତିକ ଜୀବନ ଶେଷ କରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ କହିଛନ୍ତି।



## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ କଥାର କିଏ ପାରିବ ସନ୍ଧି ?**
**କାଉ ଧାନ ଖାଏ ବୋହୂକୁ ବାନ୍ଧି !**

ଏପରି କିଛି କଥା ଅଛି ଯାହା କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଅନ୍ୟାୟରେ ବା ଅଯଥାରେ ଅନ୍ୟକୁ ଅଭିଯୁକ୍ତ କରି ଫାଇଦା ହାସଲ କରିଥିବା ବ୍ୟକ୍ତି ସାଧାରଣତଃ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବା ବେଳେ ତାଙ୍କ ପ୍ରତି ଏପରି କଟୁକ୍ତି ପ୍ରକାଶ କରାଯାଇଛି।

**ଏ ଘର ମାଉସୀ**
**ସେ ଘର ପିଉସୀ।**

କିଛି ବ୍ୟକ୍ତି ଦୁଇ ପଟରେ ରହି ନିଜ ଫାଇଦା ଉଠାଇଥାନ୍ତି। ଦୁଇ ସ୍ଥାନରେ ଦୁଇ ପ୍ରକାର ମାମଲତ କରିବାରେ ଏବଂ ଷଡଯନ୍ତ୍ର ଭିଆଇବାରେ ଜଣେ ବ୍ୟକ୍ତି କିଭଳି ଧୁରନ୍ଧର ତା'ର ଚିତ୍ର ଏଠାରେ ପ୍ରଦାନ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୨୪ରେ ଭୁବନେଶ୍ୱରରେ ୬ ଘଣ୍ଟିଆ ହରତାଳ କରିବ ବିଜେଡି

ଭୁବନେଶ୍ୱର, ୨୨।୯(ସୁନିତ୍ ମିଶ୍ର)


ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ଦଳୀୟ ନେତାମାନେ।

ଭରତପୁର ଥାନାରେ ମେଜର ଗୁରୁଭନ୍ସ ସିଂ ଏବଂ ତାଙ୍କ ବାନ୍ଧବୀ ଅଙ୍କିତା ପ୍ରଧାନଙ୍କୁ ନିର୍ଯାତନା ପ୍ରତିବାଦରେ ବିଜେଡି ହରତାଳ ଡାକରା ଦେଇଛି। ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରରେ ୬ ଘଣ୍ଟା ପାଇଁ ବିଜେଡି ହରତାଳ କରିବ। ସକାଳ ୬ଟାରୁ ଏହି ହରତାଳ ଆରମ୍ଭ ହେବ ବୋଲି ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ରବିବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଭରତପୁର ଥାନାରେ ଘଟିଥିବା ଘଟଣା କେବଳ ରାଜ୍ୟ ନୁହେଁ ସାରା ଦେଶରେ ଓଡ଼ିଶାର ସମ୍ମାନ ତଳକୁ ଯାଇଛି। ଏହି ଘଟଣାକୁ ନେଇ ଓଡ଼ିଶା ତଥା ସାରା ଦେଶରେ ସିଭିଲ ସୋସାଇଟିଠାରୁ ଆରମ୍ଭକରି ବିଭିନ୍ନ ବର୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବାର ୧୦୦ ଦିନ ପୂରଣକୁ ନେଇ ସେମାନେ ଉତ୍ସବ ପାଳନରେ ମସ୍‌ଗୁଲ ଥିଲାବେଳେ ଭରତପୁର ଥାନା ଲଜ୍ଜା ଘଟଣା ଲୋକଲୋଚନକୁ ଆସିଛି। ୧୦୦ ଦିନର ଯାତ୍ରାର ଆରମ୍ଭରେ ରାଜ୍ୟପାଳଙ୍କ ପୁଅଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ ଏଏସ୍‌ଓ ଅଧିକାରୀ ଓ ୧୦୦ ଦିନର ପୂର୍ତ୍ତିର ଠିକ୍ ପୂର୍ବରୁ ଭରତପୁର ଥାନା ଲଜ୍ଜା ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଛି।

ଏହି ଅବସରରେ ବିଧାୟକ ଅରୁଣ ସାହୁ କହିଛନ୍ତି, ଏହି ଲଜ୍ଜାଜନକ ଘଟଣାକୁ ରାଜ୍ୟ ସରକାର ଚପାଇଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରିଆସୁଛନ୍ତି। ଏହି ଘଟଣା ୧୪ ତାରିଖ ରାତିରେ ଘଟିଥିଲେ ହେଁ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ ଚପାଇ ଦେଇଥିଲେ। କିନ୍ତୁ ପୀଡ଼ିତା ଜାମିନ ପାଇବା ପରେ ଏହି ଘଟଣାଟି ସେପ୍ଟେମ୍ବର ୧୮ ତାରିଖ ଦିନ ଲୋକଲୋଚନକୁ ଆସିଥିଲା। ଏହାପରେ ପୀଡ଼ିତା ଅଙ୍କିତା ପ୍ରଧାନ ଏମ୍ସରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଗଣମାଧ୍ୟମ ସମ୍ମୁଖରେ ସମ୍ପୂର୍ଣ୍ଣ ଘଟଣାକୁ କ୍ରନ୍ଦନରତ ଅବସ୍ଥାରେ ବର୍ଣ୍ଣନା କରିବା ସହ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଆକୁଳ ନିବେଦନ କରିଥିଲେ। ଆଶ୍ଚର୍ଯ୍ୟର କଥା, ଜଣେ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଘଟଣାକୁ ସମ୍ପୂର୍ଣ୍ଣ ଅନୁଧ୍ୟାନ ନ କରି ସେପ୍ଟେମ୍ବର ୧୭ ତାରିଖ ଦିନ ଏକ ଜାତୀୟ ଗଣମାଧ୍ୟମକୁ କେଉଁ ଆଧାରରେ ଦାୟିତ୍ୱହୀନ ଭାବେ ଭରତପୁର ପୋଲିସକୁ କ୍ଲିନଚିଟ୍ ଦେଇଥିଲେ ବୋଲି ଅରୁଣ ପ୍ରଶ୍ନ କରିଛନ୍ତି। ସେହିପରି ଥାନା ଭିତରର ଭିଡିଓ ରେକର୍ଡିଂ ଗଣମାଧ୍ୟମରେ କିପରି ଘୂରି ବୁଲିଲା। ପବ୍ ଭିତରର ଭିଡିଓ ପୋଲିସ ଜବତ କଲା ପରେ ଏହା ଗଣମାଧ୍ୟମକୁ କିପରି ଆସିଲା। ଜଣେ ପୀଡ଼ିତା କ'ଣ ଖାଉଥିଲେ, କ'ଣ ପିନ୍ଧିଥିଲେ ଏହାର ପ୍ରଚାର କରି ପୀଡ଼ିତା ମହିଳାଙ୍କୁ କାହିଁକି ନିନ୍ଦିତ କରାଗଲା। ସରକାର ଓ ଭାଜପା ମୁଖପାତ୍ରମାନେ ଏବଂ ସେମାନଙ୍କ ସମର୍ଥିତ ସାମାଜିକ ଗଣମାଧ୍ୟମଗୁଡିକ ପୀଡ଼ିତାଙ୍କୁ ଅପନିନ୍ଦିତ କରିବାକୁ ଅଣ୍ଟା ଭିଡି ଲାଗି ପଡ଼ିଛନ୍ତି। ଜଣେ ମହିଳା ସାହସର ସହିତ ଦୁର୍ବୃତ୍ତମାନଙ୍କୁ ସାମ୍ନା କଲା ପରେ ତାଙ୍କୁ ପ୍ରଶଂସା କରିବା ବଦଳରେ ନୀଚା ଦେଖାଇବାର ଅପଚେଷ୍ଟା କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା କହିଛନ୍ତି, ୬ ଘଣ୍ଟିଆ ହରତାଳ ସମୟରେ ଜରୁରିକାଳୀନ ସେବା ଜାରି ରହିବ। ଏହି ଅବସରରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ବିଭୂତି ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀରଞ୍ଜନ ତ୍ରିପାଠୀ, ନବକିଶୋର ମଲ୍ଲିକ, ସାଂସଦ ସୁଲତା ଦେଓ, ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଶହେ ଦିନର ସରକାରକୁ ସହ୍ୟ କରିପାରୁନି ବିଜେଡି: ମନ୍ତ୍ରୀ ପୂଜାରୀ

ବିଜେଡିର ହରତାଳ ଡାକରାକୁ ନେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେଡି ପାଖରେ ପ୍ରଶ୍ନ ନାହିଁ। ଶହେ ଦିନର ସରକାରକୁ ସେମାନେ ସହ୍ୟ କରିବାକୁ ପ୍ରସ୍ତୁତ ନୁହନ୍ତି। ୨୪ ବର୍ଷ ଶାସନ କରିବା ପରେ ବିରୋଧୀ ଦଳରେ ବସିବାକୁ ଗ୍ରହଣ କରିପାରୁ ନାହାନ୍ତି। ଭାଜପା ବହୁ ମଙ୍ଗଳକାରୀ କାର୍ଯ୍ୟ ହାତକୁ ନେଇଛି। ଗତ ୨୪ ବର୍ଷ ଭିତରେ ବିଜେଡି ଶାସନରେ ଓଡ଼ିଶାରେ ଯେଉଁସବୁ ଘଟଣା ଘଟିଥିଲା ତାକୁ ଯଦି ମନେ ପକାନ୍ତା ସେମାନେ ନିଜେ ଲଜ୍ଜିତ ହୁଅନ୍ତେ। ବେବିନା ଘଟଣାରେ ନବୀନ ବାବୁ କି ନ୍ୟାୟ କଲେ। ପରୀ ଜଣେ ନିଷ୍ପାପୀ ଶିଶୁ ଥିଲା, କି ନ୍ୟାୟ କରାଗଲା, ମାଧବିଲତା ମାମଲାରେ କ'ଣ ହେଲା ବୋଲି ସେ ପ୍ରଶ୍ନ କରୁଛନ୍ତି। ରାଜ୍ୟର ଶହ ଶହ ଭଉଣୀ ସେତେବେଳେ ନିର୍ଯାତିତ ହେଲେ ଏବଂ ସରକାରୀ ଦଳର ନେତାଙ୍କ ବିରୋଧରେ ଅଭିଯୋଗ ସବୁ ଆସିଥିଲା। ଏପିରିକି ମହିଳାଙ୍କ ଘଟଣାରେ ଜଣଙ୍କୁ ମାରିକି ପୋତି ଦେଇଥିଲେ। ସେତେବେଳେ ରାଜଧର୍ମ ପାଳନ କରିଥିଲେ ସମାଜ ଏତେ ବିଶୃଙ୍ଖଳିତ ହେଇ ନ ଥାଆନ୍ତା। ଆଦର୍ଶ ପୋଲିସ ଷ୍ଟେଶନ କରିଥିଲେ ହେଲେ ସିସିଟିଭି ଲଗାଇ ନ ଥିଲେ। ଭାଜପା ସରକାର ଆଦର୍ଶ ପୋଲିସ ତିଆରି କରିବ। ଏହି ଘଟଣାରେ ଦୋଷୀ ଯିଏ ହେବ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଯିଏ ଦୋଷୀ ଥିବ ତା'ର ମୁହଁ ବି ଦେଖାଯିବ ନାହିଁ ବୋଲି ସେ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................

ଗୁଡୁଲ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତ ୨୮୦ ରନ୍‌ରେ ବିଜୟୀ

**ଚେନ୍ନାଇ,୨୨।୯(ପି.ଟି.)**

ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନ୍‌ରେ ପରାସ୍ତ କରିଛି ଭାରତ। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଥିବା ବେଳେ ଦ୍ୱିତୀୟ ଟେଷ୍ଟ କାନପୁରରେ ଖେଳାଯିବ। ବାଂଲାଦେଶ ସମ୍ମୁଖରେ ଅସମ୍ଭବ ୫୧୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଭାରତ। ଜବାବରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ୬ ଉଇକେଟ ସଫଳତା କାରଣରୁ ଭ୍ରମଣକାରୀ ଦଳ ମାତ୍ର ୨୩୪ ରନ୍‌ରେ

**ପ୍ରଥମ ଟେଷ୍ଟ**

■ **ଅଶ୍ୱିନଙ୍କୁ ୬ ଉଇକେଟ୍**

ସମସ୍ତ ଉଇକେଟ ହରାଇଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୫୮/୪ରୁ ଖେଳ ଆରମ୍ଭ କରିଥିଲା ବାଂଲାଦେଶ। ପୂର୍ବଦିନରୁ ଅପରାଜିତ ଥିବା ଅଧିନାୟକ ନଜମୋଲ ହୋସେନ ଶନ୍ତୋ ଭାରତୀୟ ବୋଲରଙ୍କ ମୁକାବିଲା କରିବା ସହ ସର୍ବାଧିକ ୮୨ ରନ୍ କରିଥିଲେ। ଭାରତକୁ ବିଜୟ ପାଇଁ ୬ ଉଇକେଟ ଆବଶ୍ୟକ ଥିବା



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଦଳ।

ବେଳେ ରବିବାର ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ମିଳିତ ଭାବରେ ୬ଟି ଯାକ ଉଇକେଟ ବାଣ୍ଟି ନେଇଥିଲେ। ଶନ୍ତୋ ୧୨୭ ବଲ୍ ଖେଳି ୮ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାକିବ୍ ଅଲ ହସନ ୨୫ ରନ୍ ସ୍କୋର କରିଥିଲେ। ଅଶ୍ୱିନ ଓ ଜାଡେଜା ମିଳିତ ଭାବରେ ବାଂଲାଦେଶ ନିମ୍ନକ୍ରମ ବ୍ୟାଟିଂ ଅର୍ଡରକୁ ପୋଛି ନେଇଥିଲେ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୬ ଉଇକେଟ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ୩ ଓ ଯଶପ୍ରୀତ୍ ବୁମ୍‌ରା ୧ ଉଇକେଟ ନେଇଥିଲେ।

ତୃତୀୟ ଦିନରେ ଭାରତ ପକ୍ଷରୁ ରିଷଭ ପନ୍ତ ଓ ଶୁବମାନ ଗିଲ୍ ଶତକ ହାସଲ କରିବାରୁ ଭାରତ ୨୮୧/୪ରେ ଇନିଂସ ଘୋଷଣା କରିଥିଲା। ଉଲ୍ଲେଖଯୋଗ୍ୟ ଯେ ରବିଚନ୍ଦ୍ରନ ଅଶ୍ୱିନଙ୍କ ଶତକ ବଳରେ ଭାରତ ପ୍ରଥମ ଇନିଂସରେ ୩୭୬ ରନ୍ କରିଥିଲା। ଭାରତୀୟ ପେସରମାନେ ନିଜ ମଧ୍ୟରେ ୮ ଉଇକେଟ ବାଣ୍ଟି ନେବାରୁ ବାଂଲାଦେଶ ପ୍ରଥମ ଇନିଂସ ମାତ୍ର ୧୪୯ରେ ସୀମିତ ରହିଥିଲା। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୭୬/୧୦। ବାଂଲାଦେଶ ପ୍ରଥମ ଇନିଂସ: ୧୪୯/୧୦। ଭାରତ ଦ୍ୱିତୀୟ ଇନିଂସ ୬୪ ଓଭରରେ ୨୮୭/୪(ଘୋଷଣା)। ବାଂଲାଦେଶ ଦ୍ୱିତୀୟ ଇନିଂସ ୬୨.୧ ଓଭରରେ ୨୩୪/୧୦ (ନଜମୋଲ ହୋସେନ ଶନ୍ତୋ-୮୨, ଜାକିର ହସନ-୩୩, ଶଦମାନ ଇସଲାମ-୩୫, ଆର. ଅଶ୍ୱିନ-୬/୮୮, ରବୀନ୍ଦ୍ର ଜାଡେଜା-୩/୫୮, ଯଶପ୍ରୀତ୍ ବୁମ୍‌ରା-୧/୧୮)।

# ଟେଷ୍ଟରେ ଭାରତର ରେକର୍ଡ ବିଜୟ

**୯୨ ବର୍ଷରେ ପରାଜୟ ସଂଖ୍ୟାକୁ ଅତିକ୍ରମ କଲା**

**ଚେନ୍ନାଇ,୨୨।୯**

ଚେନ୍ନାଇରେ ଅନୁଷ୍ଠିତ ବାଂଲାଦେଶ ପ୍ରଥମ ଟେଷ୍ଟକୁ ୨୮୦ ରନ୍‌ରେ ଜିତି ନେଇଛି ଭାରତ। ଏହା ସହ ଦଳ ଏହାର ଟେଷ୍ଟ କ୍ରିକେଟ ଇତିହାସର ଏକ ଅନନ୍ୟ ରେକର୍ଡ ନିଜ ନାମରେ କରିଛି। ଭାରତୀୟ ଟେଷ୍ଟ କ୍ରିକେଟ ଦଳ ଏହାର ୯୨ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ପରାଜୟ ସଂଖ୍ୟାକୁ ଅତିକ୍ରମ କରିଛି। ଭାରତ ସମୁଦାୟ ୫୮୦ ମ୍ୟାଚ୍ ଖେଳି ସାରିଥିବା ବେଳେ ଏହା ମଧ୍ୟରେ ୧୭୮ ପରାଜୟ ଓ ୧୭୯ ବିଜୟ ସାମିଲ ରହିଛି। ୨୨୨ଟି ମ୍ୟାଚ୍ ଡ୍ରରେ ଶେଷ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଟାଇ ରହିଛି। ଟେଷ୍ଟ କ୍ରିକେଟରେ ପଞ୍ଚମ ଦଳ ଭାବରେ ଭାରତ ଏହି ରେକର୍ଡ କରିଛି। ପୂର୍ବରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଏହି ଏଲିଟ୍ କ୍ଲବରେ ସାମିଲ ଅଛନ୍ତି। ଭାରତ ୫୮୦ ତମ ଟେଷ୍ଟରେ ଏହି ସଫଳତା ହାସଲ କରିଥିବା ବେଳେ ଏହା ସବୁଠାରୁ ଧିମା ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଏହାର ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡକୁ ପରାସ୍ତ କରି ଏହି ରେକର୍ଡ କରିଥିଲା।

ଅଷ୍ଟ୍ରେଲିଆ ୪୧୪ ବିଜୟ ଓ ୨୩୨ ପରାଜୟ ସହ ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ୩୯୭ ବିଜୟ ହାସଲ କରିଥିବା ବେଳେ ୩୨୫ ମ୍ୟାଚ୍‌ରେ ପରାଜିତ ହୋଇଛି। ତୃତୀୟ ସ୍ଥାନରେ ଥିବା ଦକ୍ଷିଣ ଆଫ୍ରିକା ୧୬୧ ପରାଜୟ ତୁଳନାରେ ୧୭୯ ବିଜୟ ହାସଲ କରିଛି। ସେହିପରି ୧୪୪ ପରାଜୟ ଓ ୧୪୮ ବିଜୟ ସହିତ ଏହି ତାଲିକାର ଚତୁର୍ଥ ସ୍ଥାନରେ ରହିଛି ପାକିସ୍ତାନ।

# ପ୍ରତ୍ୟାଶାଙ୍କୁ ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୨୨।୯(ତପନ ସ୍ୱାଇଁ)**

ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ଚଳିତ ବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ପ୍ରତିଭା ସମ୍ପନ୍ନ ସ୍ପ୍ରିଣ୍ଟର ଦଣ୍ଡପତି ମୃତ୍ୟୁମ ଜୟରାମ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଭା ତନ୍ୱି ପତ୍ରି ଉପବିଜେତା ବିବେଚିତ ହୋଇଛନ୍ତି। ଆଗାମୀ ଦିନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଖେଳାଳିମାନଙ୍କୁ ପୁରସ୍କୃତ କରାଯିବ। ଏକଲବ୍ୟ ପୁରସ୍କାର ରାଶିକୁ ଚଳିତ ବର୍ଷଠାରୁ ୫ରୁ ୭ ଲକ୍ଷ ଟଙ୍କାକୁ ବୃଦ୍ଧିକରାଯାଇଛି। ସେହିପରି ଉପବିଜେତାଙ୍କ ପୁରସ୍କାର ରାଶି ୧ ଲକ୍ଷରୁ ୧.୫ ଲକ୍ଷ ଟଙ୍କାକୁ





ପ୍ରତ୍ୟାଶା ରାୟ

ବଢ଼ାଇ ଦିଆଯାଇଛି। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ୧୯୯୩ରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ''ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହାଦ୍ୱାରା ସେମାନେ ଉତ୍ସାହିତ ହୋଇ ଅଧିକରୁ ଅଧିକ ଉନ୍ନତ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ଏବଂ ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ। କ୍ରୀଡ଼ା ବ୍ୟତୀତ ସାହିତ୍ୟ, କଳା, ସ୍ଥାପତ୍ୟ ଓ ସ୍ୱାସ୍ଥ୍ୟସେବା ଆଦିକୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି'' ବୋଲି ଏକଲବ୍ୟ ପୁରସ୍କାର ପାଇଁ ନାମ ଘୋଷଣା ଅବସରରେ ଇମ୍ପାକ୍ଟର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରକାଶ କରିଛନ୍ତି। ପୁରସ୍କାର କମିଟି ଆବାହକ ଶଶାଙ୍କ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ରାଜ୍ୟ ଓ ଜାତୀୟ ସ୍ତରରେ ଚମକ ସୃଷ୍ଟି କରିଥିବା ପ୍ରତ୍ୟାଶା ଗତବର୍ଷ ଅନ୍ତର୍ଜାତୀୟସ୍ତରରେ ମଧ୍ୟ ପଦକ ହାସଲ କରି ପ୍ରଦର୍ଶନର ଛାପ ଛାଡ଼ିଥିଲେ।

**ସ୍ୱ-ନକ୍ଷତ୍ର ଦିବସ**



**ଗୌରବ ନନ୍ଦନ ନାୟକ (ଗୁଡୁଲ୍)**
ଜଗନ୍ନାଥ ମଠ ଲେନ୍, ଭୁବନେଶ୍ୱର-୨
ଆଜି ତୋର ଏହି ଜନ୍ମ ଦିନର ଶୁଭ ଅବସରରେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ତୋ'ର ଦୀର୍ଘାୟୁ କାମନା କରୁଛୁ।
ତୋର ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ
ରାହାମା, ଜଗତ୍‌ସିଂହପୁର
ଧ-୧୪୧୫

## ଚେପକ୍‌ରେ ଅଶ୍ୱିନଙ୍କ ନିଆରା ରେକର୍ଡ

**ଚେନ୍ନାଇ,୨୨।୯:** ଗୋଟିଏ ଭେନ୍ୟୁରେ ଶତକ ହାସଲ ସହ ୫ ଉଇକେଟ ସଫଳତା ନେବାରେ ଅଶ୍ୱିନ ମଧ୍ୟ ରେକର୍ଡ ନିଜ ନାମରେ କରିଛନ୍ତି। ହୋମ୍ ଗ୍ରାଉଣ୍ଡ ଚେପକ୍‌ରେ ଅଶ୍ୱିନ ଶତକ ହାସଲ କରିଥିବା ବେଳେ ଚେନ୍ନାଇରେ ଅଶ୍ୱିନଙ୍କର ଏହା ଦ୍ୱିତୀୟ ଶତକ ହୋଇଥିବା ବେଳେ ପଞ୍ଚମ ଥର ୫ ଉଇକେଟ ସଫଳତା ହାସଲ କରି ସାରିଛନ୍ତି। ବାଂଲାଦେଶ ବିପକ୍ଷ ଟେଷ୍ଟ ପୂର୍ବରୁ ଚେପକ୍‌ରେ ଅଶ୍ୱିନ ଗୋଟିଏ ଶତକ ଓ ୪ ଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ଗ୍ୟାରଫିଲ୍ଡ ସୋବର୍ସ ହେଡିଙ୍ଗଲିରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତା ହାସଲ କରିଥିଲେ। ଭାରତୀୟ କିମ୍ବଦନ୍ତୀ କପିଳ ଦେବ ସମାନ ଚେନ୍ନାଇ ଭେନ୍ୟୁରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତାର ରେକର୍ଡ ନିଜ ନାମରେ ରଖିଛନ୍ତି। ନ୍ୟୁଜିଲାଣ୍ଡର କ୍ରିସ୍ କେର୍ନସ ଅକଲାଣ୍ଡରେ ଦୁଇଟି ଶତକ ଓ ୨ ଥର ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଇଂଲିଶ ଅଲରାଉଣ୍ଡର ଇଆନ୍ ବୋଥାମ ହେଡିଙ୍ଗଲିରେ ଦୁଇଟି ଶତକ ଓ ୩ ଥର ୫ ଉଇକେଟ ସଫଳତା ହାସଲ କରି ଏହି ତାଲିକାରେ ସାମିଲ ଅଛନ୍ତି। ସେହିପରି ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅଶ୍ୱିନ ୮ ନମ୍ବର ସ୍ଥାନରେ ବ୍ୟାଟିଂ କରି ୪ ନମ୍ବର ଶତକ ସହ ସର୍ବାଧିକ ଶତକ ହାସଲକାରୀ ବ୍ୟାଟରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।

# ଗୁଜରାଟ ଗ୍ରେଟ୍ସର ପ୍ରଥମ ବିଜୟ

**ଯୋଧପୁର,୨୨।୯:** ଲିଜେଣ୍ଡ ଲିଗ୍ କ୍ରିକେଟ୍‌ରେ ରବିବାର ତୋୟାମ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି ଗୁଜରାଟ ଗ୍ରେଟ୍ସ। ଚଳିତ ସିଜନରେ ମର୍ନେ ଭାନ୍ ୱିକ ଗ୍ରେଟ୍ସ ପକ୍ଷରୁ ପ୍ରଥମ ଶତକ ହାସଲ କରିଛନ୍ତି। ତୋୟାମ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୧୭୨ ରନ୍ କରିଥିଲା। ଜବାବରେ ଭାନ୍ ୱିକ୍‌ଙ୍କ ଅପରାଜିତ ୧୧୫ ରନ୍ ବଳରେ ୩ ବଲ୍ ବାକିଥାଇ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା ଗୁଜରାଟ।

ଯୋଧପୁରର ବର୍କତଉଲା ଖାଁ କ୍ରିକେଟ ଷ୍ଟାଡିୟମରେ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ

**ଭାନ୍ ୱିକ୍‌ଙ୍କ ଶତକ**

ବ୍ୟାଟିଂ ନେଇଥିଲା। ୩୬ ରନ୍‌ରେ ଦଳ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ମଧ୍ୟକ୍ରମରେ ସୁରେଶ ରାଇନା(୪୪), ଗୁରକୀରାଟ ସିଂ ମାନ୍(୨୬) ଓ ପିଟର ଟ୍ରେଗୋ(୩୬) ରନ୍ କରିବାରୁ ହାଇଦ୍ରାବାଦ ୭ ଉଇକେଟରେ ୧୭୨ ରନ୍ କରିଥିଲା। ଟପ୍ ସ୍କୋରର ରାଇନା ୨୭ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଗୁଜରାଟ ପକ୍ଷରୁ ଲିଆମ୍ ପ୍ଲଙ୍କେଟ, ସିକୁଗେ ପ୍ରସନ୍ନା ଓ ମନନ ଶର୍ମା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଶିଖର ଧାୱନ(୨୧) ଓ ଭାନ୍ ୱିକ୍(୧୧୫*) ପ୍ରଥମ ଉଇକେଟରେ ୮୩ ରନ୍ ଯୋଡିଥିଲେ। ୬୯ ବଲ୍ ଖେଳିଥିବା ଭାନ୍ ୱିକ୍ ୮ ଚୌକା ଓ ୯ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲେଣ୍ଡଲି ସିମନ୍ସ ୨୦ ଓ ଯଶପାଲ ସିଂ ୧୩ ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଇଶୁରୁ ଉଡାନା ଓ ଗୁରୁକୀରାଟ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:** ତୋୟାମ ହାଇଦ୍ରାବାଦ ୨୦ ଓଭରରେ ୧୭୨/୭ (ସୁରେଶ ରାଇନା-୪୪, ଗୁରକୀରାଟ ସିଂ ମାନ୍-୨୬, ପିଟର ଟ୍ରେଗୋ-୩୬, ଲିଆମ୍ ପ୍ଲଙ୍କେଟ-୨/୨୫, ସିକୁଗେ ପ୍ରସନ୍ନା-୨/୨୮, ମନନ ଶର୍ମା-୨/୩୭)। ଗୁଜରାଟ ଗ୍ରେଟ୍ସ ୧୯.୩ ଓଭରରେ ୧୭୪/୨ (ମର୍ନେ ଭାନ୍ ୱିକ୍-୧୧୫*, ଶିଖର ଧାୱନ-୨୧, ଲେଣ୍ଡଲି ସିମନ୍ସ ୨୦, ଇଶୁରୁ ଉଡାନା-୧/୨୪, ଗୁରକୀରାଟ ସିଂ ମାନ୍-୧/୧୭)।





**Classified Everyday**
**0674-2580101, 2549949**



**REAL ESTATE**

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-1427

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Duplex sale at Bhubaneswar 65,00,000/- and apartment sqft.-4200/- near Kalinganagar, DAV School, Bhubaneswar. 9777433701. D-75992

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 Km. ଦୂରରେ low cost plot କିଣି immediate ଘର କରନ୍ତୁ। 9692213354. ଧ-୭୫୭୮୫

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1428





Newly open health benefits SPA by expert therapist. Contact- 9938843929. D-76155

Newly open health benefits SPA special offer @ 799 Bapujinagar. 8018429809. D-76156

**AFFIDAVIT**

By virtue of an affidavit sworn before Executive Magistrate, Bhadrak, Vide No.- 6686, 6687, 6720 dt. 03. 09. 2024, 03. 09. 2024, 04. 09. 2024, I Shruti Agarwal, W/o- Mridul Agarwal, Vill- Dhalasahi, P.O.- Charampa, P.S./ Dist.- Bhadrak here by affirm that in LIC bond bearing No.- 599462975 my name is mention SANTOSH FOGLA and other two my husbands Policy No.- 598135261 & 598135263 as nomine my name mention SANTOSH Agarwal. Hence SANTOSH FOGLA, SANTOSH Agarwal and Shruti Agarwal W/o- Mridul Agarwal is same and one person. D-1429

Affidavit before Executive Magistrate, I have changed my name from Ratna Manjari Sahoo to Rita Rani Sahoo, W/o- Pradeep Kumar Sahoo, Village- Chainpurpatana, P.O.-Gadasila, P.S.- Sadar, Dist.-Dhenkanal for the purpose of LIC Policy-585276071 and all purposes. D-75455

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅମ୍ବିକା ଦାସ**
ଯୋବ୍ରା ମଝି ସାହି, କଟକ
ଆବିର୍ଭାବ: ୧୯୩୩
ତିରୋଧାନ: ତା୧୩।୦୯।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗ୍ୟ ତିନି ପୁଅ, ବୋହୂ, ସାନ ଭାଇ ଭାଉଜ, ଝିଅ, ଝିଆରୀ, ପୁତୁରା, ନାତି, ନାତୁଣୀ ଓ ବନ୍ଧୁ, ପରିବାରବର୍ଗ ।
ଧ-୧୪୩୧

**ଏକାଦଶାହ ଉପଲକ୍ଷେ**



**୰ନରହରି ମଲ୍ଲିକ**
ବିଷ୍ଣୁପୁର, ଅଣ୍ଡରା, ଦାଣ୍ଡିସାହି, କେନ୍ଦ୍ରାପଡ଼ା
ଆବିର୍ଭାବ : ୧୫.୦୫.୧୯୩୩
ତିରୋଧାନ :୧୩.୦୯.୨୦୨୪
ଆପଣଙ୍କ ଦୟା ଓ ପରୋପକାରିତା ମନୋଭାବ ଆମମାନଙ୍କୁ ସର୍ବଦା ଅନୁପ୍ରେରିତ କରୁଥିବ। ଜଣେ ଆଦର୍ଶ ସମାଜସେବୀ ଭାବରେ ଆପଣମାନଙ୍କୁ ତଥା ଆମପରି ଅନେକଙ୍କୁ ମଣିଷ କରିଛନ୍ତି, ସେଥିପାଇଁ ଆପଣ ଚିର ନମସ୍ୟ। ଏଣୁ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ : ମଲ୍ଲିକ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର-ରଞ୍ଜନ, ରମାରଞ୍ଜନ, ସଞ୍ଜୟ, ନାତି-ବର୍ଣ୍ଣି, ଓମ୍, ନାତୁଣୀ-ସ୍ମୃ, ରିୟା, ଝ୍ୱାଇଁ-ଅଭୟ
ଧ-୭୫୫୬୯

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପୁଷ୍ପଲତା ନାଏକ**
ଆବିର୍ଭାବ-୦୮।୦୫।୧୯୬୭
ତିରୋଧାନ- ୧୩।୦୯।୨୦୨୪
ଅତାବିରା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପଲତା ନାଏକଙ୍କ ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ସ୍ୱାମୀ- ସାଗରଲାଲ ବାରିକ, ପୁତ୍ର- ଚିକୁ, ଅଙ୍କୁ, ପୁତ୍ରବଧୂ- ନମିତା, ନାତି- ଆର୍ଜନ ଓ ବାରିକ ପରିବାରବର୍ଗ ।
ଧ-୧୪୩୦

## ନିୟମିତ ଦହି ଖାଉଥିଲେ...



ଦହି ପ୍ରାକୃତିକ ଭାବେ ହେଉଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଏହା ବଢ଼ାଇଥାଏ। ପ୍ରାୟ ୭୦ ପ୍ରତିଶତ ଶକ୍ତି ଆମେ ଦହିରୁ ହିଁ ପାଇଥାଉ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ଅସ୍ଥି ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଅଷ୍ଟିଓପୋରେସିସ୍ ସମସ୍ୟ ଆଶଙ୍କାକୁ କେତେକାଂଶରେ ଦୂର କରିଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଦାନ୍ତମୂଳକୁ ଦୃଢ଼ ରଖେ। ଚର୍ମ ଏବଂ କେଶକୁ ବଢ଼ିବାରେ ଦହି ମଧ୍ୟ ସାହାଯ୍ୟ କରେ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହାଦ୍ୱାରା କ୍ଷତ ହୋଇଥିବା ସ୍ଥାନରେ ନୂଆ ଚର୍ମ ମଧ୍ୟ ଆପେ ସୃଷ୍ଟି ହୋଇଯାଏ। ଏହା ମଧ୍ୟ ପାଚନ କ୍ରିୟାକୁ ଆହୁରି ଦୃଢ଼ କରିଥାଏ। କେବଳ ସେତିକି ନୁହେଁ, କୋଲେଷ୍ଟରଲ ଏବଂ ମେଦ ବହୁଳତାକୁ ଏହା କେତେକାଂଶ ନିୟନ୍ତ୍ରଣରେ ରଖିଥାଏ। ଉଚ୍ଚ ରକ୍ତଚାପ ସମସ୍ୟା ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ନିୟମିତ ଦହି ଖାଇଲେ ତାହା ହୃତ୍‌ପିଣ୍ଡ ବା ହାର୍ଟକୁ ସୁସ୍ଥ ରଖିଥାଏ। ଜଣେ ଡାଇବେଟିସ୍ ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। କାରଣ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖେ।

## ସନ୍ତୁଳିତ ରହିବ ଡାଇବେଟିସ୍




ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଡାଇବେଟିସ୍ ଯଦି ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରିକି ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ତେଣୁ ଡାଇବେଟିସ୍‌କୁ 'ନୀରବ ଘାତକ' ଆଖ୍ୟା ଦିଆଯାଇଛି। ଏହି ରୋଗ ସମ୍ପର୍କରେ ଜାଣିବା ପରେ ତାହାର ଚିକିତ୍ସା କରାଇବା ସହ କେତେକ ଦିଗ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ତେଣୁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରନ୍ତୁ। ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରନ୍ତୁ। ବିଶେଷଭାବରେ ଖାଦ୍ୟପେୟ ଏବଂ ବ୍ୟାୟାମ ପ୍ରତି ଧ୍ୟାନ ଦିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଡାଇବେଟିସ୍ ଧୀରେ ଧୀରେ ଆଉ କେତେକ ରୋଗଗୁଡ଼ିକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ନିୟମିତ ସମୟ ବ୍ୟବଧାନରେ ସମ୍ପୂର୍ଣ୍ଣ ଶରୀର ଚେକ୍‌ଅପ୍ କରାଇ ନେବାକୁ ଆଦୌ ଭୁଲନ୍ତୁ ନାହିଁ। ତା'ସହ ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ଅଛି କି ନାହିଁ ତାହାର ଠିକ୍ ସମୟ ବ୍ୟବଧାନରେ ପରୀକ୍ଷା କରି ଜାଣି ନିଅନ୍ତୁ। ଯଦି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଅଭିଜ୍ଞ ଡାଇବେଟିସ୍ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ଉପାଦେୟ ଅଶୋକ ପୁଷ୍ପ



ପ୍ର. ଅରୁଣ ଚନ୍ଦ୍ର ସାହୁ

''ଆୟୁର୍ବେଦ ଶାସ୍ତ୍ରରେ ମଧ ଅଶୋକ ବୃକ୍ଷର ଅନେକ ଔଷଧୀୟ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି। ଏହାର ଫୁଲ ସୁନ୍ଦର ଓ ସୁଗନ୍ଧଯୁକ୍ତ। ସାରା ଭାରତରେ ଏହି ବୃକ୍ଷ ଦେଖାଯାଏ। ଓଡ଼ିଶାରେ ମଧ ପ୍ରାୟ ପ୍ରତ୍ୟେକ ଜିଲାରେ ଏହି ବୃକ୍ଷ ଦୃଷ୍ଟିଗୋଚର ହୁଏ। ଭାରତର ଜାତୀୟ ପୁଷ୍ପ ପଦ୍ମ ହୋଇଥିବାବେଳେ ଓଡ଼ିଶାର ରାଜ୍ୟ ପୁଷ୍ପ (ଷ୍ଟେଟ ଫ୍ଲାୱାର) ହେଉଛି ଅଶୋକ, ଯାହା ଓଡ଼ିଶାର ଲୋକମାନେ ପ୍ରାୟ ଜାଣି ନଥିବେ। ଏହି ପୁଷ୍ପ ବୃକ୍ଷ ବିଷୟରେ କିଛି ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ।''



ରାମାୟଣରେ ବର୍ଣ୍ଣିତ ହୋଇଛି ଯେ, ରାବଣ ସୀତାଙ୍କୁ ଚୋରାଇ ନେଇ ଲଙ୍କାର ଅଶୋକ ବନରେ ବନ୍ଦୀ କରି ରଖିଥିଲା। ଅଶୋକ ବୃକ୍ଷ ମୂଳରେ ବସି ସୀତା ରାମଙ୍କ କଥା ଭାବି ଭାବି ଦୁଃଖରେ କାଳ କାଟୁଥିଲେ। ଅଶୋକ ବୃକ୍ଷ ସୀତାଙ୍କୁ ଛାଇ ଓ ମୁକ୍ତ ବାୟୁ ପ୍ରଦାନ କରି ସନ୍ତୋଷ ଲାଭ କରୁଥିଲା ଯେପରି। ତେଣୁ କାହିଁ କେତେ ଯୁଗରୁ ଅଶୋକ ବୃକ୍ଷର ଅବତାରଣା କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ମଧ ଅଶୋକ ବୃକ୍ଷର ଅନେକ ଔଷଧୀୟ ଗୁଣ ବିଷୟରେ ବର୍ଣ୍ଣନା କରାଯାଇଛି। ଏହାର ଫୁଲ ସୁନ୍ଦର ଓ ସୁଗନ୍ଧଯୁକ୍ତ। ସାରା ଭାରତରେ ଏହି ବୃକ୍ଷ ଦେଖାଯାଏ। ଓଡ଼ିଶାରେ ମଧ ପ୍ରାୟ ପ୍ରତ୍ୟେକ ଜିଲାରେ ଏହି ବୃକ୍ଷ ଦୃଷ୍ଟିଗୋଚର ହୁଏ। ଭାରତର ଜାତୀୟ ପୁଷ୍ପ ପଦ୍ମ ହୋଇଥିବାବେଳେ ଓଡ଼ିଶାର ରାଜ୍ୟ ପୁଷ୍ପ (ଷ୍ଟେଟ ଫ୍ଲାୱାର) ହେଉଛି ଅଶୋକ ଯାହା ଓଡ଼ିଶାର ଲୋକମାନେ ପ୍ରାୟ ଜାଣି ନଥିବେ। ଏହି ପୁଷ୍ପ ବୃକ୍ଷ ବିଷୟରେ କିଛି ଆଲୋଚନା କରିବା ପ୍ରାସଙ୍ଗିକ ମନେହୁଏ।

ଅଶୋକ ବୃକ୍ଷର ଇଂଲିଶ୍ ନାମ ଅଶୋକା ଓ ବୈଜ୍ଞାନିକ ନାମ ସାରାକା ଅଶୋକା ଓ ଏହା ସିଜାଲପିନିଆସି ବଂଶର ଅନ୍ତର୍ଭୁକ୍ତ। ଏହାକୁ ବଙ୍ଗାଳୀ, ହିନ୍ଦୀ ଓ ଗୁଜରାଟୀରେ ଅଶୋକା, ତାମିଲରେ ଅଶୋଗମ୍ ଓ ତେଲୁଗୁରେ ଅଶୋକ ଚେଟ୍ଟୁ କୁହାଯାଏ। ଏହି ବୃକ୍ଷର ନାମ ଅନୁସାରେ ମଧ ଲୋକଙ୍କ ନାମ ଅଶୋକ ଦିଆଯାଇଥାଏ। ଇତିହାସରୁ ମଧ ଆମେ ମଗଧର ରାଜା ଅଶୋକଙ୍କ ନାମ ଜାଣିଛେ। ଅଶୋକ ଅର୍ଥ ଶୋକ ନିବାରକ ବା ନାହିଁ ଶୋକ ଯାହାର। ପ୍ରକୃତରେ ଏହି ବୃକ୍ଷର ବହୁ ଔଷଧୀୟ ଗୁଣ ଯୋଗୁ ଏହା ଶୋକ ବା ଦୁଃଖ ନିବାରକ ଅଟେ। ବାସ୍ତୁଶାସ୍ତ୍ରରେ ମଧ ଏହାର ମହତ୍ତ୍ୱ ରହିଛି। ଗୃହର ବାସ୍ତୁଦୋଷ ନିବାରଣ ଯଥା ଗୃହର ଦୁର୍ଘଟଣାରୁ ସୁରକ୍ଷା ତଥା ସମସ୍ୟା ମୁକ୍ତ ପାଇଁ ଗୃହର ଉତ୍ତର ଦିଗରେ ଅଶୋକ ବୃକ୍ଷ ଲଗାଯାଇଥାଏ।

**ଉଦ୍ଭିଦର ବର୍ଣ୍ଣନା:** ଅଶୋକ ଏକ ଚିରହରିତ୍ ବୃକ୍ଷ ଅଟେ। ବୃକ୍ଷର ଉଚ୍ଚତା ପ୍ରାୟ ୨୦ ରୁ ୩୦ ଫୁଟ ଯାଏଁ ହୋଇଥାଏ। ଏହାର ପତ୍ରଗୁଡ଼ିକ ଯୌଗିକ ଓ ଉପପତ୍ରଗୁଡ଼ିକ ଲମ୍ବାଳିଆ। ଗାଢ଼ ସବୁଜ ପତ୍ର ସବୁ ବହୁତ ଘଞ୍ଚ ଅଟେ ଓ ଚିରହରିତ୍। ନୂତନ ପତ୍ର କଅଁଳିବା ସମୟରେ ଲାଲ ରଙ୍ଗର ହୋଇଥାଏ। ଏହାର ବହୁତ ଶାଖା ପ୍ରଶାଖା ଥାଏ। କାଣ୍ଡରୁ ଏକ ପ୍ରକାର ଅଠା ନିର୍ଗତ ହୋଇ ଶୁଖିଗଲା ପରେ ଗୋଲ ଗୋଲ ଆକାରରେ କାଣ୍ଡରେ ଲାଗି ରହିଥାଏ। ଏହି ବୃକ୍ଷର ଫୁଲ ଗାଢ଼ କମଳା ରଙ୍ଗର, ଯାହା ଫେବୃଆରୀରୁ ଏପ୍ରିଲ ମାସ ଯାଏ ଫୁଟିଥାଏ। ଫୁଲରୁ ପାଖୁଡ଼ାଗୁଡ଼ିକ ଝଡ଼ିବା ପୂର୍ବରୁ ଲାଲ ରଙ୍ଗ ହୋଇଯାଏ। ଫୁଲଗୁଡ଼ିକ ପେଣ୍ଡା ପେଣ୍ଡା ଆକାରରେ ଫୁଟି ବୃକ୍ଷର ଶୋଭାବର୍ଦ୍ଧନ କରିଥାଏ। ଫୁଲଗୁଡ଼ିକ କାହାଳୀ ଆକାରର ଓ ସୁଗନ୍ଧଯୁକ୍ତ। ଏହି ଫୁଲରୁ ବହୁ କଳାମଞ୍ଜି ଥିବା ଚେପଟା ଓ ଲମ୍ବା ଫଳ ହୋଇଥାଏ। କଷି ଫଳ ଈଷତ୍ ଲାଲ ଓ ପାକଳ ହେଲେ ସାଗୁଆ ହୋଇଥାଏ।

**ଉତ୍ପତ୍ତି:** ଅଶୋକ ବୃକ୍ଷ ଭାରତର ଦାକ୍ଷିଣାତ୍ୟ ମାଳଭୂମିର କେନ୍ଦ୍ର ଅଞ୍ଚଳ ତଥା ପଶ୍ଚିମଘାଟର ମଧ୍ୟବର୍ତ୍ତୀ ଅଞ୍ଚଳରେ ପ୍ରଥମ ଉତ୍ପତ୍ତି ହୋଇଥିବାର ଅନୁମାନ କରାଯାଏ। ଏହା ମଧ ଦକ୍ଷିଣ ଏସିଆ ଦେଶଗୁଡ଼ିକରେ ଓ ପଶ୍ଚିମ ମ୍ୟାନମାରରେ ଦୃଷ୍ଟିଗୋଚର ହୁଏ। ଏହା ଓଡ଼ିଶା ଓ ଆସାମରେ ପ୍ରାକୃତିକ ଭାବରେ ବଢ଼ିଥାଏ। କେନ୍ଦ୍ର ଓ ପୂର୍ବ ହିମାଳୟର ପାଦଦେଶରେ ଥିବା ପର୍ବତମାଳା, ଉତ୍ତର ଭାରତର ସମତଳ ଅଞ୍ଚଳ ତଥା ମୁମ୍ବାଇ ନିକଟ ପଶ୍ଚିମ ଉପକୂଳରେ ଅଶୋକ ବୃକ୍ଷ ଦୃଷ୍ଟିଗୋଚର ହୁଏ। ଏହା ଏକ ବନ୍ୟ ବୃକ୍ଷ। କାଳକ୍ରମେ ଏହା ପ୍ରାକୃତିକ ପରିବେଶରୁ କମି କମି ଆସୁଛି। ବର୍ତ୍ତମାନ ଏହା ଏକ ଅସୁରକ୍ଷିତ ଜାତିର ଉଦ୍ଭିଦ ରୂପେ ପରିଗଣିତ ହେଉଛି।

**ପୌରାଣିକ ପରମ୍ପରା:** ଅଶୋକ ବୃକ୍ଷ ଭାରତୀୟ ଉପମହାଦେଶ ଯଥା- ଭାରତ, ନେପାଳ ଓ ଶ୍ରୀଲଙ୍କାରେ ଏକ ପବିତ୍ର ବୃକ୍ଷ ରୂପେ ପରିଗଣିତ ହୁଏ। ଏହି ଅଞ୍ଚଳରେ ଏହା ଧାର୍ମିକ ଓ ସାହିତ୍ୟିକ ଭାବନା ସହ ଜଡ଼ିତ। ଏକ ସୁନ୍ଦର ବୃକ୍ଷ ତଥା ସୁନ୍ଦର, ସୁବାସିତ ଓ ପ୍ରଚୁର ଫୁଲ ଯୋଗୁ ଏହା ରାଜବାଟିକା, ବଗିଚା ଓ ଭାରତର ବିଭିନ୍ନ ହିନ୍ଦୁ ଓ ବୌଦ୍ଧ ମନ୍ଦିର ନିକଟରେ ବା ପରିସରରେ ଲଗାଯାଇଥାଏ। ଏହାର ଫୁଲ ହିନ୍ଦୁ ଦେବଦେବୀଙ୍କୁ ଅର୍ପଣ କରାଯାଏ। ଅଶୋକ ବୃକ୍ଷ ଓ ପୁଷ୍ପର ସଂସ୍କୃତରେ ଷୋଳଟି ଭିନ୍ନ ଭିନ୍ନ ନାମ ରହିଅଛି। କୁହାଯାଏ ଯେ ବୁଦ୍ଧ ରାଣୀ ମାୟାଙ୍କ ଗର୍ଭରୁ ଏକ ବାଟିକାରେ ଅଶୋକ ବୃକ୍ଷ ତଳେ ଜନ୍ମ ହୋଇଥିଲେ। ସେଥିପାଇଁ ବୁଦ୍ଧ ସ୍ତୁପ ଓ ଅନ୍ୟାନ୍ୟ କୀର୍ତ୍ତିରାଜିମାନଙ୍କରେ ଏହି ଫୁଲ ବ୍ୟବହୃତ ହୁଏ।

ନୟାଗଡ଼ ଜିଲାର ଓଡ଼ଗାଁଠାରେ ଅବସ୍ଥିତ ରଘୁନାଥ ମନ୍ଦିରରେ ବନବାସୀ ରାମ, ଲକ୍ଷ୍ମଣ ଓ ସୀତା ପୂଜା ପାଇ ଆସୁଛନ୍ତି। ଉକ୍ତ ମନ୍ଦିର ବେଢ଼ାର ଉତ୍ତର ପୂର୍ବ ଦିଗରେ ଗୋଟିଏ ଅଶୋକ ବୃକ୍ଷ ରହିଥିଲା। ଏହି ମନ୍ଦିରରେ ଦେବୀ ସୀତା ଅଧିଷ୍ଠିତା ଥିଲା ବେଳେ ଅଶୋକ ବୃକ୍ଷଟିଏ ମଧ ରହିଥିଲା। ସେତେଯେପରି ଦେବୀ ସୀତାଙ୍କ ପାଇଁ ଅଶୋକ ବୃକ୍ଷ ପୁରାଣର ସ୍ମୃତି ବହନ କରିଥିଲା। କୌଣସି କାରଣରୁ ଏବେ ସେ ବୃକ୍ଷଟି ସେଠାରେ ନାହିଁ।

**ଔଷଧୀୟ ଗୁଣ:** ଅଶୋକ ବୃକ୍ଷର ଅନେକ ଔଷଧୀୟ ଗୁଣ ରହିଛି। ଏହାର ଛେଲି, ଫୁଲ ଓ କଢ଼ ଏଥିପାଇଁ ବ୍ୟବହାର କରାଯାଏ। ଏହାର ଛେଲି କଷା ଓ ଏହା ସ୍ତ୍ରୀ ରୋଗରେ ବିଶେଷତଃ ଋତୁଚକ୍ରର ନିୟମିତତା ପାଇଁ ବ୍ୟବହୃତ ହୁଏ। ଆୟୁର୍ବେଦରେ ଅଶୋକାରିଷ୍ଟର ପ୍ରସ୍ତୁତି ବିଷୟରେ ବର୍ଣ୍ଣନା କରାଯାଇଛି ଓ ଏଥିପାଇଁ ଏହି ଗଛର ଛେଲି ମୁଖ୍ୟତଃ ବ୍ୟବହୃତ ହୁଏ। ନାଳରକ୍ତ ଝାଡ଼ାରେ ଏହାର ଫୁଲକୁ ବାଟି ଖିଆଯାଏ। ଏହାର ଛେଲି ମଧ ପେଟରୋଗ, କୃମିଜନିତ ରୋଗ ଇତ୍ୟାଦିରେ ବ୍ୟବହୃତ ହୁଏ। ଏହାର ଛେଲିର ସିଝା ଜଳ ସହ ଶୀତଳ ଅବସ୍ଥାରେ ମହୁ ମିଶାଇ ସେବନ କଲେ ସ୍ତ୍ରୀ ଲୋକମାନଙ୍କର ପେଟ ଗୋଳମାଳ, ପ୍ରଦର ତଥା ଜରାୟୁ ରୋଗ ଉପଶମ ହୋଇଥାଏ। ଏହି ସିଝା ଶୀତଳ ଜଳ ସହ ମିଶ୍ରିଗୁଣ୍ଡ ଓ ମହୁ ମିଶାଇ ସେବନ କଲେ ପ୍ଲୀହା ରୋଗ, ଶୋଥ, ଜ୍ୱର ତଥା ବାୟୁଜନିତ ରୋଗରେ ଉପଶମ ମିଳିଥାଏ। ଏହି ବୃକ୍ଷର ମଞ୍ଜି ମଧ ଉତ୍ତମ ପରିସ୍ରା ପାଇଁ ବ୍ୟବହୃତ ହୁଏ। ଅଶୋକ ପତ୍ରର ଲେପ ବାଳମୂଳିଆ, ବଥ, ବ୍ରଣ, ବାଗୀ, କାଖଗୋଲି ଆଦି ଉପଶମ କରିଥାଏ।

ଏହିସବୁ ଦୃଷ୍ଟିରୁ ଅଶୋକ ବୃକ୍ଷର ବହୁ ଔଷଧୀୟ ଗୁଣ, ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ସୁବାସିତ ପୁଷ୍ପ ତଥା ଧାର୍ମିକ ତତ୍ତ୍ୱକୁ ହୃଦୟଙ୍ଗମ କରି ଜନସାଧାରଣ ଏହାର ସୁବିନିଯୋଗ କରିବା ବାଞ୍ଛନୀୟ।

-ଅନ୍ୱେଷଣ, ୫୨/୨,
ଭାଗବତ ସନ୍ଧାନ କଲୋନୀ
ଜି.ଜି.ପି., ଭୁବନେଶ୍ୱର-୨୫
ମୋ: ୮୨୪୯୦୭୯୦୮୪

## ଷ୍ଟ୍ରୋକ୍ ପାଇଁ ଦାୟୀ ଫ୍ୟାଟ୍ ଜାତୀୟ ଖାଦ୍ୟ



ଆଜିକାଲି ଅନେକ ଲୋକ ନିଜର ଭୁଲ୍ ଖାଦ୍ୟ ଶୈଳୀ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକ ତେଲ ମସଲାଯୁକ୍ତ ଅବା ଫ୍ୟାଟ୍ ଜାତୀୟ ଖାଦ୍ୟ ସବୁବେଳେ ଖାଇବା ଦ୍ୱାରା ତାହାର କୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏପରିକି ଏହାଦ୍ୱାରା ଷ୍ଟ୍ରୋକ୍ ଭଳି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏକଥା ଜଣାପଡ଼ିଛି। ଏହି ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରାୟ ସବୁବେଳେ ଏଭଳି ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଷ୍ଟ୍ରୋକ୍ ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସବୁଜ ପନିପରିବା, କ୍ଷୀର, ମାଛ ଆଦି ଖାଦ୍ୟ ଖାଇବା ଦ୍ୱାରା ଆମର ଷ୍ଟ୍ରୋକ୍ ଆଶଙ୍କା କେତେକାଂଶରେ କମ୍ ଥାଏ।

## ଟେନସନ୍ ଦୂର କରିବ ପଢ଼ାପଢ଼ି



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଅନେକ ଟେନସନ୍‌ର ବଶବର୍ତ୍ତୀ ହେଉଛନ୍ତି। ସିଓଲ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ବହି ପଢ଼ନ୍ତି ତେବେ ତାହାଦ୍ୱାରା ସେ ନିଜକୁ ଟେନସନ୍‌ଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଟେନସନ୍‌ର ବଶବର୍ତ୍ତୀ ହେଉଥିବା କେତେକ ବ୍ୟକ୍ତିଙ୍କୁ ନିୟମିତ ସେମାନଙ୍କର ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ବ୍ୟକ୍ତି ନିଜକୁ ଟେନସନ୍ କବଳରୁ କେତେକାଂଶରେ ମୁକୁଳି ପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଉପକାରୀ ପଣସ



ବିଭିନ୍ନ ପ୍ରକାର ପନିପରିବା ଏବଂ ଫଳମୂଳରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ତାଲିକାରେ ପଣସକୁ ସାମିଲ କରାଯାଇପାରେ। ଆମକୁ ସୁସ୍ଥ ରଖିବାରେ ଆଇରନ୍ ବା ଲୌହ ପରିମାଣ ଖାଦ୍ୟରେ ରହିବା ଜରୁରୀ। ପଣସ ହେଉଛି ଏହାର ଅନ୍ୟତମ ପ୍ରମୁଖ ଉତ୍ସ। ବିଶେଷଭାବରେ ରକ୍ତହୀନତା ସମସ୍ୟାର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କ ପାଇଁ ଏହା ବେଶ୍ ଉପକାରୀ। ଏହା ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରାଇଥାଏ। ଏଥିରେ ପୋଟାସିୟମ ମଧ ରହିଛି, ଯାହା ହୃଦ୍‌ଜନିତ ଆଶଙ୍କାକୁ କେତେକାଂଶରେ ଦୂର କରିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଆଜ୍‌ମା ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ। ସବୁଠାରୁ ଖାସ୍ କଥା ହେଲା, ପଣସରେ ଥିବା ମ୍ୟାଗ୍ନେସିୟମ ତତ୍ତ୍ୱ ଅସ୍ଥିକୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍ 'ସି' ଏବଂ 'ଏ' ମଧ ରହିଛି। ପଣସରେ ଥିବା ଉପକାରୀ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ। କୋଲେଷ୍ଟରଲକୁ ଏହା ମଧ ସନ୍ତୁଳିତ ରଖିଥାଏ। ପଣସ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ଆହୁରି ପ୍ରଖର ହୋଇଥାଏ।

## ଆଲର୍ଜି ଚିହ୍ନଟର ନୂଆ ଉପାୟ



ଆଲର୍ଜି ସମସ୍ୟା ଏବେ ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ହେଲେ ଏହାକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖୋଜି ପାଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କର ଲାଳକୁ ପରୀକ୍ଷା କରି ଏହାକୁ ଚିହ୍ନଟ କରିହେବ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି। ଆଲର୍ଜିକୁ କିପରି ସହଜରେ ଚିହ୍ନଟ କରିହେବ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଦୀର୍ଘ ଦୁଇ ବର୍ଷ ଧରି ଗବେଷଣା କରିଥିଲେ। ମନୁଷ୍ୟ ଲାଳ ଏପରି କି ନବଜାତ ଶିଶୁର ଲାଳକୁ ପରୀକ୍ଷା କରି ଆଲର୍ଜି ବିଷୟରେ ସୂଚନା ମିଳିପାରିବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହାଦ୍ୱାରା ବିଶେଷଭାବରେ ଛୋଟ ପିଲାଙ୍କ ଠାରେ ଆଲର୍ଜିକୁ ସହଜରେ ଠାବ କରିହେବ।

## ସ୍ୱାସ୍ଥ୍ୟ ସୂଚନା

- ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ବିଶେଷ ଭାବରେ ସକାଳର କଅଁଳ କିରଣ ସଂସ୍ପର୍ଶରେ ଆସିଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କାରଣ ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ।
- ଆଜିକାଲି ଅନେକେ ସୋସିଆଲ ମିଡିଆ ସହ ଜଡ଼ିତ ରହୁଛନ୍ତି। କିନ୍ତୁ ଏଭଳି ଅଭ୍ୟାସ ସୀମା ଭିତରେ ରହିଲେ ତାହାର ପ୍ରତିକୂଳ ପ୍ରଭାବ ଜୀବନଶୈଳୀ ଉପରେ ପଡ଼ି ନ ଥାଏ।
- ଯଦି ଜିମ୍ ଯିବାକୁ ସ୍ଥିର କରିଛନ୍ତି, ତେବେ ଏ ନେଇ ମନରେ ଥିବା ପ୍ରଶ୍ନାବଳୀଗୁଡ଼ିକୁ ପ୍ରଥମେ ଭଲ ଭାବରେ ସମାଧାନ କରନ୍ତୁ।
- ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ, ନିକଟସ୍ଥ ହସ୍ପିଟାଲ୍ ଏବଂ ଡାକ୍ତରଙ୍କ ଯୋଗାଯୋଗ ନମ୍ବର ପାଖରେ ରଖନ୍ତୁ। ଦରକାର ସମୟରେ ଏହା ନିହାତି ଆପଣଙ୍କର ନ ହେଲେ ଅନ୍ୟମାନଙ୍କର କାମରେ ଆସିବ।
- କଦାପି ତରବର ହୋଇ ଖାଦ୍ୟ ଖାଆନ୍ତୁ ନାହିଁ। ଖାଦ୍ୟକୁ ଧୀରେ ଧୀରେ ଚୋବାଇ ଖାଆନ୍ତୁ।



# କୃତ୍ରିମ ରକ୍ତ

(ଶେଷ ଭାଗ)




ପିଟ୍ସବର୍ଗ ମେଡିକାଲ ୟୁନିଭରସିଟିର ରୋଗୀ ରକ୍ତ ପରିଚାଳନା କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଜୋନାଥନ ୱାଟର୍ସ ଗତ ଏକ ଦଶନ୍ଧି ମଧ୍ୟରେ ଏହାକୁ ବ୍ୟବହାର କରି ଅନେକ ରୋଗୀଙ୍କ ଜୀବନ ରକ୍ଷାକରି ହେମୋପିଓର୍‌ର ଉପଯୋଗିତାର ପ୍ରମାଣ କରିଛନ୍ତି। ତଥାପି ଅଧ୍ୟୟନ ସୂଚାଇ ଦେଇଛି ଯେ, ହେମୋପିଓରରେ ଚିକିତ୍ସିତ ରୋଗୀମାନଙ୍କର ପାରମ୍ପରିକ ରକ୍ତଦାନ ବ୍ୟବହାର କରୁଥିବା ଲୋକଙ୍କ ତୁଳନାରେ ୩୦% ଅଧିକ ମୃତ୍ୟୁ ହେବାର ଆଶଙ୍କା ଥାଏ। କିନ୍ତୁ ବାୟୋପ୍ୟୁରର ପୂର୍ବତନ ସିଇଓ (ହେମୋପିଓର ଡେଭଲପର୍) ଜାଫ୍ ଜାଫିରେଲିସ ଗୁରୁତ୍ୱାରୋପ କରିଛନ୍ତି ଯେ, କୌଣସି କୃତ୍ରିମ ଦ୍ରବ୍ୟ ପ୍ରାକୃତିକ ରକ୍ତ ସହିତ ସମାନ ହୋଇପାରିବ ନାହିଁ। କୃତ୍ରିମ ରକ୍ତ କେବଳ ଅସ୍ଥାୟୀ ସମାଧାନ ଭାବରେ କାର୍ଯ୍ୟ କରିପାରିବ ଯେପର୍ଯ୍ୟନ୍ତ ଅସ୍ଥିମଜ୍ଜା ବା ବୋନ୍ ମ୍ୟାରୋ ଲାଲ କୋଷ ଉତ୍ପାଦନ ଆରମ୍ଭ କରି ନ ଥିବ। ହେମୋପିଓର୍ ସର୍ବୋତ୍ତମ ବିକଳ୍ପ କେବଳ ବୋଲି ମତ ଦେଇଛନ୍ତି।

ଖୋଳବିହୀନ ହିମୋଗ୍ଲୋବିନ (ଏଚ୍‌ବି)କୁ ନେଇ କୃତ୍ରିମ ରକ୍ତ, ଯାହାକି ଅମ୍ଳଜାନ ବାହକ ହିସାବରେ କାର୍ଯ୍ୟ କରେ, ତାହା ଟିସୁ ଏବଂ ରକ୍ତବାହୀ ନଳୀମାନଙ୍କ ନିମିତ୍ତ ବିଷାକ୍ତ ହୋଇପାରେ। ତେଣୁ ମେରିଲାଣ୍ଡ ୟୁନିଭରସିଟି (ୟୁଏମ୍‌ଡି) ସ୍କୁଲ ଅଫ ମେଡିସିନ୍‌ର ୬୧ ବର୍ଷୀୟ ଚିକିତ୍ସକ-ଅନୁସନ୍ଧାନକାରୀ ଆଲାନ ଡାକ୍ତର ଏବଂ ସହକର୍ମୀମାନେ ଏକ ଅମ୍ଳଜାନ ବାହକକୁ ଏକ ମେମ୍ବ୍ରେନ୍‌ରେ ଆବଦ୍ଧ କରି ଏକ ମିନି କୋଷ ପରି ଏରିଥ୍ରୋମର ପ୍ରସ୍ତୁତ କରିଛନ୍ତି। ତେବେ ଗତବର୍ଷ ଡିଫେନ୍ସ ଆଡଭାନ୍ସଡ ରିସର୍ଚ୍ଚ ପ୍ରୋଜେକ୍ଟ ଏଜେନ୍ସି ଏରିଥ୍ରୋମର ଡେଭଲପର୍ କାଲୋସାଇଟ୍‌କୁ ୪୬ ମିଲିୟନ ଡଲାର୍ ଅନୁଦାନ ଘୋଷଣା କରିଥିଲା, ଯାହା ରକ୍ତ ବଦଳାଇବା ଭଳି ଅଧିକ ଆଶାବାଦୀ ହୋଇପାରେ। ଯଦିଓ ଏରିଥ୍ରୋମେରରେ ଉଲ୍ଲେଖନୀୟ କ୍ଲିନିକାଲ ସଫଳତା କାହାଣୀର ଅଭାବ ରହିଛି, ଅନୁସନ୍ଧାନକାରୀ ବିଶ୍ୱାସ କରନ୍ତି ଯେ ଏହା ପ୍ରାକୃତିକ ପ୍ରକ୍ରିୟାଗୁଡ଼ିକୁ ଅତି ନିକଟରୁ ଅନୁକରଣ କରି ଏବଂ ଲାଲ ରକ୍ତ କଣିକା ପରି ଅଣୁଗୁଡ଼ିକ ଆବଦ୍ଧ କରି ଶୁଦ୍ଧ ହିମୋଗ୍ଲୋବିନ ଉତ୍ପାଦ ସହିତ ଜଡ଼ିତ ବିଷାକ୍ତତାକୁ ହ୍ରାସ କରିପାରେ। ପୂର୍ବରୁ ବିକଶିତ କୃତ୍ରିମ ରକ୍ତଗୁଡ଼ିକ ପରି ଏରିଥ୍ରୋମେରରେ ମଧ ହିମୋଗ୍ଲୋବିନ ଥାଏ। ଏହି ହିମୋଗ୍ଲୋବିନ ସେଲ୍‌ଫ ଲାଇଫ ଅତିକ୍ରମିତ ଦାନ କରାଯାଇଥିବା ମାନବ ଲାଲ୍ ରକ୍ତରୁ ବାହାର କରାଯାଇଥାଏ। ଯଦି ଏରିଥ୍ରୋମର୍ ବ୍ୟାପକ ବ୍ୟବହାର, ସମ୍ଭାବ୍ୟ ମାନବ ରକ୍ତର ଯୋଗାଣ ଅଭାବ ଦେଖାଯାଏ, ଅନୁସନ୍ଧାନକାରୀମାନେ ରେକମ୍ବିନାଣ୍ଟ ୟେଆଷ୍ଟରେ ହିମୋଗ୍ଲୋବିନ ଉତ୍ପାଦନ କରିବାକୁ ଅନୁସନ୍ଧାନ କରିବାକୁ ଯୋଜନା କରିଛନ୍ତି।

ଅନ୍ୟ ଏକ ଉପାୟରେ ଜାପାନର ନାରା ମେଡିକାଲ ୟୁନିଭର୍ସିଟିରେ ରସାୟନ ବିଜ୍ଞାନୀ ହିରୋମି ସାକାଇଙ୍କ ନେତୃତ୍ୱରେ ଗବେଷଣାକାରୀମାନେ ଲିପିଡ ଭେସିକଲରେ ହିମୋଗ୍ଲୋବିନକୁ ଏନକାପସୁଲେଟିଂ କରିଛନ୍ତି। ଏହି ହିମୋଗ୍ଲୋବିନ ଭେସିକଲ୍ସ ଏରିଥ୍ରୋମେର୍ ଅପେକ୍ଷା ସରଳ, କିନ୍ତୁ ବିକାଶରେ ଆଗକୁ ଅଛି। ମନୁଷ୍ୟଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନିରାପତ୍ତା ପରୀକ୍ଷଣରୁ ପ୍ରାରମ୍ଭିକ ଫଳାଫଳ, ଯଦିଓ ୨୦୨୦ କରୋନାଭାଇରସ ମହାମାରୀ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲା, ଜ୍ୱର ଭଳି ଅସ୍ଥାୟୀ ପାର୍ଶ୍ୱ ପ୍ରତିକ୍ରିୟା ସହିତ ପ୍ରତିଜ୍ଞାକାରୀ ଫଳାଫଳ ଦେଖାଇଲା ଏବଂ ମାନବ ଶରୀରରେ କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନ ଥିଲା। ଲାଲ୍ ରକ୍ତକଣିକାକୁ ବଦଳାଇବା ପାଇଁ ଅଭିନବ ଚିନ୍ତାଧାରା କ୍ରମାଗତ ଭାବରେ ଅନୁସନ୍ଧାନ କରାଯାଉଛି। ଉଦାହରଣ ସ୍ୱରୂପ, ହେମରିନା ଏକ ସାମୁଦ୍ରିକ କୀଟ ପ୍ରଜାତିର ରକ୍ତରେ ମିଳିଥିବା ହିମୋଗ୍ଲୋବିନ ବ୍ୟବହାର କରି ଏକ ଉତ୍ପାଦ ବିକଶିତ କରୁଛନ୍ତି।

ପରିଶେଷରେ, ରକ୍ତର ଅନନ୍ୟ ଗୁଣ ଏବଂ କାର୍ଯ୍ୟ ହେତୁ ଏକ କାର୍ଯ୍ୟକ୍ଷମ କୃତ୍ରିମ ରକ୍ତ ତିଆରି କରିବା ଏକ ଜଟିଳ ପ୍ରକ୍ରିୟା ଏବଂ କଠିନ ହେମୋପୁର ଏବଂ ଏରିଥ୍ରୋମର୍ ପରି ପଦାର୍ଥ ସହିତ ଅଗ୍ରଗତି ହୋଇଥିବାବେଳେ ବିଷାକ୍ତତା ଏବଂ ପ୍ରାକୃତିକ ରକ୍ତର ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ନକଲ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ଜାରି ରହିଛି।

- ଡ. ସ୍ନିଗ୍ଧା ପଣ୍ଡା,
କଲ୍ୟାଣୀ, ନଦିଆ, ପଶ୍ଚିମବଙ୍ଗ
ମୋ: ୮୨୪୦୫୦୬୬୦୫




# ଭାରତୀୟ ଚେସ୍‌ରେ ସ୍ୱର୍ଣ୍ଣିମ ଅଧ୍ୟାୟ

## ଚେସ୍ ଅଲିମ୍ପିଆଡ୍‌ରେ ପ୍ରଥମଥର ପାଇଁ ମହିଳା ଓ ପୁରୁଷ ଦଳକୁ ସ୍ୱର୍ଣ୍ଣ ପଦକ

**ବୁଦାପେଷ୍ଟ, ୨୨।୯**

ଭାରତୀୟ ଚେସ୍ ଇତିହାସରେ ଯୋଡ଼ିହୋଇଛି ସ୍ୱର୍ଣ୍ଣିମ ଅଧ୍ୟାୟ। ଚେସ୍ ଅଲିମ୍ପିଆଡ୍‌ରେ ପ୍ରଥମଥର ପାଇଁ ଭାରତୀୟ ମହିଳା ଓ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛି। ଏଠାରେ ଅନୁଷ୍ଠିତ ୪୫ତମ ଚେସ୍ ଅଲିମ୍ପିଆଡ୍‌ର ୧୧ଶ ତଥା ଅନ୍ତିମ ରାଉଣ୍ଡରେ ଭାରତୀୟ ପୁରୁଷ ଦଳ ସ୍ଲୋଭାନିଆକୁ ୩.୫-୦.୫ରେ ଏବଂ ମହିଳା ଦଳ ଆଜରବୈଜାନକୁ ୩.୫-୦.୫ ପଏଣ୍ଟରେ ହରାଇ ଏହି ସଫଳତା ପାଇଛି। ପୂର୍ବରୁ ଭାରତୀୟ ପୁରୁଷ ଦଳ ୨୦୧୪ ଓ ୨୦୨୨ରେ ସର୍ବାଧିକ ବ୍ରୋଞ୍ଜ ପଦକ ହାସଲ କରିଥିଲା। ମହିଳା ଦଳ ମଧ୍ୟ ୨୦୨୨ରେ ବ୍ରୋଞ୍ଜ ଜିତିବାକୁ ସକ୍ଷମ ହୋଇଥିଲା। ମାତ୍ର ଏଥର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ଚେସ୍‌ରେ ସ୍ୱର୍ଣ୍ଣିମ ସ୍ୱାକ୍ଷର ଛାଡ଼ିଛନ୍ତି।



ଅନ୍ତିମ ରାଉଣ୍ଡ୍ ମ୍ୟାଚ୍ ଅବସରରେ ଭାରତର ଡି. ଗୁକେଶ।

ପ୍ରତିଯୋଗିତା ଅନ୍ତିମ ରାଉଣ୍ଡର ପୁରୁଷ ବିଭାଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର ଡି. ଗୁକେଶ, ଆର୍. ପ୍ରଜ୍ଞାନନ୍ଦ, ଓ ଅର୍ଜୁନ ଇରିଗାସି ଯଥାକ୍ରମେ ସ୍ଲୋଭାନିଆର ଫେଡୋସିଭ ଭ୍ଲାଡିମିର, ଡେମଚେଙ୍କୋ ଆଣ୍ଟୋନ ଓ ସୁବେଜ ଜାନ୍‌ଙ୍କୁ ହରାଇଥିବାବେଳେ ଭିଦିତ ସନ୍ତୋଷ ଗୁଜରାଠି ପ୍ରତିପକ୍ଷ ସେବେନିକ ମାଟେଜଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ଗ୍ରାଣ୍ଡମାଷ୍ଟର ପେଣ୍ଟାଲା ହରିକ୍ରିଷ୍ଣା ଦଳର ଅନ୍ୟତମ ସଦସ୍ୟ ଥିଲେ। ସେହିପରି ମହିଳା ବର୍ଗର ଅନ୍ତିମ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା, ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶ୍‌ମୁଖ ଓ ଆଇଏମ୍ ଭାନ୍ତିକା ଅଗ୍ରୱାଲ ଯଥାକ୍ରମେ ଆଜରବୈଜାନର ମାମ୍ମାଜାଡା ଗୁନେ, ବେଦୁଲାୟେଭା ଗୋଭର ଓ ବାଲାଜାୟେଭା ଖାନିମ୍‌ଙ୍କୁ ହରାଇଥିବାବେଳେ ଗ୍ରାଣ୍ଡମାଷ୍ଟର ଆର୍. ବୈଶାଳୀ ଓ ଫାତାଲିୟେଭା ଉଲଭିୟାଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଥିଲା। ଆଇଏମ୍ ତାନିଆ ସଚଦେବା ମହିଳା ଦଳର ଅନ୍ୟତମ ସଦସ୍ୟା ଥିଲେ। ପୂରା ଟୁର୍ନାମେଣ୍ଟରେ ଭାରତୀୟ ପୁରୁଷ ଦଳ କେବଳ ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ୨-୨ରେ ଡ୍ର' କରିବାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଥିଲା।

# ପୂଜା ଯାଦବ ଅଧିନାୟିକା

**ଭୁବନେଶ୍ୱର, ୨୨।୯**
**(ସରୋଜ ଜେନା)**

ଆସନ୍ତା ଘରୋଇ କ୍ରିକେଟ ସିଜନ ପାଇଁ ରବିବାର ଓଡ଼ିଶା ୧୯ ବର୍ଷରୁ କମ୍ ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। ମୁଖ୍ୟ କୋଚ୍ ସ୍ୱାଗତିକା ରଥ ଓ ମୁଖ୍ୟ ଚୟନକର୍ତ୍ତା ରଶ୍ମିତା ମହାନ୍ତି ରବିବାର ଏକ ଖବରଦାତା ସମ୍ମିଳନୀରେ ଦଳ ଘୋଷଣା କରିଛନ୍ତି। ୧୫ ଜଣିଆ ଦଳରେ ପୂଜା ଯାଦବଙ୍କୁ ଅଧିନାୟିକା କରାଯାଇଛି। ବିସିସିଆଇ ପକ୍ଷରୁ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଟି୨୦ ଟ୍ରଫିରେ ଏହି ଦଳ ଅଂଶଗ୍ରହଣ କରିବ। ନାଗପୁରରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟ ଅକ୍ଟୋବର ୧ରୁ ଆରମ୍ଭ ହେବ। ମଣିପୁର (୧ ଅକ୍ଟୋବର), ହରିଆଣା (୨ ଅକ୍ଟୋବର), ମହାରାଷ୍ଟ୍ର (୪ ଅକ୍ଟୋବର), ଆସାମ (୬ ଅକ୍ଟୋବର) ଓ ଦିଲ୍ଲୀ (୮ ଅକ୍ଟୋବର) ବିପକ୍ଷରେ ଓଡ଼ିଶା ଏହାର ମ୍ୟାଚ୍ ଖେଳିବ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ